ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୧/୨୦୨୪ (୧୬ ପୃଷ୍ଠା) Bhubaneswar, Monday, October 21/2024 Page 16 ₹ 7.00 | BALASORE
୫୦ଶ ଭାଗ ୩୨୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 326 ମୂଲ୍ୟ ₹୭/-

# ୨୩ରେ ଦାନା ବାନ୍ଧିବ 'ଦାନା'

ଯାହା ଆଶଙ୍କା କରାଯାଉଥିଲା, ତାହା ଏବେ ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଛି। ଅକ୍ଟୋବର ମାସରେ ଓଡ଼ିଶାବାସୀ ଆଉ ଏକ ବାତ୍ୟାର ସମ୍ମୁଖୀନ ହେବେ। କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପ ପାଇଁ କ୍ଷେତ୍ର ସୃଷ୍ଟି କରିଛି। ଏହା ୨୨ତାରିଖ ବେଳକୁ ଲଘୁଚାପରେ ପରିଣତ ହୋଇ ୨୩ରେ ସାଇକ୍ଲୋନିକ ଷ୍ଟର୍ମ ବା ଘୂର୍ଣ୍ଣି ବାତ୍ୟାର ରୂପ ନେବ। ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳମୁହାଁ ହେବ। ତେବେ ଲଘୁଚାପ ସୃଷ୍ଟି ହେବା ପରେ ଏହା କେଉଁ ସ୍ଥାନରେ ସ୍ଥଳଭାଗ ଛୁଇଁବ ତାହା ଜଣାପଡ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାର ନାମ 'ଦାନା' ରଖାଯାଇଥିବାବେଳେ ଏହାର ପ୍ରଭାବରେ ଓଡ଼ିଶା ଉପକୂଳରେ ୨୪ ଓ ୨୫ ତାରିଖରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏହି ସମୟରେ ପବନର ବେଗ ମଧ୍ୟ ୧୦୦ରୁ ୧୨୦ କିମି ରହିପାରେ ବୋଲି ଆକଳନ କରାଯାଇଛି।

ଭୁବନେଶ୍ୱର,୨୦।୧୦
(ଅନୁରାଧା ମହାରଣା)

ଓଡ଼ିଶା ଆଉ ଏକ ବାତ୍ୟାର ସାମ୍ନା କରିବାକୁ ଯାଉଛି। ଏବେ ସମ୍ଭାବ୍ୟ ବାତ୍ୟା ସୃଷ୍ଟି ପାଇଁ ପାଗ ଅନୁକୂଳ ହୋଇଛି। ଆଣ୍ଡାମାନ ସାଗରରେ ଶନିବାର ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବାବେଳେ ୨୧ ତାରିଖ ସୋମବାର ସୁଦ୍ଧା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏହା ଲଘୁଚାପର ରୂପ ନେବ। ପରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ୨୨ ତାରିଖ ସକାଳ ସୁଦ୍ଧା ଅବପାତରେ ପରିଣତ ହୋଇ

- ୨୭ ତାରିଖ ଯାଏ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଭୟ
- ବାତ୍ୟା, ବର୍ଷା ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ

୨୩ ତାରିଖ ବେଳକୁ ବାତ୍ୟା ସୃଷ୍ଟି ହେବ। ଏନେଇ ଆଇଏମ୍‌ଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେବା ପରେ ଓଡ଼ିଶାକୁ ବାତ୍ୟା ବିପଦ ମାଡ଼ିଆସୁଥିବା ସ୍ପଷ୍ଟ ହୋଇଛି। ଏପରିକି ଭୀଷଣ ବାତ୍ୟାର ସମ୍ଭାବନା ରହିଥିବା ସେ କହିଛନ୍ତି। ସମ୍ଭାବ୍ୟ ବାତ୍ୟାର ☞ପୃଷ୍ଠା-୪

# କଳାବଜାରୀଙ୍କୁ କଡ଼ା ଚେତାବନୀ

ଭୁବନେଶ୍ୱର, ୨୦।୧୦(ସୁନିତ୍ ମିଶ୍ର)

ଓଡ଼ିଶାରେ ଆସନ୍ତା ୨୪ ତାରିଖରେ ବାତ୍ୟା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନିକ ସ୍ତରରେ ଜୋରଦାର ପ୍ରସ୍ତୁତି ଚାଲିଛି। ଏସବୁ ଭିତରେ କଳାବଜାରକାରୀଙ୍କୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କଡ଼ା ଚେତାବନୀ ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ଦେଖି ମନ୍ତ୍ରୀ ଆଗରୁ ତାଗିଦ କରିଦେଇଛନ୍ତି। ଅସାଧୁ ବ୍ୟବସାୟୀ କଳାବଜାର କଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଖାଦ୍ୟସାମଗ୍ରୀ ମହଜୁଦ ସ୍ଥାନ ଉପରେ ନଜର ରଖିବା ପାଇଁ ବିଭାଗକୁ ଯୋଗାଣ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ନ ବାତ୍ୟା ପାଇଁ ଯେପରି କଳାବଜାର ନ ହୁଏ, ସେଥିପ୍ରତି ନଜର ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଦିଲ୍ଲୀ ସ୍କୁଲରେ ବିସ୍ଫୋରଣ

ନୂଆଦିଲ୍ଲୀ,୨୦।୧୦

ନୂଆଦିଲ୍ଲୀର ରୋହିଣୀସ୍ଥିତ ଏକ ସ୍କୁଲ ନିକଟରେ ରବିବାର ସକାଳେ ବିସ୍ଫୋରଣ ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଏଥିରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ କଡ଼ା ସୁରକ୍ଷା ବଳୟରେ ଥିବା ଜାତୀୟ ରାଜଧାନୀରେ ବିସ୍ଫୋରଣ ପରେ ଦିଲ୍ଲୀ ପୋଲିସର ପାରିବାପଣିଆ ଉପରେ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ପୋଲିସ, ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍ ଓ ଫରେନ୍‌ସିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଥିବାବେଳେ ଜାତୀୟ ତଦନ୍ତକାରୀ ଟିମ୍ (ଏନ୍‌ଆଇଏ) ଏବଂ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି) ଅଧିକାରୀମାନେ ମଧ୍ୟ ତନାଘନା ଆରମ୍ଭ କରିଛନ୍ତି।

ସେକ୍ଟର ୧୪, ରୋହିଣୀସ୍ଥିତ ପ୍ରଶାନ୍ତ ବିହାରର ସିଆର୍‌ପିଏଫ୍ ସ୍କୁଲରେ ସକାଳ ୭ଟା ୫୦ରେ ହଠାତ୍ ବିସ୍ଫୋରଣ ଘଟିଥିଲା। ଏଥିରେ ସ୍କୁଲର କାନ୍ଥ ଓ ନିକଟସ୍ଥ କେତୋଟି ଦୋକାନ ସହ ପାର୍କିଂ କରାଯାଇଥିବା କାର୍‌ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

ଥଣ୍ଡାପଡୁନି ମଣିପୁର


## ଆଜିର ମନ୍ତବ୍ୟ


"ଦିଲ୍ଲୀରେ ଆଇନଶୃଙ୍ଖଳା ବଜାୟ ରଖିବାରେ ଏନ୍‌ଡିଏ ସରକାର ବିଫଳ ହୋଇଛି। ଦିଲ୍ଲୀବାସୀଙ୍କୁ ସୁରକ୍ଷା ପ୍ରତିଶ୍ରୁତି ଦେଇଥିବା ଭାଜପା ନିଜ ଉତ୍ତରଦାୟିତ୍ୱରୁ ମୁହଁ ମୋଡ଼ି ନେଉଛି।
-ଆତୀଶ ମାର୍ଲେନା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ











ମହାରାଷ୍ଟ୍ରର ନାଗପୁରରେ ରବିବାର ମହିଳାମାନେ କରୱା ଚୌଥ ପାଳନ କରୁଛନ୍ତି।

# ବୀରେନ୍ ସିଂଙ୍କୁ ବିଦା ମସୁଧା

ଇମ୍ଫାଲ,୨୦।୧୦

ଜାତିଆଣ ହିଂସାରେ ଜର୍ଜରିତ ମଣିପୁରରେ ଶାନ୍ତି ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କୁ ହଟାଇବା ଯୋଜନା ଚାଲିଛି। ଭାଜପାର ୧୯ ବିଧାୟକ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖିଛନ୍ତି। ବିଧାନସଭା ବାଚସ୍ପତି ଥୋକ୍‌ଚୋମ୍ ସତ୍ୟବ୍ରତ ସିଂ ଏବଂ ମନ୍ତ୍ରୀ ୟୁମ୍‌ନାମ୍ ଖେମ୍‌ଚାନ୍ଦଙ୍କ ଭଳି ବରିଷ୍ଠ ନେତାମାନେ ଦସ୍ତଖତ ଅଭିଯାନରେ ସାମିଲ ହେବା ପରେ ବୀରେନ୍ ହଟାଅ ବିଦ୍ରୋହକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ପତ୍ରରେ ପ୍ରଭାବଶାଳୀ ମନ୍ତ୍ରୀ ବିଶ୍ୱଜିତ୍ ସିଂଙ୍କ ସ୍ୱାକ୍ଷର ମଧ ରହିଛି, ଯଦିଓ ସେ ନିଜ ଦସ୍ତଖତ ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି।

ଦିଲ୍ଲୀରେ ମେଇତି, କୁକି ଓ ନାଗା ବିଧାୟକମାନେ ବୈଠକ କରିବା ପରଠୁ ମଣିପୁରରେ ନେତୃତ୍ୱ ପରିବର୍ତ୍ତନର ଦାବି ଜୋର୍ ଧରିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ବୀରେନ୍ ସିଂଙ୍କ ସରକାର ରାଜ୍ୟରେ ଶାନ୍ତି ପ୍ରତିଷ୍ଠା କରିବାରେ ବିଫଳ ହୋଇଥିବା ଦର୍ଶାଇ ସେମାନେ ତାଙ୍କୁ ତୁରନ୍ତ ବିଦା କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ୨୦୧୭ ମାର୍ଚ୍ଚ ବିଧାନସଭା ନିର୍ବାଚନ ପରେ ଆଞ୍ଚଳିକ ଦଳ ଓ ସ୍ୱାଧୀନ



## ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ୧୯ ଭାଜପା ବିଧାୟକ

ବିଧାୟକମାନଙ୍କ ସମର୍ଥନରେ ଭାଜପା ପ୍ରଥମ ଥର ସରକାର ଗଢ଼ିବା ପରେ ବୀରେନ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ୨୦୨୨ରେ ସେ ପୁନଃ ନିର୍ବାଚିତ ହୋଇଥିଲେ। ଶନିବାର ରାତିରେ ଜିରିବାମ୍ ଜିଲା ହିଲ୍‌ଘାଟ ଗ୍ରାମ ପଞ୍ଚାୟତ ପ୍ରଧାନ ଏଲ୍. ସୋମୋରେନ୍ଦ୍ରୋଙ୍କ ଦୁଇଟି ଫାର୍ମ ହାଉସ୍‌ରେ ଉଗ୍ରପନ୍ଥୀମାନେ ନିଆଁ ଲଗାଇଦେବା ପରେ ସାନି ଉତ୍ତେଜନା ପ୍ରକାଶ ପାଇଛି। ଏହାର ଦିନକ ପୂର୍ବରୁ ଉଗ୍ରପନ୍ଥୀମାନେ ଏକ ଥାନା ନିକଟରେ ବୋମା ଖଞ୍ଜିଥିଲେ। ଏହାକୁ ନେଇ ଉଗ୍ରପନ୍ଥୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ମଣିପୁରରେ ପ୍ରାୟ ଦେଢ଼ବର୍ଷ ଧରି ଚାଲିଥିବା ଜାତିଆଣ ହିଂସାରେ ୨୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି।

# ପ୍ରବୋୱୋ ସୁବିଆନ୍ତୋ ଇଣ୍ଡୋନେସିଆ ରାଷ୍ଟ୍ରପତି



ଜାକର୍ତ୍ତା, ୨୦।୧୦

ଇଣ୍ଡୋନେସିଆର ଅଷ୍ଟମ ରାଷ୍ଟ୍ରପତି ଭାବେ ପ୍ରବୋୱୋ ସୁବିଆନ୍ତୋ(୭୩) ରବିବାର ଶପଥ ନେଇଛନ୍ତି। ୪୦ରୁ ଅଧିକ ଦେଶର ନେତା ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସୁବିଆନ୍ତୋ ମୁସଲମାନଙ୍କ ପବିତ୍ର ଗ୍ରନ୍ଥ କୁରାନକୁ ଧରି ଶପଥ ନେଇଛନ୍ତି। ସେ ପୂର୍ବତନ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ସ୍ଥାନ ନେଇଛନ୍ତି। ଏହା ପୂର୍ବରୁ ସୁବିଆନ୍ତୋ ୨୦୧୪ ଓ ୨୦୧୯ରେ ୱିଡୋଡୋଙ୍କ ବିପକ୍ଷରେ ରାଷ୍ଟ୍ରପତି ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ତେବେ ୨୦୧୯ରେ ୱିଡୋଡୋ ପୁନର୍ବାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ସୁବିଆନ୍ତୋଙ୍କୁ ଦେଶର ପ୍ରତିରକ୍ଷା ମୁଖ୍ୟ ଭାବେ ନିଯୁକ୍ତ କରିଥିଲେ।

# ଗାଜା, ଲେବାନନ୍‌ରେ ଜୋରଦାର ଆକ୍ରମଣ

## ୮୭ ପାଲେଷ୍ଟିନୀୟ ମୃତ କିମ୍ବା ନିଖୋଜ

ଗାଜା/ବେରୁଟ୍,୨୦।୧୦

ଇସ୍ରାଏଲୀ ସେନା ରବିବାର ଲେବାନନ୍ ରାଜଧାନୀ ବେରୁଟ୍‌ସ୍ଥିତ ହେଜ୍‌ବୋଲ୍ଲାର ଇଣ୍ଟେଲିଜେନ୍ସ ମୁଖ୍ୟାଳୟକୁ ଟାର୍ଗେଟ କରିଛି। ମୃତକଙ୍କ ସଂଖ୍ୟା ସ୍ପଷ୍ଟ ହୋଇ ନ ଥିଲେ ମଧ ଏହି ଏୟାର ଷ୍ଟ୍ରାଇକ୍‌ରେ ଅନେକେ ନିହତ ହୋଇଥିବା କୁହାଯାଉଛି। ସେହିପରି ବର୍ଷାଧିକ କାଳ ଧରି ଯୁଦ୍ଧ ଚାଲିଥିବା ଗାଜାରେ ମଧ ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ତୁହାକୁ ତୁହା ଏୟାର ଷ୍ଟ୍ରାଇକ୍ ଜାରି ରଖିଛନ୍ତି। ଏଥିରେ ଅନ୍ୟୂନ ୮୭ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବା ପାଲେଷ୍ଟାଇନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଧ୍ୱସ୍ତବିଧ୍ୱସ୍ତ କୋଠାର ଭଗ୍ନାବଶେଷ ତଳୁ ମୃତଦେହଗୁଡ଼ିକୁ କଢ଼ାଯାଉଛି। ଇସ୍ରାଏଲ୍ ଏହାର ତଦନ୍ତ ଚଳାଇଥିବା କହିଛି।



ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍‌ରେ ବିଧ୍ୱସ୍ତ ଗାଜାର ବୋଇଟ୍ ଲହିୟା ।

ଉତ୍ତର ଗାଜାର ଜାବାଲିୟାରେ ଇସ୍ରାଏଲ ସେନା କମାଣ୍ଡର ଅହସାନ ଦାକ୍ସା (୪୧) ଅପରେଶନ୍ ଚଳାଇଥିବାବେଳେ ତାଙ୍କ ଟ୍ୟାଙ୍କର ଏକ ବିସ୍ଫୋରକ ଉପକରଣକୁ ଧକ୍କା ଦେଇଥିଲା। ବିସ୍ଫୋରଣରେ ସେ ପ୍ରାଣ ହରାଇଥିବା ଇସ୍ରାଏଲ୍ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବେଇଟ୍ ଲହିୟା ସହରରେ ମଧ ଆଇଡିଏଫ୍‌ର ଷ୍ଟ୍ରାଇକ୍‌ରେ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ତେବେ ହମାସ୍‌କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିବା ଇସ୍ରାଏଲ୍ କହିଛି। ହମାସ୍ ନେତା ୟହୟା ସିନ୍‌ୱାରଙ୍କୁ ଇସ୍ରାଏଲ୍ ନିପାତ କରିବା ପରେ ଅସ୍ତ୍ରବିରତି ନେଇ ସହମତି ଏବଂ ମଧ୍ୟପ୍ରାଚ୍ୟ ସଂଘର୍ଷରେ ବିରାମ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଇସ୍ରାଏଲୀ ସେନା ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍ ଏବଂ ଇରାନ ସମର୍ଥିତ ଲେବାନନ୍‌ର ହେଜ୍‌ବୋଲ୍ଲା ଦମନ ଅଭିଯାନକୁ ଆହୁରି ଜୋର୍‌ଦାର କରିଛି। ଇସ୍ରାଏଲ୍‌ର ଆକ୍ରମଣକୁ ଜାତିସଂଘ ଶାନ୍ତି ପ୍ରତିନିଧି (ମଧ୍ୟପ୍ରାଚ୍ୟ) ନିନ୍ଦା କରିଛନ୍ତି। ଇସ୍ରାଏଲୀ ସୁରକ୍ଷା ସେବା ମୁଖ୍ୟ ଇଜିପ୍ଟ ଗୋଇନ୍ଦା ମୁଖ୍ୟଙ୍କୁ ଭେଟି ଗାଜା କବଳରୁ ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଆଲୋଚନା କରିଛନ୍ତି। ପ୍ରକାଶ ଯେ, ୨୦୨୩ ଅକ୍ଟୋବର ୭ରେ ହମାସ୍ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ପରେ ବହୁ ଲୋକଙ୍କୁ ଅପହରଣ କରି ନେଇଥିଲା। ସେମାନଙ୍କ ମଧ୍ୟରୁ ଅନ୍ୟୂନ ୧୦୦ ଜଣ ଏବେ ମଧ ପଣବନ୍ଦୀ ଅଛନ୍ତି। ସେମାନଙ୍କୁ ତୁରନ୍ତ ଫେରାଇ ଆଣିବା ପାଇଁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି।

# ଆଉ ୨୪ ବିମାନକୁ ବୋମା ଧମକ

ନୂଆଦିଲ୍ଲୀ, ୨୦।୧୦

ବିଭିନ୍ନ ଭାରତୀୟ ଏୟାରଲାଇନ୍ସର ୨୪ ବିମାନକୁ ବୋମାରେ ଉଡ଼ାଇବାକୁ ରବିବାର ଧମକ ମିଳିଛି। ଇଣ୍ଡିଗୋ, ଭିସ୍ତାରା, ଏୟାର ଇଣ୍ଡିଆ ଓ ଅକାସା ଏୟାରର ୬ଟି ଲେଖାଁଏ ବିମାନକୁ ଏହି ଧମକ ହସ୍ତଗତ ହୋଇଛି। ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ବିମାନକୁ ବୋମା ଧମକ ମିଳିଥିବା ନେଇ ଏୟାରଲାଇନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଧମକ ମିଳିବା ପରେ ପ୍ରୋଟୋକଲ ଅନୁଯାୟୀ ସମସ୍ତ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ସେମାନଙ୍କର ନିର୍ଦ୍ଦେଶ ଅନୁଯାୟୀ, ସୁରକ୍ଷା ପ୍ରକ୍ରିୟାକୁ ପାଳନ କରାଯାଉଥିବା ନେଇ ଭିସ୍ତାରା ଏୟାରଲାଇନ୍ସର ମୁଖପାତ୍ର ସୂଚନା ଦେଇଛନ୍ତି। ସେହିପରି ଧମକ ମିଳିଥିବା ୬ଟି ବିମାନର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇ ଉଡାଣ ଭରିବାକୁ ଅନୁମତି ଦିଆଯାଇଥିବା ନେଇ ଅକାସା ଏୟାରର ମୁଖପାତ୍ର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ସପ୍ତାହେ ମଧ୍ୟରେ ଦେଶର ୯୦ରୁ ଅଧିକ ବିମାନକୁ ବୋମାରେ ଉଡ଼ାଇଦେବାକୁ ଧମକ ମିଳିଛି। ତେବେ ଯାଞ୍ଚ ପରେ ସମସ୍ତ ଧମକ ଗୁଜବ ବୋଲି ପ୍ରମାଣିତ ହୋଇଛି।



ନୂଆଦିଲ୍ଲୀସ୍ଥିତ ଲଦାଖ ଭବନ ବାହାରେ ବିକ୍ଷୋଭ ବେଳେ ଜଣେ ମହିଳାଙ୍କୁ ଉଠାଇନେଉଛି ପୋଲିସ।

# ବସ୍-ଟେମ୍ପୋ ଧକ୍କା, ୮ ଶିଶୁ ସମେତ ୧୨ ମୃତ

ଜୟପୁର, ୨୦।୧୦

ରାଜସ୍ଥାନର ଧୋଲପୁର ଜିଲା ବରି ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୧୧-ବି'ରେ ରବିବାର ଏକ ଟେମ୍ପୋକୁ ପଛପଟୁ ବସ୍ ଧକ୍କା ଦେବାରୁ ୧୨ ଜଣଙ୍କର ମୃତ୍ୟୁ ଘଟିଛି। ଟେମ୍ପୋରେ ଗୋଟିଏ ପରିବାରର ୧୫ ଜଣ ଏକ ବିବାହ କାର୍ଯ୍ୟକ୍ରମ ସାରି ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ହସ୍ପିଟାଲରେ ଅନ୍ୟ ୧୧ ଜଣଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ୩ ଜଣଙ୍କୁ ଧୋଲପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବରି ସଦର ଥାନା ଇନସ୍ପେକ୍ଟର ଶିବ ଲେହରି ମୀନା ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରେ ୮ ଜଣ ଶିଶୁ ଥିବା ସେ କହିଛନ୍ତି।

# ସ୍ନାକ୍ସ ଖାଇ ୨୦୦ ଅସୁସ୍ଥ

ଗୁଆହାଟୀ, ୨୦।୧୦

## ୨ ଗୁରୁତର ଜୋରହାଟ ମେଡିକାଲ କଲେଜକୁ ସ୍ଥାନାନ୍ତର

ଆସାମର ଗୋଲାଘାଟ ଜିଲାର ସରୁପଥାରସ୍ଥିତ ପାସଘୋରିଆ ଗ୍ରାମରେ ରବିବାର ଅନୁଷ୍ଠିତ ହୋଇଥିବା ଏକ ଶୋକ ସମାରୋହରେ ସ୍ନାକ୍ସ ଖାଇ ୨୦୦ ଜଣ ସ୍ଥାନୀୟ ଲୋକ ଅସୁସ୍ଥ ହୋଇ ପଡ଼ିଛନ୍ତି। ପାସଘୋରିଆ ଗ୍ରାମବାସୀ ପ୍ରଦୀପ ଗୋଗୋଇଙ୍କ ମା'ଙ୍କର ଶୋକ ସମାରୋହରେ ଆଖପାଖର ବହୁ ଲୋକ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସ୍ନାକ୍ସ ସହ ସ୍ଥାନୀୟ ପାରମ୍ପରିକ ଖାଦ୍ୟ ପରଷା ଯାଇଥିଲା। ସ୍ନାକ୍ସ ଓ ଅନ୍ୟାନ୍ୟ ଖାଦ୍ୟ ଖାଇସାରିବା ପରେ ଲୋକମାନଙ୍କର ପେଟ ଯନ୍ତ୍ରଣା, ମୁଣ୍ଡ ଯନ୍ତ୍ରଣା, ଛାତି ଯନ୍ତ୍ରଣା, ବାନ୍ତି ଆଦି ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଅସୁସ୍ଥ ୫୩ ଜଣଙ୍କୁ ତୁରନ୍ତ ସ୍ଥାନୀୟ ଉରିଅମ୍‌ଘାଟ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ସରୁପଥାରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଥିମଧ୍ୟରୁ ଗୁରୁତର ୨ ଜଣଙ୍କୁ ଜୋରହାଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି ବୋଲି ଗୋଲାଘାଟ ଜିଲାପାଳ କହିଛନ୍ତି। ସେହିପରି ପ୍ରାୟ ୧୫୦ ଜଣଙ୍କ ନିକଟରେ ବାନ୍ତି ଓ ମୁଣ୍ଡ ଯନ୍ତ୍ରଣାର ସାମାନ୍ୟ ଲକ୍ଷଣ ରହିଛି। ସେମାନେ ନିଜ ନିଜ ଘରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଥିବା ନେଇ ଜିଲାପାଳ କହିଛନ୍ତି।

# ଭାରତୀୟ ବର, ପାକିସ୍ତାନୀ କନ୍ୟାଙ୍କ ଡିଜିଟାଲ ବିବାହ



ଜୌନପୁର

ଉତ୍ତରପ୍ରଦେଶର ଜୌନପୁର ଜିଲାରେ ଏକ ନିଆରା ମୁସଲମାନ ବିବାହ(ନିକାହ) ଅନୁଷ୍ଠିତ ହୋଇଯାଇଛି। ଜୌନପୁର ମ୍ୟୁନିସିପାଲିଟି କର୍ପୋରେଶନର ଭାଜପା କାଉନ୍‌ସିଲର ତହସିନ ଶାହିଦଙ୍କ ବଡ଼ ପୁଅ ମହମ୍ମଦ ଅବ୍ବାସ ହାଇଦର ଓ ପାକିସ୍ତାନର ଲାହୋର ନିବାସୀ ଅନ୍ଦଲିପ୍ ଜହରା ନାମ୍ନୀ ଜଣେ ଯୁବତୀ ପରସ୍ପରକୁ ଭଲ ପାଇ ବସିଥିଲେ। ପରେ ଉଭୟଙ୍କର ବିବାହ କରିବାକୁ ସେମାନଙ୍କର ପରିବାର ସମ୍ମତି ଜଣାଇଥିଲେ। ତେବେ ବିବାହ ପାଇଁ ପାକିସ୍ତାନ ଯିବାକୁ ତହସିନ ଓ ତାଙ୍କ ପରିବାର ଭିସା ଆବେଦନ କରିଥିଲେ। ମଧ ଏହା ତାଙ୍କୁ ମିଳି ନ ଥିଲା। ପରିସ୍ଥିତିକୁ ଅନୁଧ୍ୟାନ କରି ତହସିନ ନିଜ ପୁଅଙ୍କ ବିବାହ ଅନ୍‌ଲାଇନରେ କରିବାକୁ ନିଷ୍ପତ୍ତି ନେଇଥିଲେ। ତହସିନ, ତାଙ୍କ ପୁଅ ଅବ୍ବାସ ଓ ପୂରା ପରିବାର ବରଯାତ୍ରୀରେ ଜୌନପୁରର ଅନ୍‌ଲାଇନ ବିବାହ ସ୍ଥଳରେ ପହଞ୍ଚିଥିଲେ। ଲାହୋରରୁ କନ୍ୟା ପକ୍ଷଙ୍କ ପରିବାର ମଧ ଏହି ଡିଜିଟାଲ ବିବାହରେ ଅଂଶଗ୍ରହଣ କରିଥିଲେ।

ଫୁର୍‌ସତ୍

# କ୍ରିତି ଶ୍ରେଷ୍ଠ କଳାକାର, ପାୟଲ ଶ୍ରେଷ୍ଠ ନିର୍ଦ୍ଦେଶକ

ମୁମ୍ବାଇ

## ବାଜାର ଓମେନ୍ ଅଫ୍ ଦି ଇୟର ଆୱାର୍ଡ ୨୦୨୪

ମହାରାଷ୍ଟ୍ରର ମୁମ୍ବାଇରେ 'ହାର୍ପର୍ସ ବାଜାର ଓମେନ୍ ଅଫ୍ ଦି ଇୟର ଆୱାର୍ଡ ୨୦୨୪' ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ପୁରସ୍କାର ବିତରଣ ଉତ୍ସବରେ ଅଭିନେତ୍ରୀ କ୍ରିତି ସାନନ୍‌ଙ୍କୁ ଶ୍ରେଷ୍ଠ କଳାକାର ଭାବେ ସମ୍ମାନିତ କରାଯାଇଛି। ଅଭିନେତ୍ରୀ ହେବା ସାଙ୍ଗକୁ ଜଣେ ପ୍ରଯୋଜକ ଓ ଉଦ୍ୟୋଗୀ ଭାବେ ସମ୍ପ୍ରତି ନିଜ କ୍ୟାରିୟର ଆରମ୍ଭ କରୁଥିବାରୁ ଏହି ପୁରସ୍କାର ତାଙ୍କ ପାଇଁ ବହୁତ ମହତ୍ତ୍ୱପୂର୍ଣ୍ଣ ହୋଇଥିବା କ୍ରିତି କହିଛନ୍ତି। ସେହିପରି ଫିଲ୍ମ ନିର୍ମାତା ପାୟଲ କପାଡ଼ିଆଙ୍କୁ ଏହି ସମାରୋହରେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସମ୍ମାନିତ କରାଯାଇଛି। ଫିଲ୍ମ 'ଅଲ୍ ୱି ଇମାଜିନ୍ ଆଟ୍ ଲାଇଟ' ପାଇଁ ପାୟଲଙ୍କୁ ଏହି ସମ୍ମାନ ମିଳିଛି। ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କୁ ସ୍ପଟ୍‌ଲାଇଟ ଆକ୍ଟର ଅଫ୍ ଦି ଇୟର୍ ପୁରସ୍କାର ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଚେୟାରମ୍ୟାନ୍ ମୁକେଶ ଅମ୍ବାନୀଙ୍କ ଝିଅ ଇଶା ଅମ୍ବାନୀଙ୍କୁ ଆଇକନ୍ ଅଫ୍ ଦି ଇୟର ଓ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ସ୍ତ୍ରୀ ଗୌରୀ ଖାନ୍‌ଙ୍କୁ ଶ୍ରେଷ୍ଠ ଇଣ୍ଟେରିୟର ଡିଜାଇନର ଭାବେ ସମ୍ମାନିତ କରାଯାଇଛି।



କ୍ରିତି ସାନନ



ପାୟଲ କପାଡ଼ିଆ

# 'ଷ୍ଟୁଡେଣ୍ଟ ଅଫ୍ ଦି ଇଅର'କୁ ୧୨ ବର୍ଷ: ମନେପକାଇଲେ କରନ୍



**ମୁମ୍ବାଇ:** ବଲିଉଡ୍‌ରେ ପ୍ରସିଦ୍ଧ ଫିଲ୍ମ ନିର୍ମାତା କରନ୍ ଜୋହରଙ୍କ ନିର୍ଦ୍ଦେଶିତ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର' ଚଳଚ୍ଚିତ୍ର ରବିବାର ୧୨ ବର୍ଷ ପୂରଣ କରିଛି। ଏହି ଅବସରରେ କରନ୍ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଫିଲ୍ମ ଶୁଟିଂ ବେଳର ଏକ ଫଟୋ ଶେୟାର କରି ପୁରୁଣା ସ୍ମୃତିକୁ ମନେପକାଇଛନ୍ତି। ପୋଷ୍ଟରେ କରନ୍ ଲେଖିଛନ୍ତି, ଆଜି ଏକ ବିଶେଷ ଦିନ। ଚଳଚ୍ଚିତ୍ର 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର' ଠିକ୍ ୧୨ ବର୍ଷ ପୂର୍ବେ ମୁକ୍ତିଲାଭ କରିଥିଲା। ସେଟ୍‌ର ସ୍ମୃତି ସବୁବେଳେ ମନରେ ଉଜ୍ଜୀବିତ ହୋଇ ରହିବ। ଫିଲ୍ମରେ ଡେବ୍ୟୁ କରିଥିବା ଆଲିଆ ଭଟ୍ଟ, ସିଦ୍ଧାର୍ଥ ମାଲହୋତ୍ରା, ବରୁଣ ଧାୱନ ସମ୍ପ୍ରତି ବଲିଉଡ୍‌ରେ ଅନେକ ସଫଳତା ପାଇବା ସହ ଷ୍ଟାର ମାନ୍ୟତା ପାଇଛନ୍ତି, ଯାହା ତାଙ୍କୁ ଗର୍ବିତ କରୁଛି।

# ଇରାନ ଆକ୍ରମଣର ପ୍ରତିଶୋଧ ନେବ ଇସ୍ରାଏଲ

**ଅକ୍ଟୋବର ୧ରେ ଇରାନ ଇସ୍ରାଏଲ୍‌କୁ ଟାର୍ଗେଟ କରି ୧୮୧ ବାଲିଷ୍ଟିକ୍ ମିଶାଇଲ ଛାଡ଼ିଥିଲା। ସେଥିରୁ ଅଧିକାଂଶ କ୍ଷେପଣାସ୍ତ୍ରକୁ ଇସ୍ରାଏଲ୍‌ର ସୁରକ୍ଷା କବଚ କୁହାଯାଉଥିବା 'ଆଇରନ୍ ଡୋମ୍' ନିଷ୍ପ୍ରଭ କରିଦେଇଥିବା ତେଲ୍‌ଆଭିଭ ଦାବି କରିଥିଲା। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଇରାନକୁ ଏହାର ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ସେତେବେଳେ ଚେତାବନୀ ଦେଇଥିଲେ। ଇତିମଧ୍ୟରେ ଇସ୍ରାଏଲ୍ ପକ୍ଷରୁ ଇରାନ ଉପରେ ସେଭଳି ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାବେଳେ ଆମେରିକାର ଏ ସମ୍ପର୍କିତ ଏକ ଗୋଇନ୍ଦା ରିପୋର୍ଟ ଇରାନୀୟ ଟେଲିଗ୍ରାମ ଚ୍ୟାନେଲରେ ପ୍ରଘଟ ହୋଇଛି। ଆମେରିକୀୟ ଗୋଇନ୍ଦା ସଂସ୍ଥା ନ୍ୟାଶନାଲ ଜିଓସ୍ପାଟିଆଲ୍-ଇଣ୍ଟେଲିଜେନ୍ସ ଏଜେନ୍ସି(ଏନ୍‌ଜିଏ) ପକ୍ଷରୁ ଅକ୍ଟୋବର ୧୫ ଓ ୧୬ରେ ପ୍ରସ୍ତୁତ ଦୁଇଟି ଗୁପ୍ତ ଦସ୍ତାବିଜରେ ଇସ୍ରାଏଲ୍‌ର ସମ୍ଭାବ୍ୟ ଇରାନ ଆକ୍ରମଣ ଯୋଜନା ଉପରେ ବିସ୍ତୃତ ଭାବେ ଅବତାରଣା କରାଯାଇଛି। ଦୁଇ 'ଟପ୍ ସିକ୍ରେଟ୍' ଦସ୍ତାବିଜ ପ୍ରଘଟ ହେବା ପରେ ବଡ଼ଧରଣର ଯୁଦ୍ଧ ଆଶଙ୍କାରେ ମଧ୍ୟପ୍ରାଚ୍ୟ ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ହଇଚଇ ସୃଷ୍ଟି ହୋଇଛି।**

## ଆମେରିକା ଗୋଇନ୍ଦା ରିପୋର୍ଟ ପ୍ରଘଟ ପରେ ହଇଚଇ



ନ୍ୟୁୟର୍କ/ତେଲ୍‌ଆଭିଭ,୨୦।୧୦

ଆମେରିକୀୟ ଗୋଇନ୍ଦା ସଂସ୍ଥା ଏନ୍‌ଜିଏ ସ୍ୱାଏ ସାଟେଲାଇଟ୍‌ଗୁଡ଼ିକରୁ ସଂଗୃହୀତ ଫଟୋ ଓ ତଥ୍ୟଗୁଡ଼ିକୁ ବିଶ୍ଳେଷଣ କରି ଗତ ୧୫ ଓ ୧୬ ତାରିଖରେ ଦୁଇଟି ଅତ୍ୟନ୍ତ ଗୋପନୀୟ ଦସ୍ତାବିଜ ପ୍ରସ୍ତୁତ କରିଥିଲା। ଏହି ୨ ଦସ୍ତାବିଜ ଇରାନ ଭାବାବେଗର ସମର୍ଥନକାରୀ କିଛି ଟେଲିଗ୍ରାମ ଚ୍ୟାନେଲରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ଏଥିରେ ଦର୍ଶାଯାଇଛି ଯେ, ଇରାନ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଇସ୍ରାଏଲ୍ ସାମରିକ ପ୍ରସ୍ତୁତି ଆରମ୍ଭ କରିସାରିଛି। ବିଶେଷକରି ଇରାନକୁ ଧ୍ୱଂସ କରିବା ପାଇଁ ଏୟାର-ଟୁ-ଏୟାର ରିଫୁଏଲିଂ ଅପରେଶନ୍ସ, ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ ମିଶନ୍ସ ଏବଂ କ୍ଷେପଣାସ୍ତ୍ର ବ୍ୟବସ୍ଥାଗୁଡ଼ିକର ପୁନଃ ମୂଲ୍ୟାୟନ କରାଯାଇଛି। 'ଇସ୍ରାଏଲ୍: ଏୟାରଫୋର୍ସ କଣ୍ଟିନ୍ୟୁଜ୍ ପ୍ରିପାରେଶନ୍ସ ଫର୍ ଷ୍ଟ୍ରାଇକ୍ ଅନ୍ ଇରାନ' ଶୀର୍ଷକ ଦସ୍ତାବିଜରେ ଏହି ବିଷୟ ଉଲ୍ଲେଖ କରାଯାଇଛି। ସେହିପରି ଇସ୍ରାଏଲ୍ କିଭଳି ଭାବେ ରଣନୈତିକ ସ୍ଥାନଗୁଡ଼ିକରେ ଅସ୍ତ୍ର ଠୁଳ କରୁଛି, ତାହା ଦ୍ୱିତୀୟ ଦସ୍ତାବିଜରେ ଦର୍ଶାଯାଇଛି। ଏହି ସିକ୍ରେଟ୍ ପ୍ଲାନ୍ ପ୍ରଘଟ ହେବା ପରେ ଆମେରିକା ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଏତେ ଗୋପନୀୟ ଦସ୍ତାବିଜ କିପରି ଲିକ୍ ହେଲା ଏବଂ ଏହାର ସମ୍ଭାବ୍ୟ ପରିଣାମ ନେଇ ଅଧିକାରୀମାନେ ତନାଘନା ଆରମ୍ଭ କରିଛନ୍ତି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବାବେଳେ ଇସ୍ରାଏଲ୍‌ର ସମ୍ବେଦନହୀନ ସାମରିକ ଯୋଜନାକୁ ଆଉ କେତେକେ ସମାଲୋଚନା କରିଛନ୍ତି। ନିକଟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଜର୍ମାନୀ ଗସ୍ତରେ ଥିବାବେଳେ ଇରାନ ଉପରେ ଇସ୍ରାଏଲ୍‌ର ଆକ୍ରମଣ ଯୋଜନା ସମ୍ପର୍କରେ ଅବଗତ ଅଛନ୍ତି କି ବୋଲି ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ସେ ହଁ କହିଥିଲେ, କିନ୍ତୁ ବିସ୍ତୃତ ତଥ୍ୟ ଦେବାକୁ ମନା କରିଥିଲେ। ବର୍ତ୍ତମାନ ଏହି ୨ ଦସ୍ତାବିଜ କେଉଁ ସୂତ୍ରରୁ ଲିକ୍ ହେଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ଆମେରିକା ସରକାରଙ୍କ ଜଣେ ନିମ୍ନସ୍ତରର ସରକାରୀ କର୍ମଚାରୀ ଏହାକୁ ପ୍ରଘଟ କରିଥିବା ସଙ୍କେତ ମିଳୁଛି। ପେଣ୍ଟାଗନ୍, ଆମେରିକୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଏବଂ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ମିଳିତ ଭାବେ ଏହି ସମ୍ବେଦନଶୀଳ ଘଟଣାକୁ ନେଇ ତଦନ୍ତ ଚଳାଇଛନ୍ତି। ପେଣ୍ଟାଗନ୍ ଉକ୍ତ ରିପୋର୍ଟ ଉପରେ ସଚେତନ ଥିବା କହିଛି। କିନ୍ତୁ ଅଧିକ ପ୍ରତିକ୍ରିୟା ଦେବାକୁ ମନା କରିଦେଇଛି। ଇସ୍ରାଏଲୀ ସେନା ମଧ୍ୟ ଏହା ଉପରେ କିଛି ନ କହିବାକୁ ଉଚିତ ମଣିଛି। ଦୁଇ ଦସ୍ତାବିଜ ମଧ୍ୟରୁ ଗୋଟିଏର ପ୍ରଘଟ ରୁଷିଆର ୟୁକ୍ରେନ୍ ଆକ୍ରମଣ ଏବଂ ଅନ୍ୟ ଜାତୀୟ ସୁରକ୍ଷା ଗୋପନୀୟତା ଲିକ୍ ଭଳି ହୋଇଛି। ପୂର୍ବ ଦସ୍ତାବିଜ ପ୍ରଘଟକାରୀ ଏୟାର ନ୍ୟାଶନାଲ ଗାର୍ଡ୍ସମ୍ୟାନ୍ ଜ୍ୟାକ୍ ଟେଇକ୍ସେରିଆ ଗତ ମାର୍ଚ୍ଚରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ପ୍ରକାଶ ଯେ, ସଦ୍ୟ ରିପୋର୍ଟକୁ ପ୍ରଘଟ କରିଥିବା ଟେଲିଗ୍ରାମ୍ ଚ୍ୟାନେଲଗୁଡ଼ିକରେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ 'ହିରୋ' ଦର୍ଶାଇବା ପାଇଁ ନିକଟରେ ପ୍ରୟାସ କରାଯାଇଥିଲା।

# ହବିଷିଆଳିଙ୍କୁ ବ୍ରତ ସରଞ୍ଜାମ ଦେଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ହବିଷିଆଳିଙ୍କୁ ବ୍ରତ ସରଞ୍ଜାମ କିଟ୍ ପ୍ରଦାନ କରୁଛନ୍ତି।

ପୁରୀ,୨୦।୧୦(ଅଜିତ୍ କୁମାର ମହାନ୍ତି)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ସନ୍ଧ୍ୟାରେ ପୁରୀ ଆସି ହବିଷିଆଳି ଯୋଜନାର ସମୀକ୍ଷା କରିବା ସହ ହବିଷିଆଳିଙ୍କୁ ବ୍ରତ ସରଞ୍ଜାମ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବୃନ୍ଦାବତୀ ନିବାସରେ ପହଞ୍ଚିବା କ୍ଷଣି ହବିଷିଆଳିମାନେ ହୁଳହୁଳି ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଜିଲା ପ୍ରଶାସନ ଓ ଦଳୀୟ ନେତାଙ୍କ ପକ୍ଷରୁ ଉତ୍ତରୀୟ ପ୍ରଦାନ କରାଯାଇ ତାଙ୍କୁ ମଞ୍ଚକୁ ପାଛୋଟି ନିଆଯାଇଥିଲା। ପିପିଲି ବିଧାୟକ ଓମ୍‌ପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରୀ ବିଧାୟକ ସୁନୀଲ ମହାନ୍ତି ଏବଂ ଏମ୍‌ପି ସମ୍ବିତ ପାତ୍ର ହବିଷିଆଳିଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ସୁବିଧା ସମ୍ପର୍କରେ କହିଥିଲେ। ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲାରୁ କାର୍ତ୍ତିକ ବ୍ରତ କରିବାକୁ ଆସିଥିବା ହବିଷିଆଳି ମା'ମାନଙ୍କୁ ବ୍ରତ ସରଞ୍ଜାମ ପ୍ରଦାନ କରିଥିଲେ। ଏଥିରେ ଶାଢ଼ି, ଚଦର, ଉତ୍ତରୀୟ, ରାଇଦାମୋଦର ବ୍ରତ ବହି, ଶୁଖିଲି ମହାପ୍ରସାଦ ପ୍ରଭୃତି ରହିଛି। ୪ଟି କେନ୍ଦ୍ରରେ ପ୍ରାୟ ୩୦୦୦ ହବିଷିଆଳିଙ୍କ ପାଇଁ ରହିବାର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ

**■ ବ୍ରତଧାରୀଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ କାମନା କଲେ**

**■ ୪ କେନ୍ଦ୍ରରେ ରହିଛନ୍ତି ୩ହଜାର ହବିଷିଆଳି ମା'**

ମାଝୀ ହବିଷିଆଳି ମା'ମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ କାମନା କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ହବିଷିଆଳି ମା'ମାନଙ୍କୁ କିଟ୍ ପ୍ରଦାନ କରି ଏହା ମୋ ନିଜ ମା'ଙ୍କୁ ଦେବା ଭଳି ଅନୁଭବ କରୁଛି। କାର୍ତ୍ତିକ ମାସଯାକ ଯେପରି ଭଲରେ ହବିଷ କରିବେ, ମହାପ୍ରଭୁଙ୍କ ଦର୍ଶନ କରିବେ, ମହାପ୍ରସାଦ ସେବନ କରିବେ, ଭଜନ କୀର୍ତ୍ତନ ଶୁଣିବେ ଓ ଖୁସି ମନରେ ଘରକୁ ଫେରିବେ, ସେଥିପ୍ରତି ଯତ୍ନବାନ ହେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ମା'ମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଡାକ୍ତର ବ୍ୟବସ୍ଥା ମଧ୍ୟ କରାଯାଇଛି। ସମସ୍ତେ ଭଲରେ ଓ ଆନନ୍ଦରେ ରୁହନ୍ତୁ। ନିଜ ପରିବାର ତଥା ରାଜ୍ୟର ସମୃଦ୍ଧି ଓ ବିକାଶ ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତୁ। ଓଡ଼ିଶା ବାହାରେ ଥିବା ସମୟରେ କେତେଜଣ ହବିଷିଆଳିଙ୍କ ଅସୁବିଧା ସମ୍ପର୍କରେ ସୂଚନା ପାଇବା ପରେ ତୁରନ୍ତ ଏହାର ସମାଧାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲି। ଦିନକୁ ଦିନ ଭକ୍ତଙ୍କ ସଂଖ୍ୟା ବୃଦ୍ଧିପାଉଛି। ଏହାକୁ ଦୃଷ୍ଟିରେ ରଖି ଅନେକ ସଂସ୍କାର ଆଣିବାକୁ ପଡ଼ିବ। ସବୁଠାରୁ ବଡ଼ ସୁଧାର ହେଉଛି କିପରି ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରିହେବ। ଏହି ସଂସ୍କାର ପାଇଁ ଆମ ସେବାୟତମାନେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ କାର୍ଯ୍ୟରତ ଅଛି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନନ୍ୟ। ବୋଧହୁଏ କାର୍ତ୍ତିକ ମାସରେ ସବୁଠାରୁ ଅଧିକ ଶ୍ରଦ୍ଧାଳୁ ଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ଆସିଥାନ୍ତି। କାର୍ତ୍ତିକ ପୂର୍ଣ୍ଣମୀରେ ଅନୁଷ୍ଠିତ ହେଉଥିବା ସୁନାବେଶ ଦିନ ବୋଧହୁଏ ମନ୍ଦିରରେ ସବୁଠୁ ଅଧିକ ଭିଡ଼ ହୋଇଥାଏ। ପ୍ରଭୁଙ୍କ କରୁଣାରୁ ସମସ୍ତେ ଭଲଭାବେ ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ଆଶା। ଆମର ବିଶ୍ୱାସ ଅଛି, କାଳିଆର ଡୋରି ନ ଲାଗିଲେ ଶ୍ରୀକ୍ଷେତ୍ର ଆସିବାର ସୁଯୋଗ ମିଳେନାହିଁ। ପବିତ୍ର କାର୍ତ୍ତିକ ମାସରେ ଆଜି ପବିତ୍ର ଜଗନ୍ନାଥ ଧାମକୁ ଆସିବାର ସୁଯୋଗ ମିଳିଥିବାରୁ ମୁଁ ପ୍ରଭୁଙ୍କ ପାଖରେ କୃତକୃତ୍ୟ। କାର୍ତ୍ତିକ ବ୍ରତର ମାହାତ୍ମ୍ୟ ସମ୍ପର୍କରେ କୁହାଯାଇଛି ଯେ, ଯେତେ ଦର୍ଶନ, ଯେତେ ତୀର୍ଥ, ଯେତେ ଯାଗଯଜ୍ଞ ଇତ୍ୟାଦି ଅଛି, ସେସବୁର ଧର୍ମକୁ ଠୁଳ କଲେ କାର୍ତ୍ତିକ ବ୍ରତ ସହିତ ସମାନ ହେବ ନାହିଁ। ଭଗବତ୍ ଗୀତାରେ ମଧ୍ୟ ଏ ବିଷୟରେ ବର୍ଣ୍ଣନା ଅଛି। ଶ୍ରୀକ୍ଷେତ୍ରରେ ଏହାର ସ୍ୱତନ୍ତ୍ର ପାଳନ ବିଧି ରହିଛି। ଚଳିତ ବର୍ଷ ବୃନ୍ଦାବତୀ ଭବନ ସହିତ ଅକ୍ଷୟ ପାତ୍ର ଫାଉଣ୍ଡେଶନ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପରେ ହବିଷିଆଳି ମା'ମାନଙ୍କୁ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସେ ସୂଚନା ଦେଇଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଡିଆଇଜି ଚରଣ ସିଂ ମୀନା, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ପବିତ୍ର କାର୍ତ୍ତିକ ମାସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନା କରାଯାଇଛି। ପୁରୀର ୪ଟି ସ୍ଥାନରେ ହବିଷିଆଳି କେନ୍ଦ୍ର କରାଯାଇଛି। ସେଠାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ହବିଷିଆଳିମାନେ ରହି କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ଚଳିତ ବର୍ଷ ୪ଟି ଶିବିରରେ ୨୫୦୦ ହବିଷିଆଳିଙ୍କ ନିମନ୍ତେ ବ୍ୟବସ୍ଥା କରାଯାଇଥିବାବେଳେ ଅଧିକ ସଂଖ୍ୟକ ହବିଷିଆଳି ଆସିଥିଲେ। ଫଳରେ ୩୦୦୦ ହଜାର ହବିଷିଆଳିଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

## ବଜ୍ରପାତରେ ୨ ମୃତ

ଗୋପ,୨୦।୧୦
(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପରେ ରବିବାର ବଜ୍ରପାତରେ ଜଣେ ଯୁବତୀ ଓ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଡାକ୍ତରଖାନା ପକ୍ଷରୁ ଜଣାପଡ଼ିଛି। ମୃତକଦ୍ୱୟ ହେଲେ ଗୋପ ବ୍ଲକ ଅନ୍ତର୍ଗତ ଏରବଙ୍ଗ ଡିହସାହି ଗ୍ରାମର ସରସ୍ୱତୀ ସ୍ୱାଇଁ(୧୮) ଓ ରିନା ଭୋଇ (୪୫)। ଏନେଇ ଗୋପ ଥାନାରେ ୨ଟି ଅପମୃତ୍ୟୁ ମାମଲା (ନଂ୨୯,୩୦/୨୪) ରୁଜୁ ହୋଇଛି।

ପ୍ରକାଶ ଯେ, ମୃତା ସରସ୍ୱତୀ ଜେଜେମା'ଙ୍କ ଦଶାହ କାର୍ଯ୍ୟ ପାଇଁ ବନ୍ଧୁବାନ୍ଧବ ଓ ପରିବାରବର୍ଗଙ୍କ ସହ ନିକଟସ୍ଥ ସାହୁ ପୋଖରୀକୁ ଯାଇଥିଲେ। ସେହି ସମୟରେ ବର୍ଷା ସାଙ୍ଗକୁ ବିଜୁଳି ମାରିଥିଲା। ସରସ୍ୱତୀ ଏକ ଗଛମୂଳେ ଠିଆ ହୋଇଥିବା ବେଳେ ବିଜୁଳି ମାରିବା ଯୋଗୁ ଯୁବତୀ ଜଣଙ୍କ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ଡିହସାହି ଗ୍ରାମର ରିନା ଭୋଇ ଛେଳି ଚରାଉଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଗୋପ ମେଡିକାଲ୍‌ରେ ଭର୍ତ୍ତି କରିବା ପରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏପରି ଏକ ଦୁଃଖଦ ଖବର ସମସ୍ତଙ୍କୁ ଚକିତ କରିଛି।

## ବାଘ ଆଣିବାକୁ ମହାରାଷ୍ଟ୍ର ଗଲା ୨ ସ୍ୱତନ୍ତ୍ର ଟିମ୍

ଭୁବନେଶ୍ୱର,୨୦।୧୦(ବନ୍ଦନା ସେଠୀ)

ମହାରାଷ୍ଟ୍ରରୁ ଶିମିଳିପାଳକୁ ଆସିବେ ଦୁଇଟି ମହାବଳ ବାଘ। ଏନେଇ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଛି। ଇତିମଧ୍ୟରେ ଶିମିଳିପାଳର ୨ଟି ସ୍ୱତନ୍ତ୍ର ଟିମ୍ ମହାରାଷ୍ଟ୍ର ଯାଇଥିବା ଜଣାପଡ଼ିଛି। ଗୋଟିଏ ଟିମ୍ ଟ୍ରେନିଂ ପାଇଁ ଏବଂ ଅନ୍ୟ ଟିମ୍ ପୂରା କାର୍ଯ୍ୟକୁ ଆସେସ୍‌ମେଣ୍ଟ କରିବାକୁ ଯାଇଛି। ଏହି ସ୍ୱତନ୍ତ୍ର ଟିମ୍‌ରେ ଶିମିଳିପାଳର କ୍ଷେତ୍ର ନିର୍ଦ୍ଦେଶକ, ଉପନିର୍ଦ୍ଦେଶକଙ୍କ ସହ ବନ୍ୟଜନ୍ତୁ ଡାକ୍ତରୀଦଳ ଏବଂ ତାଲିମପ୍ରାପ୍ତ ବନ କର୍ମଚାରୀ ଓ ରାପିଡ୍ ରେସପନ୍ସ ଟିମ୍ ରହିଛନ୍ତି।

ଏନେଇ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି, ଶିମିଳିପାଳକୁ ଆଣିବା ପାଇଁ ଯେଉଁ କେତେକ ବାଘଙ୍କୁ ଚିହ୍ନଟ କରାଯାଇଛି, ସେମାନଙ୍କ ଉପରେ ଏହି ଟିମ୍ ନଜର ରଖିବ। ସମ୍ପୃକ୍ତ ବାଘଙ୍କ ଆଚରଣ, ସେମାନଙ୍କ ହିଷ୍ଟ୍ରି ଉପରେ ନଜର ଦେବା ସହ ସେମାନଙ୍କୁ କିପରି ଧରିହେବ ସେ ନେଇ ପଦକ୍ଷେପ ନିଆଯିବ। ଯେଉଁ ବାଘମାନେ ଜଙ୍ଗଲରୁ ବାହାରକୁ ଯାଉଥିବେ ସେମାନଙ୍କୁ ଅଣାଯିବ ନାହିଁ। ବାଘମାନଙ୍କ ଦେହରେ ରେଡିଓ କଲାର ଲଗାଇବା

### ଶିମିଳିପାଳ ଆସିବେ ଦୁଇ ମହାବଳ

ପରେ ଟ୍ରାକିଂ କରାଯିବ। ଏ ସମସ୍ତ ଦିଗକୁ ଅନୁଧ୍ୟାନ କରି ଅନୁମତି ମିଳିବା ପରେ ଚିହ୍ନଟ ହୋଇଥିବା ବାଘଙ୍କ ମଧ୍ୟରୁ ୨ଟି ବାଘ ଶିମିଳିପାଳକୁ ଅଣାଯିବ। ତେବେ ବାଘ ଧରିବା ସହଜ ପ୍ରକ୍ରିୟା ହୋଇ ନ ଥିବାରୁ ଏଥିପାଇଁ ପ୍ରାୟ ୧ ସପ୍ତାହରୁ ୪ ସପ୍ତାହ ସମୟ ଲାଗିପାରେ ବୋଲି ପିସିସିଏଫ୍ କହିଛନ୍ତି। ସେହିପରି ବାଘ ଧରିବା ପାଇଁ ଏହା ପ୍ରଥମ ପର୍ଯ୍ୟାୟ ପ୍ରକ୍ରିୟା ହୋଇଥିବାବେଳେ ଏଥିଲାଗି ଆଗରୁ ମଧ୍ୟ ବିଭିନ୍ନ ଟିମ୍ ମହାରାଷ୍ଟ୍ର ଯାଇଥିଲେ ବୋଲି ସେ କହିଛନ୍ତି। ଶିମିଳିପାଳର ସ୍ୱତନ୍ତ୍ର ଟିମ୍ ଯାଇ ବାଘ ଚିହ୍ନଟ କରିବା ପରେ ଆଇନ ଅନୁଯାୟୀ ବିଭିନ୍ନ ପ୍ରକ୍ରିୟା କରାଯାଇ ବାଘ ଅଣାଯିବ। ଶିମିଳିପାଳ ବାଘ ବଂଶ ବୃଦ୍ଧି ପାଇଁ ଦେଶର ଉତ୍ତମ ସ୍ଥାନ ବୋଲି ପୂର୍ବରୁ ଏନ୍‌ଟିସିଏ ସ୍ପଷ୍ଟ କରିଥିଲା। ଏହି ପରିପ୍ରେକ୍ଷୀରେ ଶିମିଳିପାଳକୁ ଦୁଇଟି ମହାବଳ ଅଣାଯାଉଥିବା ପିସିସିଏଫ୍ ସୂଚନା ଦେଇଛନ୍ତି।

## ସୂର୍ଯ୍ୟମନ୍ଦିରରେ ୧୬ ଜଣିଆ ସଂସଦୀୟ ଦଳ

କୋଣାର୍କ,୨୦।୧୦(ଜ୍ୟୋତିରାଜ ମହାନ୍ତି)

କେନ୍ଦ୍ର ସରକାରଙ୍କ ସଂସଦୀୟ ଦଳର ଅଧ୍ୟକ୍ଷ ଏମ୍‌ପି ଫଗନ୍ ସିଂ କୁଲସ୍ତେଙ୍କ ଅଧ୍ୟକ୍ଷତାରେ ରବିବାର ଏକ ୧୬ ଜଣିଆ ଦଳ ସୂର୍ଯ୍ୟମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଛି। ସୂର୍ଯ୍ୟମନ୍ଦିର ନିକଟରେ ପହଞ୍ଚିବା ପରେ ଗାଇଡ୍ ବିଶେଶ୍ୱର ଦାଶ ସୂର୍ଯ୍ୟମନ୍ଦିରର ଇତିହାସ ସମ୍ପର୍କରେ ବୁଝାଇଥିଲେ। ଏହି ଦଳ ସମାଜରେ ଅନୁନ୍ନତ ବର୍ଗର ଲୋକଙ୍କ ଉତ୍ଥାନ ପାଇଁ କାର୍ଯ୍ୟ କରିବା ସହ ସମାଜରେ ସମସ୍ତ ବର୍ଗ ମଧ୍ୟରେ ସମାନତା ଆଣିବା ପାଇଁ କାର୍ଯ୍ୟ କରୁଥିବା କମିଟିର ଅଧ୍ୟକ୍ଷ ଏମ୍‌ପି କୁଲସ୍ତେ କହିଥିଲେ। ଗସ୍ତ ଲାଗି ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଡଙ୍ଗାରେ ଯାନ୍ତ୍ରିକ ତ୍ରୁଟି: ଚିଲିକାରେ ଫସିଲେ ଯାତ୍ରୀ

କୃଷ୍ଣପ୍ରସାଦ,୨୦।୧୦
(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ତୀର୍ଥକ୍ଷେତ୍ର ପୁରୀ ଓ କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରତିଦିନ ଶତାଧିକ ଯାତ୍ରୀ ଚିଲିକାରେ ଡଙ୍ଗା ଯୋଗେ ଯାତ୍ରା କରିଥାନ୍ତି। ରବିବାର ଅପରାହ୍ଣ ୪ଟାରେ ସାତପଡ଼ାଠାରୁ ଜହ୍ନିକୁଦାକୁ ଏକ ଯାତ୍ରୀବାହୀ ଡଙ୍ଗା ଆସୁଥିବାବେଳେ ଚିଲିକାରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଏହି ଡଙ୍ଗାରେ ୬୦ ଯାତ୍ରୀ ଥିବାବେଳେ ୪୦ରୁ ଅଧିକ ବାଇକ୍ ଓ ସାଇକେଲ ରହିଥିଲା। ମୋଟର ନ ଚାଲିବାରୁ ଡଙ୍ଗାଟି ଚିଲିକା ମଝିରେ ଫସିରହିଥିଲା। ଯାତ୍ରୀମାନେ ଆତଙ୍କିତ ହୋଇ ଜୀବନ



ବଞ୍ଚାଇବାକୁ ହୋହଲ୍ଲା କରିଥିଲେ। ପ୍ରାୟ ୧ଘଣ୍ଟା ପରେ ଡଙ୍ଗାଚାଳକ ଅଚଳ ମେଶିନକୁ ମଏଁଷା କୂଳରେ ବଦଳାଇ ଅନ୍ୟ ଏକ ମେଶିନ ଲଗାଇ ଜହ୍ନିକୁଦା କୂଳରେ ପହଞ୍ଚାଇଥିଲେ। ଚିଲିକାରେ ସ୍ଥାୟୀ ସେତୁ ନ ଥିବାରୁ ପ୍ରାୟ ପ୍ରତିଦିନ ଏଭଳି ଚିତ୍ର ଦେଖିବାକୁ ମିଳୁଛି। ତେଣୁ ତୁରନ୍ତ ସ୍ଥାୟୀ ସେତୁ ନିର୍ମାଣ କରାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# କାର୍ଯ୍ୟକ୍ଷେତ୍ରରେ ୫୮% ସ୍ୱାସ୍ଥ୍ୟକର୍ମୀ ଅସୁରକ୍ଷିତ

ନୂଆଦିଲ୍ଲୀ, ୨୦।୧୦

ଦେଶର ମେଡିକାଲ କଲେଜଗୁଡ଼ିକରେ କାର୍ଯ୍ୟରତ ପ୍ରାୟ ଅଧାରୁ ଅଧିକ ସ୍ୱାସ୍ଥ୍ୟକର୍ମୀ ସେମାନଙ୍କ କାର୍ଯ୍ୟକ୍ଷେତ୍ରକୁ ଅସୁରକ୍ଷିତ ମଣୁଥିବା ନେଇ ଏକ ଅଧ୍ୟୟନ ସାମ୍ନାକୁ ଆସିଛି। ନୂଆଦିଲ୍ଲୀର ବର୍ଦ୍ଧମାନ ମହାବୀର ମେଡିକାଲ କଲେଜ(ଭିଏମ୍‌ଏମ୍‌ସି) ଆଣ୍ଡ ସଫଦରଜଙ୍ଗ ହସ୍ପିଟାଲ ଏବଂ ଏମ୍ସ ନୂଆଦିଲ୍ଲୀ ପକ୍ଷରୁ ମିଳିତ ଭାବେ ଉକ୍ତ ଅଧ୍ୟୟନ କରାଯାଇଛି। 'ଏପିଡେମିଓଲୋଜି ଇଣ୍ଟରନ୍ୟାଶନାଲ' ଜର୍ନାଲରେ ରବିବାର ପ୍ରକାଶିତ 'ୱର୍କପ୍ଲେସ୍ ସେଫ୍ଟି ଆଣ୍ଡ୍ ସିକ୍ୟୁରିଟି ଇନ୍ ଇଣ୍ଡିଆନ୍ ହେଲ୍‌ଥ କେୟାର ସେଟିଙ୍ଗସ୍: ଏ କ୍ରସ୍ ସେକ୍ସିଓନାଲ ସର୍ଭେ' ଶୀର୍ଷକ ଏହି ଅଧ୍ୟୟନ ଭାରତୀୟ ଚିକିତ୍ସା ପ୍ରତିଷ୍ଠାନଗୁଡ଼ିକର ମୌଳିକ ସୁରକ୍ଷା ଭିତ୍ତିଭୂମିରେ ଥିବା ତ୍ରୁଟି ବିଚ୍ୟୁତିକୁ ଦର୍ଶାଇଛି। ଚିକିତ୍ସା ପ୍ରତିଷ୍ଠାନଗୁଡ଼ିକରେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥାରେ ଉନ୍ନତି ଆଣିବା

### ୬୮.୪% ସ୍ୱାସ୍ଥ୍ୟକର୍ମୀଙ୍କୁ ଡ୍ୟୁଟିରେ ଥିବାବେଳେ ମିଳୁଛି ଧମକ



ଜରୁରୀ ବୋଲି ଏଥିରେ କୁହାଯାଇଛି।

ଏହି ଅଧ୍ୟୟନରେ ଦେଶର ବିଭିନ୍ନ ମେଡିକାଲ ପ୍ରତିଷ୍ଠାନର ୧,୫୬୬ ଜଣ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ କର୍ମକ୍ଷେତ୍ରରେ ନିରାପତ୍ତା ସମ୍ପର୍କୀତ ବିଭିନ୍ନ ପ୍ରଶ୍ନ ପଚରାଯାଇ ସର୍ଭେ କରାଯାଇଛି। ସର୍ଭେରେ ୮୬୯(୫୫.୫%) ମହିଳା ଚିକିତ୍ସା କର୍ମୀ ଓ ୬୯୭ (୪୪.୫%) ପୁରୁଷ ଚିକିତ୍ସା କର୍ମୀ ସାମିଲ ହୋଇଥିଲେ। ମତାମତ ଦେଇଥିବା ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରୁ ପ୍ରାୟ ୭୧% ସରକାରୀ ମେଡିକାଲ କଲେଜରେ କାର୍ଯ୍ୟରତ ଥିବା ନେଇ ସର୍ଭେ କରିଥିବା ବରିଷ୍ଠ ଡାକ୍ତର ଯୁଗଳ କିଶୋର ସୂଚନା ଦେଇଛନ୍ତି।

ସର୍ଭେରେ ପ୍ରାୟ ୫୮.୨% ସ୍ୱାସ୍ଥ୍ୟକର୍ମୀ ନିଜ ନିଜ କାର୍ଯ୍ୟସ୍ଥଳକୁ ଅସୁରକ୍ଷିତ ବୋଲି କହିଛନ୍ତି। ସେହିପରି ୬୮.୪% ସ୍ୱାସ୍ଥ୍ୟକର୍ମୀ ଡ୍ୟୁଟିରେ ଥିବାବେଳେ ଧମକ ମିଳୁଥିବା ନେଇ ଜଣାଇଛନ୍ତି ବୋଲି ଡାକ୍ତର କିଶୋର କହିଛନ୍ତି। ଏକାଥରକେ ଲମ୍ବା ଅବଧିର ଡ୍ୟୁଟି କିମ୍ବା ରାତି ଡ୍ୟୁଟିରେ ନିୟୋଜିତ ପ୍ରାୟ ଅଧା ସ୍ୱାସ୍ଥ୍ୟକର୍ମୀଙ୍କ ନିକଟରେ ନିଜର ସ୍ୱତନ୍ତ୍ର କୋଠରି ନ ଥିବା ଏହି ଅଧ୍ୟୟନ କହିଛି। ସେହିପରି ଡ୍ୟୁଟିରୁମକୁ ନିୟମିତ ଭାବେ ସଫା କରିବା, ସେଠାରେ କୀଟନାଶକ ନିୟନ୍ତ୍ରଣ, ଭେଣ୍ଟିଲେଶନ, ଏୟାର କଣ୍ଡିଶନର ଆଦି ସୁବିଧା ଅତ୍ୟନ୍ତ ଖରାପ ହୋଇଥିବା ନେଇ ଡାକ୍ତରମାନେ କହିଛନ୍ତି। ପ୍ରାୟ ୭୦% ସ୍ୱାସ୍ଥ୍ୟକର୍ମୀ କହିଛନ୍ତି, ସେମାନଙ୍କ କାର୍ଯ୍ୟସ୍ଥଳରେ ପର୍ଯ୍ୟାପ୍ତ ସୁରକ୍ଷାକର୍ମୀ ନାହାନ୍ତି। ସେହିପରି ୬୨% ସ୍ୱାସ୍ଥ୍ୟକର୍ମୀ ଜରୁରିକାଳୀନ ଆଲାର୍ମ ସିଷ୍ଟମ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୯୦%ରୁ ଅଧିକ ହସ୍ପିଟାଲକୁ ପ୍ରବେଶ କରୁଥିବା ଲୋକଙ୍କର ଉପଯୁକ୍ତ ଢଙ୍ଗରେ ଯାଞ୍ଚ ହେଉନାହିଁ। ତେଣୁ ଅସ୍ତ୍ରଶସ୍ତ୍ର କିମ୍ବା ବିପଜ୍ଜନକ ସାମଗ୍ରୀକୁ ସାଙ୍ଗରେ ଧରି ଅସାମାଜିକ ଲୋକେ ହସ୍ପିଟାଲ ମଧ୍ୟକୁ ଅବାଧରେ ପ୍ରବେଶ କରିବାର ଆଶଙ୍କା ରହିଛି।

ସେହିପରି ଘରୋଇ ମେଡିକାଲ ଅନୁଷ୍ଠାନ ଅପେକ୍ଷା ସରକାରୀ ମେଡିକାଲ ଅନୁଷ୍ଠାନଗୁଡ଼ିକରେ ସୁରକ୍ଷା ସମ୍ବନ୍ଧିତ ତ୍ରୁଟିକୁ ନେଇ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ଅଧିକ ଅସନ୍ତୋଷ ରହିଛି। ବିଭିନ୍ନ ରାଜ୍ୟର ସରକାରୀ ମେଡିକାଲ କଲେଜଗୁଡ଼ିକରେ ୬୩%ରୁ ଅଧିକ ସ୍ୱାସ୍ଥ୍ୟକର୍ମୀ ସେମାନଙ୍କ କାର୍ଯ୍ୟକ୍ଷେତ୍ରକୁ ଅସୁରକ୍ଷିତ ମଣୁଥିବା ଉକ୍ତ ଅଧ୍ୟୟନରେ ଦର୍ଶାଯାଇଛି।

## ହାତୀ ଆକ୍ରମଣରେ ଯୁବକ ମୃତ

ସୁନ୍ଦରଗଡ଼,୨୦।୧୦
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ବନାଞ୍ଚଳ ତଥା ହାତୀବାରି ଥାନା ଅନ୍ତର୍ଗତ କନ୍ଦରକେଲା ପଞ୍ଚାୟତ ବାଉଁଶଯୋର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ପ୍ରଦୀପ ବିଲାଙ୍ଗ(୨୪)। ଏଥିସହ ମହିପାଳ କିରୋ ନାମକ ଜଣେ ଯୁବକ ହାତୀ ଆକ୍ରମଣରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଲକ୍ଷ୍ମୀପୂଜା ଅବସରରେ ବାଉଁଶଯୋରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଶନିବାର ରାତିରେ ପ୍ରଦୀପ ଓ ମହିପାଳ ଆସିଥିଲେ। କାର୍ଯ୍ୟକ୍ରମ ସରିବା ପରେ ଦୁହେଁ ବିଳମ୍ବିତ ରାତିରେ ଚାଲିକି ଫେରୁଥିବା ବେଳେ ଗୋଠଛଡା ହାତୀ ସହ ମୁହାଁମୁହିଁ ହୋଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ୨ ଜଣଙ୍କୁ ପ୍ରଥମେ ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଦୀପଙ୍କ ମୃତ୍ୟୁ ଘଟିଥିଲା। ମହିପାଳଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ବୀରମିତ୍ରପୁର ରେଞ୍ଜର ଦୁର୍ଯ୍ୟୋଧନ ଜରେଇ, ହାତୀବାରି ଫରେଷ୍ଟର ସୁଶୀଲ କୁମାର କେରକେଟାଙ୍କ ସହ ହାତୀବାରି ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୬ ତାରିଖ ବିଳମ୍ବିତ ରାତିରେ ବୀରମିତ୍ରପୁର ବନାଞ୍ଚଳ ତଥା ହାତୀବାରି ଥାନା ଅନ୍ତର୍ଗତ ଲୋକମବେଡା ପଞ୍ଚାୟତ ଖାଡ଼ିଯୋର ଗ୍ରାମରେ ହାତୀ ଆକ୍ରମଣରେ ସୁନୀଲ ବାଗେ ନାମକ ଜଣେ ଯୁବକ ପ୍ରାଣ ହରାଇଥିଲେ। ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିଥିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଏ ଦିଗରେ ବନ ବିଭାଗ ତତ୍ପରତା ପ୍ରକାଶ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପ୍ରଜାପତି ବ୍ରହ୍ମା କୁମାରିଜ୍ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଗୀତା ଜ୍ଞାନ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସକାଳ ୬ଟା ୩୦ । ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସନ୍ଧ୍ୟା ୬ଟା ୩୦ ।
- ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ପକ୍ଷରୁ ପ୍ରକାଶିତ ପୁସ୍ତକ 'ସାଧନାରୁ ସିଦ୍ଧି'ର ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ।
- ବିଦ୍ୟୁତ୍ କର୍ମଚାରୀଙ୍କ କୋଅର୍ଡିନେଶନ କମିଟି ପକ୍ଷରୁ ବିକ୍ଷୋଭ, ସ୍ଥାନ: ଟିପିସିଓଡିଏଲ୍ ପାୱାର କର୍ପୋରେଟ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ।
- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବାଲିଯାତ୍ରା ପଡ଼ିଆ ଅଫିସ, ସମୟ: ମଧ୍ୟାହ୍ନ ୧୨ଟା ୩୦ ।
- ସୁପ୍ରିମକୋର୍ଟଙ୍କ ଏକ ଜଜ୍‌ମେଣ୍ଟ ସମ୍ବନ୍ଧରେ ଖବରଦାତା ସମ୍ମିଳନୀ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ମଧ୍ୟାହ୍ନ ୧୨ଟା ।
- ବାର୍ଷିକ କର୍ମଶାଳା, ସ୍ଥାନ: , ସମୟ: ଅପରାହ୍ନ ୨ଟା ।
- ୨୧ତମ କୁମାର ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା ।
- ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ପକ୍ଷରୁ କ୍ୟାମ୍ପ 'ଜୁହାର'ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ରାଜ୍ୟ ମୁଖ୍ୟାଳୟ, ୟୁନିଟ୍-୩, ସମୟ: ଅପରାହ୍ନ ୫ଟା ।
- ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା ୪୫ ।
- ଐତିହାସିକ କେଦାରନାଥ ମହାପାତ୍ରଙ୍କ ୧୧୩ତମ ଜୟନ୍ତୀ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା ।

## କଟକ

- ୬୫ତମ ପୋଲିସ ଶହୀଦ ସ୍ମୃତି ଦିବସ ଅବସରରେ ଶହୀଦ ଯବାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପରିସର, ସକାଳ ୮ଟା ।
- ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଜେମାଦେଇପୁର ପଞ୍ଚାୟତ, ତିଗିରିଆ, ସମୟ: ସକାଳ ୯ଟା ।
- ଓଡ଼ିଶା ହାଇକୋର୍ଟର ପ୍ରଥମ ବିଚାରପତି ବୀରକିଶୋର ରାୟଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଓଡ଼ିଶା ହାଇକୋର୍ଟ ପ୍ରଶାସନିକ ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ୮୧ତମ ଭଞ୍ଜ ଜୟନ୍ତୀ ସପ୍ତାହର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଭଞ୍ଜ ମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ।
- ଓଡ଼ିଶା ଇଣ୍ଟେଲେକ୍‌ଚୁଆଲ ଫୋରମ କଟକ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ରାଇସିନା ମଣ୍ଡପ, ସିଡିଏ ସେକ୍ଟର-୯, ସମୟ: ସନ୍ଧ୍ୟା ୬ଟା ।

## ପୁରୀ

- ମା'ଗଜଲକ୍ଷ୍ମୀଙ୍କ ଶାରଦୀୟ ପୂଜା ଉତ୍ସବ ସ୍ଥାନ: ଗଜଲକ୍ଷ୍ମୀ ମଣ୍ଡପ, ଗଡ଼ଅଣ୍ଡିଆ, ନିମାପଡ଼ା, ସମୟ: ସକାଳ ୬ଟା । ଏବଂ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା, ସମୟ: ରାତି ୧୦ଟା ।
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ସତ୍ୟବାଦୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## ଖୋର୍ଦ୍ଧା

- ପୋଲିସ ଶହୀଦ ଦିବସ, ସ୍ଥାନ: ରିଜର୍ଭ ପଡ଼ିଆ, ତରତୁଆ, ସମୟ: ସକାଳ ୮ଟା ।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବିଜେବି ହାଇସ୍କୁଲ, ପୂର୍ବାହ୍ନ ୧୧ଟା ।
- ଗଜଲକ୍ଷ୍ମୀ ମହୋତ୍ସବ ୫ମ ଦିବସ, ସ୍ଥାନ: ଡାଲତୋଳା, ସମୟ: ଅପରାହ୍ନ ୫ଟା ।
- ଗଜଲକ୍ଷ୍ମୀ ପୂଜା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁଜଙ୍ଗ ମେଲଣ ପଡ଼ିଆ, ସନ୍ଧ୍ୟା ୬ଟା ।
- ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଶ୍ରୀରାମ ଚରିତ ପାରାୟଣ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୭ଟା ।

## ବାଲେଶ୍ୱର

- ୬୫ତମ ପୋଲିସ ଶହୀଦ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପରେଡ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା ।
- ବାଲେଶ୍ୱର ବିଧାୟକଙ୍କ ବାହାବଳପୁର ମାଛଧରା ଜେଟି ଅଞ୍ଚଳ ପରିଦର୍ଶନ, ସ୍ଥାନ: ବାହାବଳପୁର ଜେଟି, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା ।
- ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ।

## ଭଦ୍ରକ

- ୬୫ତମ ପୋଲିସ ସ୍ମୃତିରକ୍ଷା ଦିବସ, ସ୍ଥାନ: ଚରମ୍ପାସ୍ଥିତ ରିଜର୍ଭ ପୋଲିସ ପଡ଼ିଆ, ଭଦ୍ରକ, ସମୟ: ସକାଳ ୮ଟା ।
- ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା ।
- ଭଣ୍ଡାରିପୋଖରୀ ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୭ଟା ।

## ମୟୂରଭଞ୍ଜ

- ୬୫ତମ ପୋଲିସ ଶହୀଦ ଦିବସ, ସ୍ଥାନ:ରିଜର୍ଭ ପୋଲିସ ପଡ଼ିଆ ଭଞ୍ଜପୁର ବାରିପଦା,ସମୟ: ସକାଳ ୮ଟା ।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ: ପୂର୍ବାହ୍ନ ୧୦ଟା ।
- ମୟୂରଭଞ୍ଜ ପର୍ଯ୍ୟଟନ ଓ ସଂସ୍କୃତି ସମ୍ବନ୍ଧୀୟ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ:ଏମ୍‌ପିସି କଲେଜ ବାଣିଜ୍ୟ ବିଭାଗ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା ।
- ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ,ସ୍ଥାନ: ଉଦଳା ବସ୍‌ଷ୍ଟାଣ୍ଡ ବସ୍‌ମାଲିକ ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ ସମୟ: ଅପରାହ୍ନ ୨ଟା ।

## ବ୍ରହ୍ମପୁର

- ଏଲ୍‌ଆଇସି ଏଜେଣ୍ଟ ଆସୋସିଏଶନ ଶାଖା-୧ର ଧାରଣା, ସ୍ଥାନ: ଏଲଆଇସି କାର୍ଯ୍ୟାଳୟ ସମ୍ମୁଖ, ଚର୍ଚ୍ଚ ରୋଡ,ସମୟ: ଅପରାହ୍ନ ୧ଟା ।

## ଗଞ୍ଜାମ

- ଶହୀଦ ଦିବସ ପାଳନ, ସ୍ଥାନ: ବେଲଗୁଣ୍ଠା ବ୍ଲକ ତନରଡ଼ା ଆଇ ଆର୍ ବି କ୍ୟାମ୍ପ, ସମୟ: ସକାଳ ୭ ଟା ।

## ଢେଙ୍କାନାଳ

- ପୋଲିସ ଶହୀଦ ଦିବସ, ସ୍ଥାନ-ରିଜର୍ଭ ପୋଲିସ ପଡିଆ, ସମୟ-ସକାଳ ୮ଟା ।
- ଜିଲାସ୍ତରୀୟ ଲୋକକଳା ଉଦ୍‌ଯାପନ ସମାରୋହ, ସ୍ଥାନ-ପଲ୍ଲିଶ୍ରୀ ମେଳା ପଡିଆ, ମହିଷାପାଟ, ସମୟ-ପୂର୍ବାହ୍ନ ସାଢେ ୧୦ଟା ।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ-ସଦର ବ୍ଲକ କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ସାଢେ ୧୦ଟା ।

## ଜଗତ୍‌ସିଂହପୁର

- ଓଡ଼ିଶା ୟାଚିଂ କ୍ଲବ ପକ୍ଷରୁ ପାରା ସେଲିଂ ଜଳକ୍ରୀଡ଼ା, ବତିଘର ପାଖ ସମୁଦ୍ର ବେଳାଭୂମି, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା ।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ନାଗପୁରା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ମଢ଼ିଆଳ, କେନ୍ଦ୍ରାପଡ଼ା ସହର, ଠାକୁରହାଟ, ଡେରାବିଶ, ଅଳପୁଆ, କେନ୍ଦ୍ରାପଡ଼ା, ନାରାୟଣପୁର, କୁହୁଡ଼ି ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ଲୋକକଳା ଉତ୍ସବ, ସ୍ଥାନ: ବ୍ଲକ ରୋଡ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା

## ଯାଜପୁର

- ଯାଜପୁର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ।

## ନୟାଗଡ଼

- ଜିଲାପାଳଙ୍କ ଜନ ଶୁଣାଣି ଶିବିର, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- କ୍ରିକେଟ ପ୍ରିମିୟର ଲିଗ୍ ୨ୟ ଦିବସ ମ୍ୟାଚରେ ଶତପଥୀ ଲାୟନ୍ସ ବନାମ ଥଣ୍ଡର ଦି ରୟାଲ କିଙ୍ଗସ୍, ସ୍ଥାନ: କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ।
- କ୍ରିକେଟ ପ୍ରିମିୟର ଲିଗ୍‌ର ୨ୟ ଦିବସ ମ୍ୟାଚରେ ଦିପୁ କିଙ୍ଗସ୍ ବନାମ ଈଶାନ ରୟାଲ, ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ଅପରାହ୍ନ ୨ଟା ।

## ରାୟଗଡ଼ା

- ୬୫ ତମ ପୋଲିସ ସହିଦ ସ୍ମୃତି ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦିଲି ରିଜର୍ଭ ପୋଲିସ ପଡ଼ିଆ, ଭାମିନି ୨ୟ ଆଇଆର ବାଟାଲିୟନ,ରାୟଗଡ଼ା, ସମୟ: ସକାଳ ୮ ଟା ।
- କ୍ଲଷ୍ଟରସ୍ତରୀୟ କଳା ଉତ୍ସବ ପାଳନ, ସ୍ଥାନ: ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ରାୟଗଡା, ସମୟ: ସକାଳ ୭ଟା ୪୦ ।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଉମରକୋଟ ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳଙ୍କ ଉମରକୋଟ ତହସିଲ ଅଧିନ ରାଜସ୍ୱ ସର୍କଲ ପରିଦର୍ଶନ, ସ୍ଥାନ: ଉମରକୋଟ, ସମୟ: ଅପରାହ୍ନ ୨ଟା ।

## କୋରାପୁଟ

- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ ଟା ୩୦ ।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଡୁମୁରିପଦର ଗ୍ରାମ ପଞ୍ଚାୟତ, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ନୂଆଗାଁ ପଞ୍ଚାୟତ ଅଫିସ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।

## ମାଲକାନଗିରି

୬୫ତମ ପୋଲିସ ପ୍ରତିଷ୍ଠା ଦିବସ ପାଳନ
ସ୍ଥାନ-ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସର
ସମୟ- ସକାଳ ୮ ଟା
ମାଲ୍ୟବନ୍ତ ମହୋତ୍ସବ ପ୍ରସ୍ତୁତି ବୈଠକ
ସ୍ଥାନ-ଜିଲା ପରିଷଦ ସମ୍ମିଳନୀ କକ୍ଷ
ସମୟ- ଅପରାହ୍ନ ୪ ଟା

## ସମ୍ବଲପୁର

- ଓଡ଼ିଶା ପୋଲିସର ପ୍ରତିଷ୍ଠା ଦିବସ, ସ୍ଥାନ : ରିଜର୍ଭ ପୋଲିସ ପଡିଆ, ସମୟ : ସକାଳ ୮ଟା ।
- ସୋସିଆଲ ଷ୍ଟାର କ୍ଲବ ପକ୍ଷରୁ ଡା.ଦିପ୍ତିବାଳା ପଟ୍ଟନାୟକଙ୍କ ସ୍ମୃତିରେ ରକ୍ତଦାନ ଶିବିର, ସ୍ଥାନ : ସଦର ଡାକ୍ତରଖାନା ସ୍ଥିତ ରକ୍ତଭଣ୍ଡାର, ସମୟ : ସକାଳ ୯ଟା ।
- ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ଧାରଣା, ସ୍ଥାନ : ଆରଡିସି ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୦ଟା ।
- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ନାକଟିଦେଉଳ ବ୍ଲକ ଅଫିସ ସଭା ଗୃହ, ସମୟ : ପୂର୍ବାହ୍ନ ୧୦ଟା ।
- ଆଶ ଓର୍ମ୍ପ ବିରୋଧରେ ବୈଠକ, ସ୍ଥାନ : କବରପାଲି ତୁରିପଡା, ସମୟ:ପୂର୍ବାହ୍ନ ୧୧ଟା ।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।
- ବଲାଙ୍ଗୀର ଦୀନ୍ ଆୟୋଜକ କମିଟି ପ୍ରସ୍ତୁତି ବୈଠକ,ସ୍ଥାନ: ପିପି ଏକାଡେମୀ ସମ୍ମିଳନୀ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ।

## ସୁବର୍ଣ୍ଣପୁର

- ୬୫ତମ ପୋଲିସ ଶହୀଦ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆ, ସମୟ: ସକାଳ ୮ଟା ।
- ତରଭା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବିଇଓ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଗଜଲକ୍ଷ୍ମୀ ଓ ରାମାୟଣ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା ।
- ଗଜଲକ୍ଷ୍ମୀ ପୂଜାର ଷଷ୍ଠ ଦିବସୀୟ ପୂଜା, ସ୍ଥାନ: ଖଣ୍ଡହତା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା ।
- ମୁରାସୁର ଦରବାରର ପଞ୍ଚମ ରଜନୀ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର, ସମୟ: ରାତି ୮ଟା ।

## ବରଗଡ଼

- ସି. କେ. ନାଇଡୁ ଟ୍ରଫି (ମହାରାଷ୍ଟ୍ର ବନାମ୍ ଓଡ଼ିଶା), ସ୍ଥାନ: ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ସକାଳ ୯ଟା ।

## ରାଉରକେଲା

- ୬୫ତମ ପୋଲିସ ଶହୀଦ ଦିବସ, ସ୍ଥାନ: ରିଜର୍ଭ ପଡିଆ, ସମୟ: ସକାଳ ୮ଟା ।
- ପ୍ରବନ୍ଧଭିତ୍ତିକ ଆଲୋଚନା ଓ କବିତା ପାଠୋତ୍ସବ, ସ୍ଥାନ: ସେକ୍ଟର-୭ ଇସ୍ପାତ ସାହିତ୍ୟ ସଂସଦ, ସମୟ: ସନ୍ଧ୍ୟା ୭ଟା ।
- ସାହିତ୍ୟରେ ଭାଷାର ସରଳତା ଶୀର୍ଷକ କର୍ମଶାଳା, ସ୍ଥାନ: ନୋବେଲ ଆସୋସିଏଶନ, ପାୱାର ହାଉସ୍ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼

- ଓଡ଼ିଶା ପୋଲିସର ଶହୀଦ ଦିବସ, ସ୍ଥାନ: ପୋଲିସ ପଡ଼ିଆ, ଦେବଗଡ଼, ସମୟ: ସକାଳ ୮ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢଳ ପକ୍ଷରୁ ଫୁଟ୍‌ବଲ ମ୍ୟାଚ୍, ସ୍ଥାନ: କଣ୍ଢଳ ଗ୍ରାମ ଖେଳ ପଡିଆ, ସମୟ: ଅପରାହ୍ନ ୪ଟା ।
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢଳ ପକ୍ଷରୁ ପୂଜା ଓ ବିଶ୍ରାମ, ସାଂସ୍କୃତିକ କାର୍ଯ୍ୟକ୍ରମ, ବାଇଟ କିଙ୍ଗ ଡାନ୍ସ ଗ୍ରୁପ ଭୁବନେଶ୍ୱର, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢଳ ଗ୍ରାମ, ସମୟ: ସନ୍ଧ୍ୟା ୭ଟା ।
- ଅନ୍ନ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢଳ ଗ୍ରାମ, ସମୟ: ସନ୍ଧ୍ୟା ୭ଟା ।

## କଳାହାଣ୍ଡି

- କଳାହାଣ୍ଡି ଜିଲା ପୋଲିସ ପକ୍ଷରୁ ଶହୀଦ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ରିଜର୍ଭ ଅଫିସ ପଡ଼ିଆ, ସ୍ଥାନ: ସକାଳ ୭ଟା ।
- ଜିଲାପାଳ ଓ ଏସ୍‌ପିଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ବିଜେଡିର ଜନସମ୍ପର୍କ ଅଭିଯାନ, ସ୍ଥାନ: ଏମ. ରାମପୁର ବ୍ଲକ ମୋହନଗିରି ଶିବ ମନ୍ଦିର, ସମୟ: ପୂର୍ବାହ୍ନ୧୦ଟା ।
- ବ୍ଲକସ୍ତରୀୟ ସୁରଭି ମହୋତ୍ସବ ୨୦୨୪, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବୋଡେନ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ବୃଦ୍ଧିକୋମନା ସ୍ପୋର୍ଟସ ଆସୋସିଏଶନ ନୂଆପଡା ପକ୍ଷରୁ ୩ୟ ଅଲ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ମା' ବସ୍ତାଣୀ ଖେଳ ପଡିଆ, ସମୟ: ଅପରାହ୍ନ ୩ ଟା ୩୦ ।

## ବୌଦ୍ଧ

- ଜିଲାସ୍ତରୀୟ ସହିଦ ଦିବସ ପାଳନ,ସ୍ଥାନ: ପଞ୍ଚମ ଆଇଆରବିଏନ ବାଟାଲିଅନ ପରେଡ ପଡିଆ, ବଲାସିଙ୍ଗା, ବୌଦ୍ଧ, ସମୟ: ସକାଳ ୭ଟା ୩୦ ମିନିଟ ।
- ଶ୍ରୀମଦ୍ ଦେବୀ ଭାଗବତ ନବଦିନାତ୍ମକ ପାରାୟଣ ଓ ପ୍ରବଚନର ଚତୁର୍ଥ ଦିନ, ସ୍ଥାନ: ମହାନଦୀ ଆଳତି ଘାଟ, ଚନ୍ଦ୍ରଚୂଡ ମନ୍ଦିର, ବୌଦ୍ଧ, ସମୟ: ସକାଳ ୮ଟା ।
- ରୌପ୍ୟ ଜୟନ୍ତୀ ସମାରୋହ ଓ ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି, ସ୍ଥାନ: ବାମଣ୍ଡା ଗ୍ରାମ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ, କଣ୍ଟାମାଳ , ସମୟ : ପୂର୍ବାହ୍ନ ୧୦ଟା ।
- କରଡି ଚମ୍ପେଶ୍ୱର ବାବା ମନ୍ଦିରରେ ନାଗ ମୂର୍ତ୍ତି ସ୍ଥାପନ, ସ୍ଥାନ: ଚମ୍ପେଶ୍ୱର ବାବା ମନ୍ଦିର, କରଡି, ହରଭଙ୍ଗା , ସମୟ: ପୂର୍ବାହ୍ନ ୧୧ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗୁରୁଚାନ୍ଦ୍ରୀ ଯୋଗ ଆପଣଙ୍କୁ ଭାବୁକ ବନାଇ ଦେଇପାରନ୍ତି । ଭୋଗ, ବିଳାସ ଓ ମନୋରଞ୍ଜନ ସକାଶେ ଅନୁକୂଳ ପରିବେଶର ସୁଯୋଗ ପାଇବେ । କିନ୍ତୁ ମଙ୍ଗଳଙ୍କ ପ୍ରତି ଶନିଙ୍କ ଷଡାଷ୍ଟକ ସ୍ଥିତି ସ୍ୱାସ୍ଥ୍ୟ ସମ୍ପର୍କୀୟ ଚିନ୍ତା ସୃଷ୍ଟି କରିବ । ଆନୁଷ୍ଠାନିକ କାମରେ ସଫଳତା ପାଇବା କ୍ଷେତ୍ରରେ ଜଣେ ପୁରାତନ ବନ୍ଧୁଙ୍କ ସାହାଯ୍ୟ ମିଳିବ ।

**ବୃଷ** କୌଣସି କାମ ହାସଲ ସକାଶେ ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ଚେଷ୍ଟା କରିବେ । ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ଆପଣଙ୍କ ମତ ଓ ମନ୍ତବ୍ୟର ବିରୋଧ କରିପାରେ । ଜମିଜମା ସମ୍ବନ୍ଧୀୟ ବିବାଦୀୟ ଘଟଣାରେ ମନସ୍ତାପ କରିବାକୁ ପଡ଼ିପାରେ । ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ଅର୍ଥାଭାବ ଅନୁଭବ କରି ଚିନ୍ତିତ ରହିବେ ।

**ମିଥୁନ** ଆର୍ଥିକ ଅନଟନ ଲାଗି ରହିବା ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ । ଅବହେଳା ଯୋଗୁ ଦୀର୍ଘଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବେ । ବନ୍ଧୁଙ୍କ ସହିତ ପ୍ରାତଃଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ । ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି ।

**କର୍କଟ** ଯାହା ଭାବୁଛନ୍ତି ତାହାକୁ ବାସ୍ତବତାରେ ପରିଣତ କରିବା ସକାଶେ କୌଣସି ଅସୁବିଧା ରହିବ ନାହିଁ । ମାତ୍ର କେତେକ କ୍ଷେତ୍ରରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ କରିପାରନ୍ତି । ପରିବାର ଭିତରେ ବିନା କାରଣରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ । ସହକର୍ମୀଙ୍କ ଆନୁଷଙ୍ଗିକ ସାହାଯ୍ୟ ଲାଭ କରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ ।

**ସିଂହ** ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କୁ ନେହୁରା ହେବାକୁ ପଡିପାରେ । ପରୋକ୍ଷରେ ବିରୁଦ୍ଧାଚରଣ କରୁଥିବା ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି । ଆନୁଷ୍ଠାନିକ କାମରେ ନୀଚ ମନୋଭାବର ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି । ବ୍ୟବସାୟିକ ଦୃଷ୍ଟିକୋଣରୁ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ । ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିଥିବା କାରଣରୁ ଅସୁବିଧା ସମୟରେ ସହଯୋଗ ପାଇପାରିବେ । ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ । ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡିବାକୁ ପଡ଼ିପାରେ ।

**ତୁଳା** ବିଶେଷ ଭ୍ରମଣ ଓ କଠିନ ଶ୍ରମ ହେତୁ ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିବା ଠିକ୍ ହେବନାହିଁ । ବହୁତ ଦିନହେଲା ଚେଷ୍ଟା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ । ପ୍ରଶାସନ, ପ୍ରକାଶନ, ଆଇନ, କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି ।

**ବିଛା** ହତୋତ୍ସାହିତ ନ ହୋଇ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ । ଜମା ଭଲ ସମ୍ପର୍କ ନ ଥିବା ଆତ୍ମୀୟମାନଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ । ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ । ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡପୂରାଇ ସମସ୍ୟାକୁ ଡାକି ଆଣିପାରନ୍ତି ।

**ଧନୁ** ବନ୍ଧୁ ଗହଣରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବେ । ଉପରିସ୍ଥ କର୍ମଚାରୀଙ୍କ ସହିତ ଅତ୍ୟଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିପାରନ୍ତି । ବାରମ୍ବାର କରଜଦାତାଙ୍କ ଚାପରେ ଅତିଷ୍ଠ ହୋଇ ଋଣ ପରିଶୋଧ ଚିନ୍ତାରେ ଦୁଶ୍ଚିନ୍ତାଗ୍ରସ୍ତ ହେବେ । ଆଜିର ଯାତ୍ରା,ବାଣିଜ୍ୟ,ବ୍ୟବସାୟ ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ ।

**ମକର** ପ୍ରତ୍ୟେକ ସମୟରେ ନିଜ ପାଖରେ ରହୁଥିବା କର୍ମଚାରୀଟିର ମନୋଭାବ ବଦଳିଯାଇପାରେ । ବ୍ୟବସାୟ, ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସନ୍ତୋଷଜନକ ଫଳ ପାଇବେ । ଭାବୁଥିବା ବିଷୟଟିକୁ ଉପରିସ୍ଥ ଅଧିକାରୀଙ୍କ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ । ସନ୍ତାନଙ୍କ ବୈବାହିକ ସମ୍ପର୍କ ସ୍ଥାପନ ପାଇଁ ଆଲୋଚନା କରିପାରନ୍ତି ।

**କୁମ୍ଭ** ଆଜି ବିଭିନ୍ନ ସମସ୍ୟାମୂଳକ କାମରେ ଅନୁପ୍ରବେଶ କରି ପଶ୍ଚାତେ ଅନୁତାପ କରିପାରନ୍ତି । ବନ୍ଧୁମିଳନ ଅବକାଶରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ । ନୂତନ କାର୍ଯ୍ୟାରମ୍ଭ ସକାଶେ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିପାରନ୍ତି । ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ ।

**ମୀନ** କଳା,ସାହିତ୍ୟ କ୍ଷେତ୍ରରେ ଲାଗି ରହିଥିବା ବିବାଦୀୟ ସମସ୍ୟା ସମାଧାନ ହୋଇପାରିବ । ଭାବପ୍ରବଣବଶତଃ ଆଲୋଚନା କ୍ଷେତ୍ରରେ ଭିନ୍ନ ପ୍ରକାରର କଥାବାର୍ତ୍ତାକରି ଅପଦସ୍ଥ ହେବେ । ଭଲ ସମ୍ପର୍କ ଥିବା ବନ୍ଧୁ ନିଜର ସୁବିଧା ହାସଲ କରିବା ସକାଶେ ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି । ସହନଶୀଳତା ଆଚରଣ ପୂର୍ବକ ଅନ୍ୟମାନଙ୍କର ସେବାରେ ମନ ଦେବେ ।

ଆଜି ଅକ୍ଟୋବର ୨୧ ତାରିଖ, କାର୍ତ୍ତିକ କୃଷ୍ଣ ୫ମୀ ସୋମବାର, ରାଶିନକ୍ଷତ୍ର-ମୃଗଶିରା/ବୃଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୭ ଗତେ, ଘ. ୦୭।୧୩ ମଧ୍ୟେ, ଘ.୦୮।୫୦ ଗତେ, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା । ସକାଳ ଘ.୦୭।୧୩ ଗତେ, ଘ.୦୮।୪୮ ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

## ୨୩ରେ ଦାନା ...


ନାମ 'ଦାନା' ଦିଆଯାଇଛି । ଏହା ଉତ୍ତର-ପଶ୍ଚିମ ଦିଗକୁ ଗତିକରି ୨୪ ତାରିଖ ସକାଳ ସୁଦ୍ଧା ଓଡ଼ିଶା-ପଶ୍ଚିମବଙ୍ଗ ନିକଟରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ମାତ୍ର ବାତ୍ୟାର ପ୍ରଭାବ କେତେ ରହିବ ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ଲଘୁଚାପ ସୃଷ୍ଟି ହେବା ପରେ ହିଁ ଚିତ୍ର ଓ ଏହାର ଦିଗ ବା ଗତିପଥ ସମ୍ପର୍କରେ ଜଣାପଡିବ । ଲଘୁଚାପ ସମୟରେ ୪୫ରୁ ୫୦ ବା ସର୍ବାଧିକ ୬୫ ମିମି ବର୍ଷା ହୋଇପାରେ । ଏହାସହ ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ୧୦୦ରୁ ୧୨୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି । ବାତ୍ୟା ସହ ପ୍ରବଳ ବର୍ଷା, ଘଡ଼ଘଡ଼ି ଓ ବିଜୁଳିର ସମ୍ଭାବନା ଥିବାରୁ ଚିନ୍ତା ବଢ଼ିଛି । ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧାରେ ବିଜୁଳି ଓ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି । ୨୩ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବାନେଇ ଆକଳନ କରାଯାଉଛି । ୨୩ରୁ ୨୫ ତାରିଖ ଯାଏ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ୨୪ ତାରିଖରେ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ବିଶେଷକରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା ଏବଂ ଗଜପତି ଜିଲାରେ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୨୫ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏନେଇ ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ଜଗତ୍‌ସିଂହପୁରକୁ ରେଡ୍ ୱାର୍ନିଂ ଦିଆଯାଇଥିବାବେଳେ କେନ୍ଦ୍ରାପଡା, କଟକ, ନୟାଗଡ଼ ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ରହିଛି । ୨୬ରେ ପ୍ରବଳ ବର୍ଷା ସହ ୨୭ରେ ବି କିଛି ସ୍ଥାନରେ ପ୍ରବଳ ବର୍ଷା ହେବ । ଏହାପରେ ବର୍ଷାର ପରିମାଣ କମିପାରେ ବୋଲି ପୂର୍ବାନୁମାନ କରାଯାଇଛି ।

ଅନ୍ୟପକ୍ଷରେ ବାତ୍ୟାର ଲ୍ୟାଣ୍ଡଫଲ୍ ନେଇ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ମଡେଲ ଭିନ୍ନ ଭିନ୍ନ ତଥ୍ୟ ଦେଉଛନ୍ତି । ଆଇଏମ୍‌ଡି ଜିଏଫ୍‌ଏସ୍ ଏବଂ ଇସିଏମ୍‌ଡବ୍ଲ୍ୟୁଏଫ୍ ମଡେଲର ତଥ୍ୟାନୁସାରେ, ଆସନ୍ତା ୨୫ ତାରିଖରେ ବାତ୍ୟା ପୁରୀ ନିକଟ ଦେଇ ଅତିକ୍ରମ କରିବ । ଅନ୍ୟପକ୍ଷେ ଏନ୍‌ସିୟୁଏମ୍-ଜି ମଡେଲ୍ କହୁଛି, ଏହା ଭୁବନେଶ୍ୱର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଦେଇ ଅତିକ୍ରମ କରିପାରେ । କିନ୍ତୁ ଏନ୍‌ସିଇପି-ଜିଏଫ୍‌ଏସ୍ ମଡେଲ ଦର୍ଶାଉଛି ଯେ, ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବା ପରେ କ୍ରମଶଃ ପଶ୍ଚିମବଙ୍ଗ-ବାଂଲାଦେଶ ଆଡ଼କୁ ମୁହାଁଇବ । ବାତ୍ୟା ଭୟଙ୍କର ରୂପ ନେବାର ସମ୍ଭାବନା ଥିବା ଏହି ମଡେଲ ଦର୍ଶାଉଛି । ଅନ୍ୟପଟେ ଆଇଏମ୍‌ଡି-ଏମ୍‌ଏମ୍‌ଇ ମଡେଲରେ ବାତ୍ୟା ଉତ୍ତର ଓଡ଼ିଶା ଆଡ଼କୁ ମୁହାଁଇବ ବୋଲି ସୂଚନା ଦିଆଯାଇଛି ।

ଏପଟେ ସମ୍ଭାବ୍ୟ ବାତ୍ୟା ଓ ବର୍ଷାଜନିତ ସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ସଜାଗ ରହିବା ପାଇଁ କହିଛନ୍ତି । ରେଡ୍, ଅରେଞ୍ଜ କିମ୍ବା ୟେଲୋ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକରେ ଜଳବନ୍ଦୀ, ମାଟି ଅତଡ଼ା ଧସିବା ଆଦି ଭୟ ରହିଛି । ଏହାସହ ସହରାଞ୍ଚଳର ତଳିଆ ଅଞ୍ଚଳ ଉପରେ ନଜର ରଖିବା ସହ ଜଳ ନିଷ୍କାସନ ବନ୍ଦୋବସ୍ତ କରିବାକୁ କୁହାଯାଇଛି । ପ୍ରଭାବିତ ଅଞ୍ଚଳରେ ଯାତାୟାତ ନ କରି ନିରାପଦ ସ୍ଥାନରେ ରହିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ସେହିପରି ଚାଷଜମିରେ ସାର ବା ପୋକମରା ଔଷଧ ପକାଇବା କାର୍ଯ୍ୟରୁ ଚାଷୀ ବିରତ ରୁହନ୍ତୁ । ବାତ୍ୟା ପାଇଁ ସମୁଦ୍ର ଅଶାନ୍ତ ରହିବ । ତେଣୁ ସୋମବାର ସୁଦ୍ଧା ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନେ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି । ୨୫ ତାରିଖ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

**ଅକ୍ଟୋବରରେ ବାତ୍ୟା**

| | |
|---|---|
| ୧୯୯୯ | ମହାବାତ୍ୟା |
| ୨୦୧୩ | ଫାଇଲିନ୍ |
| ୨୦୧୪ | ହୁଦ୍‌ହୁଦ୍ |
| ୨୦୧୮ | ତିତ୍‌ଲି |




ୱିଣ୍ଡି ଡଟ୍ କମ୍‌ର ଫୋର୍‌କାଷ୍ଟ ମଡେଲ୍ 'ଇସିଏମ୍‌ଡବ୍ଲ୍ୟୁଏଫ୍' ଅନୁଯାୟୀ ୨୪ ତାରିଖ ସନ୍ଧ୍ୟା ୬ଟାରେ ବାତ୍ୟା ପାରାଦୀପ ନିକଟରେ ପହଞ୍ଚିବା ନେଇ ରବିବାର ସନ୍ଧ୍ୟାରେ ଆକଳନ କରାଯାଇଛି ।

## ପ୍ରତିଟି ପରିସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ୨୦।୧୦ (ସୁନିତ୍ ମିଶ୍ର)**

ଓଡ଼ିଶାରେ ହେବାକୁ ଥିବା ସମ୍ଭାବ୍ୟ ବାତ୍ୟାର ମୁକାବିଲା ଲାଗି ରାଜ୍ୟ ସରକାର ପରିସ୍ଥିତିର ସାମ୍ନା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ପ୍ରଭାବିତ ହେବାକୁ ଥିବା ଜିଲାର ଜିଲାପାଳମାନଙ୍କୁ ସୂଚନା ଦିଆଯାଇସାରିଛି । ମୁଖ୍ୟ ଶାସନ ସଚିବ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସହିତ ଯୋଗାଯୋଗରେ ରହିଛନ୍ତି । ସୋମବାର ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ସମସ୍ତ ପ୍ରକାର ପରିସ୍ଥିତିର ସାମ୍ନା କରିବା ପାଇଁ ପ୍ରସ୍ତୁତ ରହିଛୁ । ବିଚଳିତ ଏବଂ ଆତଙ୍କିତ ନ ହେବାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରବିବାର ସ୍ୱତନ୍ତ୍ର ରିଲିଫ କମିଶନର ଡି.କେ. ସିଂ ଏବଂ ଅନ୍ୟ ବିଭାଗର ସଚିବ, ବିଭିନ୍ନ ବିଭାଗର ଅଧିକାରୀ, ଜିଲାପାଳ ଓ ଆଇଏମ୍‌ଡି ନିର୍ଦ୍ଦେଶକ ମନୋରମା ମହାନ୍ତିଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ଆଇଏମ୍‌ଡି ରବିବାର ଏକ ସ୍ୱତନ୍ତ୍ର ବୁଲେଟିନ୍ ଜାରି କରି ବଙ୍ଗୋପସାଗର ଉପରେ ବାତ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗର ସହ ଆଣ୍ଡାମାନ ସାଗରର ଉତ୍ତରରେ ଏକ ଲଘୁଚାପ ବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ତେଣୁ ଆସନ୍ତା ୨୬ତାରିଖ ମଧ୍ୟରେ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଯିବାକୁ ମନା । ଜିଲାସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାମ କରିବ । ବାତ୍ୟା ଅଶ୍ରୟସ୍ଥଳଗୁଡିକ ପ୍ରସ୍ତୁତ ରଖିବା ସହିତ ପିଇବା ପାଣି ଏବଂ ବିଜୁଳି ବ୍ୟବସ୍ଥା ଲାଗି ପ୍ରସ୍ତୁତ ରହିବା ଜରୁରୀ । ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ଲାଗି ପ୍ରସ୍ତୁତ ରହିବା ଦରକାର । ଯେଉଁ ଜିଲାଗୁଡିକ ରେଡ, ୟେଲୋ ଏବଂ ଅରେଞ୍ଜ ଏରିଆରେ ଆସୁଛି ସେମାନେ ପାଣି ଜମିବା ଏବଂ ପାହାଡିଆ ଏରିଆରେ ଲ୍ୟାଣ୍ଡସ୍ଲେଫିଂ ପ୍ରତି ଧ୍ୟାନ ଦେବା ଜରୁରୀ । ବାତ୍ୟା ପ୍ରଭାବିତ ଅଞ୍ଚଳରେ ଲୋକମାନେ ସୁରକ୍ଷିତ ରହିବା ଜରୁରୀ । ଜିଲାପାଳମାନେ ତୁରନ୍ତ ସୋମବାର ସକାଳ ସୁଦ୍ଧା ବୈଠକ କରି ସେମାନେ ଆବଶ୍ୟକତା ଅନୁଯାୟୀ ଓଡ୍ରାଫ, ଅଗ୍ନିଶମ ଏବଂ ଏନ୍‌ଡିଆର୍‌ଏଫ ଟିମ୍ ମୁତୟନ କରନ୍ତୁ । ପ୍ରସୂତି କରିବାକୁ ଥିବା ମହିଳାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ସ୍ଥାନାନ୍ତର କର । ଜନସାଧାରଣ ସଜାଗ ରୁହନ୍ତୁ କିନ୍ତୁ ଭୟଭୀତ ନ ହୁଅନ୍ତୁ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି ।

ତେବେ ମୁଖ୍ୟ ଶାସନ ସଚିବଙ୍କ ବୈଠକ ପରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ଏସ୍‌ଆର୍‌ସି କହିଛନ୍ତି, ସମ୍ଭାବ୍ୟ ବାତ୍ୟା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ପାଣିପାଗ ବିଭାଗ ତଥ୍ୟ ଅନୁସାରେ ବାତ୍ୟା ହୋଇପାରେ । ଏଥିପାଇଁ ବ୍ଲକସ୍ତରରେ ଓଡ୍ରାଫ, ଅଗ୍ନିଶମ ଟିମ୍ ରହିବେ । ଦରକାର ପଡ଼ିଲେ ଏନ୍‌ଡିଆର୍‌ଏଫ ଟିମ୍ ମଧ୍ୟ ରଖାଯିବ । ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ସମସ୍ତେ ନିଜ ସ୍ଥାନରେ ରହି ଦାୟିତ୍ୱ ନିର୍ବାହ କରିବେ । ସ୍କୁଲ ଛୁଟି ନେଇ ନିଷ୍ପତ୍ତି ହୋଇନାହିଁ । ଜିଲାପାଳମାନେ ଏ ନେଇ ନିଷ୍ପତ୍ତି ନେବେ । ତଳିଆ ଅଞ୍ଚଳ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗର୍ଭବତୀଙ୍କୁ ନିକଟସ୍ଥ ହସ୍ପିଟାଲକୁ ଆଣିବାକୁ ନିର୍ଦ୍ଦେଶ ରହିଛି । ଏଥିଲାଗି ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ଜିରୋ କାଜୁଆଲଟି ଲକ୍ଷ୍ୟ ରଖିବା ସହ ପ୍ରସ୍ତୁତ ରହିବା, ଅଯଥା ଭୟଭୀତ ହେବାନି । ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ବର୍ଷାକୁ ଲକ୍ଷ୍ୟକରି ରବିବାରଠାରୁ ୨୬ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଥିବା ଏସ୍‌ଆର୍‌ସି କହିଛନ୍ତି ।

ପ୍ରଥମ ପୃଷ୍ଠାରୁ...

## ଦିଲ୍ଲୀ ସ୍କୁଲରେ ...

ସ୍କୁଲରୁ ଧୂଆଁ ଉଠୁଥିବାବେଳର ଦୃଶ୍ୟ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି । ସୁରକ୍ଷା କର୍ମୀମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ରହିଛନ୍ତି । ବିସ୍ଫୋରଣ ବେଳେ ସେହି ଅଞ୍ଚଳରେ କେଉଁମାନେ ଉପସ୍ଥିତ ଥିଲେ, ତାହା ନିଶ୍ଚିତ କରିବା ପାଇଁ ଦିଲ୍ଲୀ ପୋଲିସ ମୋବାଇଲ୍ ନେଟ୍‌ୱର୍କ ଡେଟା ସଂଗ୍ରହ କରୁଛି । ଫରେନସିକ୍ ବିଶେଷଜ୍ଞମାନେ ସେଠାରୁ 'ହ୍ୱାଇଟ୍ ପାଉଡର' ଠାବ କରିବା ପରେ ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଇଦେଇଛନ୍ତି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ମାର୍ଲେନା କେନ୍ଦ୍ରଶାସିତ ଅଞ୍ଚଳର ଆଇନଶୃଙ୍ଖଳାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଦିଲ୍ଲୀରେ ଆଇନଶୃଙ୍ଖଳା ବଜାୟ ରଖିବା ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦାୟିତ୍ୱ । କିନ୍ତୁ ଭାଜପା ଏହାକୁ ଅଣଦେଖା କରି ଦିଲ୍ଲୀର ନିର୍ବାଚିତ ସରକାରଙ୍କ କାର୍ଯ୍ୟରେ ବାଧା ଦେଇଆସିଛି । ଏଥିଯୋଗୁ ଦିଲ୍ଲୀରେ ମଧ୍ୟ ମୁମ୍ବାଇର ଅଣ୍ଡରୱାର୍ଲ୍ଡ ବେଳର ସ୍ଥିତି ଉପୁଜିଲାଣି ବୋଲି ଆତିଶୀ ସମାଲୋଚନା କରିଛନ୍ତି ।

**୨୬ରେ ମାଗଣା ଗ୍ରହଣ ଖଣ୍ଡିଆ ଚିକିତ୍ସା ଶିବିର**

ବାଲେଶ୍ୱର(ବାଞ୍ଛାନିଧି ଦେ): ବାଲେଶ୍ୱର ରୋଟାରୀ କ୍ଲବ ସହଯୋଗରେ କଟକର ହେରିଟେଜ ହେଲଥ୍ କେୟାର ହସ୍ପିଟାଲ ଆନୁକୂଲ୍ୟରେ ସ୍ଥାନୀୟ ରୋଟାରୀ ଭବନଠାରେ ଆସନ୍ତା ୨୬ରେ ମାଗଣା ଗ୍ରହଣ ଖଣ୍ଡିଆ ଚିକିତ୍ସା ଓ ଚିହ୍ନଟ ଶିବିର ଅନୁଷ୍ଠିତ ହେବ। ଚିହ୍ନଟ ରୋଗୀଙ୍କୁ କଟକସ୍ଥିତ ହେରିଟେଜ ହେଲଥ୍ କେୟାର ହସ୍ପିଟାଲକୁ ନିଆଯାଇ ଅସ୍ତ୍ରୋପଚାର ଓ ଚିକିତ୍ସା କରାଯିବ। ଅସ୍ତ୍ରୋପଚାର ସହ ଔଷଧ, ଯାତାୟାତ ଭଳି ଆନୁଷଙ୍ଗିକ ଖର୍ଚ୍ଚ ଉପଲବ୍ଧ ହେବ ବୋଲି କ୍ଲବ ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଓ ଚେୟାରମ୍ୟାନ୍ ରୋ. ଦେବେନ୍ଦ୍ର କୁମାର ଧଳ ସୂଚନା ଦେଇଛନ୍ତି।

## ବାଲେଶ୍ୱର

### ସଂକ୍ଷେପରେ

## ଗୋବର୍ଦ୍ଧନପୁରର ଗୌରବ ସ୍ମୃତିରେଖା

### ଓସିଏସ୍ ପରୀକ୍ଷାରେ ୩୬୯ ର୍‍ୟାଙ୍କ



ଜଳେଶ୍ୱର, ୨୦।୧୦(ନବୀନ ସାହୁ)

ଦୃଢ଼ ଇଚ୍ଛା ଶକ୍ତି ହେଉଛି ସଫଳତାର ମାପ କାଠି। ଯାହା ପ୍ରମାଣିତ କରି ଦେଖାଇଛନ୍ତି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଗୋବର୍ଦ୍ଧନପୁର ଗ୍ରାମର ଗରିବ ଚାଷୀ ପରିବାରର ଝିଅ ସ୍ମୃତିରେଖା ନାଥ। ୨୦୨୨ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷାରେ ୩୬୯ ର୍‍ୟାଙ୍କ ହାସଲ କରି ନିଜ ଗାଁ ତଥା ଜଳେଶ୍ୱର ବ୍ଲକ ପାଇଁ ଗୌରବ ଆଣିଛନ୍ତି। ବାପା ପ୍ରଦୀପ ନାଥଙ୍କ ଦୁଇ ଝିଅ ମଧ୍ୟରୁ ସାନ ଝିଅ ସ୍ମୃତିରେଖା। ପିଲାଟି ଦିନରୁ ସେ ମେଧାବୀ ଥିଲେ। ଛୋଟବେଳୁ ଇଚ୍ଛା ଥିଲା ଓଏଏସ ହେବା ପାଇଁ। ବାପା ପ୍ରଦୀପ ଜଣେ ଚାଷୀ ହୋଇଥିଲେ ମଧ୍ୟ ବହୁ କଷ୍ଟରେ ଝିଅକୁ ପାଠ ପଢ଼ାଇଥିଲେ। ଗ୍ରାଜୁଏଶନ ପରେ ସ୍ମୃତିରେଖା ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଦୋଳମଣ୍ଡପ ହାଇସ୍କୁଲରେ ବିଜ୍ଞାନ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟରତ ଥିଲେ । ମାତ୍ର ଓଏଏସ୍ ହେବାର ସ୍ୱପ୍ନ ତାଙ୍କ ଆଖିରୁ ନିଦ ହଜାଇ ଦେଇଥିଲା। ସେଥିପାଇଁ ସେ ଦିନ ରାତି କଠିନ ପରିଶ୍ରମ କରୁଥିଲେ। ତେବେ ପ୍ରଥମ ଥର ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଛନ୍ତି। ରବିବାର ସେ ଜନ୍ମମାଟିରେ ପହଞ୍ଚିବା ପରେ ଗାଁ ଲୋକେ ବାଜା ବଜାଇ ଶୋଭାଯାତ୍ରା କରି ପାଛୋଟି ନେଇଥିଲେ।

## ଗୋରୁ ଗାଡ଼ି ଧରି ଗୋଶାଳାରେ ଛାଡ଼ିଲା ପୋଲିସ

ଔପଦା, ୨୦।୧୦(ଧରିତ୍ରୀ ପଣ୍ଡା)

ଗୋଚାଲାଣ ସମୟରେ ଔପଦା ଥାନା ଦରଖୋଲି ହାଟ ନିକଟ ଗଡ଼ସାହି ଗ୍ରାମ ଯାତ୍ରୀ ବିଶ୍ରାମଗାରଠାରୁ ଔପଦା ପୋଲିସ ଗୋରୁଙ୍କୁ ଧରି ଗୋଶାଳାରେ ଛାଡ଼ିଥିବା ଜଣାଯାଇଛି। ରବିବାର ଖଇରା ବ୍ଲକ କୋଚିଆକୋଇଲି ଗୋରୁ ହାଟ ଥିବାରୁ ବେପାରୀମାନେ ହାଟରୁ ଗୋରୁଙ୍କୁ ଚଲାଇ ଚଲାଇ ଉଦଳା ହାଟକୁ ନେଉଥିଲେ। ଏହି ସମୟରେ ବିଧାୟକ ସନ୍ତୋଷ କୁମାର ଖଟୁଆ ଅପରାହ୍ନରେ ପୋଲିସ ୧୯ଟି ଗୋରୁଙ୍କ ଉଦ୍ଧାର କରି ସିମୁଳିଆରେ ଥିବା ମଇତାପୁର ଗୋଶାଳାରେ ଛାଡ଼ିଥିବା ଜଣାଯାଇଛି। ପୋଲିସ ପକ୍ଷରୁ ଏକ ମାମଲା(ନଂ.୧୯୭/୨୪) ରୁଜୁ କରାଯାଇ ୨ ଗୋଚାଲାଣକାରୀଙ୍କୁ ଥାନାରେ ଅଟକ ରଖାଯାଇଛି।

## ‘ସ୍ୱଭାବ ସ୍ୱଚ୍ଛତା ଓ ସଂସ୍କାର ସ୍ୱଚ୍ଛତା’ କର୍ମଶାଳା

ବାଲେଶ୍ୱର, ୨୦।୧୦(ବାଞ୍ଛାନିଧି ଦେ)- ବାଲେଶ୍ୱର ସଦର ବ୍ଲକ ଅଧୀନ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜନ ଅବସରରେ ‘ସ୍ୱଭାବ ସ୍ୱଚ୍ଛତା ଓ ସଂସ୍କାର ସ୍ୱଚ୍ଛତା’ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଫିସର ଡ. ଆରୁଣୀ ମିଶ୍ର ସ୍ୱାଗତ ଭାଷଣ ଓ ଅଧ୍ୟାପକ ସୁଧାଂଶୁ ଶେଖର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଆନନ୍ଦମାର୍ଗର ଓଡ଼ିଶା ରାଜ୍ୟ ଆବାହକ ଡ. ଭାସ୍କର ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଅଧ୍ୟାପକ ବିଜୟ କୁମାର ବେହେରା, ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ଇତିଶ୍ରୀ ମହାନ୍ତ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉଭୟ ସ୍ୱଭାବ ଓ ସଂସ୍କାରରେ ସ୍ୱଚ୍ଛତା ଅବଲମ୍ବନ ସହ ସ୍ୱଚ୍ଛତା ମଣିଷକୁ ଈଶ୍ୱରଙ୍କ ନିକଟବର୍ତ୍ତୀ ହେବାରେ ସହାୟକ ହୋଇଥାଏ ବୋଲି ବକ୍ତବ୍ୟରେ କହିଥିଲେ। ବାଲେଶ୍ୱର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ସଂଯୋଜନା କରିଥିଲେ। ସ୍ୱେଚ୍ଛାସେବୀମାନେ କସିପଦା ଜଗନ୍ନାଥ, ହରିହର ଶିବ ମନ୍ଦିର ପ୍ରାଙ୍ଗଣ ଏବଂ ରୂପସା ବସଷ୍ଟାଣ୍ଡ ଆଦି ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରି ଏକ ଶୋଭାଯାତ୍ରାରେ ଜନସାଧାରଣଙ୍କୁ ସ୍ୱଚ୍ଛତା ସମ୍ବନ୍ଧରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଓମ୍ବ୍ରତ ପାତ୍ର, ବିକାଶ କୁମାର ମହାପାତ୍ର, ଅଶୋକ ମଜୁଆଳ, ବିବେକ ପାତ୍ର, ସଞ୍ଜୟ କୁମାର ପ୍ରଧାନ, ବବିତା ନାୟକ, ଉର୍ମିଳା ନାୟକ, ବୀଣାପାଣି ଗିରି, ମୋନାଲିସା ପରିଡ଼ା, ଅନୁପମା ରାଉତ ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ ଶ୍ରବଣନାୟକଧନ୍ୟବାଦଅର୍ପଣକରିଥିଲେ।

# ସୁଧୁରୁନି ରୂପସା ଜଙ୍କଶନ ସମସ୍ୟା

ବାଲେଶ୍ୱର, ୨୦।୧୦(ବାଞ୍ଛାନିଧି ଦେ)

### ବିକାଶ ପରିଷଦ ପକ୍ଷରୁ ରେଳପଥ ଜିଏମ୍‌ଙ୍କୁ ପୁଣି ଦାବିପତ୍ର

ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍ ଅଧୀନ ରୂପସା ରେଳଜଙ୍କସନ ଓ ଷ୍ଟେଶନରେ ଲାଗି ରହିଥିବା ସମସ୍ୟାର ସମାଧାନ ହେଉନାହିଁ। ବିଭାଗ ପକ୍ଷରୁ ଏହି ଷ୍ଟେଶନ ପ୍ରତି ଅବହେଳା ଯୋଗୁ ସାଧାରଣରେ ଅସନ୍ତୋଷ ଲାଗି ରହିଛି। ରବିବାର ରେଳପଥ ଜିଏମ୍ ଅନୀଲ କୁମାର ମିଶ୍ର ବାଙ୍ଗିରିପୋଷି ଯିବା ଅବସରରେ ରୂପସା ଷ୍ଟେଶନ ପରିଦର୍ଶନ କରିଥିଲେ। ହାୱଡ଼ା ଗାର୍ଡେନ୍ ରିଚ୍‌ରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଲାଇଟ୍ ଗୁଡସ୍ ଯୋଗେ ଆସି ରୂପସା ଜଙ୍କସନ୍‌ର ୩ନଂ. ପ୍ଲାଟଫର୍ମରେ ଓହ୍ଲାଇଥିଲେ। ରେଳ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଷ୍ଟେଶନ ମ୍ୟାନେଜର ଉପସ୍ଥିତ ଥିଲେ। ଏହି ଅବସରରେ ରୂପସା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଜିଏମ୍ ମିଶ୍ରଙ୍କୁ ଷ୍ଟେଶନ ସମସ୍ୟାର ସମାଧାନ ପାଇଁ ପୁଣି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଷ୍ଟେଶନରେ ପୂର୍ବଭଳି ଡାଉନ ଜଗନ୍ନାଥ



ରୂପ୍‌ସା ଷ୍ଟେଶନରେ ଜିଏମ୍‌ଙ୍କ ସହ ବିଭାଗୀୟ ଅଧିକାରୀ।

ଏକ୍ସପ୍ରେସ ରହଣି ହେବା, ଭଞ୍ଜପୁର-ରୂପସା ମେମୋ ଟ୍ରେନ୍ ପୂର୍ବଭଳି ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ, ଉତ୍ତର କେବିନ୍‌ଠାରେ ପ୍ରସ୍ତାବିତ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ଆରମ୍ଭ, ଦିଲ୍ଲୀ ଯାଉଥିବା କୌଣସି ଏକ ଟ୍ରେନ୍‌ର ରହଣି ହେବା ଏବଂ ୪ ନଂ. ପ୍ଲାଟଫର୍ମରେ ନୂତନ ଟିକେଟ ଭେଣ୍ଡିଂ ମେଶିନ୍ ସ୍ଥାପନ କରିବା ଆଦି ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିକାଶ ପରିଷଦ ତରଫରୁ ଜଗଦୀଶ ପଟ୍ଟନାୟକ, ଦେବାଶିଷ ମହାପାତ୍ର, ଅନ୍ନଦା ପ୍ରସନ୍ନ ପଟ୍ଟନାୟକ, ହରେନ୍ଦ୍ର କୁମାର ଦାସ, ଚକ୍ରଧର ଆଚାର୍ଯ୍ୟ, ବିଜୟ କୁମାର ଦାସ, ବରେନ୍ଦ୍ର ଗିରି ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଏମ୍ ମିଶ୍ର କହିଥିଲେ।

ଗତ ଜାନୁଆରୀ ୧୪ ତାରିଖରେ ବାଲେଶ୍ୱର ଏମସ୍ ସାଟେଲାଇଟ୍ ସେଣ୍ଟର ଗସ୍ତରେ ଆସିଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଷ୍ଟେଶନ ସମସ୍ୟାର ସମାଧାନ ଦିଗରେ ପରିଷଦ ପକ୍ଷରୁ ଦାବିପତ୍ର ଦିଆଯାଇଥିଲା। ଗତ ଅଗଷ୍ଟ ୨୯ତାରିଖରେ ରୂପସା ଷ୍ଟେଶନ ପରିଦର୍ଶନରେ ଆସିଥିବା ଡିଆର୍‌ଏମ୍‌ଙ୍କୁ ଦାବିପତ୍ର ଦିଆଯାଇଥିଲା। ଏଥିସହ ବାଲେଶ୍ୱର ଏମ୍‌ପି, ଜିଲାପାଳଙ୍କ ସମେତ ରେଳ ମନ୍ତ୍ରଣାଳୟକୁ ଜନସାଧାରଣ ଓ ଯାତ୍ରୀଙ୍କ ସୁବିଧା ପାଇଁ ବାରମ୍ବାର ଦାବିପତ୍ର ଦିଆଯାଉଥିଲେ ହେଁ ଏଯାବତ୍ କୌଣସି ପଦକ୍ଷେପ ନିଆଯାଉନାହିଁ।

## ଘର ଆଗରେ ମଦ ବୋତଲ ଭାଙ୍ଗିଲେ



କଟା ଯାଇଥିବା ସାର ବସ୍ତା।

ବାଲିଆପାଳ, ୨୦।୧୦(ଗୋପାଳ ଚନ୍ଦ୍ର ସାହୁ)

### ପୂର୍ବ ଶତ୍ରୁତାର ପ୍ରତିଶୋଧ

■ ସାର ବସ୍ତାକୁ କାଟିଦେଲେ

ଘରେ ପୁରୁଷ ଲୋକ ନ ଥିବାର ସୁଯୋଗ ନେଇ ବିଳମ୍ବିତ ରାତିରେ ଘର ଆଗରେ ବସି ମଦ ପିଇ ବୋତଲ ଭାଙ୍ଗି କାଚକୁ ଛିନଛତର କରି ବିଛାଇଦେଲେ। ଘର କବାଟ ଭାଙ୍ଗି ଚାଷ ପାଇଁ ଆସିଥିବା ହଜାର ହଜାର ଟଙ୍କାର ବିଭିନ୍ନ ପ୍ରକାର ସାର ବୁରାକୁ କାଟି ଚିରି ନଷ୍ଟ କରି ଚମ୍ପଟ ମାରିଲେ ଦୁର୍ବୃତ୍ତ। ଘର ମାଲିକ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଗତ ୧୮ ତାରିଖ ରାତିରେ ଏମିତି ଏକ ଘଟଣା ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକ ବଡ଼ାଶ ଗ୍ରାମରେ। ବିଶ୍ୱନାଥ ରାଉତଙ୍କ ଘର ଅଗରେ ଏଭଳି ଘଟଣା ଘଟିଛି। ଭାଇ ଭାଇଙ୍କ ମଧ୍ୟରେ ଜମିଜମା ବିବାଦକୁ କେନ୍ଦ୍ର କରି ଘଟିଥିବା ପାରିବାରିକ ଗଣ୍ଡଗୋଳ ଉଗ୍ରରୂପ ନେବା ପରେ ଉଭୟଙ୍କ ପକ୍ଷରୁ ବାଲିଆପାଳ ଥାନାରେ ଅଭିଯୋଗ ହୋଇ ଭିନ୍ନ ଭିନ୍ନ ୨ଟି ମାମଲା ରୁଜୁ ହେବା ପରେ ପରିବାରରେ ପୁରୁଷଶୂନ୍ୟ ହୋଇଛି। କେବଳ ମହିଳାମାନେ ଘରେ ଥିବା ସୁଯୋଗ ନେଇ ୧୮ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ରାଉତଙ୍କ ଘର ଅଗଣାରେ ବସି ମଦ ବୋତଲଗୁଡ଼ିକୁ ଭାଙ୍ଗି ଅଗଣାରେ ବିଛାଇବା ସହିତ ଚାଷ ପାଇଁ ଥିବା ସାର ବୁରାକୁ ଚିରି ହଜାର ହଜାର ଟଙ୍କାର ସାରକୁ ନଷ୍ଟ କରିଥିବା ନେଇ ରାଉତଙ୍କ ଜ୍ୱାଇଁ ଚନ୍ଦନ କୁମାର ଅଣ୍ଡିଆ ବାଲିଆପାଳ ଥାନରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ସ୍ଥାନୀୟ ଲୋକେ କହନ୍ତି ଏହି ସବୁ ଘଟଣା ପରିବାର ପୂର୍ବଶତ୍ରୁତା ପାଇଁ ହୋଇଛି। ପୋଲିସ ଏତଲାକୁ ଭିତ୍ତି କରି ବିଭିନ୍ନ ଦିଗକୁ ନଜରରେ ରଖି ତଦନ୍ତ କରୁଛି।

# ଔପଦା ବ୍ଲକସ୍ତରୀୟ ଶିଶୁମହୋତ୍ସବ ସୁରଭି




ଶିଶୁ ମହୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଧାୟକ ଓ ଅନ୍ୟମାନେ।

ଔପଦା, ୨୦।୧୦(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪ ଔପଦା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ପିଲାମାନଙ୍କର ବହୁମୁଖି ପ୍ରତିଭାର ବିକାଶ ପାଇଁ କାର୍ଯ୍ୟକ୍ରମର ଆଭିମୁଖ୍ୟ। ପିଲାଟିଏ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅଭିନୟ କରିଚାଲିଥିଲା ବେଳେ ଶକ୍ତି ଅମାପର ସୀମା ନ ଥାଏ, ପରମାତ୍ମାଙ୍କ କୃପାରୁ ଶକ୍ତି ମିଳିବା ପାଇଁ ପୂର୍ଣ୍ଣ ସମର୍ପଣଭାବ ଦରକାର ବୋଲି କହିଥିଲେ। କାର୍ଯ୍ୟକ୍ରମରେ ୭୮ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଥିବା ବେଳେ ସଭାରେ କମ୍‌ସଂଖ୍ୟକ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିବାରୁ ସେ ମର୍ମାହତ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ନିଆରା ଢଙ୍ଗରେ କରିବା ପାଇଁ ପରାମର୍ଶ ଦେଇ ବଡ଼ ମଣିଷ ପରିବର୍ତ୍ତେ ଭଲ ମଣିଷ ହେବାକୁ ବକ୍ତବ୍ୟରେ କହିଥିଲେ।

ମୁଖ୍ୟବକ୍ତା ଭାବେ ବ୍ଲକ ଅଧକ୍ଷା ବିସିବିସ୍ମା ପାତ୍ର, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରଭାକର ସାହୁ, ଔପଦା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସ, ଏବିଇଓ ରତ୍ନାକର ଦାସ, ଏବିଇଓ ସୀତା ହାଁସଦା ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଶିକ୍ଷକ ସୁଶାନ୍ତ ନାୟକ ଅତିଥି ପରିଚୟ ସହ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ସଭା ସାଙ୍ଗ ପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିବା ବେଳେ ଅପରାହ୍ନରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଦାସଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭା କରାଯାଇଥିଲା। କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ବେହେରା ଧନ୍ୟବାଦ ଦେଇଥିଲେ। ରବିବାର ଛୁଟି ଦିନରେ ସରକାରୀ କାର୍ଯ୍ୟକ୍ରମକୁ ନେଇ ବିଭିନ୍ନ ମହଲରେ ନାନା ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି।

## କବିତା ହେଉଛି କବି ହୃଦୟର କୋମଳ ଅଭିବ୍ୟକ୍ତି

### ‘ଭକ୍ତି ପ୍ରୀତି ମଧୁଗୀତି’ ଉନ୍ମୋଚିତ

ବାଲେଶ୍ୱର, ୨୦।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ସହର କବିତୀର୍ଥ ଶାନ୍ତିକାନନ ଠାରେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବୟିତ୍ରୀ ବାସନ୍ତୀ ଦେ'ଙ୍କ ପ୍ରଥମ କବିତାଗ୍ରନ୍ଥ ‘ଭକ୍ତି ପ୍ରୀତି ମଧୁଗୀତି’ ଲୋକାର୍ପିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସୁସାହିତ୍ୟିକ ବ୍ରଜେନ୍ଦ୍ର ଗିରି, ମୁଖ୍ୟବକ୍ତା ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଓ ଆଲୋଚକ ଭାବେ ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଯୋଗ ଦେଇ କବିତା ହେଉଛି କବି ହୃଦୟର କୋମଳ ଅଭିବ୍ୟକ୍ତି। କବିତା ସତେଯେମିତି ହଜିହଜି ଯାଉଛି। ଏହି ସନ୍ଧିକ୍ଷଣରେ ଯେଉଁମାନେ ସାହିତ୍ୟମନସ୍କ ହେଉଛନ୍ତି, ସମାଜ ପ୍ରତି ସେମାନଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ। କବି ବାସନ୍ତୀ ଦେ ଲେଖକୀୟ ଅଭିବ୍ୟକ୍ତି ରଖିଥିବାବେଳେ ପରିଷଦ ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ। ଅନ୍ୟତମ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଦେଇଥିଲେ।

## ଉଗରପଡା ରାବଣପୋଡ଼ିରେ ୫ହଜାରରୁ ଉର୍ଦ୍ଧ୍ୱ ଦର୍ଶକ



ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

ଖଇରା, ୨୦।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଉଗରପଡା ହାଇସ୍କୁଲ ପଡିଆରେ ତ୍ରୟୋଦଶତମ ରାବଣପୋଡି ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ବର୍ଷା ସତ୍ତ୍ୱେ ୫ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ରାବଣପୋଡି ଉତ୍ସବର ମଜା ନେଇଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ସୁରେନ୍ଦ୍ର ପ୍ରସାଦ ଦଳାଇ ସଭାପତିତ୍ୱ କରିଥିଲେ। ଯୁବନେତା ନୀଳମାଧବ ପଣ୍ଡା ମୁଖ୍ୟଅତିଥି, ଭାଜପା ଯୁବମୋର୍ଚ୍ଚା ରାଜ୍ୟ କୋଷାଧ୍ୟକ୍ଷ ଡ. ରାଜେଶ କୁମାର ମହାକୁଡ ମୁଖ୍ୟବକ୍ତା, ଯୁବ ସଙ୍ଗଠକ ଶଶିକାନ୍ତ ରାଉତ, ପାଣି ପଞ୍ଚାୟତ ସଭାପତି ରାଜୀବ ରଞ୍ଜନ ଚୌଧୁରୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ପ୍ରତି ମଣିଷ ମଧ୍ୟରେ ଉଭୟ ରାମ ଅର୍ଥାତ ଦୈବଶକ୍ତି ଓ ରାବଣ ଅର୍ଥାତ ଆସୁରିକ ଶକ୍ତି ରହିଛି । ଆସୁରିକ ଶକ୍ତିକୁ ଦମନ କରିପାରିଲେ ରାବଣପୋଡି ଉତ୍ସବ ପାଳନର ଯଥାର୍ଥତା ଉପଲବ୍ଧି କରାଯାଇପାରିବ ବୋଲି କହିଥିଲେ। ଗତବର୍ଷ ରାବଣ ପୋଡି ଉତ୍ସବ ପୂର୍ବରୁ ଏକ ସ୍ଥାୟୀ ମଞ୍ଚ ଓ ପଡିଆରେ ଲାଇଟ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟଅତିଥି ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଅତିଥିମାନେ ଉତ୍ସବ ଆରମ୍ଭ କରିଥିବା ପଞ୍ଚସଖା ବା ୫ଜଣ ସାଙ୍ଗଙ୍କ ଦ୍ୱାରା ଆରମ୍ଭ ସମୟର କାହାଣୀ ବର୍ଣ୍ଣନା କରିଥିଲେ। ପରେ ମୁଖ୍ୟଅତିଥି ଓ ବକ୍ତା ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ। ଭଳିକି ଭଳି ରଙ୍ଗବେରଙ୍ଗର ବାଣ ଦର୍ଶକଙ୍କ ମନ ମୋହିଥିଲା।

# ସଚେତନ ହେଲେ ପାଖ ମାଡ଼ିବନି କ୍ୟାନ୍ସର

ଭୋଗରାଇ, ୨୦।୧୦(ପ୍ରଦୀପ ଦାସ)

ପ୍ରଥମରୁ ସଚେତନ ହେଲେ ପାଖ ମାଡ଼ିବନି କ୍ୟାନ୍ସର। ପ୍ରାଥମିକ ଅବସ୍ଥାରେ କର୍କଟ ରୋଗ ଚିହ୍ନଟ ସହିତ ପ୍ରଥମରୁ ଉପଯୁକ୍ତ ଚିକିତ୍ସା କଲେ ରୋଗୀ ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ହୋଇପାରିବ। ଦିନକୁ ଦିନ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ମଣିଷର ଅସନ୍ତୁଳିତ ଜୀବନଶୈଳୀ ଓ ଖାଇଥିବା ଖାଦ୍ୟରେ ବିଭିନ୍ନ ବିଷାକ୍ତ ଦ୍ରବ୍ୟ ଓ କୀଟନାଶକ ମିଶ୍ରଣ ଅନେକ ପରିମାଣର ଦାୟୀ ଅଟେ। ନିଜକୁ ନିଜେ ସତର୍କ ହେବା ସହିତ ସମସ୍ତଙ୍କୁ ନିୟମିତ ବ୍ୟାୟାମ ଓ ସନ୍ତୁଳିତ ଜୀବନଶୈଳୀ ଆପଣେଇବାକୁ ପଡ଼ିବ



କ୍ୟାନ୍ସର ନିରାକରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ।

ବୋଲି ଭୁବନେଶ୍ୱର ଏମ୍‌ସର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡା. ସରୋଜ କୁମାର ଦାସ ମଜୁମଦାର ଭୋଗରାଇ କୁଳିଦା ପଞ୍ଚାୟତ କୁଳିଦା ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ଅଗ୍ରଣୀ ସାମାଜିକ ସଙ୍ଗଠନ ମଙ୍ଗଳାମାତା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ସଚେତନତା କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମତ ପ୍ରକାଶ କରିଛନ୍ତି।

ଡାକ୍ତର କହିଛନ୍ତି ଯେ, ବର୍ତ୍ତମାନ ସମୟରେ ଅନ୍ୟାନ୍ୟ କର୍କଟ ରୋଗ ତୁଳନାରେ ମୁଖଗହ୍ୱର, ଗ୍ରୀବା, ସ୍ତନ, ଜରାୟୁ ଓ ମଳଦ୍ୱାର କର୍କଟ ରୋଗୀଙ୍କ ସଂଖ୍ୟା ଅଧିକ। ତେଣୁ ବିଶେଷ ଭାବେ ମହିଳାମାନଙ୍କୁ ସଚେତନ କଲେ ଏହା ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା କରାଯାଇପାରିବ। ଅନ୍ୟପକ୍ଷରେ କର୍କଟ ରୋଗର ଚତୁର୍ଥ ଅବସ୍ଥାରେ ମଧ୍ୟ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏହାକୁ ନିୟନ୍ତ୍ରଣ ମଧ୍ୟରେ ରଖାଯାଇପାରିବ ବୋଲି ଡାକ୍ତର ବହୁ ଶିକ୍ଷଣୀୟ ଉପଦେଶ ଦେଇଥିଲେ। ସ୍କୁଲ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ମାଝିଙ୍କ ପୌରୋହିତ୍ୟରେ ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି, ସମ୍ମାନିତ ଅତିଥି ସମିତି ସଦସ୍ୟ ଗୋପାଳ ପରିଡା, ସରପଞ୍ଚ ପ୍ରତାପ ଜେନା, ସିଆର୍‌ସିସି ସୁଧାଂଶୁ ମହାନ୍ତି, ଶିକ୍ଷକ ରବୀନ୍ଦ୍ର ପ୍ରଧାନ, ସତ୍ୟବ୍ରତ ବେହେରା, ନିତ୍ୟାନନ୍ଦ ଜେନା, ଫାଉଣ୍ଡେଶନ ସଭାପତି ଭାଗବତ ରଣା ଓ ସମ୍ପାଦକ ଦୀପକ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଗଳ୍ପ ସଂକଳନ ‘ପବିତ୍ର ଅପବିତ୍ର’ ଉନ୍ମୋଚିତ

ବାଲେଶ୍ୱର, ୨୦।୧୦ (ବାଞ୍ଛାନିଧି ଦେ)

ବାଲେଶ୍ୱର ସହର କବିତୀର୍ଥ ଶାନ୍ତିକାନନ ଠାରେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଗାଳ୍ପିକ ପ୍ରଦୀପ ଚାଟାର୍ଜୀଙ୍କର ଗଳ୍ପ ସଂକଳନ ‘ପବିତ୍ର ଅପବିତ୍ର’ ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ ଉତ୍ସବରେ ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ଓ ମୁଖ୍ୟବକ୍ତା ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରତ୍ନାକର ସିଂହ ଯୋଗଦେଇ ଚାଟାର୍ଜୀଙ୍କ ଗଳ୍ପକଥନର ଶୈଳୀ ତଥା ବିଷୟବସ୍ତୁ ଚୟନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଦୀପ ଚାଟାର୍ଜୀ ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରମରାରେ ସ୍ୱାସ୍ଥ୍ୟସେବା ଶିବିର

ବାଲେଶ୍ୱର, ୨୦।୧୦ (ବାଞ୍ଛାନିଧି ଦେ)

### ପଞ୍ଜୀକୃତ ହେଲେ ୨ଶହ ରୋଗୀ

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଚୋରମରା ଚୌଘରି ଖେଳପଡ଼ିଆରେ ରବିବାର ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବୈଜ୍ଞାନିକ ଡ. ସିଦ୍ଧାର୍ଥ ପତି ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଡା. କେସି ମହାପାତ୍ର, ଡା. ଭୁବନ ପଢ଼ିଆରୀ, ପ୍ରଫେସର ଡା. ଅର୍ବାନ ରିଡ୍‌ହୋମ୍, ଡା. ବିର୍ଗର୍ ବାଇଲାଣ୍ଡୋର, ଡା. ରବିନାରାୟଣ ଦାସ, ଡା. ହିତାର୍ଥ ପଟ୍ଟନାୟକ, ଡା. ଅଞ୍ଜଳିକା ଗଣ, ଶିଳ୍ପୀ କେଶୁ ଦାସ, ସାମାଜିକ କର୍ମୀ ଭୁବନାନନ୍ଦ ଦାସ ଓ ବିକାଶ ପାଢ଼ୀ, ଆଲାସୋର ଫାଉଣ୍ଡେଶନର ଚେୟାରମ୍ୟାନ୍ ଜ୍ଞାନରଞ୍ଜନ ଦାସ, ସଦସ୍ୟ ମନ୍ମଥ ପଣ୍ଡା ଓ ପ୍ରଦୀପ ଦାସ ପ୍ରମୁଖ ଯୋଗଦେଇଥିଲେ। ଆଲାସୋର ଫାଉଣ୍ଡେଶନ ଦ୍ୱାରା ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ ପୁରସ୍କାରପ୍ରାପ୍ତ ଡ. ସିଦ୍ଧାର୍ଥ ପତିଙ୍କ ସମନ୍ୱୟରେ ଶକୁନ୍ତଳା ରୁମାଟୋଲୋଜି ହସ୍‌ପିଟାଲ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ବଣଧୂଳିର ଫୁଲ ସଙ୍ଗଠନ ସହଯୋଗରେ ଆୟୋଜିତ ଶିବିରରେ ୨ଶହ ରୋଗୀ ପଞ୍ଜିକୃତ ହୋଇ ମାଗଣା ସ୍ୱାସ୍ଥ୍ୟସେବା ପାଇଥିଲେ। ଶିବିରରେ ୟୁରୋପର ସ୍ୱିଡ଼େନ ଏବଂ ଭାରତ ସରକାରଙ୍କ ଏସ୍‌ଭିଏନ ଆଇଆର୍‌ଟିଏଆର୍‌ର ସୁପର ସ୍ପେଶାଲିଷ୍ଟ ଡାକ୍ତରୀଦଳଚିକିତ୍ସାସେବାଯୋଗାଇଥିଲେ।

# ବାଲେଶ୍ୱର ଜିଆର୍‌ପି ଥାନାରେ ୧୬ ପଦବୀ ଫାଙ୍କା

ବାଲେଶ୍ୱର, ୨୦।୧୦(ବାଞ୍ଛାନିଧି ଦେ)

ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍ ଅଧୀନ ବାଲେଶ୍ୱର ସରକାରୀ ରେଳବାଇ ଥାନା (ଜିଆର୍‌ପି) ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଥାନାରେ ୨୮ଜଣ ଅଧିକାରୀ ଓ କର୍ମଚାରୀଙ୍କ ବଦଳରେ କେବଳ ୧୨ଜଣ ଅଛନ୍ତି। ୧୬ଟି ପଦବୀ ଫାଙ୍କା ପଡିଥିବାରୁ ଅଫିସ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି।

ଏହି ଥାନା ଅଧୀନରେ ଜଳେଶ୍ୱର, ବାରିପଦା ଓ ବହଳଦା ଆଉଟପୋଷ୍ଟ ରହିଛି। ବାଲେଶ୍ୱର ଜିଲାର ସମସ୍ତ ଷ୍ଟେଶନ ସମେତ ରାଇରଙ୍ଗପୁର, ବହଳଦା, ଗୋଲମହିଷାଣୀ, ଲକ୍ଷ୍ମଣନାଥ, ଭଦ୍ରକ, ରାଣୀତାଲ ଓ ବାଙ୍ଗିରିପୋଷି ଆଦି ରେଳଷ୍ଟେଶନ ରହିଛି। ଏହି ଥାନାରେ ମାସିକ ହାରାହାରି ୩୫ରୁ ୪୦ମାମଲା




ବାଲେଶ୍ୱର ଜିଆର୍‌ପି ଥାନା।

ରୁଜୁ ହୋଇଥାଏ। ମାତ୍ର କର୍ମଚାରୀ ଓ ଅଧିକାରୀ ଅଭାବ ଯୋଗୁ ଆଇନଶୃଙ୍ଖଳା ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜଣେ ଆଇଆଇସି ଥିବା ବେଳେ ୨ଜଣ ଏସ୍‌ଆଇଙ୍କ ବଦଳରେ ଜଣେ, ୫ଜଣ ଏଏସ୍‌ଆଇ ପଦବୀ ଫାଙ୍କା, ୧୭ଜଣ କନଷ୍ଟେବଳଙ୍କ ଜାଗାରେ ୮ଜଣ, ୩ଜଣ ହାବିଲଦାରଙ୍କ ବଦଳରେ ୨ଜଣ କାର୍ଯ୍ୟରତ ଅଛନ୍ତି। କୌଣସି ମହିଳା ଷ୍ଟାଫ ନ ଥିବାରୁ ବିଭିନ୍ନ ପରିସ୍ଥିତିରେ ସମସ୍ୟା ଦେଖାଦେଉଛି। ଅଧିକାଂଶ ସମୟରେ ବିଭିନ୍ନ ମାମଲାରେ ଅଧିକାରୀମାନେ ବାହାରକୁ ଯାଉଥିବାରୁ ଲୋକମାନେ ସେବା ପାଇବା ପାଇଁ ଅଫିସକୁ ଆସି ବାରମ୍ବାର ଫେରୁଥିବା ଅଭିଯୋଗ ହୋଇଛି। ଏନେଇ ରେଳମନ୍ତ୍ରୀ ଓ ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ଆବଶ୍ୟକ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଏହି ରେଳବାଇ ଥାନା ଅଧୀନ ରେଳପଥରେ ଆଇନଶୃଙ୍ଖଳା ରକ୍ଷା କରିବା ଦାୟିତ୍ୱ ଦେଇଥିବା ବେଳେ ଆବଶ୍ୟକ ପଦବୀ ଫାଙ୍କା ପଡ଼ିଥିବାରୁ ବିଭିନ୍ନ ସମସ୍ୟା ଉପୁଜୁଛି। ତୁରନ୍ତ ସମସ୍ତ ପଦବୀ ପୂରଣ ପାଇଁ ବାଲେଶ୍ୱରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଧାୟକ ମାନସ କୁମାର ଦତ୍ତ କହିଛନ୍ତି, ଜିଆର୍‌ପି ଥାନାରେ ସମସ୍ତ ପଦବୀ ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା ପୂର୍ବକ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ।

# ଥଣ୍ଡାପଡୁନି ମଣିପୁର

ଏବେ ଭାରତ-କାନାଡା ସମ୍ପର୍କ ବିଗିଡ଼ି ଯାଇଥିବାରୁ ତାହା ଉପରେ ଦେଶବ୍ୟାପୀ ଆଲୋଚନା ଜାରି ରହିଛି। କ'ଣସବୁ ପଦକ୍ଷେପ ନେଲେ ସ୍ଥିତିରେ ଉନ୍ନତି ଆସିବ ସରକାରୀ ସ୍ତରରୁ ଆରମ୍ଭ କରି ଗଣମାଧ୍ୟମ ଯାଏ ସବୁଆଡ଼େ ଏହି ପ୍ରସଙ୍ଗ ଉପରେ ନଜର। କୌଣସି ଦେଶ ସହ ଥରେ ବୈଦେଶିକ ସମ୍ପର୍କ ବିଗିଡ଼ିଯିବା ଅର୍ଥ ତାହାକୁ ଫେରାଇ ଆଣିବା କଷ୍ଟକର। ସେଥିପାଇଁ ସବୁ ସ୍ତରରେ ପ୍ରୟାସ ହେବା ଦରକାର। ଏଥିସହିତ ଦେଶର ଆଭ୍ୟନ୍ତରୀଣ ସମସ୍ୟାକୁ ସମାନ ଭାବେ ଗୁରୁତ୍ୱ ଦେବା ଯଥେଷ୍ଟ ଜରୁରୀ। କାରଣ ଏହା ଉଗ୍ର ରୂପ ଧାରଣ କଲେ ତାହାକୁ ସମ୍ଭାଳିବା ଅତ୍ୟନ୍ତ ଜଟିଳ। ଏଠାରେ ମଣିପୁର ଜାତିଗତ ସଂଘର୍ଷ କଥା ଉଲ୍ଲେଖଯୋଗ୍ୟ। ୨୦୨୩ ମେ'ରୁ ଉପତ୍ୟକା ଅଧିବାସୀ ମେଇତି ଓ ପାହାଡ଼ିଆ ଅଞ୍ଚଳରେ ବାସ କରୁଥିବା କୁକି ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଲାଗି ରହିଛି। ସଦ୍ୟ ଘଟଣାକ୍ରମରେ ସନ୍ଦେହ କରାଯାଉଥିବା କୁକି ଉଗ୍ରପନ୍ଥୀମାନେ ଅକ୍ଟୋବର ୧୯ରେ ମଣିପୁର ଜିରିବାମ ଜିଲାରେ ଏକ ପୋଲିସ ଷ୍ଟେଶନ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣକୁ ପ୍ରତିହତ କରିବାକୁ ଯାଇ ପୋଲିସ ପାଲଟା ଆକ୍ରମଣ କରିଥିଲା। ଏହି ଘଟଣାରେ କାହାରି ମୃତ୍ୟୁ ଘଟି ନ ଥିଲେ ମଧ୍ୟ ବୋମା ପଡ଼ିଯିବାରୁ ଗୋଟେ ଘର ଜଳିଯାଇଛି। ତେବେ ଜିରିବାମ ଜିଲାରେ କେତେକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଫାୟାରିଂ ହୋଇଥିବା ଖବର ମିଳିଛି। ସୂଚନାଯୋଗ୍ୟ ଯେ, ମଣିପୁରରେ ଆରମ୍ଭ ହୋଇଥିବା ଜାତିଗତ ହିଂସାରେ ସରକାରୀ ହିସାବ ଅନୁଯାୟୀ ୨୨୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପାଖାପାଖି ୫୦ ହଜାର ଲୋକ ବାସଚ୍ୟୁତ ହୋଇଛନ୍ତି। ବାସ୍ତବରେ ଏହି ସଂଖ୍ୟା ଆହୁରି ଅଧିକ ବୋଲି କୁହାଯାଉଛି।

ହିଂସାର ମୂଳକୁ ଦେଖିଲେ କୁକି ଆଦିବାସୀମାନେ ମଣିପୁରରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ। ମେଇତି ଉଚ୍ଚବର୍ଗର ଓ ଉପତ୍ୟକା ଅଞ୍ଚଳରେ ରହୁଥିଲେ ମଧ୍ୟ ସରକାରୀ ସୁବିଧା ପାଇବା ସକାଶେ ଆଦିବାସୀ ମାନ୍ୟତା ଦାବି କରି ଆସୁଛନ୍ତି। ଗତବର୍ଷ ମେଇତି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବା ଲାଗି ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇ ସେ ସଂକ୍ରାନ୍ତରେ କେନ୍ଦ୍ରକୁ ସୁପାରିସ କରାଯାଉ ବୋଲି କହିଥିଲେ। ତା' ପରଠାରୁ ସଂଘର୍ଷ ଜାରି ରହିଛି। ମହିଳାଙ୍କୁ ରାସ୍ତାରେ ଉଲଗ୍ନ କରି ଚଲାଇବାଠାରୁ ଆରମ୍ଭ କରି ନିର୍ଯାତନାର ଅନେକ ଘଟଣା ପଦାକୁ ଆସିଛି। ଏଭଳି ଅସ୍ୱାଭାବିକ ସ୍ଥିତି ଲାଗି ରହିଥିବାରୁ ଏହି ରାଜ୍ୟରେ ଉଗ୍ରପନ୍ଥୀମାନଙ୍କ ଷଡ଼ଯନ୍ତ୍ର ଦାନା ବାନ୍ଧିଲାଣି। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଦୁର୍ବଳ ନେତୃତ୍ୱ ଥିବା ସତ୍ତ୍ୱେ ତାଙ୍କୁ ଅଦ୍ୟାବଧି ହଟାଯାଇପାରି ନାହିଁ। ଅବଶ୍ୟ ଇତିମଧ୍ୟରେ ମଣିପୁରର ୧୯ ଭାଜପା ବିଧାୟକ ବୀରେନ ସିଂ ଶାନ୍ତି ଫେରାଇ ଆଣିବାରେ ବିଫଳ ହେବା ଦର୍ଶାଇ ତାଙ୍କୁ ହଟାଇବା ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖିଛନ୍ତି। କୁହାଯାଉଛି ଭାଜପା ଶାସିତ ଏହି ରାଜ୍ୟରେ କେନ୍ଦ୍ର ଯେଭଳି ତତ୍‌କ୍ଷଣାତ୍ ହସ୍ତକ୍ଷେପ କରି ହିଂସାକୁ ରୋକିବା ଲାଗି ଉଦ୍ୟମ କରିବା କଥା ତାହା କରିପାରି ନାହିଁ। ୨୦୨୩ ମେ'ରୁ ହିଂସା ଘଟିଥିଲେ ହେଁ ୨୦୨୪ ଅକ୍ଟୋବର ୧୫ରେ ପ୍ରଥମ ଥର ପାଇଁ ମେଇତି, ନାଗା ଓ କୁକି ବିଧାୟକମାନେ ଦିଲ୍ଲୀଠାରେ କେନ୍ଦ୍ର ସରକାରଙ୍କୁ ଭେଟିଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କିମ୍ବା ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଉପସ୍ଥିତ ନ ଥିଲେ। ତେଣୁ ଏଭଳି ଉପରଠାଉରିଆ ଆଲୋଚନାର ନିଷ୍କର୍ଷ କ'ଣ ହୋଇପାରେ ସଦ୍ୟ ହିଂସା ତାହା ଦର୍ଶାଇଛି। କୁହାଯାଉଥିଲା ମୁଖ୍ୟମନ୍ତ୍ରୀ ମେଇତି ସମ୍ପ୍ରଦାୟର ହୋଇଥିବାରୁ କୁକିମାନେ ଅସହାୟ ହୋଇପଡ଼ିଛନ୍ତି। ବର୍ତ୍ତମାନର ସ୍ଥିତି ଦେଖିଲେ କୁକି ଉଗ୍ରପନ୍ଥୀମାନେ ବାହ୍ୟ ସମର୍ଥନରେ ଏବେ ଅଧିକ ସକ୍ରିୟ ହେଲେଣି ବୋଲି କୁହାଯାଉଛି।

ଭାରତର ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁର ପଡ଼ୋଶୀ ଦେଶର ଉଗ୍ରପନ୍ଥୀଙ୍କ କାର୍ଯ୍ୟକଳାପ ଯୋଗୁ ଅତୀତରେ ଘୋର ପ୍ରଭାବିତ ହୋଇଛି। ମେଇତି ଓ କୁକିଙ୍କ ଜାତିଗତ ସଂଘର୍ଷ ଏବେ ସେମାନଙ୍କ ଭିତରେ ସୀମିତ ନ ରହି ବାହ୍ୟ ଶକ୍ତି ଦ୍ୱାରା କବଳିତ। ଆଗକୁ ଯଦି ଏହା ଭୀଷଣ ରୂପ ଧାରଣ କରିବ, ତାହାକୁ ନିୟନ୍ତ୍ରଣ କରିବା କଷ୍ଟକର। ତେଣୁ କେନ୍ଦ୍ର ସରକାର ମଣିପୁର ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ତୁରନ୍ତ ପଦକ୍ଷେପ ନେବା ଦରକାର।

**ମେଇତି ଓ କୁକିଙ୍କ ଜାତିଗତ ସଂଘର୍ଷ ଏବେ ସେମାନଙ୍କ ଭିତରେ ସୀମିତ ନ ରହି ବାହ୍ୟ ଶକ୍ତି ଦ୍ୱାରା କବଳିତ। ଆଗକୁ ଯଦି ଏହା ଭୀଷଣ ରୂପ ଧାରଣ କରିବ, ତାହାକୁ ନିୟନ୍ତ୍ରଣ କରିବା କଷ୍ଟକର। ତେଣୁ କେନ୍ଦ୍ର ସରକାର ମଣିପୁର ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ତୁରନ୍ତ ପଦକ୍ଷେପ ନେବା ଦରକାର।**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | 1 | 3 | 8 | 4 | | | |
| 4 | | | | | 5 | | 9 | 8 |
| | | 6 | | 7 | | 1 | | |
| | | | 2 | | 9 | | | 7 |
| | | | | | | 5 | 2 | |
| | | | | | | | | |
| 2 | 7 | | 8 | 9 | | | | 6 |
| 8 | | 9 | | 6 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 5 | 3 | 7 | 6 | 8 | 1 | 9 |
| 6 | 8 | 3 | 5 | 1 | 9 | 4 | 7 | 2 |
| 7 | 9 | 1 | 8 | 4 | 2 | 5 | 3 | 6 |
| 3 | 5 | 9 | 1 | 2 | 8 | 6 | 4 | 7 |
| 1 | 7 | 8 | 6 | 9 | 4 | 2 | 5 | 3 |
| 4 | 6 | 2 | 7 | 3 | 5 | 9 | 8 | 1 |
| 9 | 2 | 7 | 4 | 5 | 1 | 3 | 6 | 8 |
| 5 | 3 | 6 | 2 | 8 | 7 | 1 | 9 | 4 |
| 8 | 1 | 4 | 9 | 6 | 3 | 7 | 2 | 5 |

ଗତକାଲିର ଉତ୍ତର

# ଅସ୍ମିତା: କାହା ପାଇଁ କେମିତି



ପ୍ରକାଶ ତ୍ରିପାଠୀ

କିଛିଦିନ ତଳେ ଆମ ପ୍ରାତଃ ଭ୍ରମଣରେ ଆଲୋଚ୍ୟର ବିଷୟ ଥିଲା ଅସ୍ମିତା। ପଟ୍ଟନାୟକ ବାବୁ ପ୍ରଥମେ କଥା ଆରମ୍ଭ କରି କହିଥିଲେ ଯେ ଗତ ଚାରି ପାଞ୍ଚ ମାସ ହେବ ସବୁଆଡ଼େ ଅସ୍ମିତାକୁ ନେଇ ଚର୍ଚ୍ଚା ଚାଲିଛି। କିନ୍ତୁ ମୁଁ ବର୍ତ୍ତମାନ ସୁଦ୍ଧା ବୁଝିପାରୁନାହିଁ ଏ ଅସ୍ମିତାର ଅର୍ଥ କ'ଣ ? ଯଦି ଆମେ ଶିକ୍ଷିତ ଲୋକ ହୋଇ ଅସ୍ମିତାର ଅର୍ଥ ବୁଝିପାରୁନେ,ତେବେ ଅନ୍ୟ ସାଧାରଣ ଲୋକମାନେ କ'ଣ ବୁଝୁଥିବେ। ପଟ୍ଟନାୟକ ବାବୁଙ୍କ ମନରେ ଅସ୍ମିତାର ଅର୍ଥକୁ ନେଇ ଥିବା ଦ୍ୱନ୍ଦ୍ୱ ମୁଁ ବୁଝିପାରୁଥିଲି। ମୁଁ ମୋ ସ୍ୱଳ୍ପ ଜ୍ଞାନରେ କହିଲି- ଏହାର ବ୍ୟାକରଣ ଅର୍ଥ ହେଉଛି- ମୁଁ ଅଛି, ଅହଂକାର ବା ଅହଂଜ୍ଞାନ। କିନ୍ତୁ ଏହା ଏହାର ସୁଶୀଳ ଶବ୍ଦ ହେଉଛି ସ୍ୱାଭିମାନ। ତେଣୁ ଆମେ ଏଠି କହିପାରିବା କି ଅସ୍ମିତା ହେଉଛି ଅହଂ ବର୍ଜିତ ସ୍ୱାଭିମାନ ବା ବିବେକାନୁମୋଦିତ ସ୍ୱାଭିମାନ। ଓଡ଼ିଆ ଅସ୍ମିତାକୁ ଆହୁରି ସରଳ ଭାବେ କହିବାକୁ ଗଲେ ଏହା ହେଉଛି ଆମ ଓଡ଼ିଆ ଜାତିର ପରିଚୟ। ଏହି ପରିଚୟକୁ ନେଇ ଆମେ ଗର୍ବ ଓ ଅଭିମାନ କରୁ ଯେପରି କି ଆମ ଭାଷା, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ସଂସ୍କୃତି, ପରମ୍ପରା, ଐତିହ୍ୟ, ଲୋକକଳା, ବୀରତ୍ୱଗାଥା, ଆମ ଇତିହାସ, ବେଶପୋଷାକ, ପର୍ବପର୍ବାଣି ଓ ଆମ ଖାଦ୍ୟପେୟ ଇତ୍ୟାଦିଇତ୍ୟାଦି ଯାହା କି ସବୁଠାରୁ ନିଆରା ଓ ସ୍ୱତନ୍ତ୍ର।

ପଟ୍ଟନାୟକ ବାବୁ ମୋ ଉତ୍ତରରେ ଅସ୍ମିତାର ଅର୍ଥ ଓ ବ୍ୟବହାର ସମ୍ପର୍କରେ କିଛିଟା ବୁଝିପାରିଥିଲେ ବୋଲି ମୁଁ ଅନୁମାନ କରିଥିଲି। କୌଣସି ବଡ଼ବଡ଼ ଘଟଣାବଳୀ ଆଡ଼କୁ ଦୃଷ୍ଟି ନିକ୍ଷେପ ନ କରି ମୁଁ କେତୋଟି ସାଧାରଣ ଘଟଣା, ଯାହା କି ଆମ ସାଧାରଣ ଜୀବନଶୈଳୀରେ ଘଟୁଛି, ତାହାରି ମାଧ୍ୟମରେ ତାଙ୍କୁ ବୁଝାଇବାକୁ ଚାହୁଁଥିଲି। ତେବେ ପଟ୍ଟନାୟକବାବୁ କେତେଦୂର ଅସ୍ମିତାସମ୍ପନ୍ନ ତାହା ଜାଣିବାକୁ ମୁଁ ତାଙ୍କୁ କିଛି ପ୍ରଶ୍ନ ପଚାରିଲି-ଆପଣଙ୍କୁ ଓ ଆପଣଙ୍କ ପତ୍ନୀଙ୍କୁ ଆପଣଙ୍କ ଝିଅ-ପୁଅମାନେ କ'ଣ ସମ୍ବୋଧନ କରନ୍ତି ? ପଟ୍ଟନାୟକ ବାବୁ କହିଲେ- ମୋତେ ଡାଡି ଡାକନ୍ତି ଓ ମୋ ପତ୍ନୀଙ୍କୁ ମମି ଡାକନ୍ତି। ମୋତେ ଅସ୍ମିତା ବୁଝାଇବାକୁ ଆଉ ବେଶି କଷ୍ଟ କରିବାକୁ ପଡ଼ିଲା ନହିଁ। ମାତା-ପିତାଙ୍କୁ ଓ ବୋଉ-ବାପା, ମା'-ବାପା ଡାକିବା ହେଉଛି ଆମ ଅସ୍ମିତା। ଆମେ ଅସ୍ମିତାଠାରୁ ଦୂରେଇ ଯାଇ ଏବେ ମମି ଓ ଡାଡି ଅସ୍ମିତାର ସଙ୍କଟ। ମାଉସୀ-ମଉସା , ପିଉସୀ-ପିଉସା, ମାଇଁ-ମାମୁ, ଖୁଡ଼ୀ-ଦାଦା ଭଳି ସମ୍ବୋଧନ ଥିଲା ଆମ ଓଡ଼ିଆ ଅସ୍ମିତା। ଏବେ ଆମେ ଆଣ୍ଟି-ଅଙ୍କଲ। ଏହା ତ ଆମ ଓଡ଼ିଆ ଅସ୍ମିତାର ପରିପନ୍ଥୀ। ଆମେ ପ୍ରାୟ ସମସ୍ତେ ଏବେ ପ୍ରଣାମ,



ନମସ୍କାର, ପାଦ ନମସ୍କାରକୁ ଭୁଲି ଗୁଡ୍‌ମର୍ନିଂ, ଗୁଡ୍ ନାଇଟ୍, ହେଲୋ, ହାଏ, ବାଏ ଇତ୍ୟାଦି ସମ୍ଭାଷଣରେ ମାତିଛେ। ଓଡ଼ିଆ ଅସ୍ମିତାକୁ କିଏ ପଚାରେ।

ଓଡ଼ିଆ ଅସ୍ମିତାକୁ ପ୍ରାଞ୍ଜଳ ଭାବେ ବୁଝିବା ପାଇଁ ମୁଁ ଆଉ ପାଦେ ଆଗେଇ ଗଲି । କିଛି ଦିନ ତଳେ ନିଜ ନାତିର ଜନ୍ମଦିନ ପାଳିଥିଲେ ପଟ୍ଟନାୟକ ବାବୁ ଗୋଟିଏ ହୋଟେଲରେ। କିଛି ବନ୍ଧୁ ଓ ଆତ୍ମୀୟମାନଙ୍କୁ ନିମନ୍ତ୍ରଣ କରିଥିଲେ ଜନ୍ମଦିନ ଉତ୍ସବକୁ। ଓଡ଼ିଆ ଜଣାଥିଲେ ବି ନିମନ୍ତ୍ରଣ ପତ୍ର ଛପା ହୋଇଥିଲା ଇଂଲିଶରେ। ପ୍ରାତଃ ଭ୍ରମଣ ବନ୍ଧୁ ହିସାବରେ ମୁଁ ମଧ୍ୟ ନିମନ୍ତ୍ରଣ ରକ୍ଷା କରି ଯାଇଥିଲି। ହୋଟେଲର ଗୋଟିଏ ସୁସଜ୍ଜିତ ଦୀର୍ଘ କୋଠରିରେ ଏକ ସୁସଜ୍ଜିତ ଟେବୁଲ ଉପରେ ରଖାଯାଇଥାଏ ବେକରି ଶପରୁ କିଣାଯାଇଥିବା ଏକ ବିରାଟ ବାର୍ଥଡେ କେକ୍। କେକ୍ ଉପରେ ନାତିର ନାମ ଲେଖାଯାଇ ତା' ତଳେ ଲେଖା ଯାଇଥାଏ ହାପି ବାର୍ଥ ଡେ ଓ କେକ୍ ଉପରେ ଲାଗିଥାଏ ଅନେକ ମହମବତି। ସମସ୍ତ ଅତିଥି ଆସିବା ପରେ ସଭିଏ ରୁଣ୍ଡ ହୋଇଯାଇଥିଲେ କେକ୍ ଚତୁଃପାର୍ଶ୍ୱରେ। ମହମବତିରେ ଅଗ୍ନି ସଂଯୋଗ ହୋଇଥିଲା। ଛୋଟ ନାତିଟି ପ୍ରଥମେ ଜଳୁଥିବା ମହମବତିକୁ ଫୁଙ୍କି ଲିଭାଇଥିଲା। ଏହି ସମୟରେ ସମସ୍ତେ ଏକ ସାଙ୍ଗରେ ହାପି ବାର୍ଥ ଡେ ଟୁ ୟୁ ଇଂଲିଶ ଗୀତ ଗାନ କରିଥିଲେ। ଏହା ପରେ ଚାଲିଥିଲା କେକ୍ କଟା ପର୍ବ। ଘଟଣାଟିକୁ ମନେ ପକାଇଦେଇଥିଲି ପଟ୍ଟନାୟକ ବାବୁଙ୍କୁ ଆଉ ପଚାରିଥିଲି ଏଇଟା ଆମ ଓଡ଼ିଆ ଅସ୍ମିତାର ପରିସୀମାରେ ଆସୁଛି କି। ପଟ୍ଟନାୟକ ବାବୁ ଚୁପ ରହିଥିଲେ। ଓଡ଼ିଆ ଘରେ ପିଲାଙ୍କ ଜନ୍ମଦିନରେ ସେମାନଙ୍କ ଶୁଭ ମନାସି ଠାକୁରଙ୍କ ପାଖରେ ଅଖଣ୍ଡ ଦୀପ ଜଳାଯାଏ। ଘରେ ମା'ମାନେ ଷଠି ଠାକୁରାଣୀଙ୍କୁ ପୂଜା କରି ପିଲାଙ୍କ ମଙ୍ଗଳ କାମନା କରନ୍ତି। ଷଠି ଚକୁଳି ଭୋଗ ଲଗାଯାଏ। ଘରର ଗୁରୁଜନମାନଙ୍କ ପାଦସ୍ପର୍ଶକରି ପିଲାମାନେ ଆଶୀର୍ବାଦ ନିଅନ୍ତି। କିନ୍ତୁ ଆମେ ଆଜି ଆମ ଅସ୍ମିତାକୁ ଭୁଲି ବିଦେଶୀ ପରମ୍ପରାକୁ ଆପଣେଇଛୁ। ଅଖଣ୍ଡ ଦୀପ ଜଳାଇବା ବଦଳରେ ମହମବତି ଲିଭାଉଛୁ। ପିଲାଙ୍କୁ ଆଶୀର୍ବାଦ ଦେବା ବଦଳରେ ଇଂଲିଶ ରାଇମ୍ ଗାଉଛୁ। କେବଳ ଜନ୍ମଦିନ ପାଳନ ନୁହେଁ, ପ୍ରତିଟି ସାମାଜିକ ଓ ପାରିବାରିକ ଉତ୍ସବରେ ଆମେ ଓଡ଼ିଆ ଅସ୍ମିତାକୁ ଜଳାଞ୍ଜଳି ଦେଲୁଣି। ତଳେ ଆସନ ପକାଇ ଭୋଜନ କରିବା ଆମର ମହାନ୍ ସଂସ୍କୃତିର ପରିଚୟ। କୁହାଯାଏ ଖାଇବା ସ୍ଥାନରୁ ଉଠିଗଲେ ପୁନର୍ବାର ସେ ଭୋଜନକୁ ଗ୍ରହଣ କରିବା ଅନୁଚିତ। କିନ୍ତୁ ଆଜିକାଲି ପ୍ରତି ଉତ୍ସବରେ ଆସନରେ ବସିକରି ଖାଇବାର ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଠିଗଲାଣି। ସେ ସ୍ଥାନ ନେଇଛି ବଫେ। ପ୍ରତି ସାମାଜିକ ଉତ୍ସବରେ ଓଡ଼ିଆ ଅସ୍ମିତା ଏବେ ଆହତ। ସବୁଠାରୁ ଓଡ଼ିଆ ଅସ୍ମିତା ଆମ ବିବାହ ଉତ୍ସବରେ ଅଧିକ ଆହତ ହେଉଛି। କନ୍ୟା ଓ ବରର ପୋଷାକପତ୍ରଠାରୁ ଆରମ୍ଭକରି ପ୍ରତିଟି ଛୋଟ ଛୋଟ କାର୍ଯ୍ୟକ୍ରମରେ ଓଡ଼ିଆ ପରମ୍ପରାକୁ ପଦାଘାତ କରାଯାଉଛି। ଆମ ପାରମ୍ପରିକ ପୋଷାକକୁ ତ କେବେଠାରୁ ବିଦାୟ ଦେଇ ସାରିଲୁଣି। ତାକୁ ବଞ୍ଚାଇ ରଖିଥିଲୁ କେବଳ କେତେକ ସାଂସ୍କୃତିକ ଓ ସାମାଜିକ ଉତ୍ସବରେ। ତାକୁ ମଧ୍ୟ ଆମେ ଏବେ ବିଦାୟ ଦେଇସାରିଲୁଣି। ବିବାହ ଉତ୍ସବରେ ବର ଏବେ ଧୋତି ପାଇଜାମା ବଦଳରେ ପିନ୍ଧୁଛି ସେରୱାନି ଓ କନ୍ୟା ପିନ୍ଧୁଛି ଶାଢ଼ି ବଦଳରେ ଲେହେଙ୍ଗା । ରିଂ ସେରିମନୀ, ସଙ୍ଗୀତ, ମେହେନ୍ଦୀ ଓ ହଳଦୀ ଭଳି କିଛି ଆଧୁନିକ କାର୍ଯ୍ୟକ୍ରମ ଏବେ ସେ ପାରମ୍ପରିକ ଓଡ଼ିଆ ବାହାଘରର ଦୃଶ୍ୟକୁ ଲୋପ କରିସାରିଲାଣି।

ଏବର ପିଲାଙ୍କୁ ଆମର ବିଭିନ୍ନ ପର୍ବପର୍ବାଣି ବିଷୟରେ ପଚାରିଲେ ଚୁପ ରହୁଛନ୍ତି। ଗମ୍ଭା ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, ଅଗ୍ନି ପୂର୍ଣ୍ଣିମା, ଚିତଉ ଅମାବାସ୍ୟା, ବଉଳ ଅମାବାସ୍ୟା, ମକର ସଂକ୍ରାନ୍ତି, ପଣା ସଂକ୍ରାନ୍ତି ଭଳି ବାରମାସରେ ତେରପର୍ବ ଘରେ ଆଉ କେତେ ପାଳନ ହେଉଛି ? ଏଥିରେ ପିଲାମାନଙ୍କର କିଛି ଦୋଷ ନାହିଁ। କାରଣ ଆମେମାନେ ସେମାନଙ୍କୁ ଆମର ପରମ୍ପରାଠାରୁ ଦୂରେଇ ଦେଉଛେ। ଆମର ସାହିତ୍ୟ, ସଙ୍ଗୀତ, ନୃତ୍ୟ, କ୍ରୀଡ଼ା, ବିଜ୍ଞାନ ପ୍ରଭୃତି କ୍ଷେତ୍ରରେ ଅନେକ ପ୍ରାଜ୍ଞ, ବିଜ୍ଞ, ଆମ ରାଜ୍ୟର ଶ୍ରୀବୃଦ୍ଧି କରିଛନ୍ତି। ଅତୀତରେ ଅନେକ ରାଜା ମହାରାଜା ରାଜ୍ୟକୁ କଳା ଭାସ୍କର୍ଯ୍ୟରେ ପ୍ରସିଦ୍ଧି ଆଣିଛନ୍ତି। ସେମାନଙ୍କୁ ଆମେ କେତେ ଜାଣିଛେ। ମୁଁ ଅଧିକ କିଛି ଉଦାହରଣ ଦେବାକୁ ପ୍ରସ୍ତୁତ ହେଉଥିବା ବେଳେ ପଟ୍ଟନାୟକବାବୁ କହିଲେ ସେତିକି ଥାଉ ଆଜ୍ଞା। ଓଡ଼ିଆ ଅସ୍ମିତାକୁ ମୁଁ ଅଳ୍ପ ବହୁତେ ବୁଝିଗଲିଣି। ସତ କହିବାକୁ ଗଲେ ଆମ ପାଖରେ ତ ଓଡ଼ିଆ ଅସ୍ମିତା ବୋଲି କିଛି ଆଉ ନାହିଁ। ଅସ୍ମିତା ଅସ୍ମିତା ବୋଲି ଚିତ୍କାର କରୁଛୁ ସତ, ହେଲେ ଏହାର କାଣିଚାଏ ମଧ୍ୟ ଆମ ପାଖରେ ନାହିଁ। ଆମର ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ବେଶପୋଷକ, ପର୍ବପର୍ବାଣି,ଖାଦ୍ୟପେୟ ଆଦିରେ ଓଡ଼ିଆ ଅସ୍ମିତା ଅବହେଳିତ ଓ ବିପର୍ଯ୍ୟସ୍ତ। ଏହାର ସୁରକ୍ଷା ଅତି ଜରୁରୀ। ଅନ୍ୟ କେହି ନୁହେଁ, ଆମେ ସମସ୍ତେ ଏଥିପାଇଁ ଯତ୍ନବାନ ନ ହେଲେ ଏହା ବିଲୁପ୍ତି ହେବାକୁ ବେଶି ସମୟ ଲାଗିବ ନାହିଁ।

**ମୋ:୯୪୩୭୨୩୨୪୬୩**

# ମାତାପିତା ସନ୍ତାନର ନିର୍ମାତା



ଡ. ଶରତ ଚନ୍ଦ୍ର ପରିଡ଼ା

ଯତ୍ନଶୀଳ ମାତାପିତା ଆସନ୍ତାକାଲିର ଶିଳ୍ପୀ। ସନ୍ତାନର ଜୀବନରେଖା ଓ ମେରୁଦଣ୍ଡ। ଏକ ଅନୁଷ୍ଠାନ। ସବୁଠୁ ବଡ଼ ସୌଭାଗ୍ୟ ମାଆ ଓ ବାପା ହେବା ଓ ସବୁଠୁ ବଡ଼ ଆଶୀର୍ବାଦ ମାତାପିତାଙ୍କୁ ପାଇବା। ସନ୍ତାନ ସମ୍ପର୍କ ନିବିଡ଼ ଓ ବିରଳ। ମାତାପିତାଙ୍କ ବିନା ସନ୍ତାନ ଅସହାୟ। ସନ୍ତାନ ବିନା ମାତାପିତାଙ୍କ ଘର ଶୂନ୍ୟ। ମାତାପିତାଙ୍କ ବିଚାର ଆଚାର, ଶିକ୍ଷା ସଂସ୍କାର ଓ ଚିନ୍ତା ଚେତନା ଅନୁରୂପ ଶିଶୁମାନେ ଗଢ଼ି ହୋଇଥା'ନ୍ତି। ପରିବାର ସାମାଜିକ ଜୀବନର କେନ୍ଦ୍ର ଓ ପିଲାମାନଙ୍କ ପରିଚୟ। ଅଭିଭାବକ ପିଲାମାନଙ୍କୁ ସୁସ୍ଥ ଓ ସୁଖରେ ରଖନ୍ତି। କାର୍ଯ୍ୟ ଓ ସଫଳତାର ପ୍ରେରଣା ସାଜନ୍ତି। ସେମାନଙ୍କ ବହୁମୁଖୀ କର୍ତ୍ତବ୍ୟ ପାଳନରେ ନିହିତ ଏ ଦୁନିଆର ଗତି ଓ ପ୍ରଗତି। ମାତାପିତା ହେବା ଅର୍ଥ ବର୍ତ୍ତମାନ ଅତୀତ ଓ ଭବିଷ୍ୟତରେ ବଞ୍ଚିବା। ମାତାପିତାଙ୍କ ଜୀବନ ଆଧାରିତ ଓ ଆଶ୍ରିତ ହେଲେ ମଧ୍ୟ ସନ୍ତାନ ଦୟାର ପାତ୍ର ନୁହନ୍ତି। ପିଲାର ଭାବୁକତା ସହିତ ପରିଚିତ ମାତାପିତା ସନ୍ତାନର ପ୍ରତିଭା ଚିହ୍ନି ବ୍ୟକ୍ତିତ୍ୱର ସର୍ବାଙ୍ଗୀଣ ବିକାଶ ନିମନ୍ତେ ସୁବିଧା ସୁଯୋଗ ଯୋଗାଇ ମୂଳଦୁଆ ପ୍ରସ୍ତୁତ କରିଥା'ନ୍ତି। ବାଲ୍ୟାବସ୍ଥାରୁ ସେମାନେ ଛାଇ ପରି ରହି ଧାଈ ପରି ଯତ୍ନ ନେଉଥା'ନ୍ତି। ଛୋଟ ଅଝଟ ଅବୋଧ ସରଳ ନିରୀହ ନିଷ୍ପାପ ଶିଶୁମାନଙ୍କ ଲାଳନପାଳନ, ଭାବର ଆଦାନପ୍ରଦାନ, ସତ୍‌ପଥରେ ପରିଚାଳନା, ସାମାଜିକ ଓ ଆର୍ଥିକ ସୁରକ୍ଷା ପ୍ରଦାନ ଓ ସର୍ବୋପରି ମଣିଷ କରି ଗଢ଼ିବା ଏକ ଗୁରୁ ଦାୟିତ୍ୱ। ଚାରାଟିକୁ ବଡ଼ କଲା ପରି ଏହା ଏତେ ସହଜ ବ୍ୟାପାର ନୁହେଁ। ପିଲାମାନଙ୍କୁ ଭଲ ପାଇଲେ ସେମାନେ ଅନ୍ୟମାନଙ୍କୁ ଭଲପାଇବା ଶିଖନ୍ତି। ମା'ର ମମତାରେ ଶିଶୁର ହୃଦୟ କୋମଳ ଓ ବାପାଙ୍କ ପ୍ରେମପୂର୍ଣ୍ଣ ଅନୁଶାସନରେ ପିଲାଏ ହୁଅନ୍ତି ବିଚାରବନ୍ତ। ଋକ୍‌ବେଦ (୧.୧.୯)ରେ ପୁତ୍ର ଆକୁଳ ଭାବରେ ପିତାଙ୍କୁ ଖୋଜିଛି: ସ ନଃ ପିତେବ ସୂନବେଽଗ୍ନେ ସୂପାୟନୋ ଭବ। ସଚସ୍ୱା ନଃ ସ୍ୱସ୍ତୟେ।। ହେ ଅଗ୍ନିଦେବ! ଯେଉଁ ପ୍ରକାରେ ପୁତ୍ର ପିତାକୁ ସହଜରେ ପ୍ରାପ୍ତ ହୋଇଥାଏ, ସେହି ପ୍ରକାରେ ଅନାୟାସରେ ଆପଣଙ୍କୁ ଆମେ ପ୍ରାପ୍ତ ହେଉ। ମଙ୍ଗଳ ନିମନ୍ତେ ଆପଣ ଆମ ନିକଟରେ ରୁହନ୍ତୁ। ସନ୍ତାନର ଶୁଭଚିନ୍ତା ଓ ହିତସାଧନା ମାତାପିତାଙ୍କ ସ୍ୱଭାବ। ସନ୍ତାନବାତ୍ସଲ୍ୟ ଏକ ସ୍ୱର୍ଗୀୟ ମାଧୁରୀ।

ଦାରିଦ୍ର୍ୟ, କ୍ଷୁଧା, ଅଶିକ୍ଷା, କୁସଂସ୍କାରଠାରୁ ଦୂରରେ ରଖି ପିଲାମାନଙ୍କୁ ସୁବ୍ୟବସ୍ଥିତ କରାଯାଇଥାଏ। ମାତାପିତା ପିଲାମାନଙ୍କ ମନସ୍ତତ୍ତ୍ୱ ବୁଝି ବାଲ୍ୟକାଳରୁ ସକାରାତ୍ମକ ଭାବନା ଓ ଚେତନାର ମଞ୍ଜି ପୋତିଥା'ନ୍ତି। ମାତି ଅର୍ଥାତ୍ ମନର ଭାବକୁ ମାପି ବା ଜାଣି ପାରୁଥିବାରୁ ମାଆ। ଶିଶୁ ଯାହା କହିପାରେ ନାହିଁ; ମା' ତାହା ବୁଝିପାରେ। ଶିଶୁକୁ ସକଳ ଅବସ୍ଥାରେ ରକ୍ଷା (ପାତି) କରୁଥିବାରୁ ସେ ପିତା। ସେ ସନ୍ତାନକୁ ସ୍ୱପ୍ନିଳ ଓ ସୃଜନଶୀଳ କରିଥା'ନ୍ତି। ସଫଳ ଜୀବନ ବଞ୍ଚିବାର କୌଶଳ କଳା ଅଭ୍ୟାସ କରାଇଥା'ନ୍ତି। ପ୍ରତି ଘର ଏକ ବିଶ୍ୱବିଦ୍ୟାଳୟ ଓ ମାତାପିତା ଆଦ୍ୟ ଶିକ୍ଷକ। ଚାଇନାରେ ଗୋଟିଏ କଥା ଅଛି: ''ବାପାଙ୍କର ସଦ୍‌ଗୁଣ ପର୍ବତଠାରୁ ଉଚ୍ଚ ଓ ମା'ଙ୍କ ସଦ୍‌ଗୁଣ ସାଗରଠାରୁ ଗଭୀର।''

ମାତାପିତାଙ୍କ ଭୂମିକା ଓ ଦାୟିତ୍ୱ ଖଣ୍ଡାଧାର ପରି। ଆହ୍ୱାନପୂର୍ଣ୍ଣ। ପିଲାମାନଙ୍କ ଦୃଷ୍ଟିରେ ମାତାପିତା



ସବୁଠୁ ଉତ୍ତମ ଆଦର୍ଶ। ଆକାଶଦୀପ। ସେମାନଙ୍କ ପ୍ରତ୍ୟେକଟି ଶବ୍ଦ ଓ ଗତିବିଧି ପିଲାମାନଙ୍କଠାରେ ପ୍ରତିଫଳିତ ଓ ପ୍ରଭାବୀ ହୋଇଥାଏ। ସନ୍ତାନମାନଙ୍କ ପ୍ରତି ନିରପେକ୍ଷ ରହିବା ଚାହି। ଜଣକ ଆଗରେ ଅନ୍ୟ ଜଣକର ଦୋଷ ବଖାଣିବା ଅବାଞ୍ଛନୀୟ। ମାତାପିତାଙ୍କ ଅହଂକାର ଓ ଅବୁଝାମଣାର ଲଢ଼େଇରେ ନିରୀହ ଶିଶୁମାନେ ବଳି ପଡ଼ନ୍ତି। ମାତାପିତାଙ୍କ ଅସଂସ୍କାରରେ ପିଲାମାନେ କୁସଂସ୍କାରଗ୍ରସ୍ତ ହୁଅନ୍ତି। ମାତାପିତା ସଦ୍‌ଗୁଣର ପ୍ରୟୋଗଶାଳା। ଶିକ୍ଷା ଅପେକ୍ଷା ଉଦାହରଣ ଶୀଘ୍ର କାମ କରେ। ସନ୍ତାନକୁ ନିଶାମୁକ୍ତ ରଖିବାକୁ ଚାହିଁଲେ ନିଜକୁ ନିଶାମୁକ୍ତ ହେବାକୁ ପଡ଼ିବ। ନିଜେ ସତ୍ୟବାଦୀ ନ ହେଲେ ପିଲାମାନଙ୍କୁ ଶିଖାଇବେ କ'ଣ ? କ୍ଷଣକର ଅସାବଧାନତା ଓ ନିଜର ଛୋଟିଆ ଭୁଲ୍‌ଟି ସରଳ କୋମଳ ଶିଶୁର ଚିନ୍ତାରାଜ୍ୟକୁ ଦୋହଲାଇଦିଏ। ଶିଶୁମାନଙ୍କ ମନରେ ଆଘାତ ଦେବା ଏକ ଅପରାଧ। ଏହା ଦ୍ୱାରା ଭାବପ୍ରବଣତା ଧକ୍କା ଖାଏ ଓ ଶିଶୁଟି ବିଗିଡ଼ିଯାଏ। ମନସ୍ତତ୍ତ୍ୱବିତ୍ ଜୟସେ ମାନ୍ୟାର୍ଡ କହନ୍ତି, ''ପିଲାମାନେ ସେମାନଙ୍କ ଜୀବନରେ କ'ଣ କରୁଛନ୍ତି ମାତାପିତା ଯେପରି ଲକ୍ଷ୍ୟ କରିଥା'ନ୍ତି, ମାତାପିତା ଜୀବନରେ କ'ଣ କରୁଛନ୍ତି ତାହା ପିଲାମାନେ ମଧ୍ୟ ଲକ୍ଷ୍ୟ ରଖିଥା'ନ୍ତି।'' ସନ୍ତାନକୁ ଭଲ କରିବାକୁ ଯାଇ ମାତାପିତା ଭଲ ହୋଇଯା'ନ୍ତି। ମଣିଷ ତିଆରି ଯଜ୍ଞରେ ନିଜର ସୁଖ, ସୁବିଧା, ରୁଚି, ଆରାମ ଆହୁତି ଦେବାକୁ ହୋଇଥାଏ।

ଅହଂକାରର ତ୍ୟାଗରେ ଈଶ୍ୱରୀୟ ଚେତନା ଆତ୍ମପ୍ରକାଶ କରେ। ସୁନ୍ଦର ସଂସାରକୁ ଆସିଥିବା ଅବୋଧ ଶିଶୁକୁ ସୁନ୍ଦର ଭାବରେ ଗଢ଼ିତୋଳିବା ନିମିତ୍ତ ମାତାପିତାଙ୍କୁ ଈଶ୍ୱର ପଠାଇଥା'ନ୍ତି। ସନ୍ତାନକୁ ନିର୍ବୋଧ ନ କହି, ମାଡ଼ ନ ମାରି ହାସ୍ୟରସ ଓ ମଜାଳିଆ କଥା କହିଲେ ଫଳପ୍ରଦ ହୁଏ। ମାତାପିତା ନିଜକୁ ସନ୍ତାନର ମାଲିକ ଭାବି କର୍ତ୍ତୃତ୍ୱ ଜାହିର କଲେ ଈଶ୍ୱରବିରୋଧୀ ହୋଇ ଯାଆନ୍ତି।

ଈଶ୍ୱରଙ୍କ ପାରଦର୍ଶୀ ପ୍ରଭାବ ଓ ପ୍ରେରଣାର ଧାରା ସେମାନଙ୍କଠାରେ ପ୍ରବାହିତ ହୋଇ ପାରେନାହିଁ। ଶିଶୁଜୀବନରେ ମାତାପିତା ହେଉଛନ୍ତି ମାର୍ଗଦର୍ଶକ, ସଂଶୋଧକ, ପରାମର୍ଶଦାତା। ଟି.ପି. ଚିଆ କହନ୍ତି, ''ମାତାପିତାଙ୍କ ପ୍ରେମ ଏକମାତ୍ର ପ୍ରେମ, ଯାହା ନିଃସ୍ୱାର୍ଥପର, ନିଃସର୍ତ୍ତ ଓ କ୍ଷମାପୂର୍ଣ୍ଣ। ଏହା ନିରନ୍ତର ଓ ସମର୍ଥକ।'' ପାଳନ ପ୍ରକ୍ରିୟାର କଷ୍ଟ ସହିବା ଭିତରେ ଖେଳୁଥାଏ ଆନନ୍ଦର ଲହର। ବାଧା ଥାଏ, କିନ୍ତୁ ବନ୍ଧନ ଅତୁଟ। ସବୁ ସତ୍ତ୍ୱେ ଚରିତ୍ର ଗଢ଼ିବା ପିଲାର ନିଜ ହାତରେ ଥାଏ। ମିଳିତ ଜାତିସଂଘ ଦ୍ୱାରା ପ୍ରସ୍ତୁତ ଶିଶୁମାନଙ୍କର ଅଧିକାରପତ୍ର ମାତାପିତାଙ୍କ ପାଇଁ ମାର୍ଗଦର୍ଶିକା। ଜାତୀୟ ଓ ସରକାରୀ ଶିଶୁମଙ୍ଗଳ ଯୋଜନାର ନୀତି ପ୍ରଣୟନରେ ଶିଶୁ ଅଧିକାର ହିଁ ନିର୍ଣ୍ଣାୟକ।

ମାତାପିତାଙ୍କ ଉତ୍ତରଦାୟିତ୍ୱ ନିରନ୍ତର ଓ ଅସରନ୍ତି। ମା'ଙ୍କର ଗର୍ଭକଷ୍ଟ ଓ ବାପାଙ୍କ ଝାଳ କାଳେ କାଳେ ଅବୁଝା ଓ ଅଶୁଝା। ସେମାନଙ୍କ ପୂର୍ଣ୍ଣ ସହଯୋଗ ଓ ସମର୍ଥନ ପାଇ ପିଲାମାନେ ନିଜର ସୁନ୍ଦର ଜୀବନ ଆରମ୍ଭ କରିଥା'ନ୍ତି। ଜାତିର ବିକାଶ ପାଇଁ ମାତାପିତାଙ୍କ ଅବଦାନ ଅମୂଲ୍ୟ। ଜାତି ଧର୍ମ ନିର୍ବିଶେଷରେ ପୃଥିବୀର ସମସ୍ତ ମାତାପିତା ଏଥିପାଇଁ ପ୍ରଶଂସନୀୟ।

**ଅବସରପ୍ରାପ୍ତ ଉପାଧ୍ୟକ୍ଷ,**
**ପଟିଆ, ଭୁବନେଶ୍ୱର**
**ମୋ: ୯୪୩୭୭୭୬୯୦୮**

## ଏଇ ଭାରତରେ

ଗୋଟେ ମଇଁଷିର ଦାମ୍ ୧ ଲକ୍ଷ ଟଙ୍କାରୁ ଅଧିକ ହେବା କଥା ହୁଏତ କେହି ଭାବି ନ ଥିବେ। ମାତ୍ର ମଇଁଷିର ଦାମ୍ ବି ୨୩ କୋଟି ଟଙ୍କା ହୋଇପାରେ ଏକଥା ଅନେକଙ୍କୁ ଆଚମ୍ବିତ କରିପାରେ। ମାତ୍ର ଏଭଳି ଭିନ୍ନ ଧରଣର ମଇଁଷି ଅଛନ୍ତି ଉତ୍ତରପ୍ରଦେଶ ମେରଠରେ। ଏଠାରେ ଥିବା ସର୍ଦ୍ଦାର ବଲ୍ଲଭଭାଇ ପଟେଲ କୃଷି ବିଶ୍ୱବିଦ୍ୟାଳୟରେ ଏଭଳି ବିଭିନ୍ନ ପ୍ରକାରର ମଇଁଷି ଅଛନ୍ତି ଯାହାର ଦାମ୍ ୯ କୋଟି, ୧୦ କୋଟିରୁ ଆରମ୍ଭ କରି ୨୩ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି। ହେଲେ ଏତେ ଦାମ୍ ସତ୍ତ୍ୱେ ଏହି ମଇଁଷିଙ୍କୁ ବିକ୍ରି କରାଯାଏ ନାହିଁ। ବରଂ ଖୁବ୍ ଯତ୍ନରେ ଏମାନଙ୍କ ରକ୍ଷଣାବେକ୍ଷଣ କରାଯାଏ। ବିଶ୍ୱ ବିଦ୍ୟାଳୟର ଅଧିକାରୀଙ୍କ କହିବା ଅନୁସାରେ ଏଠାରେ ଏହିସବୁ ମଇଁଷିଙ୍କୁ କୃତ୍ରିମ ଗର୍ଭଧାରଣ ନିମନ୍ତେ ବ୍ୟବହାର କରାଯାଉଛି। ଏହା ବ୍ୟତୀତ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ହେଉଥିବା ପ୍ରଦର୍ଶନୀରେ ମଧ୍ୟ ଏହି ମଇଁଷି ଭାଗ ନେଇଥାନ୍ତି ଓ ଲକ୍ଷ ଲକ୍ଷ ଟଙ୍କା ରୋଜଗାର ବି କରିଥାନ୍ତି। କାରଣ ଏମାନଙ୍କର ସିମେନ୍‌ର ଖୁବ୍ ଚାହିଦା ରହିଛି ଓ ଲୋକେ ଚଢା ଦାମ୍‌ରେ ନେବାପାଇଁ ବି ପ୍ରସ୍ତୁତ ଥାନ୍ତି। କେବଳ ଜାତୀୟ ସ୍ତରରେ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଏହି ସିମେନ୍‌ର ବହୁ ଚାହିଦା ରହିଛି। ସେଥିପାଇଁ ଦେଶ ବିଦେଶର ବିଭିନ୍ନ ସ୍ଥାନକୁ ଏମାନଙ୍କ ସିମେନ୍ ବିକ୍ରି କରାଯାଇଥାଏ। ଏବେ ସୁଦ୍ଧା ଏମାନଙ୍କଠାରୁ ହଜାର ହଜାର ସଂଖ୍ୟାରେ ଉନ୍ନତ ପ୍ରଜାତିର ମଇଁଷି ସୃଷ୍ଟି ହୋଇ ସାରିଛନ୍ତି ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୧ ଅକ୍ଟୋବର ୧୯୭୫**

- କଟକ ନିକଟବର୍ତ୍ତୀ ମହାନଦୀ ରେଳ ପୋଲକୁ ୩ କୋଟି ୩୩ ଲକ୍ଷ ଟଙ୍କା ବ୍ୟୟରେ 'ରିଗାର୍ଡରିଂ' କରିବା ପାଇଁ ଦକ୍ଷିଣପୂର୍ବ ରେଲ୍‌ୱେ ପକ୍ଷରୁ ଏକ ଯୋଜନା କାର୍ଯ୍ୟକାରୀ ହେଉଛି।
- କେନ୍ଦ୍ର ତଦନ୍ତ ବ୍ୟୁରୋ କର୍ତ୍ତୃପକ୍ଷ ସମସ୍ତିପୁର ବୋମା ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଆନନ୍ଦମାର୍ଗୀ ଓକିଲଙ୍କୁ ଗିରଫ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଗୁଣବତ୍ତାହୀନ ଔଷଧ ହାନିକାରକ

ମହାଶୟ,

ବିଳମ୍ବ ହେଲେ ହେଁ କେନ୍ଦ୍ରୀୟ ମାନକ ନିୟନ୍ତ୍ରଣ ସଂଗଠନ କେତେଗୁଡ଼ିଏ ଔଷଧକୁ ଯାଞ୍ଚ କରିବା ସମୟରେ ଅନେକ ଗୁଣବତ୍ତାହୀନ ଔଷଧର ସନ୍ଧାନ ପାଇଛନ୍ତି। ପ୍ରାୟ ୫୩ ଗୋଟି ମାନକ ଅବିଗୁଣ ଔଷଧ ଯାହାକି ସାଧାରଣ ରୋଗୀମାନଙ୍କୁ ଡାକ୍ତର ଚିଠା ଦ୍ୱାରା ବ୍ୟବହାର ପାଇଁ ଦେଇଥାନ୍ତି। ତନ୍ମଧ୍ୟରୁ କ୍ୟାଲ୍‌ସିୟମ, ଭିଟାମିନ୍ ଡି-୩, ଡାଇବେଟିସ୍, ପଲ୍‌ସ, ରକ୍ତଚାପ ପାଇଁ ଔଷଧ, ପାରାସିଟାମଲ, କେତେକ ଆଣ୍ଟିବାୟୋଟିକ୍ ଏବଂ ଶିଶୁମାନଙ୍କୁ ରୋଗମୁକ୍ତ ପାଇଁ କେତୋଟି ଔଷଧ ଅନ୍ତର୍ଭୁକ୍ତ। ଦୀର୍ଘ ଦିନରୁ ଉପରୋକ୍ତ ଔଷଧକୁ ବିଚରା ରୋଗୀମାନେ ରୋଗ ନିବାରଣ ନିମନ୍ତେ ଖର୍ଚ୍ଚାନ୍ତ ପୂର୍ବକ ବ୍ୟବହାର କରୁଛନ୍ତି। ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କୌଣସି ଟିପ୍ପଣୀ ଦେବା ଏକ ଚିନ୍ତାର ବିଷୟ ନୁହେଁ କି ? ସାଧାରଣ ରୋଗୀମାନେ ରୋଗ ନିବାରଣ ନିମନ୍ତେ ବ୍ୟବହାର କରୁଥିବା ଔଷଧର ଗୁଣବତ୍ତା ଜାଣିବା ସମ୍ଭବ କି ? ଉକ୍ତ ପରିପ୍ରେକ୍ଷୀରେ ସରକାର ତତ୍ପରତା ପ୍ରକାଶ ପୂର୍ବକ ସମସ୍ତ ଔଷଧର ଗୁଣବତ୍ତାକୁ ପରୀକ୍ଷଣ କରିବାକୁ ସ୍ୱାସ୍ଥ୍ୟ ଅଧିକାରୀଗଣଙ୍କୁ କଡ଼ା ନିର୍ଦ୍ଦେଶ ପ୍ରଦାନ କରନ୍ତୁ। ଏଥିସହ ନିମ୍ନମାନର ଔଷଧ ଉତ୍ପାଦନକାରୀ ସମସ୍ତଙ୍କ ପ୍ରତି ରୋକ୍ ଲଗାଇ ବଜାରରେ ଏପରି ଔଷଧକୁ ଜବତ ପୂର୍ବକ ନଷ୍ଟ କରିବାର ବନ୍ଦୋବସ୍ତ କରିବା ସହ ମାନକହୀନ ଔଷଧ ପ୍ରସ୍ତୁତକର୍ତ୍ତାଙ୍କ ପ୍ରତି କଠୋର ଦଣ୍ଡ ବିଧାନ କରନ୍ତୁ।

**-ମହେଶ୍ୱର ନାୟକ, ଦୋବନ୍ଧା, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେହି ମୋର ହେଲା ପ୍ରିୟ
ସବୁଠାରୁ କମନୀୟ
ସେହି ମୋର ଅନାଗତ ରାଗିଣୀ
ଯାହା କେବେ ଏ ଜୀବନେ ବାଜିନି।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଶିଳାଲିପିରୁ ମିଳିଲା ଚିତ୍ରେଶ୍ୱରୀ ମନ୍ଦିର ନିର୍ମାଣ ତଥ୍ୟ



**ଭୁବନେଶ୍ୱର,୨୦।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)**

ପୁରୀ ଜିଲା କାକଟପୁର ବ୍ଲକ ଅନ୍ତର୍ଗତ ପ୍ରାଚୀନ ଶକ୍ତିପୀଠ ଚିତ୍ରେଶ୍ୱରୀ ମନ୍ଦିର ନିର୍ମାଣ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଐତିହ୍ୟ ଗବେଷକମାନଙ୍କ ହସ୍ତଗତ ହୋଇଛି। ଦେବୀ ଚିତ୍ରେଶ୍ୱରୀଙ୍କ ପାଦପୀଠରେ ଉତ୍କୀର୍ଣ୍ଣ ସଂସ୍କୃତ ଅଭିଲେଖର ପାଠୋଦ୍ଧାର ପରେ ଏହି ତଥ୍ୟ ମିଳିଛି। କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ସୋସାଇଟ୍‌ର ସଦସ୍ୟମାନେ ଅଭିଲେଖଟିକୁ ପାଠ କରିଛନ୍ତି। ଏହି ଗବେଷଣାରେ ସତ୍ୟଜିତ ସ୍ୱାଇଁ, ବିକ୍ରମ କୁମାର ନାୟକ, ମିହିର ବାହିନୀପତି, ବିଷ୍ଣୁ ମୋହନ ଅଧିକାରୀ ଓ ଦୀପକ କୁମାର ନାୟକ ସାମିଲ ଥିଲେ। ଏ ସମ୍ପର୍କରେ ଅଧିକ ତଥ୍ୟ ପ୍ରଦାନ କରି ସୋସାଇଟିର ସଦସ୍ୟ ବିଷ୍ଣୁ ମୋହନ ଅଧିକାରୀ କହିଛନ୍ତି, ଦେବୀ ଚିତ୍ରେଶ୍ୱରୀଙ୍କ ପାଦପୀଠରେ ଓଡ଼ିଆ ଲିପି ଓ ସଂସ୍କୃତ ଭାଷାରେ ତିନି ଧାଡିର ଅଭିଲେଖ ରହିଛି। ଲିପିତତ୍ତ୍ୱ ଅନୁସାରେ ଏହି ଅଭିଲେଖଟି ଉନ୍ନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଲେଖାଯାଇଥିବା ମନେହୁଏ। ଏହି ଅଭିଲେଖଟିର ଧାଡି ୧ରେ ହେ ମା ତବ ଚରଣ କିଙ୍କର, ଧାଡି ୨ରେ ନୃପ ସଦାଳୟେ ଚିତ୍ରେସ୍ୱରି ନବିଂନ ଚ ପ୍ରଭୂତ ଯେନ, ଧାଡି ୩ରେ ସିଳ୍ପିବରଃ ଶ୍ରୀପତି ନାମଧେୟ ରହିଛି। ଏଥିରୁ ଜଣାପଡୁଛି ଯେ, ମନ୍ଦିରଟିର ନିର୍ମାଣ ସମୟରେ ଶ୍ରୀପତି ନାମକ ଶିଳ୍ପୀ ଦେବୀ ଚିତ୍ରେଶ୍ୱରୀଙ୍କ ବିଗ୍ରହଟିକୁ ଗଢ଼ିଥିଲେ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରାଚୀ ନଦୀ ଅବବାହିକାରେ ଦେବୀ ଚିତ୍ରେଶ୍ୱରୀଙ୍କ ଉପାସନା ପ୍ରାଚୀନ ସମୟରୁ ହୋଇଆସୁଛି ବୋଲି କହିଛନ୍ତି ଐତିହ୍ୟ ଗବେଷକ ଦୀପକ କୁମାର ନାୟକ। ଚିତ୍ରେଶରୀ ହେଉଛନ୍ତି ସ୍ଥାନୀୟ ଗୋଲରାଗଡ଼ର ଅଧିଷ୍ଠାତ୍ରୀ ଦେବୀ। କେବେ ଏହି ନୂତନ ମନ୍ଦିର ଓ ବିଗ୍ରହର ପ୍ରତିଷ୍ଠା ହୋଇଥିଲା ତାହା ଅଭିଲେଖରୁ ସ୍ପଷ୍ଟ ହେଉ ନ ଥିଲେ ମଧ୍ୟ ଲିପିତତ୍ତ୍ୱ ଆଧାରରେ ଏହା ଉନ୍ନବିଂଶ ଶତାବ୍ଦୀର ପ୍ରାରମ୍ଭ କାଳରେ ହୋଇଥାଇପାରେ ବୋଲି ନାୟକ ମତବ୍ୟକ୍ତ କରିଛନ୍ତି।

# ସୁଦୃଢ଼ ହେବ ସାଧାରଣ ବଣ୍ଟନ ବ୍ୟବସ୍ଥା: ଯୋଗାଣ ମନ୍ତ୍ରୀ

**କଟକ,୨୦।୧୦ (କାର୍ତ୍ତିକ ସାହୁ)**



## ଖାଦ୍ୟ ଯୋଗାଣ, ଧାନ କ୍ରୟ ନିମନ୍ତେ ସମୀକ୍ଷା ବୈଠକ

କଟକ ଜିଲାରେ ଖାଦ୍ୟ ଯୋଗାଣ ଓ ଧାନ କ୍ରୟ ପ୍ରକ୍ରିୟା ନିମନ୍ତେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଧାନ କ୍ରୟର ସହାୟକ ମୂଲ୍ୟ ବୃଦ୍ଧି ରାଜ୍ୟ ସରକାରଙ୍କ ଐତିହାସିକ ପଦକ୍ଷେପ ଭାବେ ବିବେଚନା କରି କୃଷକଙ୍କ ସମସ୍ତ ସୁବିଧା ନିମନ୍ତେ ଆଗାମୀ ଦିନରେ ରାଜ୍ୟର ଧାନମଣ୍ଡିଗୁଡ଼ିକ ଭିତ୍ତିଭୂମିର ଉନ୍ନତୀକରଣ ସହ ବଣ୍ଟନ ବ୍ୟବସ୍ଥା ସଦୃଢୀକରଣ କରାଯିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ୫୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ବୈଠକରେ ମନ୍ତ୍ରୀ ସୂଚନା ଦେଇଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟ କରିବାକୁ ମନ୍ତ୍ରୀ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧ ଶହ ଟଙ୍କା ଲେଖାଏଁ ଚାଷୀମାନଙ୍କୁ ପ୍ରଦାନ କରାଯିବ, ଯୋଗ୍ୟ ହିତାଧିକାରୀ ଚୟନ ପ୍ରକ୍ରିୟାକୁ ସୁଦୃଢ଼ କରାଯିବା ସହ ବଣ୍ଟନ ଓ ଧାନ କ୍ରୟ ବ୍ୟବସ୍ଥାରେ ସ୍ୱଚ୍ଛତା ଅବଲମ୍ବନ, ଅସାଧୁ ବେପାରୀଙ୍କ କବଳରୁ ଚାଷୀମାନେ ମୁକ୍ତ ହେବା, ଧାନ ଉଠାଣର ୪୮ଘଣ୍ଟା ମଧ୍ୟରେ କୃଷକଙ୍କ ଜମାଖାତାରେ ସିଧାସଳଖ ଅର୍ଥ ପ୍ରଦାନ, ମଣ୍ଡିରୁ ମିଲ୍ ପର୍ଯ୍ୟନ୍ତ ପରିବହନ ସମୟରେ ଜିପିଏସ୍ ବ୍ୟବସ୍ଥା କରାଯିବା ସମ୍ବନ୍ଧରେ ମନ୍ତ୍ରୀ ଆଲୋଚନା କରି ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ୪୦୦୦ ମଣ୍ଡି ମଧ୍ୟରୁ ଆବଶ୍ୟକ ହେଉଥିବା ପ୍ରାୟ ୭୦୦ ମଣ୍ଡିର ସାମାନ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ। ଧାନ କ୍ରୟ ଓ ଉଠାଣ ସମୟରେ ଯେପରି କୌଣସି ଚାଷୀ ବାଦ୍ ପଡ଼ିବେ ନାହିଁ ସେଥିପାଇଁ ସମ୍ପୃକ୍ତ ଅଧିକାରୀମାନେ ଯତ୍ନର ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମାସରୁ ଉଭୟ ଚାଉଳ ଓ ଗହମ ଏକ ସଙ୍ଗେ ମିଳିବା ସହ ଟୋକେନ ବ୍ୟବସ୍ଥା, ମିଲରଙ୍କ ସମସ୍ୟା, ଘରେ ଘରେ ବଣ୍ଟନ ବ୍ୟବସ୍ଥା, ମଣ୍ଡିରେ କୃଷକଙ୍କ ପାଇଁ ପାନୀୟ ଜଳ ସହ ମୌଳିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ସେ ଆହୁରି କରିଛନ୍ତି, ଧାନ କ୍ରୟ ବେଳେ କଟ୍‌ନି ଛଟ୍‌ନି କରାଯିବ ନାହିଁ। ଏଫ୍‌ଏକ୍ୟୁ ମାନର ଧାନ ଯାଞ୍ଚ ପାଇଁ କ୍ୱାଲିଟି ଗ୍ରେନ୍ ଆନାଲାଇଜର ମେଶିନ ବ୍ୟବହାର କରାଯିବ। ଏହାସହ ମଣ୍ଡିରେ ସିସିଟିଭି କ୍ୟାମେରା ଓ ଗାଡ଼ିରେ ଜିପିଏସ ବ୍ୟବହାର କରାଯିବ। ସେହିଭଳି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗରିବ ଲୋକଙ୍କୁ ରାଶନ କାର୍ଡରେ ଅନ୍ତର୍ଭୁକ୍ତ କରିବା ସହ ଅଯୋଗ୍ୟ ହିତାଧିକାରୀଙ୍କ ରାଶନ କାର୍ଡ କାଟିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସ୍ୱାଗତ ସୂଚନା ଦେଇ ଜିଲାରେ ସ୍ୱଚ୍ଛତାର ସହ ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ବଣ୍ଟନ ବ୍ୟବସ୍ଥା, ଧାନ କ୍ରୟ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା, ମଣ୍ଡି ଏବଂ ଜିଲାରେ ଆବଶ୍ୟକ ନୋଡାଲ ଅଧିକାରୀ ନିଯୁକ୍ତି ସହ ଉଭୟ ଖାଦ୍ୟ ଯୋଗାଣ ଓ ସମବାୟ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ପ୍ରଶାସନିକ ବ୍ୟବସ୍ଥା ସମ୍ବନ୍ଧରେ କହିଥିଲେ। ସମୀକ୍ଷା ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ନିଆଳି ବିଧାୟକ ଛବି ମଲ୍ଲିକ ଯୋଗଦେଇଥିଲେ। ଜିଲାରେ ଧାନ କ୍ରୟ ଓ ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଅବଲମ୍ବନ ସହ ଧାନମଣ୍ଡିଗୁଡ଼ିକରେ ସୁବ୍ୟବସ୍ଥା, ଚାଷୀଙ୍କ ସମସ୍ତ ସୁବିଧା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସମ୍ବନ୍ଧରେ ବିଧାୟକମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ଜିଲାର ଖାଦ୍ୟ ଯୋଗାଣ ଓ ବଣ୍ଟନ ବ୍ୟବସ୍ଥା ସମ୍ବନ୍ଧରେ ସୂଚନା ଦେଇଥିଲେ। ଜିଲାରେ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ହିତାଧିକାରୀ ସଂଖ୍ୟା ୧୭ ଲକ୍ଷ ୯୧ ହଜାର ରହିଛି। ଆବେଦନ କରିଥିବା ୨ ଲକ୍ଷ ୮୭ ହଜାର ମଧ୍ୟରୁ ଯୋଗ୍ୟ ହିତାଧିକାରୀ ଚୟନ କରି ଏହି ଯୋଜନାରେ ସାମିଲ କରାଯିବା ପାଇଁ ସେ କହିଛନ୍ତି। ଖାଦ୍ୟ ଯୋଗାଣ ବିଭାଗର ଅଧିକାରୀ, କର୍ମଚାରୀଙ୍କ ସମେତ ସମସ୍ତ ଉପଖଣ୍ଡର ଡିଆର୍‌ସିଏସ୍, ଏଆର୍‌ସିଏସ୍, ନିୟନ୍ତ୍ରଣ ବଜାର କମିଟି ସମ୍ପାଦକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଧନ୍ୟବାଦ ଦେଇଥିଲେ।

# ଛାତରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ଟାଙ୍ଗୀ,୨୦।୧୦(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଧୀନ ବଡପୋଖରୀଆ ଗୋପୀନାଥପୁର ଶାସନର ଦେବୀପ୍ରସାଦ ତ୍ରିପାଠୀ ଶନିବାର ରାତିରେ ଛାତରୁ ପଡ଼ି ମୃତ୍ୟୁବରଣ କରିଛନ୍ତି। ସନ୍ଧ୍ୟା ସମୟରୁ ସେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଘର ଛାତରୁ ଖସିପଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଥିଲା। ଦେବୀପ୍ରସାଦ ବଡ଼ପୋଖରିଆ ସେବା ସମବାୟ ସମିତିରେ ସହାୟକ ଭାବେ କାର୍ଯ୍ୟ କରୁଥିଲେ। ସେ ପରିବାରର ଏକମାତ୍ର ପୁତ୍ର ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କିରୋସିନ ଢାଳି ନିଆଁ ଲଗାଇଦେଲେ ସ୍ତ୍ରୀ

## ଉଦ୍ଧାର କରିବାକୁ ଯାଇ ସ୍ୱାମୀ ଗୁରୁତର


**ସୋର, ୨୦।୧୦ (ଜନ୍ମେ ଜୟ ମିଶ୍ର)**

ପାରିବାରିକ କଳହକୁ କେନ୍ଦ୍ର କରି ସ୍ତ୍ରୀ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇଦେଇଥିବା ବେଳେ ଉଦ୍ଧାର କରିବାକୁ ଯାଇ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି ସୋର ଥାନା ଅଧୀନ ଜଡିଡଦା ପଞ୍ଚାୟତ ଆଡ଼ିଆ ଗାଁରେ। ଗୁରୁତର ସ୍ୱାମୀ ଶଶିକାନ୍ତ ମହାରଣା ଓ ତାଙ୍କ ସ୍ତ୍ରୀ ଭାନୁମତି ମହାରଣାଙ୍କୁ ପ୍ରଥମେ ସ୍ଥାନୀୟ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟ ଦମ୍ପତିଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ରବିବାର ସକାଳେ ଉଭୟ ଦମ୍ପତିଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଳହ ହୋଇଥିଲା। ଏହି କଳହ ଉଗ୍ରରୂପ ନେଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସ୍ତ୍ରୀ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ସ୍ତ୍ରୀ ପୋଡ଼ି ହୋଇଯାଉଥିବା ଦେଖି ସ୍ୱାମୀ ଶଶିକାନ୍ତ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ତାଙ୍କ ଦେହରେ ମଧ୍ୟ ନିଆଁ ଲାଗିଯାଇଥିଲ। ପଡୋଶୀମାନେ ଉଭୟଙ୍କ ଚିତ୍କାର ଶୁଣି ଉଦ୍ଧାର କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ହିନ୍ଦୀ ଭାଷା ବ୍ୟବହାରକୁ ପୂର୍ବତଟ ରେଳପଥର ଗୁରୁତ୍ୱ

**ଭୁବନେଶ୍ୱର,୨୦।୧୦ (ଅନୁରାଧା ମହାରଣା)**

ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ମୁଖ୍ୟାଳୟ ରେଳ ସଦନଠାରେ ଏକ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଯୋଗଦେଇ ସରକାରୀ କାର୍ଯ୍ୟ ବିଶେଷ ଭାବରେ ଇ-ଫାଇଲ, ଇ-ଅଫିସ ଏବଂ ଅଫିସିଆଲ ନୋଟିଙ୍ଗସ ମାଧ୍ୟମରେ ହିନ୍ଦୀ ବ୍ୟବହାରର ଉପରେ ଗୁରୁତ୍ୱାରୋପ କରିଥିଲେ। ଦୈନନ୍ଦିନ କାର୍ଯ୍ୟରେ ହିନ୍ଦୀ ଭାଷାର ଗୁରୁତ୍ୱ ଉପରେ ପ୍ରାଥମିକତା ଦେଇ ନୋଟ ଡ୍ରାଫ୍ଟ ଏବଂ ଚିଠି ଲେଖିବାକୁ ସେ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା, ମୁଖ୍ୟ ରାଜଭାଷା ଅଧିକାରୀ ତଥା ପ୍ରମୁଖ ବୈଦ୍ୟୁତିକ ଯନ୍ତ୍ରୀ ଆଲୋକ ସହାୟଙ୍କ ସହିତ ରେଳପଥର ସମସ୍ତ ପ୍ରମୁଖ ଓ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଲୋକଙ୍କ କାମ ନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

## ଜିଲାପାଳମାନଙ୍କୁ ରାଜସ୍ୱ ବିଭାଗର ଚିଠି

**ଭୁବନେଶ୍ୱର, ୨୦।୧୦ (ସୁନିତ୍ ମିଶ୍ର)**

କାର୍ଯ୍ୟରେ ଅବହେଳା କଲେ ଏଣିକି ରାଜସ୍ୱ ବିଭାଗର କର୍ମଚାରୀଙ୍କୁ ଆଉ ତ୍ରାହି ମିଳିବ ନାହିଁ ବୋଲି ବିଭାଗ କଡ଼ା ଚେତାବନୀ ଦେଇଛି। ତହସିଲଦାର, ଆରଆଇ, ଅମିନଙ୍କଠାରୁ ଆରମ୍ଭ କରି ଅନ୍ୟ କର୍ମଚାରୀମାନଙ୍କୁ ରାଜସ୍ୱ ବିଭାଗ ଏନେଇ ତାଗିଦ କରିଛି। ଲୋକଙ୍କ କାମ ନ କଲେ କାର୍ଯ୍ୟାନୁଷ୍ଠାନ ହେବ। ୧୫ ଦିନ ଭିତରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ବିଭାଗ ପକ୍ଷରୁ ଅବଗତ କରାଯାଇଛି। ଜିଲାପାଳଙ୍କୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ ରହିଛି, ଗ୍ରାଉଣ୍ଡରେ ଥିବା କିଛି ବିଭାଗୀୟ ଅଧିକାରୀ ଲୋକଙ୍କୁ ସେବା ଦେବାରେ ଅବହେଳା କରୁଛନ୍ତି। ଅଭିଯୋଗକୁ ତୃଣମୂଳସ୍ତରରେ ସମାଧାନ କରୁନାହାନ୍ତି। ଯେଉଁଥିଲାଗି ଲୋକଙ୍କୁ ଉପରସ୍ତରକୁ ଏମିତିକି ଭୁବନେଶ୍ୱର ପର୍ଯ୍ୟନ୍ତ ଆସିବାକୁ ପଡୁଛି। ଏହାଦ୍ୱାରା ଲୋକଙ୍କ ଉପରେ ଆର୍ଥିକ ଚାପ ଓ କଷ୍ଟ ସହିବାକୁ ପଡୁଛି। ଏହା ମଧ୍ୟ ନଜରକୁ ଆସିଛି, ସମାଧାନ ପାଇଁ ଲୋକମାନେ ଦେଉଥିବା ଅଭିଯୋଗ ବିନା ଶୁଣାଣିରେ ନିୟମିତ ପ୍ରକ୍ରିୟାରେ ଖାରଜ ହେଉଛି। ଗ୍ରାଉଣ୍ଡରେ ଥିବା ଅଧିକାରୀ ଉତ୍ତର ଦାୟିତ୍ୱ ନେଉ ନ ଥିବାରୁ ଏହି ସମସ୍ୟା ହେଉଛି। ଆଉ ଅବହେଳା କରିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଉପରିସ୍ଥ ଅଧିକାରୀ ନେଉନାହାନ୍ତି ବୋଲି ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଏଣିକି ଏମିତି ଅଭିଯୋଗ ଆସିଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ୧୫ ଦିନ ଭିତରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ। ଏହାପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବ। ରାଜସ୍ୱ ବିଭାଗ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତାର ପ୍ରମାଣ ସାଧାରଣ ଜନତା ଦେବେ ବୋଲି ଶନିବାର ରାଜସ୍ୱ ମନ୍ତ୍ରୀ କହିଥିଲେ। ଏଥିପାଇଁ ବିଭାଗର ବିଭିନ୍ନ କାର୍ଯ୍ୟାଳୟରେ ରେଜିଷ୍ଟର ରହିବ ବୋଲି ସେ କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚନ୍ଦାମୁଣ୍ଡେ ମାରି ଚନ୍ଦନ ଚିତା**
**ଚର ଚର କରି ଲେଖନ୍ତି ଗୀତା**
**ଚତୁରପଣକୁ ଦେଖ**
**ଅଧଲାଟାକୁ ଯେ ଭାଜନ ନୁହଁନ୍ତି**
**ସେଇ ବୋଲାନ୍ତି ନାହାକ।**

ନିଜକୁ ଚିତା ଚଇତନରେ ସଜେଇ ସମସ୍ତଙ୍କୁ ନାନା କଥା କହି ପ୍ରଭାବିତ କରୁଥିବା ବ୍ୟକ୍ତି ଧୂର୍ତ୍ତ ବୋଲାଇଥାନ୍ତି। ପରୋକ୍ଷରେ ଠାକୁରଙ୍କ ନାମରେ ବା ଧର୍ମର ଦ୍ୱାହି ଦେଇ ମିଛସତ କହି ବୋକା ବନାଉଥିବା ଭଣ୍ଡ ନାହାକ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଚୂନ ଟାଣେ ନାସ,**
**ଲୁଣ ଟାଣେ ମାଛ,**
**ଗୁଆ ଟାଣେ ପାନ,**
**ରୁଆ ଟାଣେ ଧାନ।**

ଚୂନ ନାସ ଟାଣି ନିଏ। ମାଛରେ ଅଧିକ ଲୁଣ ଦିଆଯାଏ। ପାନରେ ଗୁଆ ଅପରିହାର୍ଯ୍ୟ। ସେହିପରି ରୁଆ ଧାନ ଥୁଆ ବୋଲି ଚାଷୀ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


**ODISHA HYDRO POWER CORPORATION LIMITED**
OHPC BALIMELA HYDRO ELECTRIC PROJECT, POST : BALIMELA, DIST : MALKANGIRI (ODISHA), PIN : 764051, PHONES : 06861-232581 (O)/232641 (R), FAX : 06861-232541,
E-mail : unit.head_balimela@yahoo.com
REGD. OFFICE : ODISHA HYDRO POWER CORPORATION LIMITED
(A Govt. of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-751022, Tel : 91-674-2542983, 2542802, 2545526, Fax : 2542102, GRAM : HYDROPOWER,
E-mail : ohpc.co@gmail.com / md@ohpcltd.com, Website : www.ohpcltd.com
CIN : U40101OR1995SGC003963, GSTIN-21AAACO2575P1Z9
TENDER CALL NOTICE NO : BHEP/21/2024-25 Dtd. 18.10.2024
No. CAD-1397 : Sealed Tenders are invited in two part i.e. (i) Technical bid & (ii) Price bid in separate sealed envelopes from the reputed & experienced Under Water Diving firms having at least 03 years of experience in Under water diving & salvage work as per the details mentioned below.

| Sl. No. | Description of Services | Cost of tender papers (Non-refundable in Rs.) |
|---|---|---|
| 1 | HIRING OF SERVICES FOR UNDER WATER DIVING AND SALVAGE WORK AT DIFFERENT LOCATIONS OF WATER CONDUCTOR SYSTEM OF BALIMELA HYDRO ELECTRIC PROJECT, BALIMELA | 7080/- |

The Sale of Tender Paper will be from : 24.10.2024 to 12.30 Hrs. of 11.11.2024
The last date & time of receipt of tenders : Up 16.00 Hrs. of 11.11.2024
Date and time of opening of the tenders : At 16.30 Hrs. of 11.11.2024
For details of the tender documents, terms and conditions please visit our website www.ohpcltd.com
Sd./- C & P Head
BHEP, Balimela
OIPR-04019/11/0027/2425



**Indian Potash Limited**
IPL
**NOTICE INVITING TENDER**
Sealed tender are invited from financially sound and experienced transport contractors for undertaking transportation work of bagged chemical fertilizers (45Kg/50Kg bags) from Dhamra port by road for 2 years. The tenderer should have experience in transportation of bagged fertiliser/sugar/cement/food grains at railway rake point/port and at least 5 trucks should be owned by them. The transport contractor should have all statutory registration required for carrying on transportation business. Tender paper may be obtained from the regional office of INDIAN POTASH LTD at the address given below. Tender papers may be collected on payment of Rs.5000/- (non-refundable) by way of demand draft drawn in favour of INDIAN POTASH LTD payable at Bhubaneswar. Tender documents should be submitted by 4thNov'2024 by 12.00 Hrs. The tender will open on the same day at 15.00 Hrs before the tenderers or their accredited representatives. IPL shall have the right to award the tender to L1 or more contractors at its own discretion. IPL reserves the right to accept /reject any or all tenders either in full or in part without assigning any reason.
INDIAN POTASH LIMITED, REGIONAL OFFICE
ODYSSA BUSINESS CENTRE, UNIT 413 & 414, PLOT No. 30 & 31, 4th FLOOR, RASULGARH, BHUBANESWAR – 751010.
PHONE No – 0674-2585514/15, Mail id :iplbhu@potindia.com



**GOVERNMENT OF ODISHA e-PROCUREMENT NOTICE**
**WORKS DEPARTMENT**
Bid Identification No. S.E. CBT (R&B) 16/2024-25
charbatiadivision1@gmail.com
No.B-454

| | | | |
|---|---|---|---|
| i | Name of the work | : | Civil work-24 Nos. |
| ii | Estimated cost | : | Rs.31,48,559/- to Rs.94,37,016/- |
| iii | Period of completion | : | 03 months (90 days) to 04 months (120 days) |
| iv | Date & time of availability of Bid documents in the portal | : | From 10.00 A.M. of 23.10.2024 to 04.11.2024 upto 1.00 P.M. for 'online' bidding |
| v | last date/time for receipt of Bids in the portal | : | 04.11.2024 upto 1.00 P.M. |
| vi | Name and address of the officer inviting Bid | : | Superintending Engineer Charbatia (R&B) Division, Choudwar |

Further details can be seen from the e-procurement portal http://www.tendersorissa.gov.in. Any addendum/corrigendum/cancellation of tender can also be seen in the said website.
Sd./- Superintending Engineer
Charbatia (R&B) Division
Choudwar
OIPR-34092/11/0007/2425



**WORKS DEPARTMENT**
**OFFICE OF THE SUPERINTENDING ENGINEER, BHADRAK (R&B) DIVISION**
e-mail : bhadrakrnbdivision@gmail.com
Government of Odisha "e" Procurement Notice
Bid Identification No. SE (R&B) BDK33/2024-25
No.6600/dt.-14.10.2024
No.B-458

| | | | |
|---|---|---|---|
| 1 | Nature of work | : | Building Works (Civil, Electricals & PH) |
| 2 | Number of works | : | 19 (Nineteen) Nos. |
| 3 | Amount put to Tender | : | From Rs. 30.53 Lakhs to 75.32 Lakhs |
| 4 | Class of Contractor | : | B & C Class |
| 5 | Date & Time of availability of bid document in the portal | : | 23.10.2024 at 11.00 A.M. |
| 6 | Last Date / Time of receipt of bid in the portal | : | 04.11.2024 upto 05.00 P.M. |
| 7 | Date of opening of bid | : | Dt. 05.11.2024 at 11.30 A.M. |
| 8 | Name & address of the Office inviting bid | : | Superintending Engineer, Bhadrak (R&B) Division |
| 9 | The bidders have to participate in ONLINE bidding only | | |
| 10 | Further details can be seen from the e-procurement portal "http// tendersodisha.gov.in." | | |
| 11 | All future corrigendum will be available on ONLINE mode only | | |

Sd./- Superintending Engineer
Bhadrak (R&B) Division
OIPR-34079/11/0007/2425



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, BALASORE**
No.O-421
e-procurement Notice for Roads works
Bid Identification No. e-procurement Notice No.01/ SERW-II/BLS/2024-25
1. Name of the work : Road works. 2. Total no. of works : 49 Nos. 3. Estimated Cost : As Specified in column 3 of Annexure. 4. Cost of Tender Paper through online : As Specified in column 6 of Annexure. 5. Time of Completion : As specified in column 7 of Annexure. 6. Class of Contractor : As specified in column 8 of Annexure
7. Other Details : As per DTCN

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of Opening of Tender in O/o Superintending Engineer, R.W. Divn.-II, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W.Division-II, Balasore | E-TCN No.01 of 2024-25 | 23.10.2024 at 05.00 P.M. | 01.11.2024 up to 5.00 P.M. | 01.11.2024 upto 02.00 P.M. | 02.11.2024 at 11.00 A.M. |

Further details can be seen from the website www.tendersorissa.gov.in
Sd./- Additional Chief Engineer
RW Division-II, Balasore
OIPR-25052/11/0001/2425



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, NABARANGPUR**
No.O-412
e.mail - eerwngp@rediffmail.com
Letter No. : 3806 Date : 15.10.2024
e-Procurement Notice
Name of the work : Road Works Total No. of works : 05 (Five) Nos.
Approx. Estimated Cost : Rs. 51.69 lakhs to Rs. 82.96 lakhs Class of Contractor : "B" Class Contractor
Period of completion : 02 (Two) Calendar Months

| Procurement officer | Bid Identification No. | No. of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | 5 | 6 | |
| Rural Works Division-I, Nabarangpur | EERWNGP - Online 03/2024-25 | 05(Five) Nos. | 24.10.2024 at 10.00 A.M. | 04.11.2024 upto 03.00 P.M. | 05.11.2024 at 11.00 A.M. | To be intimated separately |

For details can be seen from the Government website www.tendersorissa.gov.in.
Sd./- Superintending Engineer
Rural Works Division-I, Nabarangpur
OIPR-25092/11/0003/2425



**Office of District Manager**
**Odisha State Civil Supplies Corporation Ltd. (OSCSC)**
Annexure-II
Angul (District)
Phone : 06764-230282
District Website https://angul.odisha.gov.in
No.CAD-1399
Tender No. : 3836 Dt. : 18.10.2024
District Manager, Odisha State Civil Supplies Corporation Ltd., Angul (District) invites tenders in Double Cover System through ONLINE MODE ONLY for the works below :

| | | |
|---|---|---|
| 1 | Name of the work | For selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC) |
| 2 | Availability of bid document in the portal | From 21.10.2024 |
| 3 | Last Date / Time for receipt of bids in the portal | Dt. 31.10.2024 upto 5.30 (P.M.) |
| 4 | Date/Time of Opening of Technical Bid | Dt. 01.11.2024 at 11.00 (A.M.) |
| 5 | Name and address of the Officer Inviting Tender | District Manager, OSCSC Ltd., Angul (District) |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.
Sd./- District Manager
OSCSC Ltd. Angul
OIPR-07064/11/0003/2425

## ସଂକ୍ଷେପରେ

### କେନାଲରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଢେଙ୍କିକୋଟ,୨୦।୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ପିପିଳିଆ ପଞ୍ଚାୟତ ଅସନବଣି ଗ୍ରାମ ନିକଟସ୍ଥ କେନାଲରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅସନବଣି ଗ୍ରାମର ଶୁକଦେବ ମହାନ୍ତ(୬୨)। ଶନିବାର ଅପରାହ୍ନ ୨ଟା ବେଳେ ସେ ଗ୍ରାମ ନିକଟସ୍ଥ କେନାଲକୁ ଗାଧୋଇବା ପାଇଁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ଖୋଜାଖୋଜି କରି ନାଳରୁ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଢେଙ୍କିକୋଟ ବିଟ୍ ହାଉସ ଏଏସ୍ଆଇ ସୁରଥ ଚନ୍ଦ୍ର ଦେହୁରୀ, କନଷ୍ଟେବଲ ଗୀତାରାଣୀ ସାହୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛନ୍ତି। ଏନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୩/୨୪) ରୁଜୁ ହୋଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପିପିଳିଆ ପଞ୍ଚାୟତ ସରପଞ୍ଚ ଦାବି କରିଛନ୍ତି।

### ଗଜଲକ୍ଷ୍ମୀ ଭସାଣି: ଆଘୋରି ନୃତ୍ୟ ଦେଖିବାକୁ ଭିଡ଼

ପାଟଣା,୨୦।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ପୁରାତନ କୁମାର ଉତ୍ସବ କମିଟି ପକ୍ଷରୁ ପୂଜା ପାଉଥିବା ଗଜଲକ୍ଷ୍ମୀ ରବିବାର ବିଦାୟ ନେଇଛନ୍ତି। ରାତିରେ ଭସାଣି ଉତ୍ସବରେ ପ୍ରବଳ ଜନସମାଗମ ହୋଇଥିଲା। ଭସାଣିର ପ୍ରମୁଖ ଆକର୍ଷଣ କୋଲକାତାର ପ୍ରସିଦ୍ଧ ଅଘୋରୀ ନୃତ୍ୟ ଦେଖିବାକୁ ଭିଡ଼ ଜମିଥିଲା। ଅଘୋରି ଗ୍ରୁପ୍ ତରଫରୁ ଶିବବିବାହ ଓ ଶିବ ତାଣ୍ଡବ ଦେଖିବାକୁ ପାଟଣା ମୁଖ୍ୟରାସ୍ତାରେ ଟ୍ରାଫିକ୍ ଜାମ୍ ହୋଇଥିଲା। ଆନନ୍ଦେଶ୍ୱର ଶିବ ମନ୍ଦିର ନିକଟରୁ ଭସାଣି ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ବୈତରଣୀ ନଦୀରେ ବିସର୍ଜନ କରାଯାଇଥିଲା। ସେହିପରି ପାଟଣା ବ୍ଲକ ଅଧୀନ ଡୁମୁରିଆ ପଞ୍ଚାୟତ ତଣ୍ଡ ଗ୍ରାମରେ ୪ ଲକ୍ଷ୍ମୀ ମେଢ଼କୁ ଶୋଭାଯାତ୍ରାରେ ନେଇ ବୈତରଣୀରେ ବିସର୍ଜନ କରାଯାଇଛି।

### ବଣିଆପାଟ ଶିଶୁ ମନ୍ଦିରର ପୂର୍ବ ଛାତ୍ର ଏକତ୍ରୀକରଣ

କେନ୍ଦୁଝର, ୨୦।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

ସ୍ଥାନୀୟ କଲେଜରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୂର୍ବ ଛାତ୍ର ଏକତ୍ରୀକରଣ ଅନୁଷ୍ଠିତ ହୋଇଯାଇଛି। ଶାରଦୀୟ ପୂଜା ମାହୋଲରେ ବଣିଆପାଟ ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇଥିବା ପୂର୍ବ ଛାତ୍ର ଏକତ୍ରୀକରଣରେ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ହୃଦାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ସଭା ପରିଚାଳନା କରାଯାଇଥିଲା। ସମ୍ପାଦକ ଭାଗୀରଥି ଗିରି ଅତିଥି ଭାବେ ଯୋଗଦେଇ ଛାତ୍ରମାନଙ୍କ କର୍ତ୍ତବ୍ୟ ବିଷୟରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇ ଛାତ୍ରୀଛାତ୍ରମାନଙ୍କୁ ପୁରୁଣା ଦିନର ଅନୁଭୂତିକୁ ବର୍ଣ୍ଣନା କରିଥିଲେ। ଏଥିରେ ଶିଶୁ ବିଦ୍ୟାମନ୍ଦିରର ୭୩ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ଗୁରୁମା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଜବରଦଖଲକାରୀଙ୍କୁ ନୋଟିସ୍ କଲା ପୌର ପ୍ରଶାସନ

## କେନ୍ଦୁଝର ସହରରେ ବଢ଼ି ଚାଲିଛି ବେଆଇନ ଅଟ୍ଟାଳିକା

କେନ୍ଦୁଝର,୨୦।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରରେ ବହୁ କୋଠାଘର, ଦୋକାନ ଗୃହ ଏବଂ ମାର୍କେଟ କମ୍ପ୍ଲେକ୍ସ ବେଆଇନ ଭାବେ ନିର୍ମାଣ ହୋଇଛି। କେତେକ ଦୋକାନ ଘର ସରକାରୀ ଜମିରେ ନିର୍ମାଣ ହୋଇଥିଲେ ହେଁ ପୌରପାଳିକା ପକ୍ଷରୁ ଜବରଦଖଲ ଦଖଲ ଉଚ୍ଛେଦ ହେଉ ନ ଥିବା ଅଭିଯୋଗ ହୋଇଛି। କ୍ରମବର୍ଦ୍ଧିଷ୍ଣୁ କେନ୍ଦୁଝର ସହରର ଲୋକସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଦୋକାନଘର, ଘର, ଗାଡ଼ି ମଧ୍ୟ ବଢ଼ିଛି। ଏପରିସ୍ଥିତିରେ ସହରରେ ଟ୍ରାଫିକ୍ ସମସ୍ୟା ଏକ ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି। ଏଥିପାଇଁ ସାଧାରଣ ଲୋକେ ଅନେକ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଭୟ ପୌର ପ୍ରଶାସନ ଏବଂ ତହସିଲ କର୍ତ୍ତୃପକ୍ଷ ଆଖିବୁଜିଆ ପଦକ୍ଷେପ ନେଉ ନ ଥିବାରୁ ବେଆଇନ ଅଟ୍ଟାଳିକା, ସପିଂ ମଲ୍ ବଢ଼ି ଚାଲିଥିବାବେଳେ ବିନା ପାର୍କିଂ ବ୍ୟବସ୍ଥାରେ ଘର ନିର୍ମାଣ ଚାଲିଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ସହର ଗାନ୍ଧୀ ଛକ ନିକଟ ୪୯ନଂ. ଜାତୀୟ ରାଜପଥ କଡ଼ରେ। ଜନାକୀର୍ଣ୍ଣ ଅଞ୍ଚଳ ଭାବେ ପରିଚିତ ଏହି ସ୍ଥାନରେ ଏକ ନୂଆ ମାର୍କେଟ କମ୍ପ୍ଲେକ୍ସ ଅନୁମୋଦିତ ପ୍ଲାନକୁ ବ୍ୟତିକ୍ରମ କରି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଉଛି। ସେହିପରି ପାର୍କିଂ ବ୍ୟବସ୍ଥା ନ କରି କେତେକ ମଲ୍ ଚାଲିଥିବାରୁ ନାହିଁ ନ ଥିବା ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ପାର୍କିଂ ପାଇଁ ସ୍ଥାନ ନ ଥିବାରୁ ରାସ୍ତାରେ ଯାନବାହାନ ରହୁଛି। ରାସ୍ତାରେ ଗାଡ଼ି ରହୁଥିବାରୁ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଟ୍ରାଫିକ୍ ସମସ୍ୟା ଜଟିଳ ହେଉଛି। ଲାବଣ୍ୟଛକଠାରୁ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ସରକାରୀ ଜମିରେ ବହୁ ମାର୍କେଟ କଂପ୍ଲେକ୍ସ ନିର୍ମାଣ ହୋଇ ଭଡ଼ା ଦିଆଯାଇଛି। ଫଳରେ ଜନାକୀର୍ଣ୍ଣ ରାସ୍ତାରେ ସବୁ ସମୟରେ ରାସ୍ତା ଜାମ ହେବା ସହ ଜରୁରୀକାଳୀନ ଗାଡ଼ି ଯଥା ଆମ୍ବୁଲାନ୍ସ, ସ୍କୁଲ ବସ୍, କ୍ଷୀର ଗାଡ଼ି, ଦମକଳ ଗାଡ଼ି ଅନେକ ସମୟରେ ଘଣ୍ଟା ଘଣ୍ଟା ଧରି ଫସି ରହୁଛି। ଉକ୍ତ ରାସ୍ତାରେ ବହୁ ମାର୍କେଟ କଂପ୍ଲେକ୍ସ ପ୍ଲାନ ଉଲ୍ଲଘନ ହୋଇ ନିର୍ମାଣ ହୋଇଛି। ଏହି ରାସ୍ତାରେ ପ୍ରାୟ ୫୦ ଜଣଙ୍କୁ ପୌରପାଳିକା ପକ୍ଷରୁ ନୋଟିସ ହୋଇଥିଲେ ମଧ୍ୟ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ସେହିପରି କଲେଜ ରୋଡ୍ ରାସ୍ତାରେ ୱାର୍ଡନଂ. ୧୮ ଅନ୍ତର୍ଗତ ବଣିଆପାଟ ମୌଜାରେ ଜଣେ ବ୍ୟକ୍ତି ୮ ଡିସିମିଲ ସରକାରୀ ଜମିରେ ମାର୍କେଟ କଂପ୍ଲେକ୍ସ ନିର୍ମାଣ କରିଛନ୍ତି। ଏ ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିବା ପରେ କେନ୍ଦୁଝରଗଡ ପୌରପାଳିକା ନିର୍ବାହୀ ଅଧିକାରୀ ଜବରଦଖଲକାରୀଙ୍କୁ ନୋଟିସ କରି ୩ ଦିନ ମଧ୍ୟରେ ଘର ପ୍ଲାନ ଏବଂ ଅନୁମୋଦିତ ନକ୍ସା ଏବଂ ଜମିର ପଟ୍ଟା ଦେବାକୁ କହିଛନ୍ତି। ନଚେତ ବିଭାଗ ପକ୍ଷରୁ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଉଛନ୍ତି। ଏ ନେଇ ପୌରପାଳିକାର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀଙ୍କୁ ପଚାରିବାରୁ ଅନୁମୋଦିତ ପ୍ଲାନ ଉଲ୍ଲଘଂନ କରି ମାର୍କେଟ କମ୍ପ୍ଲେକ୍ସ କରୁଥିବା ସଂସ୍ଥାକୁ କାରଣ ଦର୍ଶାଅ କରାଯାଇଛି। ନୋଟିସ୍‌ର ଖୁବଶୀଘ୍ର ଉତ୍ତର ନ ମିଳିଲେ ଅନୁମୋଦିତ ପ୍ଲାନ ବାତିଲ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କହିଛନ୍ତି।

## ହାଟଡିହୀର ଗର୍ବ ମୋନାଲିସା, ରଜତ ଓ ସରୋଜ


ମୋନାଲିସା ଗୁପ୍ତା


ରଜତ କୁମାର ପଡିଆରୀ


ସରୋଜ କୁମାର ପଣ୍ଡା

ବଉଳା/ଛେନାପଦି, ୨୦।୧୦
(ଦୁର୍ଗାପ୍ରସାଦ ଆୟଚ/ ନିରାକାର ପରିଡ଼ା)

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ୩ଜଣ କୃତିତ୍ୱ ଅର୍ଜନ କରି ଗୌରବ ଆଣିଛନ୍ତି। ଢେଙ୍କା ଗ୍ରାମର ମୋନାଲିସା ଗୁପ୍ତା ୪୧ ର୍ୟାଙ୍କ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରମେଶ ଗୁପ୍ତା ଓ ଉଷାରାଣୀ ଗୁପ୍ତାଙ୍କ ଝିଅ। ସେ ଭୂତତ୍ତ୍ୱରେ ପିଜି କରିଛନ୍ତି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ସେହିପରି ସୋସୋ ପଞ୍ଚାୟତ ଭରଡା ଗଡିଆ ଗ୍ରାମର ରଜତ କୁମାର ପଡିଆରୀ ୭୪ ର୍ୟାଙ୍କ ହାସଲ କରିଛନ୍ତି। ହରିଶ୍ଚନ୍ଦ୍ର ପଡିଆରୀ ଓ ବନାନି ପୁହାଣଙ୍କ ପୁଅ ରଜତ। ସେ କେନ୍ଦୁଝର ସରସ୍ୱତୀ ଶିଶୁମନ୍ଦିରରେ ମାଟ୍ରିକ୍ ଟପ୍ପର ହୋଇଥିଲେ। ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ସଫଳତା ପାଇଁ ପରିବାରରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ପଞ୍ଚୁଗୋଛିଆ ପଞ୍ଚାୟତ ବରେଶ୍ୱର ଗ୍ରାମର ଶିକ୍ଷକ ସରୋଜ କୁମାର ପଣ୍ଡା ୨୬୯ ର୍ୟାଙ୍କ୍‌ରେ ରହିଛନ୍ତି। ସେ ଗ୍ରାମର ଭଗବାନ ପଣ୍ଡା ଓ ସାବିତ୍ରୀ ପଣ୍ଡାଙ୍କ ପୁଅ। ସେ କେନ୍ଦୁଝର ସଦର ବ୍ଲକର ଗୋଦାପଳସା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

## ଝୁମ୍ପୁରା ବାଇପାସ୍ ଏନ୍ଏଚ୍-୨୦ ରାସ୍ତା ବିପର୍ଯ୍ୟସ୍ତ


ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

କେନ୍ଦୁଝର,୨୦।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

ନିମ୍ନମାନର କାମ ସାଙ୍ଗକୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏନ୍ଏଚ୍-୨୦ ବିପର୍ଯ୍ୟସ୍ତ ହୋଇ ପଡିଥିବା ବେଳେ ଝୁମ୍ପୁରା ବଜାର ବାହାର ଦେଇ ଯାଇଥିବା ବାଇପାସ ଏନ୍ଏଚ୍-୨୦ ଶୋଚନୀୟ ହୋଇପଡ଼ିଛି। ମରାମତି ଅଭାବରୁ କେତେକ ସ୍ଥାନରେ ପିଚୁ ଉଠି ଖାଲଖମା ସୃଷ୍ଟି ହୋଇଛି। ଫଳରେ ଯାତାୟାତରେ ବହୁ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ବଢ଼ି ଚାଲିଛି। ବର୍ଷା ପାଣି ଜମା ହୋଇ ଅଧିକ ରାସ୍ତା ନଷ୍ଟ ହେଉଥିବା ବେଳେ ଖରାରେ ଧୂଳି ଉଡି ବାୟୁ ପ୍ରଦୂଷଣ ହେଉଛି। ମରାମତି ହେଉନାହିଁ କିମ୍ବା ଖରା ଦିନରେ ପାଣି ସିଞ୍ଚନ ହେଉନାହିଁ । ବର୍ଷା ହେଲେ ପାଣି ଜମା ହୋଇ ରାସ୍ତା ଅଧିକ ଭାଙ୍ଗିବା ସହ ଖାଲଖମାରେ ପଡ଼ି ଗାଡ଼ି ଭାଙ୍ଗୁଛି । ଫଳରେ ବାଇକ୍ ଆରୋହୀ ଓ ପଥଚାରୀମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନାଯୋଗ୍ୟ, ଏହି ରାସ୍ତାରେ ଦୈନିକ ହଜାର ହଜାର ସଂଖ୍ୟାରେ ଟ୍ରକ୍, ଟ୍ରେଲର ଓ ବସ୍ ସମେତ ୪ ଚକିଆ ଯାନ ଚଳାଚଳ କରିଥାଏ । ମରାମତି ହେଉ ନ ଥିବାରୁ ରାସ୍ତା ଅଧିକ ନଷ୍ଟ ହେଉଥିଲେ ହେଁ କାହାରି ଦୃଷ୍ଟିରେ ପଡୁନାହିଁ। ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସାଇବର ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, ୨୦।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ପୁରୁଣାବଜାରସ୍ଥିତ ଓଏସଏପି ଦ୍ୱିତୀୟ କ୍ୟାମ୍ପସରେ ୧୪ ଓଡ଼ିଶା ବାଟାଲିୟନ ଏନସିସି ପକ୍ଷରୁ ଆୟୋଜିତ ବାର୍ଷିକ ତାଲିମ ଶିବିରରେ ରବିବାର କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ନେଲ ମୟୂର ଘାର୍ଗେଙ୍କ ଅଧ୍ୟକ୍ଷତାରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇନ୍ସପେକ୍ଟର ମୁନା ନାଏକ, ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଆଲୋକ କୁମାର ନାୟକ, କନଷ୍ଟେବଳ ଦେବବ୍ରତ ବେହେରା, ଆଥଲେଟିକ କୋଚ ଶିରପାଣି ମହାନ୍ତ ଯୋଗଦେଇ ଇଣ୍ଟରନେଟ ସୁରକ୍ଷା, ସୋସିଆଲ ମିଡ଼ିଆରେ ସତର୍କତା ଅବଲମ୍ବନ, ଗେମିଂ ଆପ, ଅନଲାଇନରେ ଆର୍ଥିକ କାରବାର, ଅଜଣା ଲିଙ୍କ ବ୍ୟବହାର ନ କରିବା, ବ୍ୟକ୍ତିଗତ ତଥ୍ୟ ଅନଲାଇନରେ ବ୍ୟବହାରଠାରୁ ଦୂରେଇ ରହିବା, ସାଇବର କ୍ରାଇମର ଶିକାର ହେଲେ ୧୯୩୦ନମ୍ବରକୁ ତୁରନ୍ତ ଯୋଗାଯୋଗ କରିବା ବିଷୟରେ କ୍ୟାଡେଟସଙ୍କୁ ସଚେତନ କରିଥିଲେ। କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀରେ କ୍ୟାଡେଟସ ଯୋଗଦାନ କରିବା ପାଇଁ ପ୍ରେରଣା ଦିଆଯାଇଥିଲା।

## ବଡ଼ବିଲରୁ ଦେବାଶିଷ, ବଲାଙ୍ଗିରୁ ରିତେଶ


ଦେବାଶିଷ ଜେନା


ରିତେଶ ପଣ୍ଡା

ବଡ଼ବିଲ/ ଆନନ୍ଦପୁର/ ରାମଚନ୍ଦ୍ରପୁର, ୨୦।୧୦ (ଦେବପ୍ରିୟ ରଣା/ ଉମେଶ ଚନ୍ଦ୍ର ପାଢ଼ୀ/ ଗଣେଶ୍ୱର ସା)

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କେନ୍ଦୁଝର ଜିଲା ବଡ଼ବିଲରୁ ଦେବାଶିଷ ଜେନା(୨୯) ଏବଂ ବଲାଣିରୁ ରିତେଶ ପଣ୍ଡା(୩୦) କୃତିତ୍ୱ ହାସଲ କରିଛନ୍ତି। ରିତେଶ ୬୦ ଓ ଦେବାଶିଷ ୧୩୫ ର୍ୟାଙ୍କରେ ସ୍ଥାନ ପାଇଛନ୍ତି। ଦେବାଶିଷଙ୍କ ଘର ରାମଚନ୍ଦ୍ରପୁର ନିର୍ବାଚନମଣ୍ଡଳୀ ଅଧୀନ ଅଞ୍ଜିରା ଗ୍ରାମରେ ହୋଇଥିବା ବେଳେ ପରିବାର ସହ ବଡ଼ବିଲ ଭଦ୍ରାସାହି ଗ୍ରାମରେ ରହି ଆସୁଛନ୍ତି। ସେ ବଡ଼ବିଲ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବନମାଳୀ ଜେନାଙ୍କ ପୁଅ। ବଡ଼ବିଲ ସରସ୍ୱତୀ ଶିଶୁମନ୍ଦିରରେ ଅଧ୍ୟୟନ ପରେ ଭୁବନେଶ୍ୱରର ବେସିକ ସାଇନ୍ସ କଲେଜରୁ ଯୁକ୍ତ ୨ ଏବଂ କଟକ ରେଭେନ୍ସା ୟୁନିଭର୍ସିଟିରୁ ଯୁକ୍ତ ୩ ଶେଷ କରିଥିଲେ। ଏବେ ସେ ଆଇନ ଏବଂ ସିଏ(କଷ୍ଟ ଆକାଉଣ୍ଟାଣ୍ଟ) ଅଧ୍ୟୟନ ଜାରି ରଖିଛନ୍ତି। ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କଠାରୁ ଅନୁପ୍ରେରିତ ହୋଇ ସମାଜର ଅବହେଳିତ ଓ ଅନୁନ୍ନତଙ୍କ ପାଇଁ ନିଜକୁ ଉତ୍ସର୍ଗ କରିବେ ବୋଲି ସେ କହିଛନ୍ତି। ବଲାଣି ଅଞ୍ଚଳର ଚା' ବିକାଳି ମୃତ୍ୟୁଞ୍ଜୟ ପଣ୍ଡାଙ୍କ ପୁଅ ରିତେଶ ପୂର୍ବରୁ ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚରେ ଟପ୍ପର ହୋଇଥିଲା ବେଳେ ଓସିଏସ୍‌ସି ପରୀକ୍ଷା ପାଇଁ କୌଣସି କୋଚିଂ ନେଇ ନ ଥିବା କହିଛନ୍ତି।

# ପାଟଣା ରେଞ୍ଜରେ ହାତୀ ଉପଦ୍ରବ

- ଫାର୍ମ ହାଉସ୍‌ରେ ପଶି ବ୍ୟାପକ ନଷ୍ଟ କଲେ
- ଉଜାଡ଼ିଦେଲେ ଫଳ ବଗିଚା

ପାଟଣା,୨୦।୧୦(ବୀର କିଶୋର ଦାଶ)


ହାତୀପଲ ନଷ୍ଟ କରିଥିବା କଦଳୀ ବଗିଚା।

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୨୯ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ଶୁକ୍ରବାର ରାତିରେ ସରାସପଶିଗାଁରେ ୨ଘର ଭାଙ୍ଗିବା ପରେ ଶନିବାର ବିଳମ୍ବିତ ରାତିରେ ହାତୀପଲ ପାଟଣା ରେଞ୍ଜ ମଲ୍ଲିପଶିବିଟ ଡିମିରିଡିହା ଗାଁ ନିକଟ ତୁଳସୀପୁର ସାହିରେ ଥିବା ବିବେକାନନ୍ଦ ଦାଶଙ୍କ ଫାର୍ମ ହାଉସ୍‌ରେ ପଶି ବ୍ୟାପକ ଫଳ ଗଛ ନଷ୍ଟ କରିଛନ୍ତି। ହାତୀପଲ ଫାର୍ମ ହାଉସର ଗେଟ ଭାଙ୍ଗି ଭିତରେ ପଶିବା ପରେ ଫାର୍ମ ଭିତରେ ଥିବା ନଡ଼ିଆ ଓ କଦଳୀ ବଗିଚା କରିଛନ୍ତି। ଫାର୍ମ ହାଉସ ଭିତରେ ଥିବା ପୋଖରୀରେ ହାତୀ ପଲ ଗୋଧଇବା ସହ ଘାଣ୍ଟି ଦେବାରୁ ଅନେକ ମାଛ ମରି ଭାସୁଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧ ପାଟଣା ସଂରକ୍ଷିତ ଜଙ୍ଗଲରେ ହାତୀ ପଲ ଡେରା ପକାଇଥିବା ସୂଚନା ମିଳିଛି। ବନ ବିଭାଗ ହାତୀପଲଙ୍କୁ ଅଞ୍ଚଳରୁ ଘଉଡ଼ାଇବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## 'କଠିନ ଅଧ୍ୟବସାୟ ସଫଳତା ଆଣିଦେଇଛି'

କେନ୍ଦୁଝର,୨୦।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)


ସୁଚିସ୍ମିତା ନାୟକ।

କେନ୍ଦୁଝରର ମେଧାବୀ ଛାତ୍ରୀ ସୁଚିସ୍ମିତା ନାୟକ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ୪୯୨ ର୍ୟାଙ୍କ ରଖି ସଫଳତା ହାସଲ କରିଛନ୍ତି। ଭାରତୀୟ ଜୀବନବୀମା ନିଗମରେ କାର୍ଯ୍ୟ କରୁଥିବା ଇନ୍ଦ୍ରମଣି ନାୟକ ଓ ସ୍ଥାନୀୟ ମାଧପୁର ଡାକଘର ସବ୍ ପୋଷ୍ଟମାଷ୍ଟରଙ୍କ ଝିଅ ସୁଚିସ୍ମିତା ସ୍ନାତକୋତ୍ତର ପରେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ସେ କିଛିଦିନ ଅଧାପିକା ଚାକିରି କରିଛନ୍ତି। ପ୍ରଶାସନିକ ସେବା ପରୀକ୍ଷା ପ୍ରସ୍ତୁତି ପାଇଁ ଚାକିରି ଛାଡ଼ି ଦେଇଥିଲେ। ଦୃଢ଼ ଇଚ୍ଛାଶକ୍ତି ଓ କଠିନ ଅଧ୍ୟବସାୟ ତାଙ୍କୁ ସଫଳତା ଆଣି ଦେଇଥିବା ସେ କହିଛନ୍ତି। ସୁଚିସ୍ମିତାଙ୍କ ଘର ପାଟଣା ବ୍ଲକର ବିରୁଡ଼ିପଶି ହୋଇଥିବା ବେଳେ ସେ କେନ୍ଦୁଝର ଜଗନ୍ନାଥପୁରରେ ମା'ବାପାଙ୍କ ସହ ରହୁଛନ୍ତି। ଲୋକଙ୍କ ସେବାରେ ବ୍ରତୀ ହୋଇ କାର୍ଯ୍ୟ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି।

## ଜିଲା ମଙ୍ଗଳ ବିଭାଗରେ ବସୁନି ପଦୋନ୍ନତି କମିଟି ବୈଠକ

କେନ୍ଦୁଝର, ୨୦।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମଙ୍ଗଳ ବିଭାଗରେ ୩ ବର୍ଷ ହେବ ପଦୋନ୍ନତି କମିଟି ବୈଠକ ବସି ନ ଥିବାରୁ ଖାଲି ପଡ଼ିଥିବା ବହୁ ପ୍ରଧାନ ଶିକ୍ଷକ ଏବଂ ସ୍ନାତକ ଶିକ୍ଷକ ପଦବୀ ପୂରଣ ହୋଇପାରୁ ନାହିଁ। ଫଳରେ ବହୁ ଶିକ୍ଷକ ପଦୋନ୍ନତିରୁ ବଞ୍ଚିତ ହେଉଛନ୍ତି। ଆଦିବାସୀ ବହୁଳ କେନ୍ଦୁଝର ଜିଲାର ବିଭିନ୍ନ ବ୍ଲକରେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଆବାସିକ ସେବାଶ୍ରମ ଓ ଆଶ୍ରମ ବିଦ୍ୟାଳୟ। ୧୭ଟି ବିଦ୍ୟାଳୟରେ ଦୀର୍ଘଦିନ ହେଲା ପ୍ରଧାନଶିକ୍ଷକ ପଦବୀ ଖାଲିପଡ଼ିଛି। ସେଗୁଡ଼ିକ ପୂରଣ ନ ହେବା ଫଳରେ ଅନେକ ବିଦ୍ୟାଳୟରେ କନିଷ୍ଠ ଶିକ୍ଷକ ତଥା ସହକାରୀ ଶିକ୍ଷକମାନେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଆବାସିକ ବିଦ୍ୟାଳୟଗୁଡ଼ିକରେ ଅନ୍ତେବାସୀମାନଙ୍କ ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଦେଇ କନିଷ୍ଠ ଶିକ୍ଷକମାନଙ୍କୁ ଦାୟିତ୍ୱରୁ ଅନ୍ତର କରି ପ୍ରଧାନ ଶିକ୍ଷକ ପଦବୀ ପୂରଣ ପାଇଁ ଦାବି ହୋଇଛି। ୨୦୨୧ରୁ ଗ୍ରେଡେଶନ ତାଲିକା ପ୍ରସ୍ତୁତ ନ ହେବା, ଜିଲା ପ୍ରମୋସନ କମିଟି ଗଠନ କରି ଯୋଗ୍ୟ ବରିଷ୍ଠ ଶିକ୍ଷକମାନଙ୍କୁ ପଦୋନ୍ନତି ନ ଦେବା ଓ କେତେଜଣ ଶିକ୍ଷକ ପ୍ରଧାନସେବକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦୀର୍ଘଦିନ ଧରି ରଖାଯାଇଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ବରିଷ୍ଠ ଶିକ୍ଷକମାନେ ପଦୋନ୍ନତିରୁ ବଞ୍ଚିତ ହେବା ସହ ସେମାନଙ୍କୁ କନିଷ୍ଠ ଶିକ୍ଷକମାନଙ୍କ ଅଧୀନରେ କାର୍ଯ୍ୟ କରିବାକୁ ଏକପ୍ରକାର ବାଧ୍ୟ କରାଯାଉଛି। ପଦୋନ୍ନତି କମିଟି ନ ବସିବାରୁ ବରିଷ୍ଠ ଶିକ୍ଷକମାନେ ନିଜ କାମ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଜିଲାପାଳ ଏବଂ ଜିଲା ମଙ୍ଗଳ ଅଧିକାରୀ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ପଦୋନ୍ନତିରୁ ବଞ୍ଚିତ ଶିକ୍ଷକମାନେ ଅନୁରୋଧ କରିଛନ୍ତି। ଏନେଇ ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେ କହିଛନ୍ତି, ନିର୍ବାଚନ ଓ ଅନ୍ୟାନ୍ୟ କାରଣରୁ ବୈଠକ ହୋଇପାରି ନାହିଁ। ଖୁବ୍‌ଶୀଘ୍ର ବୈଠକ କରିବା ପାଇଁ ପଦକ୍ଷେପ ନିଆଯାଉଛି।

## ଡ୍ରାଇଭର ଗିରଫ

### ଟ୍ରେଲର ଧକ୍କାରେ ସ୍କୁଟିଚାଳକ ମୃତ୍ୟୁ ମାମଲା

ଚମ୍ପୁଆ, ୨୦।୧୦(ମହେଶ୍ୱର ଦାସ)

ଚମ୍ପୁଆ ଥାନା ଅଧୀନ ବାସୁଦେବପୁର ଡାକ୍ତରଖାନା ନିକଟରେ ଗତ ଶୁକ୍ରବାର ହୋଇଥିବା ସଡ଼କ ଦୁର୍ଘଟଣାରେ ଟ୍ରେଲର ଡ୍ରାଇଭରଙ୍କୁ ଚମ୍ପୁଆ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଥାନାଧିକାରୀ ଅବିନାଶ ପରିଡା ସୂଚନା ଦେଇଛନ୍ତି। ବିଲେଇପଦା ଅଞ୍ଚଳର ସୋମନାଥ ମୁଣ୍ଡା ସ୍ଥାନୀୟ ବାସୁଦେବପୁର ଡାକ୍ତରଖାନାରୁ ଚିକିତ୍ସିତ ହୋଇ ନିଜ ସ୍କୁଟି (ନଂ.ଓଡି୦୯ଭି ୩୫୪୨) ଯୋଗେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରେଲର ସହ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ସୋମନାଥଙ୍କ ମୃତ୍ୟୁ ହୋଇଥିଲା। ଫଳରେ ଉତ୍ତ୍ୟକ୍ତ ଲୋକ ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହି ଘଟଣାରେ ଚମ୍ପୁଆ ପୋଲିସ ମାମଲା(ନଂ. ୨୭୫/୨୪) ରୁଜୁ କରି ଡ୍ରାଇଭର ନୱାଲସିଂ ଚନ୍ଦ୍ରବଂଶୀଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛନ୍ତି।

# ଅନୁସନ୍ଧାନ କଲେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି

କେନ୍ଦୁଝର,୨୦।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)


ଚାଷୀଙ୍କ ସହ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଆଲୋଚନା କରୁଛନ୍ତି।

### କୃଷି ଋଣ ଜାଲିଆତି

ତେଲକୋଇ ବ୍ଲକ ପଡାଙ୍ଗ (ଶିରିଗିଡ଼ା) କୃଷି ସେବା ସମବାୟ ସମିତିରେ କୃଷି ଋଣ କାରବାରରେ ବ୍ୟାପକ ଜାଲିଆତି ହେଉଥିବା ଖବର ପାଇ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ରବିବାର ପଡାଙ୍ଗ ଗ୍ରାମକୁ ଚାଷୀ ମାନଙ୍କୁ ଭେଟି ଘଟଣାର ଅନୁସନ୍ଧାନ କରିଛନ୍ତି। ବିଜେଡି ସରକାର ସମୟରେ ଚାଷୀମାନଙ୍କ ନାମରେ ଓ ଅଗୋଚରରେ ସମବାୟ ବିଭାଗର କର୍ମକର୍ତ୍ତାମାନେ ଜାଲିଆତି କରି କୃଷି ଋଣ କାରବାରରେ ବ୍ୟାପକ ଦୁର୍ନୀତି ଓ ହେରଫେର କରି ଅନେକ କୋଟି ଟଙ୍କା ହଡ଼ପ କରିଥିବା ନେଇ ଶତାଧିକ ଚାଷୀ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ଆଗରେ ଅଭିଯୋଗ କରିଥିଲେ। ତେଲକୋଇ ବ୍ଲକ ଅନ୍ତର୍ଗତ କରମଙ୍ଗୀ ପଞ୍ଚାୟତ ସୁନ୍ଦରିଆ ଗ୍ରାମର ଚାଷୀ ମଧୁସୂଦନ ନାୟକଙ୍କ ନାମରେ ୧ଲକ୍ଷ ୪୫ ହଜାର ଟଙ୍କା ଓ ପଡାଙ୍ଗ ଗ୍ରାମଙ୍‌ର ଚାଷୀ ଚାମୁରୁ ମୁଣ୍ଡାଙ୍କ ନାମରେ ୧ଲକ୍ଷ ୬୦ ହଜାର ଟଙ୍କା ଜାଲିଆତି କରି ହରିଲୁଟ କରାଯାଇଥିବା ତେଲକୋଇ ଥାନାରେ ଅଭିଯୋଗ ହୋଇଛି। କୃଷି ଋଣ ଜାଲିଆତି କାରବାରରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନେ ଖୁଲମଖୁଲା ବୁଲୁଥିବା ବେଳେ ପୋଲିସ ନିରବଦ୍ରଷ୍ଟା ସାଜିଛି। ଏହି ଦୁର୍ନୀତିରେ ପୂର୍ବ ଶାସକ ଦଳ ବିଜେଡିର ନେତୃବୃନ୍ଦ ସମ୍ପୃକ୍ତ ଥିବା ଉପସ୍ଥିତ ଚାଷୀମାନେ ଅଭିଯୋଗ କରିଥିଲେ। କୃଷି ଋଣ କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ଚାଷୀମାନେ ଦାବି କରିଥିଲେ। ଏହି କୃଷି ଋଣ କାରବାରରେ ହେଉଥିବା ବ୍ୟାପକ ଦୁର୍ନୀତିର ତୁରନ୍ତ ତଦନ୍ତ କରାଯାଇ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ସାହୁ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ଭାଗିରଥି ସିଂ, ଜିଲା ଉପସଭାପତି ଜୟକୃଷ୍ଣ ମହାନ୍ତ, ଏମପିଙ୍କ ପ୍ରତିନିଧି ହରିହର ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମତୋ କଲେଜ ଅଧ୍ୟକ୍ଷଙ୍କୁ ହତ୍ୟା ଧମକ

ଚାନ୍ଦବାଲି,୨୦।୧୦(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ମତୋ ଯୁକ୍ତ ୩ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭୂତି ଭୂଷଣ ଜୟଦେବ ବିଶ୍ୱାଳଙ୍କୁ ଫୋନ୍ ଯୋଗେ ହତ୍ୟା ଧମକ ଆସିଥିବା ନେଇ ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଛି। ଅଧ୍ୟକ୍ଷ ବିଶ୍ୱାଳ ଏତଲାରେ ଦର୍ଶାଇଛନ୍ତି ଯେ, ଡିଡିପି ଏବଂ କୋ-ଅଡିଟ ସଂସ୍ଥାର ଅଧିକାରୀ ଚଳିତ ମାସ ୧୮ ତାରିଖ ପୂର୍ବାହ୍ନ ୧୧ଟା ୩୫ ସମୟରେ ତାଙ୍କୁ ଫୋନ୍ କଲ୍ କରି ବୈତରଣୀ ପୋଲରୁ ଗଳାଇ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ସେହିଦିନ ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଅଡିଟ୍ ସଂସ୍ଥା ବିରୋଧରେ ବିଭିନ୍ନ ଅନିୟମିତତା ରହିଥିବା ଦର୍ଶାଇ ଅଡିଟ୍ ସଂସ୍ଥା ପରିବର୍ତ୍ତନ ପାଇଁ ସେ ଲୋକାଲ ଫଣ୍ଡ ଅଡିଟ୍ ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଥିଲେ। ସମ୍ପୃକ୍ତ ଅଡିଟ୍ ସଂସ୍ଥା ଅଧିକାରୀ ଏଥିରେ କ୍ଷୁବ୍ଧ ହୋଇ ତାଙ୍କୁ ଫୋନ୍ ମାଧ୍ୟମରେ ଗାଳିଗୁଲଜ ସହ ଧମକ ଦେଇଥିବା ଅଧ୍ୟକ୍ଷ ଦର୍ଶାଇଛନ୍ତି। ଅପରପକ୍ଷେ ଅଭିଯୋଗ ସମ୍ପର୍କରେ ଅଡିଟ୍ ସଂସ୍ଥା ଅଧିକାରୀ ଦିବ୍ୟଜ୍ୟୋତି ପଣ୍ଡା କହିଛନ୍ତି, ତାଙ୍କ ସଂସ୍ଥାକୁ ଦାୟିତ୍ୱ ମିଳିଥିବାରୁ ସେ ଅଡିଟ୍ କରିବାକୁ କଲେଜ ଯିବାକୁ ଅଧ୍ୟକ୍ଷଙ୍କୁ ଫୋନ କରିଥିଲେ। ସେମିତି ଗାଳିଗୁଲଜ ହୋଇନାହିଁ। ଏ ସମ୍ପର୍କରେ ଚାନ୍ଦବାଲି ଥାନା ଅଧିକାରୀ ପଞ୍ଚାନନ ମହାନ୍ତିଙ୍କୁ ପଚାରିବାରୁ ଅଭିଯୋଗ ଆସିଛି, ସମ୍ପୃକ୍ତ ଅଡିଟ୍ ସଂସ୍ଥା ଅଧିକାରୀଙ୍କୁ ଥାନାକୁ ଡକାଯାଇଛି। ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଜମୁଛି ଗଜଲକ୍ଷ୍ମୀ ପୂଜା



ଧାମନଗର, ୨୦।୧୦ (ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଜମୁଛି। ଦିହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ବାଲିପାଟଣା, ଶିଶୁମନ୍ଦିର ଛକ, ନାଥସାହି, ଚମ୍ପାବାଗ, ଚନ୍ଦସାହି, ଦୋବଲ ପଞ୍ଚାୟତ ସୋଧପାଟଣା, କୁଣ୍ଡସାହି, କଲ୍ୟାଣୀ, କରଦା, ସୋହଡ଼ା, ମୁସ୍ତାଫାପୁର ପଞ୍ଚାୟତର ରଘୁନାଥପୁର, ଧାମନଗରସ୍ଥିତ ଦକ୍ଷିଣବାଡ଼ ଛକ ଆଦି ସ୍ଥାନରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ଯଥା ରୀତିନୀତିରେ ପୂଜାର୍ଚ୍ଚନା ଚାଲିଛି। ବାଲିପାଟଣାରେ ଦୀର୍ଘ ୯୪ ବର୍ଷ ହେଲା ମା' ଗଜଲକ୍ଷ୍ମୀ ପୂଜା ପାଇଆସୁଛନ୍ତି। ଶୋଭାଯାତ୍ରାରେ ସ୍ଥାନୀୟ ବୈତରଣୀ ନଦୀରୁ ଜଳ ଅଣାଯାଇ ପୂଜା ମଣ୍ଡପରେ ଘଟ ସ୍ଥାପନ ପରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଏକ ସପ୍ତାହ ଧରି ଏଠାରେ ମା'ଙ୍କୁ ପୂଜାର୍ଚ୍ଚନା କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସେହିପରି ସୋଧ କୁଣ୍ଡସାହିରେ ମଧ ବହୁ ବର୍ଷ ଧରି ମା'ଙ୍କୁ ପୂଜା କରାଯାଉଛି। ବିଭିନ୍ନ ମଣ୍ଡପରେ ରଙ୍ଗ ବେରଙ୍ଗର ଆଲୋକମାଳା ସାଙ୍ଗକୁ ଆକର୍ଷଣୀୟ ତୋରଣ ଓ ଇଲେକ୍ଟ୍ରି ସାଜସଜ୍ଜା ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି। ସନ୍ଧ୍ୟାରେ କେତେକ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ ହେଉଛି।

## ଖରିଫ୍ ଧାନ କ୍ରୟ ପାଇଁ ପ୍ରସ୍ତୁତି ବୈଠକ

# କେବଳ ଝୋଟ ଅଖାରେ କିଣାହେବ ଧାନ

ଭଦ୍ରକ,୨୦।୧୦ (ସନାତନ ରାଉତ)

ପରିଷ୍କାର ଓ ଶୁଖିଲା ଉତ୍ତମ ଗୁଣବତ୍ତା ତଥା ଏଫ୍ଏକ୍ୟୁ ମାନର ଧାନ ଚାଷୀମାନଙ୍କଠାରୁ ମଣ୍ଡି ଜରିଆରେ କ୍ରୟ କରାଯିବ। ଚାଷୀମାନେ ମାଟି, ବାଲି, ଗୋଡ଼ି, ଧୂଳି, ଅଗାଡ଼ି ନ ଥିବା ସମ୍ପୂର୍ଣ୍ଣ ପରିଷ୍କାର ଏବଂ ଶୁଖିଲା ଧାନ ବିକ୍ରି ପାଇଁ ମଣ୍ଡିକୁ ଆଣିବେ। ଉତ୍ତମ ଗୁଣବତ୍ତା ଧାନରେ କଟ୍ନୀ ଛଟ୍ନୀ କରାଯିବ ନାହିଁ। ସମସ୍ତ ଧାନ କେବଳ ଝୋଟ ଅଖାରେ କିଣାଯିବ। ମିଲରମାନେ ପ୍ରତ୍ୟେକ ମଣ୍ଡିକୁ ଅଖା ଯୋଗାଇବେ ବୋଲି ୨୦୨୪-୨୫ ବର୍ଷର ଖରିଫ ଧାନ କ୍ରୟ ପାଇଁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ଓ ଉପଜିଲାପାଳ



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ସୌରଭ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। ଧାନ କ୍ରୟ ନେଇ ନୂତନ ସରକାରଙ୍କ ମାର୍ଗଦର୍ଶିକା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଚଳିତ ବର୍ଷ ପାଇଁ ଜିଲାରେ ସମୁଦାୟ ୮୦,୫୩୩ ଜଣ ଚାଷୀ ନାମ ପଞ୍ଜିକୃତ କରିଛନ୍ତି। ଗତ ଖରିଫ୍‌ରେ ୧୦୨ ପ୍ୟାକ୍ସ ଓ ୫୭ ସ୍ୱୟଂସହାୟକ ଗୋଷ୍ଠୀ ମୋଟ ୧୫୯ଟି ଧାନ କିଣା କେନ୍ଦ୍ର ଜରିଆରେ ଧାନ କ୍ରୟ କରାଯାଇଥିଲା। ଏ ବର୍ଷ ଅକ୍ଟୋବର ୨୧ ସୁଦ୍ଧା ଯୋଗ୍ୟ ପ୍ୟାକ୍ସ ପାଇଁ ଏଆର୍‌ସିଏସ୍ ଓ ମହିଳା ଗୋଷ୍ଠୀ ଲାଗି ଡିଏସ୍‌ଡବ୍ଲ୍ୟୁଓ ତାଲିକା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବ ବର୍ଷର ୨୦ ମିଲରଙ୍କ ସହ ଏବର୍ଷ ପାଇଁ ୨ ନୂଆ ମିଲର ସମୁଦାୟ ୨୨ ମିଲର ଜିଲାରୁ ଧାନ କିଣିବାକୁ ସମ୍ମତି ଜଣାଇଛନ୍ତି। ପ୍ରତି ଧାନ ମଣ୍ଡିର ଭିତ୍ତିଭୂମି ଓ ସ୍ଥିତାବସ୍ଥା, ଧାନର ମାନ ପରୀକ୍ଷଣ ପାଇଁ ଆନୁସଙ୍ଗିକ ଉପକରଣ ସମ୍ବନ୍ଧରେ ବୈଠକରେ ସମୀକ୍ଷା କରାଯାଇଥିଲା। ଧାନ କିଣା କାର୍ଯ୍ୟରେ ସାମିଲ ହେବାକୁ ଥିବା ସମସ୍ତ କର୍ମଚାରୀଙ୍କୁ ତାଲିମ, ସୁପରଭାଇଜର ଓ ନୋଡାଲ ଅଧିକାରୀ ନିଯୁକ୍ତି, ସମିତି ସ୍ତରୀୟ କମିଟି ଗଠନ ନେଇ ବିଡିଓମାନଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ନିର୍ଦ୍ଦେଶ ହୋଇଛି।

### ହେବନି କଟ୍ନୀ ଛଟ୍ନୀ

କଟ୍ନୀ ଛଟ୍ନୀ ବନ୍ଦ ପାଇଁ ସମବାୟ ସମିତି ଦ୍ୱାରା ମଣ୍ଡିରେ ଡ୍ରାୟର ଓ କ୍ଲିନର ବ୍ୟବସ୍ଥା ଉପଲବ୍ଧ କରାଇବା, ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯିବା ପାଇଁ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସଚେତନତା ରଥ ପରିକ୍ରମା, ପ୍ରଚାରପତ୍ର ବଣ୍ଟନ, ଗଣମାଧ୍ୟମ ଜରିଆରେ ଚାଷୀମାନଙ୍କୁ ସଚେତନ କରାଯିବା ନେଇ ମଧ୍ୟ ପଦକ୍ଷେପ ଗ୍ରହଣ କରାଯିବ। ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଏଆର୍‌ସିଏସ୍ ପ୍ରତୀତା ଜେନା, ଆର୍‌ଏମ୍‌ସି ସମ୍ପାଦକ ସଞ୍ଜୟ କୁମାର ଦାସ, ଡିଏସ୍‌ଡବ୍ଲ୍ୟୁଓ ପୁଷ୍ପଲତା ପାତ୍ର, ଏସିଏସ୍‌ଓ ଶରତ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ସ୍ତ୍ରୀ, ଶାଶୁଙ୍କୁ ହତ୍ୟା ମାମଲା
### ଜେଲ ଗଲେ ଅଭିଯୁକ୍ତ

ବାସୁଦେବପୁର,୨୦।୧୦(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ ବାଲିମୁଣ୍ଡା ପଞ୍ଚାୟତର ପାଞ୍ଚଘେରିଆ ଗ୍ରାମରେ ସ୍ତ୍ରୀ ଓ ଶାଶୁଙ୍କୁ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଗୁରୁପଦ ଗାୟନଙ୍କୁ ନାୟକାଣିଡିହୀ ପୋଲିସ ଶନିବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ପରେ ତାଙ୍କୁ ଭଦ୍ରକ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଗୁରୁପଦ ତାଙ୍କ ସ୍ତ୍ରୀ କୌଶଲ୍ୟା ଗାୟନ ଓ ଶାଶୁ ଯମୁନା ସାମଲଙ୍କୁ ବୀଭତ୍ସ ଭାବେ ହତ୍ୟା କରି ଘର ନିକଟସ୍ଥ ପୋଖରୀ ଓ ଜୋରରେ ସେମାନଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହକୁ ପୋତି ପକାଇଥିଲା। ହତ୍ୟାକାଣ୍ଡର ୨୦ ଦିନ ପରେ ଏହି ଘଟଣା ପଦାକୁ ଆସିବା ପରେ ପୋଲିସ ଅଭିଯୁକ୍ତ ଗୁରୁପଦଙ୍କୁ ଗିରଫ କରିଥିଲା। ଏଥିସହ ତାଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଶନ କରିଥିଲା। ହତ୍ୟାକାଣ୍ଡର ଡେମୋ ଦେଖାଇବା ପରେ ପୋଲିସ ଜୋର ଓ ପୋଖରୀରୁ ଖଣ୍ଡ ବିଖଣ୍ଡିତ ମୃତଦେହ ପାଇଥିଲା।

# ମାଟି ମା'ଙ୍କ ସହ ଘର ମା'ଙ୍କୁ ପୂଜା କର



ଭଣ୍ଡାରିପୋଖରୀ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

ଭଣ୍ଡାରିପୋଖରୀ,୨୦।୧୦(ରାଜେନ୍ଦ୍ର ଶତପଥୀ)

### ଗଜଲକ୍ଷ୍ମୀ ପୂଜା ଓ ଭଣ୍ଡାରିପୋଖରୀ ମହୋତ୍ସବର ୩ୟ ସନ୍ଧ୍ୟା

ମାଳଦା ଜଗନ୍ନାଥ ବଜାରଠାରେ ଚାଲିଥିବା ମା' ଗଜଲକ୍ଷ୍ମୀଙ୍କ ବାର୍ଷିକ ପୂଜା ଉତ୍ସବ ଓ ଭଣ୍ଡାରିପୋଖରୀ ମହୋତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ଶିକ୍ଷାବିତ୍ ନୃସିଂହ ଚରଣ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ସହକାରୀ ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗଦେଇ କହିଥିଲେ, ମହୋତ୍ସବ ସମାଜକୁ ସୁବାର୍ତ୍ତା ଦିଏ। ମାଟି ପ୍ରତିମା ମା'ଙ୍କ ପୂଜାର୍ଚ୍ଚନା ସହ ଘରେ ଥିବା ମା'ଙ୍କୁ ପୂଜା କରିବା ଉଚିତ୍। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ହାସ୍ୟ ଅଭିନେତା, କଣ୍ଠଶିଳ୍ପୀ ସେକ୍ ନିଜାମ, ସଙ୍ଗୀତଜ୍ଞ ରାମନାରାୟଣ ମହାନ୍ତି, କଣ୍ଠଶିଳ୍ପୀ ସୁମତୀ ପଣ୍ଡା, ଭୂମିକନ୍ୟା ସଙ୍ଗଠନ ସଭାନେତ୍ରୀ ସଂଯୁକ୍ତା ବଳ, ଉପସଭାନେତ୍ରୀ ଶଶିକଳା ମିଶ୍ର, ସମ୍ପାଦିକା ଦମୟନ୍ତୀ ରାଉତ, ବଜାର କମିଟି ସଭାପତି ଚନ୍ଦ୍ରଶେଖର ମହାନ୍ତି, ଯୁବନେତା ପବିତ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଦୁର୍ଯ୍ୟୋଧନ ଲେଙ୍କା ସ୍ୱାଗତ ଭାଷଣ ଦେଇଥିବା ବେଳେ ମନୋରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜ୍ଞାନ ବିଜ୍ଞାନ ଚର୍ଚ୍ଚା ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦେବାଶିଷ ପଣ୍ଡା, କମଳା ସାମଲ, ନିରଞ୍ଜନ ବେହୁରିଆ, ଗୋପାଳ କୁଅଁର, ଶ୍ୟାମସୁନ୍ଦର ଦାସ, ନିଶିକାନ୍ତ ସୂତାର, କାହ୍ନୁଚରଣ ବାରିକ, ଗଣେଶ ସାମଲ, ଅଜୟ କୁମାର ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଏନ୍‌ଡିଆର୍‌ଏଫ୍ ପକ୍ଷରୁ କଲେଜରେ ମକ୍‌ଡ୍ରିଲ୍

ଧାମନଗର,୨୦।୧୦(ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର କଲେଜରେ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଏକ ମକ୍‌ଡ୍ରିଲ୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜରୁରୀକାଳୀନ ପରିସ୍ଥିତିରେ କଲେଜ ଛାତ୍ରୀଛାତ୍ର ନିଜର ସୁରକ୍ଷା ସହ ଅନ୍ୟମାନଙ୍କ ଜୀବନ କେମିତି ବଞ୍ଚାଇ ପାରିବେ ସେନେଇ ସଚେତନତା କରାଯାଇଥିଲା। ଆଗକୁ ବାତ୍ୟା ଆଶଙ୍କା ଥିବାରୁ ଧାମନଗରରେ ବନ୍ୟା ସ୍ଥିତି ଦେଖାଦେଲେ ଭରା ନଦୀରେ ବୁଡ଼ି ଯାଉଥିବା ଲୋକଙ୍କୁ ଘରୋଇ ସରଞ୍ଜାମରେ ଠିକ୍ ସମୟରେ କିଭଳି ଉଦ୍ଧାର କରାଯାଇ ପାରିବ ମକ୍‌ଡ୍ରିଲ୍ ମାଧ୍ୟମରେ ଦେଖାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଧାମନଗର ତହସିଲଦାର ଦୀପକ କୁମାର ଦାସ, ଏନ୍‌ଏସି ଅଧିକାରୀ ସନ୍ତୋଷ ନାୟକ, ଅଧ୍ୟାପକ ସମୀର କୁମାର ହୁଇ ଓ ପୂର୍ଣ୍ଣଚନ୍ଦ୍ର ପୁହାଣ ଯୋଗ ଦେଇଥିଲେ। ଏନ୍‌ଡିଆର୍‌ଏଫ୍ ମୁଣ୍ଡୁଳି ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ କନ୍ହେୟା ଯୋଗୀଙ୍କ ତତ୍ତ୍ୱାବଧାନରେ ରାଜୀବ କୁମାର, ଅରୁଣ କୁମାର ଲାମ୍ବା, ରମେଶ କୁମାର, କନ୍‌ଷ୍ଟେବଲ ଚିନ୍ମୟ ମିଶ୍ର ପ୍ରମୁଖ ଉଦ୍ଧାରକାରୀ ଅଫିସର ପ୍ରଶିକ୍ଷଣ ଦେଇଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ରହି ଏଥିରେ ଭାଗ ନେଇଥିଲେ।

## ରବିନାରାୟଣ ସେନାପତିଙ୍କ ୨ ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର,୨୦।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଅବସରପ୍ରାପ୍ତ ଆଇଏଏସ୍ ଅଫିସର ତଥା କବି ଡ. ରବିନାରାୟଣ ସେନାପତିଙ୍କ ୨ଟି ପୁସ୍ତକ 'କବିତା ସମ୍ଭାର' ଓ 'ଜୀବନ ନଈର କୂଳେ' ରବିବାର ରାଜ୍ୟ ସଂଗ୍ରହାଳୟର ସମ୍ମିଳନୀ କକ୍ଷରେ ଲୋକାର୍ପିତ ହୋଇଯାଇଛି। ଏଥେନା ବୁକ୍‌ସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସେ କହିଲେ, କବିତା କେବଳ ଥରେ ପଢିଦେଲେ ସରିଯାଏ ନାହିଁ, ବରଂ ମନ ଓ ପ୍ରାଣରେ ଦୀର୍ଘ ସମୟ ଧରି ସଞ୍ଚାରି ରହିଥାଏ। ରବିନାରାୟଣ କବିତାକୁ ପଢ଼ିଲେ ସେମିତି ହିଁ ଲାଗେ। ମୁଖ୍ୟବକ୍ତା ପ୍ରଫେସର ବିଜୟ କୁମାର ଶତପଥୀ କହିଲେ, ଜଣେ ପ୍ରଶାସକର ହୃଦୟ ଯେ କବିତାର ଶବ୍ଦରେ ଏତେ ଛଳଛଳ ହୋଇପାରେ ତାହାର ନିଦର୍ଶନ ହେଉଛନ୍ତି କବି ରବିନାରାୟଣ ସେନାପତି। କବିତାଗୁଡ଼ିକର ପ୍ରତ୍ୟେକ ଶବ୍ଦରେ ଭରି ରହିଛି ଜୀବନବାଦ, ପ୍ରକୃତି ଓ ସୌନ୍ଦର୍ଯ୍ୟର ଚମତ୍କାରିତା। ସମ୍ମାନିତ ଅତିଥି ବିଶିଷ୍ଟ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ କହିଲେ, କବି ରବିନାରାୟଣ ସେନାପତିଙ୍କ ଗୀତିକବିତା ' ଜୀବନ ନଈର କୂଳେ' ଓଡ଼ିଆ ଗୀତିକବିତା ଜଗତରେ ଏକ ମାଇଲ ଖୁଣ୍ଟ। ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରି ଦୁଇଟିଯାକ ପୁସ୍ତକର ସଫଳତା କାମନା କରିଥିଲେ। ଗାୟିକା ଅନିନ୍ଦିତା ଦାସ ସଙ୍ଗୀତ ଗାନ କରିଥିଲେ। ଡ. ରମେଶ ଚନ୍ଦ୍ର ପାଣି ସ୍ୱାଗତ ଭାଷଣ, ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ଓ ରାଜକିଶୋର ଦାସ ଧନ୍ୟବାଦ ଦେଇଥିଲେ।

# କାଂସ୍ୟ ପଦକ ଜିତିଲେ ଚିନ୍ମୟ

### ଓପନ ଏସିଆ ଜି-୧ ର୍ୟାଙ୍କିଂ ଟାଏକୋଣ୍ଡୋ ଚାମ୍ପିୟନଶିପ୍

ଭଦ୍ରକ,୨୦।୧୦ (ସନାତନ ରାଉତ)

ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଚଳିତମାସ ୧୫ ତାରିଖରୁ ଚାଲିଥିବା ୬ଷ୍ଠ କସଡ ଓପନ ଏସିଆ ଜି-୧ ର୍ୟାଙ୍କିଂ ଟାଏକୋଣ୍ଡୋ ଚାମ୍ପିୟନଶିପ୍-୨୦୨୪ (ପୁମ୍ସେ ଏବଂ କ୍ୟୋରୁଗୀ) ଶନିବାର ଶେଷ ହୋଇଛି। ଏଥିରେ



ପଦକ ସହ ଚିନ୍ମୟ ବେହେରା।

ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନର ସମ୍ପାଦକ ଚିନ୍ମୟ ବେହେରା(୩୬) ମାଷ୍ଟର ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରି କାଂସ୍ୟ ପଦକ ଜିତିଛନ୍ତି। ଭଦ୍ରକ ମୋଟେଲ ଛକରେ ରହୁଥିବା ଚିନ୍ମୟ ଓଡ଼ିଶାରୁ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ବିଭିନ୍ନ ଦେଶରୁ ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ଚିନ୍ମୟ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଭାବେ ପଦକ ହାସଲ କରିଛନ୍ତି। ଏଥିପାଇଁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି।

## ସୁରଭି: ଭାଗନେଲେ ୫୯୯ ପ୍ରତିଯୋଗୀ

ବାସୁଦେବପୁର,୨୦।୧୦(ନାରାୟଣ ପ୍ରସାଦ ବାରିକ୍)



ବାସୁଦେବପୁର ବ୍ଲକର ଗୁଆଗଡ଼ିଆସ୍ଥିତ ରାସବିହାରୀ ବିଦ୍ୟାମନ୍ଦିର ପରିସରରେ ରବିବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ବିଭିନ୍ନ ବିଦ୍ୟାଳୟରୁ ୫୯୯ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ଉନ୍ମେଷ ଏହି କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ ବୋଲି ବିଧାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସରପଞ୍ଚ ଉମାକାନ୍ତ ମଳିକ, ଜିଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳ, ଶିକ୍ଷକ ପ୍ରଶିକ୍ଷକ ନିର୍ମଳ ଚନ୍ଦ୍ର ସେଠୀ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ଦଳେଇ, ସହକାରୀ ବ୍ଲକ ଶିକ୍ଷାଧିକାରୀ ଉର୍ମିଳା କର, ତପନ କୁମାର ଦ୍ୱିବେଦୀ, ଅମିୟ ମହାଳିକ, ସିଆର୍‌ସିସି ପ୍ରିୟବ୍ରତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# 'ନିର୍ଭୀକ ନେତା ଥିଲେ ରତ୍ନାକର ମହାନ୍ତି'

ଭଦ୍ରକ,୨୦।୧୦(ସନାତନ ରାଉତ)

ପୂର୍ବତନ ବିଧାୟକ ସ୍ୱର୍ଗତ ରତ୍ନାକର ମହାନ୍ତି ପଞ୍ଚାୟତସ୍ତରରୁ ରାଜନୀତି ଜୀବନ ଆରମ୍ଭ କରି ଦୃଢ଼ ସାଙ୍ଗଠନିକ ଦକ୍ଷତା ଯୋଗୁ ବିଧାନସଭାରେ ପହଞ୍ଚି ପାରିଥିଲେ। ଜଣେ ନିର୍ଭୀକ ଓ ସାହସୀ ନେତା ଥିଲେ। ସେ ବ୍ଲକ ଅଧ୍ୟକ୍ଷରୁ ବିଧାୟକ ହୋଇପାରିଥିଲେ ବୋଲି ତାଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ସହରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଶ୍ରାଦ୍ଧ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଯୋଗ ଦେଇଥିବା ବେଳେ ତାଙ୍କୁ ରତ୍ନାକର ସ୍ମୃତି ପରିଷଦ ପକ୍ଷରୁ ରତ୍ନାକର ମହାନ୍ତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଣ କଂଗ୍ରେସ ବିଧାୟକ ଭାବେ ରତ୍ନାକର ମହାନ୍ତି ପ୍ରଥମ ଥର ଭଦ୍ରକରୁ ନିର୍ବାଚିତ ହୋଇ ବିଧାନସଭାକୁ ଯାଇଥିଲେ। ଏବେକାର ନେତାମାନେ ତାଙ୍କ ପଥ ଅନୁସରଣ କରି ରାଜନୀତିକୁ ସେବା ଭାବେ ଗ୍ରହଣ କଲେ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟଅତିଥି ବକ୍ତବ୍ୟରେ କହିଥିଲେ।



ପୂର୍ବତନ ବିଧାୟକ ରତ୍ନାକର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହରେ ମୁଖ୍ୟଅତିଥିଙ୍କୁ ସମ୍ମାନିତ କରାଯାଉଛି।

ସ୍ମୃତି ସଂସଦ ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ନରେନ ପଲେଇ, ମୁକ୍ତିକାନ୍ତ ମଣ୍ଡଳ, ପ୍ରବଚକ ବିରେନ୍ଦ୍ର କୁମାର ପଣ୍ଡା, ଆଇନଜୀବୀ ଦିବ୍ୟସିଂହ ନାୟକ ଓ ସୁଧାକର ନନ୍ଦ ଯୋଗଦେଇ ସ୍ୱର୍ଗତ ମହାନ୍ତି ଭଦ୍ରକରେ କରିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସହ ତାଙ୍କର ସାହସିକତା ଓ ସାଙ୍ଗଠନିକ ଦକ୍ଷତା ବିଷୟରେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ ଏସ୍.ଏମ୍. ଫାରୁକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି, ଅଶୋକ ନାୟକ, ସରପଞ୍ଚ ସୁଷମା ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ ଜେନା, କାଉନସିଲର ଦିଲୀପ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସକାଳେ ଭଦ୍ରକ ବ୍ଲକର କୋଡ଼ବରୁଆଁସ୍ଥିତ ତାଙ୍କ ବାସଭବନରେ ଥିବା ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା ମାଲ୍ୟାର୍ପଣ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ପୁଅ ଅଶୋକ ମହାନ୍ତି, ଅମର ମହାନ୍ତି, ଶରତ ମହାନ୍ତି, ରାଜେନ୍ଦ୍ର ମହାନ୍ତିଙ୍କ ସମେତ ପରିବାରବର୍ଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୂରଣ ହେଲା ୪ ଡାକ୍ତର ପଦବୀ

### ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଧାମନଗର,୨୦।୧୦(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ଧରି ବିଭିନ୍ନ ଡାକ୍ତର ପଦବୀ ଖାଲିପଡ଼ିଥିଲା। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ପ୍ରଚେଷ୍ଟାରେ ଏହି ଡାକ୍ତରଖାନାରେ ୪ ଡାକ୍ତର ପଦବୀ ପୂରଣ ହୋଇଛି। ଶନିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିଠି ହୋଇଛି। ନିଯୁକ୍ତ ୪ ଡାକ୍ତର ଖୁବ୍‌ଶୀଘ୍ର କାର୍ଯ୍ୟରେ ଯୋଗଦେବେ ବୋଲି ଧାମନଗର ଭାଜପା ପକ୍ଷରୁ ରବିବାର ଖବରଦାତା ସମ୍ମିଳନୀରେ ଜଣାଯାଇଛି। ଜଳସେଚନ ଡାକବଙ୍ଗଳାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ମହାପାତ୍ର, ଭାଜପା ଜିଲା ସମ୍ପାଦକ ଅରବିନ୍ଦ ପତି, ନଗର ସାଧାରଣ ସମ୍ପାଦକ ବିଜୟ ରାମ ଓ ଆଇନଜୀବୀ



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

ସେଲ୍‌ର ଜିଲା ସଂଯୋଜକ ରଞ୍ଜିତ ମହାନ୍ତି ଯୋଗଦେଇ କହିଥିଲେ, ପୂର୍ବ ସରକାରଙ୍କ ଦୀର୍ଘ ୨୪ବର୍ଷ ଶାସନ କାଳରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଥିଲା। ଡାକ୍ତରଙ୍କଠାରୁ ନେଇ ସ୍ୱାସ୍ଥ୍ୟକର୍ମୀ ପର୍ଯ୍ୟନ୍ତ ସମସ୍ତ ବିଭାଗରେ ନିଯୁକ୍ତି କ୍ଷେତ୍ରରେ ଅଭାବ ରହିଥିଲା। ଦୈନିକ ବହୁ ରୋଗୀ ହଇରାଣ ହେଉଥିଲେ। ଏଠାକୁ ରୋଗୀ ଆସିଲେ ତୁରନ୍ତ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଉଥିଲା। ୪ ଡାକ୍ତର ନିଯୁକ୍ତି ପାଇଥିବାରୁ ମନ୍ତ୍ରୀ ସୂର୍ଯ୍ୟବଂଶୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧାମନଗରବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି।

୭ବର୍ଷ ପୂର୍ବେ ନିର୍ମାଣ ସରିଥିବା ଏକ ଶବ ବ୍ୟବଚ୍ଛେଦ ଗୃହରେ କେବଳ ପରୀକ୍ଷାମୂଳକ ଭାବେ ଗୋଟିଏ ମୃତଦେହ ବ୍ୟବଚ୍ଛେଦ ପରେ ଅଦ୍ୟାବଧି ବ୍ୟବଚ୍ଛେଦ ହୋଇନାହିଁ। ମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। ଗୋଟିଏ ଛାତ ତଳେ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇପାରିବ। ଶବ ବୁହା ଗାଡ଼ି ଏବଂ ଆମ୍ବୁଲାନ୍ସ ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ହେବ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# ପୁଣି ବଦଳିଲା ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ

## ୨ ଦିନ ପରିବର୍ତ୍ତେ ଦିନିକିଆ ମୟୂରଭଞ୍ଜ ଗସ୍ତ

ବାରିପଦା,୨୦।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମୟୂରଭଞ୍ଜ ଜିଲା ଗସ୍ତ କାର୍ଯ୍ୟକ୍ରମ ୩ୟ ଥର ପାଇଁ ପରିବର୍ତ୍ତନ ହୋଇଛି। ୨ ଦିନ ପରିବର୍ତ୍ତେ ଆସନ୍ତା ୨୩ ତାରିଖରେ ରାଷ୍ଟ୍ରପତି ଦିନିକିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ୩ଟି ନୂତନ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ନୂତନ ପ୍ରକଳ୍ପର ଶିଳାନ୍ୟାସ ଓ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର ଗସ୍ତସୂଚୀ ପ୍ରକାଶ ପାଇଛି। ୨୩ ତାରିଖରେ ଦିଲ୍ଲୀସ୍ଥିତ ପାଲାମ ବାୟୁସେନା ଏୟାରପୋର୍ଟରୁ ସକାଳ ୬ଟା୧୫ରେ ବାହାରି ପଶ୍ଚିମବଙ୍ଗସ୍ଥିତ କୋଲେଇକୁଣ୍ଡା ଏୟାରପୋର୍ଟରେ ୮ଟା୧୫ରେ ପହଞ୍ଚିବେ। ସେଠାରୁ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ୮ଟା୫୫ରେ ବାଙ୍ଗିରିପୋଷିସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବେ। ୯ଟା୧୦ରେ ବାଙ୍ଗିରିପୋଷି ରେଳ ଷ୍ଟେଶନରେ ୩ଟି ନୂତନ ରେଳପଥ ବାଙ୍ଗିରିପୋଷି-ଗୋରୁମହିଷାଣି, ବୁଢ଼ାମରା-ନୂଆ ଜାମସୋଲା ଓ ବାଦାମପାହାଡ଼-କେନ୍ଦୁଝରଗଡ଼ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ଭିଡିଓ କନଫରେନ୍ସ ମାଧ୍ୟମରେ ରାଇରଙ୍ଗପୁର ଅଞ୍ଚଳରେ ଟ୍ରାଇବାଲ ରିସର୍ଚ୍ଚ ସେଣ୍ଟର, ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ ଓ ଉପଖଣ୍ଡ ଚିକିତ୍ସାଳୟର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେଠାରୁ ୧୦ଟା୨୫ରେ ବାହାରି ବାଦାମପାହାଡ଼ ନିକଟ ରଙ୍ଗାମାଟିଆ ଅସ୍ଥାୟୀ ହେଲିପ୍ୟାଡ୍‌ରେ ୧୦ଟା ୫୫ରେ ଅବତରଣ କରି ତାଙ୍କ ଗ୍ରାମ ଉପରବେଡ଼ାକୁ ଯିବେ। ସେଠାରେ ରାଷ୍ଟ୍ରପତି ପାଠ ପଢୁଥିବା ଉପରବେଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀଙ୍କ ସହ ଭାବ ବିନିମୟ କରିବେ। ସେଠାରୁ ମଧ୍ୟାହ୍ନ ୧୨ଟା୧୫ରେ ବାହାରି ସଡ଼କ ପଥ ଦେଇ ରାଇରଙ୍ଗପୁର ଯିବେ। ରାଇରଙ୍ଗପୁରସ୍ଥିତ ବାସଭବନକୁ ଯାଇ ପରିବାର ଲୋକଙ୍କୁ ଭେଟିବା ସହ ମଧ୍ୟାହ୍ନଭୋଜନ କରିବେ। ସେଠାରୁ ଅପରାହ୍ନ ୧ଟା୫୫ରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ଏସ୍‌ଏଲଏସ୍ ଟ୍ରଷ୍ଟ ପକ୍ଷରୁ ପ୍ରଦତ୍ତ ଯାନର ଲୋକାର୍ପଣ କରିବେ। ସେଠାରୁ ୨ଟା୩୫ରେ ବାହାରି ରାଇରଙ୍ଗପୁରସ୍ଥିତ ମହିଳା ମହାବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହିତ ଆଲୋଚନା କରିବେ। ସେଠାରୁ ୩ଟା୧୦ରେ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର ଯାଇ ଠାକୁରଙ୍କ ଦର୍ଶନ କରିବା ସହ ପ୍ରଭୁ ଗଣେଶଙ୍କ ନୂତନ ମୂର୍ତ୍ତି ନିକଟରେ ଆଳତୀ କରିବେ। ସେଠାରୁ ବାହାରି ଦାଣ୍ଡବୋଷ ହେଲିପ୍ୟାଡ୍ ଯାଇ ଅପରାହ୍ନ ୩ଟା୫୦ରେ ହେଲିକପ୍ଟର ଯୋଗେ କୋଲେଇକୁଣ୍ଡା ପ୍ରତ୍ୟାବର୍ତ୍ତନ କରିବେ। ସେଠାରୁ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ଏୟାରପୋର୍ଟକୁ ଆସିବେ। ୨୪ ତାରିଖରେ ପୁରୀ ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

## ସଂକ୍ଷେପରେ

### ନଭେମ୍ବର ୧୯ ଓ ୨୦ରେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ବାରିପଦା, ୨୦।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ସରକାରଙ୍କର ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲା ସଦର ମହକୁମାଠାରେ ଆରମ୍ଭ ହେବାକୁ ଯାଉଛି ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ସାଧାରଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ନଭେମ୍ବର ୧୯ ଓ ୨୦ରେ ବାରିପଦା ଛଉପଡିଆଠାରେ ଏହି ମେଳା ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି। ଏହି ଦୁଇ ଦିନ ଧରି ଚାଲିବାକୁ ଥିବା ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମତ୍ସ୍ୟ ଓ ପ୍ରାଣୀଧନ ଚାଷୀମାନେ ଭାଗ ନେବେ ଓ ପୁରସ୍କୃତ ହେବେ। ଏହାଛଡା ଏହି ମେଳାରେ ରାଜ୍ୟ ସରକାରଙ୍କର ସମସ୍ତ ସରକାରୀ ବିଭାଗ ପକ୍ଷରୁ ମଧ୍ୟ ଷ୍ଟଲ ଦିଆଯିବାର ବ୍ୟବସ୍ଥା ରହିଛି। ବୈଠକରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡଃ କଳ୍ପତରୁ ସ୍ୱାଇଁ ଏହି ମେଳା ଆୟୋଜନ ଏବଂ ଏହାର ସଫଳତା ପାଇଁ ଜିଲା ପ୍ରଶାସନ ସହିତ କାର୍ଯ୍ୟ କରୁଥିବା ସମସ୍ତ ଉପବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିବା ସହିତ ଜିଲାପାଳଙ୍କୁ ଏହି ମେଳା ବିଷୟରେ ଅବଗତ କରାଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି, ଜିଲା ସଂସ୍କୃତି ଅଧିକାରୀଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

### କୃଷକ ମହାସଂଘର ସମାବେଶ

ଖୁଣ୍ଟା,୨୦।୧୦(ଦେବରଞ୍ଜନ ବେହେରା)

ମୟୂରଭଞ୍ଜ କୃଷକ ମହାସଂଘ ପକ୍ଷରୁ ଗୋପବନ୍ଧୁ ନଗର ବ୍ଲକର ଶିଳଘାଟୀ ପଞ୍ଚାୟତ ଅଧୀନ ଡ଼ାହାଣୀବୁଡା ଗ୍ରାମଠାରେ ଜିଲା କୃଷକ ମହାସଂଘର ସଭାପତି କମଳାକାନ୍ତ ମହାକୁଡ଼ଙ୍କ ସଭାପତିତ୍ୱରେ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନର କୋଷାଧ୍ୟକ୍ଷ ଜୟଦୀପ ସାହୁ, ଶିଳଘାଟୀ ପଞ୍ଚାୟତ ସମ୍ପାଦକ କୁଆଁର ଟୁଡୁ, ଉଦୟନାଥ ଟୁଡୁ, ରଘୁନାଥ ଟୁଡୁ, କୁଶଳଦା ପଞ୍ଚାୟତ ସଭାପତି ପରମାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କୃଷି ଓ କୃଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀ ଟିଏ ବିଭିନ୍ନ ସ୍ତରରେ ଅବହେଳିତ ଓ ଶୋଷଣର ଶିକାର ହେଉଛି ବୋଲି ଅତିଥିମାନେ ଅଭିଯୋଗ ଆଣିଥିଲେ। ଏପରିକି ଚାଷୀମାନଙ୍କ ବିକାଶ କଥା କହି ବିଭିନ୍ନ ରାଜନୈତିକ ଦଳ କ୍ଷମତାକୁ ଆସୁଥିଲେ ମଧ୍ୟ କୃଷକ ଓ କୃଷି ପାଇଁ ଥିବା ସେମାନଙ୍କର ଉତ୍ତର ଦାୟିତ୍ୱ କଥାକୁ ଭୁଲି ଯାଉଛନ୍ତି। ଏଣୁ କୃଷକମାନଙ୍କ ବିକାଶ ପାଇଁ ଏହି ସଂଗଠନ ସର୍ବଦା ତାର ଚେଷ୍ଟା ଜାରି ରଖିଛି ଓ ଅଧିକରୁ ଅଧିକ ଚାଷୀ ସଂଗଠନରେ ସାମିଲ ହେବାପାଇଁ ପରାମର୍ଶ ଦେଇଥିଲେ। ସେହିପରି କୃଷି ଓ କୃଷକଙ୍କ ବିକାଶ ପାଇଁ କୃଷକମାନଙ୍କୁ ଏକ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ସଂଗଠନର ନେତୃଗଣ ବୈଠକରେ ଯୋଗ ଦେଇଥିବା କୃଷକମାନଙ୍କୁ ଆହ୍ୱାନ ଦେଇଥିଲେ। ସମାବେଶରେ ଜିଲାର ବିଭିନ୍ନ ବ୍ଲକରୁ ୩୦୦ରୁ ଊର୍ଦ୍ଧ୍ୱ କୃଷକ ଯୋଗ ଦେଇଥିଲେ। ଏହି ପରିପେକ୍ଷୀରେ ନୂତନ ଓ ପୁରାତନ ସଭ୍ୟମାନଙ୍କୁ ସଂଗଠନ ପକ୍ଷରୁ କୃଷକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।

# ମୟୂରଭଞ୍ଜ ଜିଲା ପ୍ରତିଯୋଗୀଙ୍କ ସଫଳତା



ମୟୂରଭଞ୍ଜ ଜିଲାର କୃତୀ ପ୍ରତିଯୋଗୀମାନେ।

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ବାରିପଦା,୨୦।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲାର ପ୍ରତିଯୋଗୀ ରାଜ୍ୟରେ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୭ ରୁ ୨୯ କେ.ଜି.ଓଜନରେ ୧୪ ବର୍ଷରୁ କମ ବାଳକ ବିଭାଗରେ ଶତ୍ରୁଘନ ମଡୁଆଳ ରାଜ୍ୟରେ ପ୍ରଥମ ହୋଇଛନ୍ତି। ସେହିପରି ୨୬ରୁ ୨୯ କେଜି ଓଜନରେ ୧୪ ବର୍ଷରୁ କମ ବାଳିକା ବିଭାଗରେ ଲକ୍ଷ୍ମୀପ୍ରିୟା ସିଂ ରାଜ୍ୟରେ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ, ୩୨ରୁ ୩୫କେଜି ଓଜନରେ ୧୪ବର୍ଷରୁ ବାଳିକା ବିଭାଗରେ ଦିବ୍ୟସ୍ମିତା ମଡୁଆଳ ରାଜ୍ୟରେ ଦ୍ୱିତୀୟ ହୋଇ ରୌପ୍ୟ ପଦକ, ୩୨ରୁ ୩୫ କେଜି ଓଜନରେ ୧୭ ବର୍ଷରୁ ବାଳିକା ବିଭାଗରେ ପୂର୍ଣ୍ଣିମା ସିଂ ରାଜ୍ୟରେ ଦ୍ୱିତୀୟ ହୋଇ ରୌପ୍ୟ ପଦକ ଗ୍ରହଣ କରି ପୁରସ୍କୃତ ହେବା ସହିତ ମୟୂରଭଞ୍ଜ ଜିଲା ୧୪ ବର୍ଷରୁ କମ ବାଳିକା ବିଭାଗ ସମଗ୍ର ଓଡିଶା ରାଜ୍ୟରେ ରନରଅପ ହୋଇଛନ୍ତି । ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଚାମ୍ପିୟନ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପ୍ରତିଯୋଗିତା ପୁରୀ ଜିଲା ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଥିଲା।

ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ସହିତ ବାଳକ ଟିମ୍ ମ୍ୟାନେଜର ଭାବେ ପିଟିଆଇ ଜିତେନ୍ଦ୍ର ଯୈଶ୍ୱାଲ ଏବଂ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ଜ୍ୟୋତିର୍ମୟୀ ଦାସମହାପାତ୍ରଙ୍କ ନେତୃତ୍ୱରେ କ୍ରୀଡ଼ାବିତ ଯୋଗ ଦେଇଥିଲେ।

## ସମ୍ଭାବ୍ୟ ବାତ୍ୟା ନେଇ ଆଶଙ୍କାରେ ଚାଷୀକୁଳ

ବୈଶିଙ୍ଗା,୨୦।୧୦(ରତନ ଦାଶ)

ସମ୍ଭାବ୍ୟ ବାତ୍ୟା ଓ ଅଦିନିଆ ବର୍ଷାକୁ ନେଇ ପାଣିପାଗ ବିଭାଗର ସତର୍କ ସୂଚନା ଯୋଗୁ ବୈଶିଙ୍ଗା ବେତନଟୀ ଅଞ୍ଚଳର ଧାନଚାଷ ଉପରେ ନିର୍ଭରଶୀଳ ଚାଷୀକୂଳ ଆଶଙ୍କା ମଧ୍ୟରେ ରହିଛନ୍ତି। ଧାନଫସଲ ଥୋଡ ବାହାରିବା ଅବସ୍ଥାରେ ଥିବା ବେଳେ ଏଭଳି ସ୍ଥିତିରେ ବର୍ଷାର ପ୍ରକୋପ ଯଦି ଅଧିକ ହୁଏ ଏବଂ ତା' ସହିତ ବାତ୍ୟା ହୁଏ ତେବେ ଆଉ କୌଣସି ପରିସ୍ଥିତିରେ ଫସଲର ସୁରକ୍ଷା କରାଯାଇପାରିବ ନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି। ବିଶେଷ କରି ଯେଉଁ ଚାଷୀମାନେ ମୁଗେଇଶାଳ, ପାଟିଣି, ବସୁମତୀ ଭଳି ଦେଶୀ କିସମର ଧାନ ଚାଷ କରିଛନ୍ତି ସେମାନେ ଅଧିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। କାରଣ ଏଭଳି ଦେଶୀ କିସମର ଧାନ ଗଛଗୁଡିକ ଖୁବ ଉଚ୍ଚ ହୋଇଥାନ୍ତି। ଜୋରରେ ପବନ ବହିଲେ ଏହି ଗଛଗୁଡିକ ଗଡ଼ି ପଡ଼ିଗଲେ ଭାଙ୍ଗିଯିବା ନିଶ୍ଚିତ। ଏଭଳି ସ୍ଥିତିରେ ଚଳିତବର୍ଷ ମାର୍ଗଶୀର ମାସରେ ଖୁବ ଭଲ ପରିମାଣର ଧାନ ଅମଳ କରିବାକୁ ଚାହିଁ ବସିଥିବା ଚାଷୀକୁଳ ଚିନ୍ତାରେ ପଡ଼ି ଯାଇଛନ୍ତି।

# ଗୋମାଂସ ବୋଝେଇ ଅଟୋ ଜବତ

ରାଇରଙ୍ଗପୁର,୨୦।୧୦(ମାନସ ମହାନ୍ତ)

ମୟୂରଭଞ୍ଜ ଜିଲା ବହଳଦା ଥାନା ଅନ୍ତର୍ଗତ ଭାଟିସାହି ନିକଟସ୍ଥ ବହଳଦା- ଦୁଦୁ ରାସ୍ତାରୁ ରବିବାର ଏକ ଗୋ - ମାଂସ ବୋଝେଇ ଅଟୋକୁ ପୋଲିସ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଗିରଫ ଅଟୋ ଚାଳକ ଜଣକ ହେଲେ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ ଜାମସେଦପୁର ମାନଗୋ ଥାନା ଅଞ୍ଚଳର ଏମ.ଡି.ୱାସିମ। ଉକ୍ତ ଅଟୋରେ ୧ କୁଇଣ୍ଟାଲ ଗୋ ମାଂସ ବୋଝେଇ ହୋଇ ଜାମସେଦପୁର ଅଞ୍ଚଳକୁ ଚାଲାଣ ହେଉଥିଲା। ଏ ନେଇ ପୋଲିସ ଏକ ମାମଲା(ନଂ. ୧୧୯ /୨୪) ରୁଜୁ କରି ଅଟୋ ଚାଳକଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଇନ୍ସପେକ୍ଟର ବିରେନ୍ଦ୍ର ରାଉତ କହିଛନ୍ତି।



ଜବତ ଗୋ ମାଂସ ବୋଝେଇ ଅଟୋ।

# ଓଏଏସ୍ ପାଇଲେ ବିଜେଶ

ଉଦଳା,୨୦।୧୦(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ନୁଦଡିହା ପଞ୍ଚାୟତ ନୂଆଗାଁ ଗ୍ରାମର ବିଜେଶ ପରିଡ଼ା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୨୬୫ ର୍‍ୟାଙ୍କ ରଖି କୃତୀତ୍ୱ ହାସଲ କରିଛନତି। ବିଜେଶଙ୍କ ବାପା ଉପେନ୍ଦ୍ର ପରିଡ଼ା ନୁଦଡିହା ଛକରେ ଏକ ଛୋଟିଆ ପାନ ଦୋକାନଟିଏ କରି ପରିବାର ଚଳାନ୍ତି। ବାରିପଦା ଏମ୍‌ପିସି କଲେଜରୁ ଗ୍ରାଜୁଏସନ କରିବା ପରେ ୪ ବର୍ଷ ହେବ ସେ ଓଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଏହା ତାଙ୍କର ଦ୍ୱିତୀୟ ଉଦ୍ୟମ। ପ୍ରଥମ ଉଦ୍ୟମରେ ସେ ମେନ ପରୀକ୍ଷା କ୍ୱାଲିଫାଏ କରି ପାରି ନ ଥିବା ବେଳେ ଦ୍ୱିତୀୟ ଚେଷ୍ଟାରେ ପାଇଛନ୍ତି ସଫଳତା। ଯାହାକୁ ନେଇ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଜେଶ ୩ ଭଉଣୀରେ ସବୁଠାରୁ ସାନ ଭାଇ ତେଣୁ ଭାଇଙ୍କଏଭଳି ସଫଳତା ଖବର ପାଇ ଭଉଣୀମାନେ ବେଶ ଖୁସି ଅଛନ୍ତି। ଉଦଳା ବିଧାୟକ ଭାସ୍କର ମଢେଇ ଏବଂ ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ବିଜେଶଙ୍କ ଘରେ ପହଞ୍ଚି ଶୁଭେଚ୍ଛା ଜଣାଇଛନ୍ତି।


ବିଜେଶ ପରିଡ଼ା।

# ବ୍ଲାକ ଟାଇଗରକୁ ହରାଇ ଟେଲକୋ ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳିମାନେ।

## ୧୪ତମ ଚକ୍ରଧର ମେମୋରିଆଲ ଫୁଟବଲ ପ୍ରତିଯୋଗିତା

ଚମ୍ପୁଆ, ୨୦।୧୦(ମହେଶ୍ୱର ଦାସ)

ଚମ୍ପୁଆ ବ୍ଲକ ଅଧୀନ ରଜିଆ ଖେଳ ପଡିଆଠାରେ ୧୪ତମ ଚକ୍ରଧର ମେମୋରିଆଲ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୬ଟି ଦଳକୁ ନେଇ ୨ଦିନ ଧରି ଅନୁଷ୍ଠିତ ଏହି ଆନ୍ତଃରାଜ୍ୟ ଫୁଟବଲ ପ୍ରତିଯୋଗିତାରେ ରାଜ୍ୟ ତଥା ରାଜ୍ୟ ବାହାରର ଦଳ ଭାଗନେଇଥିଲେ। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଟେଲକୋ ଏକାଦଶ ବ୍ଲାକ ଟାଇଗର ୧-୦ ଗୋଲରେ ହରାଇ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବଡବିଲ ମ୍ୟୁନିସିପାଲିଟିର ଚେୟାରମ୍ୟାନ ଲକ୍ଷ୍ମଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସନ୍ତୋଷ କୁମାର ନାଏକ, ଯୁବନେତା ଅଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ୨ଲକ୍ଷ ଅର୍ଥରାଶି ଏବଂ ରନର୍ସଅପ୍ ଦଳକୁ ୧ଲକ୍ଷ ୨୦ହଜାର ଓ ତୃତୀୟ, ଚତୁର୍ଥ ଦଳକୁ ୩୦ହଜାର ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାକୁ ରୋହିଣୀ କ୍ଲବ ପରିଚାଳନା କରିଥିବା ବେଳେ ରେଫରୀ ଭାବେ ସୁବ୍ରତ ପୌରହିତ, ସୁରେଶ କୁମାର ଦାଶିଆ, ରାଜୁ ମହାନ୍ତି, ଟୁନୁ ହାଁସଦା, ଜ୍ୟୋତିରଞ୍ଜନ ସ୍ୱାଇଁ, ସୁରେଶ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସଭାପତି ସୁବ୍ରତ ଗିରି ଓ ସମ୍ପାଦକ ବିବେକାନନ୍ଦ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବଛାବଛା କଳାକାରଙ୍କ ଦ୍ୱାରା ଉପସ୍ଥିତ ହଜାର ହଜାର ଦର୍ଶକଙ୍କ ମନୋରଞ୍ଜନ କରାଯାଇଥିଲା।

# ଶିଶୁମନ୍ଦିର ପୂର୍ବ ଛାତ୍ର ସମ୍ମିଳନୀ

ବାଙ୍ଗିରିପୋଷି,୨୦।୧୦
(ସଞ୍ଜୟ କୁମାର ଅଗ୍ରୱାଲା)



ବାଙ୍ଗିରିପୋଷି ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନଆଚାର୍ଯ୍ୟା ପ୍ରଭାସିନୀ ନନ୍ଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବ ଛାତ୍ରୀଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ସୁମିତ ସାହୁ ଓ ପୌରଜିତ ବେହେରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ନନ୍ଦୀ ଛାତ୍ରଛାତ୍ରୀମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ। ଗୁରୁମା ମୃଣ୍ମୟୀ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ଗୁରୁଜୀ ଦୀନବନ୍ଧୁ ମହାନ୍ତ ଧନ୍ୟବାଦ ଦେଇଥିଲେ। ଏଥିରେ ସମସ୍ତେ ଗୁରୁମା, ଗୁରୁଜୀ, ସେବିକା ସହଯୋଗ କରିଥିଲେ।

# ଶିବଶକ୍ତି କ୍ଲବ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ


ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳିମାନେ।

ଗୋପବନ୍ଧୁନଗର, ୨୦।୧୦
(ଶାନ୍ତନୁ କୁମାର ମଡୁଆଳ)

ଗୋପବନ୍ଧୁନଗର ବ୍ଲକ ଅଧୀନ କୁଆମରା ପଞ୍ଚାୟତ ଉପରକଡଦା ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଦୁଇଦିନିଆ ୨୭ତମ ଆନ୍ତଃରାଜ୍ୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଆଦି ରାଜ୍ୟରୁ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଭୋଳାଗଡିଆ ସୁନୀଲ ଏଫସି ଦଳକୁ ପେନାଲଟିକ ଜରିଆରେ ହରାଇ ଏସଏସଏଫସି କଡଦା ଦଳ ଚାମ୍ପିଅନ ହୋଇଛି। ମୋଟ ୭ ଜଣ ରେଫରୀ ଖେଳ ପରିଚାଳନା କରିଥିଲେ। ଚାମ୍ପିଅନ ଦଳକୁ ୧ ଲକ୍ଷ ଓ ରନର୍ସ ଅପ ଦଳକୁ ୭୦ ହଜାର ଟଙ୍କାର ଆର୍ଥିକ ରାଶି ପୁରସ୍କାର ଭାବେ ପ୍ରଦାନ କରାଯାଇଛି। ସେହିପରି ସେମିଫାଇନାଲକୁ ଉନ୍ନୀତ ହୋଇଥିବା ଦୁଇ ଦଳକୁ ୧୫ହଜାର ଟଙ୍କା ଲେଖାଏଁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ମନୋଜ କୁମାର ପାତ୍ର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସଭାପତି ରାମଚନ୍ଦ୍ର ସିଂ ଓ ସମ୍ପାଦକ କୁନା ସିଂଙ୍କ ତତ୍ତ୍ୱାବାବଧାନରେ ଅନୁଷ୍ଠିତ ଖେଳକୁ ତପୁ ସିଂ, ରାମଚନ୍ଦ୍ର ବେଶ୍ରା, ଶମ୍ଭୁନାଥ ସିଂ, ଗଣେଶ ସିଂ, ବାପୁନ ସିଂ, ସୁକାନ୍ତ ସିଂ ଓ ଲକ୍ଷ୍ମଣ ସରେନ ପ୍ରମୁଖ ପରିଚାଳନା କରିଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

## ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ବୈଠକ

ଖୁଣ୍ଟା,୨୦।୧୦(ଦେବରଞ୍ଜନ ବେହେରା)

ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ଗୋପବନ୍ଧୁ ନଗର ବ୍ଲକ ଶାଖା ପକ୍ଷରୁ ସାନଖୁଣ୍ଟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ବ୍ଲକ ସଭାପତି ଭୌରବ ମହାଯାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଜିଲା ସମ୍ପାଦକ ଦିବାକର ବିନ୍ଧାଣୀ , କୋଷାଧ୍ୟକ୍ଷ ଶଶିଧର ରାଉତ, ମାନସ କୁମାର ବିନ୍ଧାଣି ପ୍ରମୁଖ ଯୋଗଦେଇ ପଞ୍ଚାୟତରେ କାର୍ଯ୍ୟରତ ପିଅନ, ରାତ୍ରଜଗୁଆଳି ଓ ଝାଡୁଦାରମାନେ ବିଭିନ୍ନ ସମସ୍ୟା ଦେଇ ଗତି କରି ଆସୁଥିଲେ ମଧ୍ୟ ସରକାର ସଂପୃକ୍ତ କର୍ମଚାରୀମାନଙ୍କ ପ୍ରତି ବୈମାତୃକ ମନଭାବ ପୋଷଣ କରୁଥିବା ନେଇ ତୀବ୍ର ସମାଲୋଚନା କରିଥିଲେ ।

ରାଜ୍ୟ ସରକାର ବିଭିନ୍ନ ବର୍ଗର କର୍ମଚାରୀଙ୍କ ପାଇଁ ପ୍ରୋତ୍ସାହନ ଯୋଗାଇଦେଇ ଆସୁଥିଲେ ମଧ୍ୟ ଏମାନଙ୍କ କ୍ଷେତ୍ରରେ ଉଦାସୀନତା ଓ ବୈମାତୃକ ମନଭାବ ପୋଷଣକୁ ସଂଘ ପକ୍ଷରୁ ସଦସ୍ୟମାନେ ବିରୋଧ କରିଥିଲେ। ସେମାନଙ୍କ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆସୁଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ହିଁ ମିଳୁଛି। ଏପରିକି ସରକାରଙ୍କ ଶ୍ରମ ନିଯୋଜନ ବିଭାଗ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ପାଇବାରୁ ମଧ୍ୟ ବଞ୍ଚିତ ରହୁଛନ୍ତି ବୋଲି ଅଭିଯୋଗ ଆଣିଥିଲେ। ବର୍ଷ ବର୍ଷ ଧରି ଏହି କର୍ମଚାରୀମାନେ କେଉଁଠି ୫ଶହ ତ କେଉଁଠି ୩ହଜାର ପାରିଶ୍ରମିକ ପାଇ କାର୍ଯ୍ୟ କରିଆସୁଛନ୍ତି। ତାହାପୁଣି ପ୍ରତ୍ୟେକ ମାସକୁ ମାସ ପାଇବାରୁ ମଧ୍ୟ ବଞ୍ଚିତ ହେଉଥିବାରୁ ପରିବାର ଭୋରଣପୋଷଣରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି। ଏପରିକି ୨୦୦୮ରେ ପଞ୍ଚାୟତ ସେକ୍ରେଟେରୀ ମାନଙ୍କୁ ପଦୋନ୍ନତି ଦେଇ ଭିଏଲଡବ୍ଲ୍ୟୁ କରାଯାଇଥିଲେ ସୁଦ୍ଧା ଏମାନଙ୍କ ପ୍ରତି ସରକାର ସେଭଳି କିଛି ପଦକ୍ଷେପ ଗ୍ରହଣ କରୁ ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଯାହାକୁ ନେଇ ସମାନ କାମକୁ ସମାନ ଦରମା ପ୍ରଦାନ , ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ସହ ରାଜ୍ୟ ବଜେଟରେ ସ୍ୱତନ୍ତ୍ର ବଜେଟ ରଖିବା ଇତ୍ୟାଦି ଦାବି କରିବା ସହ ଜିଲା ପଞ୍ଚାୟତ ଅଧିକାରୀଙ୍କ ଚିଠି ନମ୍ବର ୧୨୮୩ ତା ୪।୯।୨୪ ଅନୁଯାୟୀ ପଞ୍ଚାୟତର ରକ୍ଷଣାବେକ୍ଷଣ, ସଫେଇ ଇତ୍ୟାଦି କାର୍ଯ୍ୟ କରିବା ପାଇଁ ଏକ ହଜାର ଲେଖାଏ ଟଙ୍କା ୩ ପର୍ଯ୍ୟାୟରେ ଆସିଥିବା ଅର୍ଥ କେତେକ ପଞ୍ଚାୟତରେ ପ୍ରଦାନ କରାଯାଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଏହି ଦାବି ଗୁଡିକ ଯଥାଶିଘ୍ର ପୂରଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସେହିପରି ଏହି ବୈଠକରେ ସର୍ବସମ୍ମତି କ୍ରମେ ମାନସ କୁମାର ବିନ୍ଧାଣୀଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।



ବୈଠକରେ ଉପସ୍ଥିତ ସଂଘର କାର୍ଯ୍ୟକର୍ତ୍ତାମାନେ।

# ସିଏସ୍ଆର୍ ଅର୍ଥ ଇଣ୍ଟର୍ନସିପ୍ ସ୍କିମ୍‌ରେ ଖର୍ଚ୍ଚ କରିପାରିବେ ପିଏସ୍ୟୁ

ଭୁବନେଶ୍ୱର,୨୦।୧୦(ଅନୁରାଧା ମହାରଣା)




ପ୍ରଧାନମନ୍ତ୍ରୀ ଇଣ୍ଟର୍ନଶିପ ଯୋଜନାକୁ ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ସରକାର ଏକ ବଡ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ପବ୍ଲିକ୍ ସେକ୍ଟର କମ୍ପାନି (ପିଏସ୍ୟୁ) ଗୁଡିକ ସେମାନଙ୍କର ସିଏସଆର ଟଙ୍କା ସରକାରଙ୍କ ଏହି ଯୋଜନାରେ ଖର୍ଚ୍ଚ କରିବାକୁ ସମର୍ଥ ହେବେ। ଏଥିପାଇଁ ସରକାର ପିଏସ୍ୟୁଗୁଡିକ ପାଇଁ ଚଳିତ ଆର୍ଥିକ ବର୍ଷ ଲାଗି କର୍ପୋରେଟ ସାମାଜିକ ଦାୟିତ୍ୱର ନିର୍ଦ୍ଦେଶାବଳୀରେ ସଂଶୋଧନ କରିଛନ୍ତି। ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ଇଣ୍ଟର୍ନଶିପ ସ୍କିମ ମଧ୍ୟ ଏହି କମ୍ପାନୀଗୁଡିକର ସିଏସଆରରେ ଏକ ସାଧାରଣ ବିଷୟ ବା ଥିମ ଭାବରେ ଅନ୍ତର୍ଭୁକ୍ତ ହେବ। ଜଣେ ବରିଷ୍ଠ ଅଧିକାରୀଙ୍କ ଅନୁଯାୟୀ, ପ୍ରତିବର୍ଷ ସାର୍ବଜନୀନ କ୍ଷେତ୍ର କମ୍ପାନୀଗୁଡିକ ସେମାନଙ୍କର ସାମାଜିକ ଦାୟିତ୍ୱ ପୂରଣ କରିବାକୁ ଏକ ଥିମ କିମ୍ବା ବିଷୟ ସ୍ଥିର କରନ୍ତି। ସେମାନଙ୍କୁ କେବଳ ଏହି ଥିମ ପାଇଁ ସେମାନଙ୍କର ସିଏସଆର ପାଣ୍ଠିର ୬୦ ପ୍ରତିଶତ ଖର୍ଚ୍ଚ କରିବାକୁ ପଡିବ। ସେ କହିଛନ୍ତି ଯେ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସିଏସଆର ଲାଗି ଏକ ସାଧାରଣ ଥିମ ଭାବରେ 'ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର'ରେ ପିଏମ୍ ଇଣ୍ଟର୍ନଶିପ ସ୍କିମ ଯୋଡ଼ାଯାଇଛି। ବର୍ତ୍ତମାନ ସାର୍ବଜନୀନ କ୍ଷେତ୍ର କମ୍ପାନୀଗୁଡିକ ସେମାନଙ୍କର ଆର୍ଥିକ ବର୍ଷରେ ୬୦% ସିଏସଆର ପାଣ୍ଠି ଖର୍ଚ୍ଚ କରିବାକୁ ସକ୍ଷମ ହେବେ। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଏହି ମାସ ଆରମ୍ଭରେ ଇଣ୍ଟର୍ନଶିପ ସ୍କିମ ଅନ୍ତର୍ଗତ କମ୍ପାନୀ ତଥା ଅନଲାଇନ୍ ପଞ୍ଜୀକରଣ ଆରମ୍ଭ କରିଛି। ଏହି ଯୋଜନା ଅଧୀନରେ ଏକ କୋଟି ଯୁବକଙ୍କୁ ଚଳିତ ବର୍ଷରେ ଇଣ୍ଟର୍ନଶିପ ଦିଆଯିବ। ପାଇଲଟ ପ୍ରୋଜେକ୍ଟ ଅଧୀନରେ ୧୨ ମାସର ଇଣ୍ଟର୍ନଶିପ ଡିସେମ୍ବର ୨ରୁ ଆରମ୍ଭ ହେବାକୁ ଯାଉଛି। ଏହାର ମୂଲ୍ୟ ପ୍ରାୟ ୮୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ମାର୍ଚ୍ଚ ୨୦୨୫ ଶେଷ ହେବାକୁ ଥିବା ଆର୍ଥିକ ବର୍ଷରେ ୧.୨୫ ଲକ୍ଷ ଯୁବକଙ୍କୁ ଏହା ଅଧୀନରେ ଆଣିବା ଲକ୍ଷ୍ୟ ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟରେ ପିଏମ୍ ଇଣ୍ଟର୍ନଶିପ ଯୋଜନା ଘୋଷଣା କରିଛନ୍ତି। ଏହି ଯୋଜନା ଅଧୀନରେ, ଶ୍ରେଷ୍ଠ ୫୦୦ କମ୍ପାନୀ ୨୧ ରୁ ୨୪ ବର୍ଷ ବୟସର ଯୁବକମାନଙ୍କୁ ଇଣ୍ଟର୍ନସିପ ସୁଯୋଗ ପ୍ରଦାନ କରିବେ। ଏହା ବ୍ୟତୀତ ସେମାନଙ୍କୁ ଜୀବନ ବୀମା ମଧ୍ୟ ଦିଆଯିବ। ଗୋଟିଏ ବର୍ଷ ପାଇଁ ୫୦୦୦ ଟଙ୍କା ମାସିକ ଆର୍ଥିକ ସହାୟତା ବ୍ୟତୀତ ଇଣ୍ଟର୍ନଙ୍କୁ ୬,୦୦୦ ଟଙ୍କା ଅନୁଦାନ ପ୍ରଦାନ କରାଯିବ। ମାସିକ ସହାୟତାରେ ୪୫୦୦ ଟଙ୍କା ସରକାର ଏବଂ ୫୦୦ ଟଙ୍କା କମ୍ପାନୀ ଏହାର ସିଏସଆର ପାଣ୍ଠିରୁ ପ୍ରଦାନ କରାଯିବ। ଏହି ଯୋଜନାରେ ପୋର୍ଟାଲରେ ୨୫ ଅକ୍ଟୋବର ପର୍ଯ୍ୟନ୍ତ ପଞ୍ଜୀକରଣ କରାଯାଇପାରିବ। ୨୬ ଅକ୍ଟୋବରରେ ଯୁବକମାନଙ୍କୁ ଚୟନ କରାଯିବ। ଏହା ପରେ ଅକ୍ଟୋବର ୨୭ ରୁ ନଭେମ୍ବର ୭ ପର୍ଯ୍ୟନ୍ତ କମ୍ପାନୀମାନେ ସେମାନଙ୍କ ପାଇଁ କାମ କରିବାକୁ ଯୁବକମାନଙ୍କୁ ବାଛିବେ। ଏହି ସୁଯୋଗ ନେବାକୁ ଯୁବତୀଯୁବକମାନଙ୍କୁ ୮ ରୁ ୧୫ ନଭେମ୍ବର ପର୍ଯ୍ୟନ୍ତ ସମୟ ଦିଆଯିବ। ଜଣେ ପ୍ରାର୍ଥୀଙ୍କୁ ସର୍ବାଧିକ ତିନୋଟି ସୁଯୋଗ ଦିଆଯିବ।

# ଅରୁନ୍ଧତୀ ଜୁଏଲର୍ସର ନୂତନ ଫ୍ଲାଗଶିପ୍ ଶୋ'ରୁମ୍ ଉଦଘାଟିତ



ଭୁବନେଶ୍ୱର,୨୦।୧୦(ଅନୁରାଧା ମହାରଣା)

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଭୁବନେଶ୍ୱର ଜନପଥ ଶାଖା ଏବେ ନୂତନ ଓ ବୃହତ୍ ରୂପରେଖ ନେଇ ପ୍ରସ୍ତୁତି କରାଯାଇଥିବାବେଳେ ରବିବାର ଏହାର ଉଦଘାଟନ କରାଯାଇଛି। ଅରୁନ୍ଧତୀର ଯାତ୍ରା ୨୫ ବର୍ଷରେ ପହଞ୍ଚିଥିବାବେଳେ ପାର୍ବଣ ଋତୁରେ ନୂଆ ସ୍ୱତନ୍ତ୍ର ଅଫର ସହ ଏହି ଶୋ'ରୁମ୍‌ର ଉଦଘାଟନ କରାଯାଇଛି। ଅରୁନ୍ଧତୀ ଜୁଏଲର୍ସ ବ୍ରାଣ୍ଡ ଆମ୍ବାସାଡର ତଥା ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା, ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର ଓ ନିର୍ଦ୍ଦେଶିକା ଅରୁନ୍ଧତୀ ମେହେରଙ୍କ ଉପସ୍ଥିତିରେ ଏହି ଶୋ'ରୁମର ଶୁଭାରମ୍ଭ କରାଯାଇଛି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ପାର୍ବଣ ଋତୁରେ ନୂତନ କଲେକ୍ସନଯୁକ୍ତ ଡିଜାଇନ ଅର୍ଥ ଓ ଆରାପା ମଧ୍ୟ ଉନ୍ମୋଚିତ ହୋଇଛି। ୧୨ହଜାର ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମିତ ଏହି ଶୋ'ରୁମର ଉଦଘାଟନୀ ସମାରୋହରେ ୨୫ହଜାରରୁ ଅଧିକ ନୂଆ କଲେକ୍ସନ ପ୍ରଦର୍ଶିତ ହୋଇଛି। ଏହି ଅବସରରେ ଅରୁନ୍ଧତୀର ପରିଚାଳନା ନିର୍ଦ୍ଦେଶକ ମେହେର କହିଛନ୍ତି, ଏହି ଗ୍ରାଣ୍ଡ ରିଓପେନିଙ୍ଗ ଉପଲକ୍ଷେ ସର୍ବଶ୍ରେଷ୍ଠ ଅଫରରେ ଗ୍ରାହକ ସୁନାଗହଣାର ଗଢ଼ାମଜୁରିରେ ସୁନିଶ୍ଚିତ ସର୍ବନିମ୍ନ ଫ୍ଲାଟ ୨୫% ରିହାତି, ଅଧିକ ସୁନାଗହଣା କିଣି ସର୍ବାଧିକ ଫ୍ଲାଟ ୫୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହା ସହିତ ପ୍ରଥମ ଥର ପାଇଁ ଗ୍ରାହକ ମଜୁରି ସମ୍ପୂର୍ଣ୍ଣ ମାଗଣା, ସ୍ୱର୍ଣ୍ଣ ସମୃଦ୍ଧି ଯୋଜନା ମାଧ୍ୟମରେ ପ୍ରତ୍ୟେକ ଅଗ୍ରିମ ବୁକିଂ ଉପରେ ସୁନାର ସର୍ବନିମ୍ନ ବଜାର ଦର ସହିତ ମାଗଣା ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ତଥା ପୁରୁଣା ସୁନାଗହଣାର ବଦଳରେ ପ୍ରତ୍ୟେକ ୧୦ ଗ୍ରାମ୍ ଉପରେ ୧୦୦୦ ଟଙ୍କାର ଅତିରିକ୍ତ ବୋନସ ପାଇପାରିବେ।

# ଜାଭେରୀ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ଜୁଏଲର୍ସର ପ୍ରଥମ ବର୍ଷ ପୂର୍ତ୍ତି

## ଲକି ଡ୍ରରେ ଗ୍ରାହକ ପାଇଲେ ବାଲେନୋ କାର୍

ଭୁବନେଶ୍ୱର,୨୦।୧୦(ଅନୁରାଧା ମହାରଣା)




ଜାଭେରୀ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ଜୁଏଲର୍ସର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ସିଜନ-୧ ଲକି ଡ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାସହ ଧନତେରସ୍ ଉପଲକ୍ଷେ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଛି। ସ୍ଥାନୀୟ ରେଳ ଅଡିଟୋରିୟମ୍‌ରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରାୟ ୧୦୦୦ ଗ୍ରାହକଙ୍କ ଉପସ୍ଥିତିରେ ଲକି ଡ୍ର ପୁରସ୍କାର ଘୋଷଣା କରାଯାଇଥିଲା। ପ୍ରଥମ ପୁରସ୍କାର ଭାବେ ଏକ ବାଲେନୋ କାର୍ ପ୍ରଦାନ କରାଯାଇଥିବାବେଳେ ଦ୍ୱିତୀୟ ପୁରସ୍କାର ସ୍ୱରୂପ ୨୫ ହଜାର ଟଙ୍କା ଏବଂ ତୃତୀୟ ପୁରସ୍କାର ସ୍ୱରୂପ ୩ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଗତବର୍ଷ ନଭେମ୍ବର ୧୦ରୁ ଚଳିତବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୈଧ ଥିବା ଅଫରରେ ୧୫ ହଜାରରୁ ଅଧିକ ଗ୍ରାହକ ଯୋଡ଼ି ହୋଇଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରୁ ଗ୍ରାହକ ବିଜୟୀ ହୋଇଛନ୍ତି। ଶୁଦ୍ଧତା ଓ କାରୁକାର୍ଯ୍ୟପୂର୍ଣ୍ଣ ସୁନା ଗହଣା ଯୋଗାଇଦେବା ଅନୁଷ୍ଠାନର ଲକ୍ଷ୍ୟ ବୋଲି ମ୍ୟାନେଜିଂ ପାର୍ଟନର ସନ୍ଦୀପ କୁମାର ସାହୁ ଓ ସଞ୍ଜୀବ କୁମାର ସାହୁ ପ୍ରକାଶ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଅଭିନେତ୍ରୀ ଶୀତଲ ପାତ୍ର, ସୂର୍ଯ୍ୟମୟୀ ମହାପାତ୍ର, ଅଭିନେତା ଶୁଭାଶିଷ ଶର୍ମା, କୋରିଓଗ୍ରାଫର ଅମିତ ନାୟକ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ମୁନ୍ ମୁନ୍ ସିଂହ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଗଣେଶ୍ୱର ସାହୁ, ପୁଷ୍ପଲତା ସାହୁ, ଜୟନ୍ତ ମହାରଣା, ମଞ୍ଜୁଶ୍ରୀ ମହାରଣା, ରିନିତା ସାହୁ, ରୁନିଶା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପିଏସ୍‌ବିରେ ସୃଷ୍ଟି ହେବ ଏକାଧିକ ସିଜିଏମ୍ ପଦ

ଭୁବନେଶ୍ୱର,୨୦।୧୦(ଅନୁରାଧା ମହାରଣା)




ପବ୍ଲିକ୍ ସେକ୍ଟର ବ୍ୟାଙ୍କ(ପିଏସ୍‌ବି)ଗୁଡିକରେ ଚିଫ୍ ଜେନେରାଲ ମ୍ୟାନେଜର (ସିଜିଏମ୍) ପଦବୀ ବୃଦ୍ଧି କରିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ବ୍ୟାଙ୍କଗୁଡିକର ବ୍ୟବସାୟ ଏବଂ ଲାଭକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବକୁ ଗୁରୁତର ସହ ବିଚାର କରାଯାଉଛି। ବର୍ତ୍ତମାନ ପିଏସବିଗୁଡିକରେ ପ୍ରତ୍ୟେକ ୪ ଜେନେରାଲ ମ୍ୟାନେଜର ପଦ ପାଇଁ ଜଣେ ମୁଖ୍ୟ ଜେନେରାଲ ମ୍ୟାନେଜର ଅଛନ୍ତି। ୨୦୧୯ରେ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ବ୍ୟାଙ୍କଗୁଡିକର ବୃଦ୍ଧି ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ସରକାର ବିଚାର କରୁଛନ୍ତି। ଏହାକୁ ବୃଦ୍ଧି କରିବାକୁ ଯୋଜନା କରାଯାଉଛି। ମିଳିଥିବା ସୂଚନାନୁଯାୟୀ, ବ୍ୟାଙ୍କରେ ଏକାଧିକ ମୁଖ୍ୟ ଜେନେରାଲ ମ୍ୟାନେଜର ନିଯୁକ୍ତି ପ୍ରସ୍ତାବ ଉପରେ ଅର୍ଥ ମନ୍ତ୍ରଣାଳୟ ବିଚାର କରୁଛି। ସୂଚନାନୁସାରେ, ବ୍ୟାଙ୍କର ବଢୁଥିବା ବ୍ୟବସାୟକୁ ଦୃଷ୍ଟିରେ ରଖି ଏପରି ବିଚାର କରାଯାଉଛି। ୧୦ଟି ସରକାରୀ କ୍ଷେତ୍ରର ୪ ଟି ବଡ ବ୍ୟାଙ୍କରେ ମିଶ୍ରଣ ପରେ ୨୦୧୯ରେ ସିଜିଏମର ପଦବୀ ସୃଷ୍ଟି କରାଯାଇଥିଲା। ବର୍ତ୍ତମାନ ସିଜିଏମ୍ ପଦ ଜେନେରାଲ ମ୍ୟାନେଜର ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରୁଛି। ଏହା ବ୍ୟତୀତ ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କଗୁଡିକ ଆର୍ଥିକ ସେବା ବିଭାଗରୁ ଦାବି କରିଛନ୍ତି ଯେ ସେମାନଙ୍କୁ ଏହି ପଦବୀ ସ୍ଥିର କରିବାର ଅଧିକାର ଦିଆଯାଉ, ଯାହାଦ୍ୱାରା ସେମାନେ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ସଂଖ୍ୟା ସ୍ଥିର କରିପାରିବେ। ବର୍ତ୍ତମାନ ଜିଏମ, ଡିଜିଏମ ଏବଂ ଏଜିଏମ ମଧ୍ୟରେ ହାରାହାରି ଅନୁପାତ ୧:୩:୯ ରହିଛି। ବ୍ୟାଙ୍କଗୁଡିକର ଉନ୍ନତ କାର୍ଯ୍ୟ ପାଇଁ ଏହାର ସମୀକ୍ଷା ପାଇଁ ଆବଶ୍ୟକତା ରହିଥିବାବେଳେ ଏହା ବ୍ୟାଙ୍କଗୁଡିକ ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରିବା ସହଜ କରିବ ବୋଲି ଆଶା କରାଯାଉଛି। ସୂଚନା ଥାଉକି, ବର୍ତ୍ତମାନ ଦେଶର ୧୨ଟି ସରକାରୀ ବ୍ୟାଙ୍କରେ ପ୍ରାୟ ୪ ଲକ୍ଷ ଅଧିକାରୀ କାର୍ଯ୍ୟ କରୁଛନ୍ତି। ୨୦୨୪ ମାର୍ଚ୍ଚରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ ପିଏସବି ଗୁଡିକର ଲାଭ ପ୍ରାୟ ୧.୪ ଲକ୍ଷ କୋଟି ଟଙ୍କା ହୋଇଛି। ୨୦୨୩ ଆର୍ଥିକ ବର୍ଷ ପାଇଁ ୧ ଲକ୍ଷ କୋଟି ତୁଳନାରେ ଏଥିରେ ୩୫% ବୃଦ୍ଧି ହୋଇଛି। ଏଥିରୁ ଏସବିଆଇର ଲାଭ ୬୧,୦୭୭ କୋଟି ଟଙ୍କା ହୋଇଛି। ପିଏନବିର ଲାଭ ୮,୨୪୫ କୋଟି, ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ୧୩,୬୪୯ କୋଟି ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ୨,୫୪୯ କୋଟି ଟଙ୍କା ଥିଲା।

# ଇପିଏଫ୍‌ଓରେ ଯୋଡ଼ିହେଲେ ୧୮.୫୩ ଲକ୍ଷ ସଦସ୍ୟ

ଭୁବନେଶ୍ୱର, ୨୦।୧୦ (ଅନୁରାଧା ମହାରଣା)

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଅଗଷ୍ଟରେ ୧୮.୫୩ ଲକ୍ଷ ସଦସ୍ୟଙ୍କୁ ଯୋଡ଼ିଛି। ବାର୍ଷିକ ଭିତ୍ତିରେ ଏହା ୯.୦୭ ପ୍ରତିଶତ ବୃଦ୍ଧି ପଞ୍ଜୀକରଣ କରିଛି। ଏହା ବ୍ୟତୀତ ୯.୩ ଲକ୍ଷ ନୂତନ ସଦସ୍ୟ ମଧ୍ୟ ଇପିଏଫ୍‌ଓରେ ଯୋଗ ଦେଇଛନ୍ତି। ୨୦୨୩ ଅଗଷ୍ଟ ତୁଳନାରେ ଏହି ସଂଖ୍ୟା ୦.୪୮% ବୃଦ୍ଧି ପାଇଛି। ପ୍ରକାଶିତ ତଥ୍ୟରୁ ଜଣାପଡୁଛି ଯେ, ଇପିଏଫ୍‌ଓ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ିବା ସହ ଦେଶରେ ନିଯୁକ୍ତି ମଧ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଇପିଏଫ୍‌ଓର ବେତନ ତଥ୍ୟ ଅନୁଯାୟୀ ଅଧିକାଂଶ ନୂତନ ସଦସ୍ୟ ୧୮ରୁ ୨୫ବର୍ଷ ବୟସ ବର୍ଗରେ ଅଛନ୍ତି। ଅଗଷ୍ଟରେ ଯୋଡ଼ି ହୋଇଥିବା ମୋଟ ନୂତନ ସଦସ୍ୟଙ୍କ ମଧ୍ୟରୁ ଏହି ବୟସ ବର୍ଗର ସଦସ୍ୟଙ୍କ ସଂଖ୍ୟା ୫୯.୨୬% । ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରଥମ ଥର ପାଇଁ ଚାକିରି ପାଇଛନ୍ତି। ଅଗଷ୍ଟରେ ଯୋଗ ଦେଇଥିବା ମୋଟ ୧୮.୫୩ ଲକ୍ଷ ସଦସ୍ୟଙ୍କ ମଧ୍ୟରୁ ୧୮ରୁ ୨୫ବର୍ଷ ବୟସର ସଦସ୍ୟଙ୍କ ସଂଖ୍ୟା ୮.୦୬ ଲକ୍ଷ ରହିଛି। ୧୩.୫୪ ଲକ୍ଷ ସଦସ୍ୟ ଇପିଏଫ୍‌ଓ ଛାଡ଼ିବା ପରେ ପୁନର୍ବାର ଇପିଏଫ୍‌ଓରେ ପଞ୍ଜୀକୃତ ହୋଇଛନ୍ତି। ୨୦୨୩ ଅଗଷ୍ଟ ତୁଳନାରେ ଏହି ସଂଖ୍ୟା ୧୪.୦୩% ବୃଦ୍ଧି ପାଇଛି। ଏହି ଲୋକମାନେ ଗୋଟିଏ ଚାକିରି ଛାଡି ଅନ୍ୟ କାର୍ଯ୍ୟରେ ଯୋଗ ଦେଇ ତାଙ୍କର ଇପିଏଫଓ ଆକାଉଣ୍ଟ ସ୍ଥାନାନ୍ତର କରିଛନ୍ତି। ଅନ୍ୟପଟେ ପ୍ରାୟ ୨.୫୩ ଲକ୍ଷ ନୂତନ ସଦସ୍ୟ କେବଳ ମହିଳା । ଗତବର୍ଷ ଅଗଷ୍ଟ ତୁଳନାରେ ଏହି ସଂଖ୍ୟା ୩.୭୫ ପ୍ରତିଶତ ବୃଦ୍ଧି ପାଇଛି। ଅଗଷ୍ଟରେ ଯୋଗ ଦେଇଥିବା ମୋଟ ସଦସ୍ୟଙ୍କ ମଧ୍ୟରୁ ମହିଳାଙ୍କ ସଂଖ୍ୟା ୩.୭୯ ଲକ୍ଷ ରହିଛି। ଗତବର୍ଷ ତୁଳନାରେ ଏହି ସଂଖ୍ୟା ୧୦.୪୧ ପ୍ରତିଶତ ବୃଦ୍ଧିପାଇଛି। କର୍ମକ୍ଷେତ୍ରରେ ମହିଳାମାନଙ୍କର ସଂଖ୍ୟା ବଢ଼ିବା ଏକ ଶୁଭ ସଙ୍କେତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଇପିଏଫଓରେ ଯୋଡ଼ି ହୋଇଥିବା ସର୍ବାଧିକ ୨୦.୫୯% ସଦସ୍ୟ ମହାରାଷ୍ଟ୍ରର ଅଟନ୍ତି। ଏହା ବ୍ୟତୀତ କର୍ନାଟକ, ତାମିଲନାଡୁ, ହରିୟାଣା, ଦିଲ୍ଲୀ, ଗୁଜରାଟ, ଉତ୍ତରପ୍ରଦେଶ ଏବଂ ତେଲଙ୍ଗାନା ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ବାଣିଜ୍ୟ, ଇଞ୍ଜିନିୟରିଂ, ନିର୍ମାଣ ଏବଂ କୃଷି କ୍ଷେତ୍ରରେ ମଧ୍ୟ ସର୍ବାଧିକ ନିଯୁକ୍ତି ମିଳିଛି ।

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
No.B-474
Mail i.d : seccbbsr@gmail.com
E-procurement Tender Call Notice No.08 of 2024-25
No. 4031 (Estg.) Bhubaneswar the 17th October - 2024

The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for eight number road works to be received in online bidding, double cover system for construction works as detailed in : https://tendersodisha.gov.in. The details of bid documents will be available in the above website from **5.00 P.M. of 22.10.2024 to 5.00 P.M. of 05.11.2024**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 06.11.2024** in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.

Sd./- Er. M.R. Behera
Chief Construction Engineer
Central (R&B) Circle, Bhubaneswar

OIPR-34156/11/0006/2425

**OFFICE OF THE CDM & PHO, KORAPUT**
**DISTRICT PROGRAMME MANAGEMENT UNIT, NHM**
Advt. No. 2310/DPMU/NHM/2024 Date: 18.10.2024

**SHORT TENDER CALL NOTICE**

No. E-421: Sealed tenders are invited from registered suppliers/ agencies for Procurement of Reagent for CBC (3 Part) & Semi-Auto Analyser under NHM, Koraput for a period of one year on an annual rate contract basis. Details regarding the items, terms & conditions and formats for submission of tender may be downloaded from the website: **https://koraput.odisha.gov.in**. The tenders should reach the office of the undersigned by 04.11.2024 till 5.00 P.M. The tender will be opened at 11.00 A.M. on 05.11.2024. The undersigned reserves the right to reject any or all the tenders without assigning any reason thereof.

Sd./- CDM & PHO-cum-
District Mission Director, Koraput

OIPR-10077/11/0007/2425

**GOVERNMENT OF ODISHA**
No.A-447
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
**'e' Procurement Notice No. ACECIC-02/2024-25**

| Procurement Officer | Bid Identification No. | Name of work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of contractor | Bid documents available online for bidding From | to | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, BHUBANESWAR | PRD-01/ 2024-25 | Protection to Service Bank on KSDR Embankment from RD.21.20 Km to 21.60 Km near Tithapada | 371.75 | 371800/- (On Line) | 10000/- (On Line) | "A" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 06 (Six Calendar Month) |
| | PRD-02/ 2024-25 | Protection to Scoured Bank of Kathajodi Sirua Devi Right Embankment from RD. 8.940 Km to 9.500 Km and construction of 2 Nos. spur at RD. 8.200 Km and 8.350 Km | 676.95 | 676100/- (On Line) | 10000/- (On Line) | "A" & "Special" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 12 (Twelve Calendar Month) |
| | PRD-03/ 2024-25 | Construction of spur at RD.62.140 Km with restoration to old spur at RD.61.300 Km on KSDR embankment | 660.95 | 660100/- (On Line) | 10000/- (On Line) | "A" & "Special" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 12 (Twelve Calendar Month) |
| | PRD-04/ 2024-25 | Construction of spur and Drainange Channel of Parimala sluice on KSDR embankment at RD.60.20 Km | 474.37 | 474400/- (On Line) | 10000/- (On Line) | "A" Class | 21.10.2024 At 10.00 Hours | 04.11.2024 At 17.00 Hours | 05.11.2024 At 11.00 Hours | 08 (Eight Calendar Month) |

e-mail ID:- secic_dowr@yahoo.com;
Further details conditions can be seen from Govt. website www.tendersorissa.gov.in

OIPR-32160/11/0002/2425 Sd./- Additional Chief Engineer, Central Irrigation Circle

**GOVERNMENT OF ODISHA** No.B-406:
**OFFICE OF THE SUPERINTENDING ENGINEER**
**BARGARH (R&B) DIVISION, BARGARH**
E-mail- eepwdbgh@gmail.com, Phone/Fax:06646-234819
**INVITATIONS FOR BIDS (I.F.B.)**
**e-Procurement Notice**
IDENTIFICATION NO.IFB-SE PWD BGH No.10 of 2024-25
No.4777, Dated 01.10.2024

No.1) The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System **in ONLINE MODE** for the Civil works (Civil+EI+PH) (Composite work) as detailed in the **Detailed Tender Call Notice (D.T.C.N.)** from the eligible class of contractors.
2.No. of Building Work:- 03 Nos.
3.Cost of Tender Paper:- Rs.10,000/- & Rs.6,000/-
4.Class of Contractor:- "B", "D", "C" Class Contractor
5.Date & Time of available in website & receipt of Bids:- 11.00 Hrs. of 22.10.2024 to 17.00 Hrs. of 31.10.2024.
6. Date of Opening of Technical Bid:- 01.11.2024 at 11.30 Hrs.
7. The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8. Any Corrigendum/Addendum will be displayed in the website https://tendersodisha.gov.in only.

Sd./- Executive Engineer
Bargarh (R&B) Division

OIPR-34039/11/0009/2425

**GOVERNMENT OF ODISHA** No.B-475
**OFFICE OF THE SUPERINTENDING ENGINEER**
**BOLANGIR (R&B) DIVISION, BOLANGIR**
Mail ID: eepwd.bgr@rediffmail.com, eepwd.bgr@gmail.com, Ph. No.: 06652-232374
**Bid Identification No: BGR R&B/13/2024-25**
**No. 4070** **Dtd.09.10.24**

1. The **Superintending Engineer, Bolangir (R&B) Division, Bolangir** on behalf of the Governor of Odisha invites percentage rate bid in Single Cover System in ONLINE MODE for construction of building work detailed in the table below from eligible contractors.
2. Nature of work : Building Work
3. No. of tender : 23 Nos. Building Work
4. Tender Cost : Rs.6,000/- (Tender paper cost)
5. Class of Contractor : "B" Class, "C" Class (Registered with CDMS)
6. Date & time of sale & receipt of Bids : From Dt.23.10.24, 11.00 A.M. to Dt.01.11.24 upto 05.00 P.M.
7. Date of Opening Bid : Dt.02.11.24 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: **http://tendersodisha.gov.in**.

Sd./- Superintending Engineer
Bolangir (R&B) Division

OIPR-34028/11/0013/2425

**GOVERNMENT OF ODISHA** No. b-07
**OFFICE OF THE CHIEF CONSTRUCTION ENGINEER**
**SOUTHERN N.H. CIRCLE, BERHAMPUR**
email: senhsouthbam@gmail.com
**INVITATION FOR BIDS**
**BID IDENTIFICATION No. 09/CCE NH, South of 2024-25**
**[e-Procurement]**
Bid Identification No. 09/CCE NH, South of 2024-25
**No. 3428** **Date: 18.10.2024**

1. The **Chief Construction Engineer, Southern N.H. Circle, Berhampur** on behalf of the Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road Works as detailed in the table below.
2. Nature of work : Road
3. No. of work : 1 No.
4. Tender Cost : Rs.10,000/-
5. Class of Contractor : "A" Class & "B" Class
6. Availability of Bid document in the website : From 28.10.2024 11.00 A.M. to 11.11.2024 5.30 P.M.
7. Date of Opening of Bid : Dt.12.11.24 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.
9. Any Corrigendum/Addendum/Cancellation of will be displayed in the e-tender website only.

Sd./- Chief Construction Engineer
Southern NH Circle, Berhampur

OIPR-34148/11/0003/2425

**GOVERNMENT OF ODISHA** No. A-452
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SAMBALPUR**
Phone No.: (0663) 2412791, E-mail: eemisbp@yahoo.co.in
**e-PROCUREMENT NOTICE**
Bid Reference No. SE MID SBP 03/2024-25
eemisbp@yahoo.co.in
**No.3136//MID** **Date: 18.10.2024**

1. Name of the Works : Civil Construction Works
2. No. of Works : 2 (Two) Nos.
3. Estimated Cost : Varies approximately from Rs.54.85 lakhs to Rs.79.30 lakh
4. Tender Paper Cost : Referred to DTCN
5. Period of Completion : Referred to DTCN
6. Date and time of availability of bid documents in the portal : From Dt.25.10.2024 at 11.00 A.M. to Dt.07.11.2024 upto 05.30 P.M.
7. Last date/time of receipt of bids in the portal : Dt.07.11.2024 upto 5.30 P.M.
8. Date of opening of Technical Bid (Cover-I) : Dt.08.11.2024 at 11.00 A.M. onwards
9. Name and address of the OIT : Superintending Engineer, Minor Irrigation Division, Sambalpur

10.**Further details can be seen from the e-Procurement market place **http://tendersodisha.gov.in**.

Sd./- Superintending Engineer
M.I. Division, Sambalpur

OIPR-32036/11/0004/2425

**Office of the Superintending Engineer**
**U.K.Head Works Division, Kolabnagar (K), Pin-764011**
e-mail : seukhwdivision@gmail.com
**QUOTATION CALL NOTICE NO. 06/2024-25 DATED - 15.10.2024**

**No.A-449**: Quotation in sealed cover duly superscribed the quotation call notice no. on the body of the cover are invited by the undersigned from the Manufacturers / Authorized dealers / Regd. Govt. Order Suppliers / Reputed firms having PAN card & G.S.T. registration as per G.S.T. Act 2017 for supply of the following items. Rate may be quoted for the items in complete shape.

| Name of work | Item No. | Description of Items | Unit | Quantity |
|---|---|---|---|---|
| Purchase of New Desktop computer set (All in One Model) for U.K. Head Works Division, Kolabnagar during 2024-25 | 1 | Supplying of 21.5" screen Desktop Computer set (All in One Model) 12th Generation Intel core i-5 with minimum specification of 8GB DDR4, 512 GB SSD win 11, Graphics, FDR in built web camera etc. with all accessories as per standard specification & as per direction of Engineer-in-Charge | Set | 03 |
| | 2 | Supplying of UPS for computer set with minimum voltage input of 140 volt, output voltage-230 volt, power back up of minimum 1 hour etc. as per standard specification & as per direction of Engineer-in-Charge | Set | 03 |
| | 3 | Supply of electrical extension boards having 6 plug points switches for installation of desktop computer sets. | Set | 03 |
| | | (Three items) Only | | |

The quotation will be received in the office of the Superintending Engineer, U.K.Head Works Division, Kolabnagar, Dist.-Koraput - 764011 (O) from **10.30 hours of 21.10.2024 to 17.00 hours of 04.11.2024** and will be opened by the undersigned at 11.00 hours of 05.11.2024 in presence of the quotationers or their authorized agents who wish to be present. Copies of PAN card, valid GSTIN clearance certificate, certificate of authorized dealership and **EMD & ISD @2%** of the quoted price in shape of TDR/STDR duly pledged in favour of the Superintending Engineer, Upper Kolap Head Works Division, At/PO : Kolabnagar, Dist : Koraput (O) should accompany the quotation failing which the quotation will not be accepted.

The qutoted rates must be valid for a period of **90 (ninety) days** from the date of receipt of quotations unless extened by mutual agreement. Supply must be completed within **15 (Fifteen) days** from the date of issue of supply order. Rate quoted shall be for supply of the articles at U.K.H.W.Division Kolabnagar, Dist : Koraput, Odisha-764011, inclusive of cost, transportation, GSTIN, labour cess & all other taxes etc. applicable as per the Govt. rules. The materials should be according to I.S.I. specification.

Warranty period for the materials should be mentioned by the bidders during bidding the quotations and the warranty cards should be submitted by the successful bidders at the time of payment. Payment will be made only on receipt of the articles in full and good condition as per specifications. Terms of advance payment will not be entertained. All the prevailing rules & regulations as per O.P.W.D. code & rules of O.G.S.T. Act 2017 is binded with the quotationer. Other details can be had from the office of the undersigned during office hours.

The authority reserves the right to accept / reject any or all the quotations without assigning any reasons thereof.

Sd./-
Superintending Engineer
U.K. Head Works Division

OIPR-32015/11/0013/2425

See Career Appointment on every Wednesday & Saturday




ପୁଞ୍ଜି ଆକର୍ଷଣ ପାଇଁ ବ୍ରିଟେନ ଯାଇଥିବା ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ରବିବାର ଗସ୍ତ ଶେଷକରି ଜୟପୁର ଫେରିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। (ଫଟୋ: ପି.ଟି.)

# ଦିଲ୍ଲୀରେ ଆଜି ଭାଜପାର ସାଙ୍ଗଠନିକ ନିର୍ବାଚନ ସମ୍ବନ୍ଧିତ କର୍ମଶାଳା

- ପ୍ରତାପ ଷଡ଼ଙ୍ଗୀ ଭାଜପାର ରାଜ୍ୟ ନିର୍ବାଚନ ଅଧିକାରୀ ନିଯୁକ୍ତ
- ଯତୀନ, ସୁକେଶି, ସୁକାନ୍ତ ସହ ନିର୍ବାଚନ ଅଧିକାରୀ



ପ୍ରତାପ ଷଡଙ୍ଗୀ

ଭୁବନେଶ୍ୱର, ୨୦।୧୦(ସୁନିତ୍ ମିଶ୍ର)

ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଜୋରଦାର ଭାବେ ଚାଲିଛି। ଦଳ ଏଥର ଏକ କୋଟି ସଦସ୍ୟଙ୍କୁ ଯୋଡ଼ିବା ନେଇ ଲକ୍ଷ୍ୟ ରଖିଛି। ତେବେ ସଦସ୍ୟତା ଅଭିଯାନ ଶେଷ ହେବା କ୍ଷଣି ଦଳର ସାଙ୍ଗଠନିକ ପ୍ରକ୍ରିୟା ଅନୁଯାୟୀ ନିର୍ବାଚନ ହେବ। ଏହାକୁ ଦଳର ସାଙ୍ଗଠନିକ ନିର୍ବାଚନ କୁହାଯାଇଥାଏ। ଏଥିରେ ବୁଥ୍ ସଭାପତିଙ୍କଠାରୁ ଆରମ୍ଭକରି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ପର୍ଯ୍ୟନ୍ତ ନିଯୁକ୍ତ ହେବେ। ତେବେ ଏହି କ୍ରମରେ ରାଜ୍ୟରେ ବୁଥ୍ ସଭାପତିଙ୍କଠାରୁ ଆରମ୍ଭକରି ରାଜ୍ୟ ସଭାପତିଙ୍କ ପର୍ଯ୍ୟନ୍ତ ସବୁ ପଦବୀ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ଏହିକ୍ରମରେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ଓଡ଼ିଶାର ସାଙ୍ଗଠନିକ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ମିଳିଛି। କେନ୍ଦ୍ରୀୟ ନିର୍ବାଚନ ଅଧିକାରୀ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ତାଙ୍କ ସମେତ ସହ ନିର୍ବାଚନ ଅଧିକାରୀ ଭାବେ ୩ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନଙ୍କ ହେଲେ ସୁକାନ୍ତ ପାଣିଗ୍ରାହୀ, ସୁକେଶି ଓରାମ ଏବଂ ଯତୀନ ମହାନ୍ତି। ତେବେ ସାଙ୍ଗଠନିକ ନିର୍ବାଚନ ପୂର୍ବରୁ ପ୍ରତାପ ଷଡ଼ଙ୍ଗୀଙ୍କୁ ଦିଲ୍ଲୀରୁ ଡାକରା ଆସିଛି। ରାଜ୍ୟ ଭାଜପାର ସାଙ୍ଗଠନିକ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ମିଳିବା ପରେ ଦିଲ୍ଲୀରେ ସୋମବାର ବସିବାକୁ ଥିବା କର୍ମଶାଳାରେ ଯୋଗଦେବେ। ସାଙ୍ଗଠନିକ ନିର୍ବାଚନ ସମ୍ବନ୍ଧରେ ଏହି କର୍ମଶାଳାରେ ଆଲୋଚନା ହେବ ବୋଲି ଜଣାପଡିଛି।

# ୨୦୨୫ ଶେଷ ସୁଦ୍ଧା ରାଜ୍ୟରେ କଂଗ୍ରେସ-ବିଜେଡି ମେଣ୍ଟ ସରକାର: ଜୟଦେବ

## ଆନନ୍ଦପୁର ମ୍ୟୁନିସିପାଲିଟି କଂଗ୍ରେସ କମିଟିର ବନ୍ଧୁମିଳନ

ଆନନ୍ଦପୁର,୨୦।୧୦ (ଉମେଶ ଚନ୍ଦ୍ର ପାଢ଼ୀ)



ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ ଅନ୍ୟମାନେ।

୨୦୨୫ ଶେଷ ସୁଦ୍ଧା ରାଜ୍ୟରେ କଂଗ୍ରେସ ଓ ବିଜେଡି ମେଣ୍ଟ ସରକାର ହେବ ଏବଂ ଭାଜପା ସରକାର ରାଜ୍ୟରେ ଭାଙ୍ଗିବା ସୁନିଶ୍ଚିତ ବୋଲି ପୂର୍ବତନ ପିସିସି ସଭାପତି ତଥା ଆନନ୍ଦପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଜୟଦେବ ଜେନା କହିଛନ୍ତି। ରବିବାର ଆନନ୍ଦପୁର ବ୍ରିଜ୍ ଛକ ନିକଟରେ ଥିବା କଲ୍ୟାଣମଣ୍ଡପରେ ଅନୁଷ୍ଠିତ କେନ୍ଦୁଝର ଜିଲା ଆନନ୍ଦପୁର ମ୍ୟୁନିସିପାଲିଟି କଂଗ୍ରେସ କମିଟିର ବନ୍ଧୁମିଳନ ଅବସରରେ ସେ ଏହା କହିଛନ୍ତି।

ମ୍ୟୁନିସିପାଲିଟିର ପୂର୍ବତନ ସଭାପତି ହାଡ଼ିବନ୍ଧୁ ଖୁଣ୍ଟିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟଦେବ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରକୁ ସମାଲୋଚନା କରିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ କୁମାର ଜେନା, ବ୍ଲକର ପୂର୍ବତନ ସଭାପତି ବିଷ୍ଣୁ ପ୍ରସାଦ ସାହଙ୍କ ସମେତ ନିକୁଞ୍ଜ ବିହାରୀ ମିଶ୍ର, ଶ୍ରୀଧର ଦଳାଇ, ସୁରେଶ ଜେନା, ଦେବୁ ତ୍ରିପାଠୀ, ଅକ୍ଷୟ ମହାନ୍ତି, ମୁରଲୀ ବେହେରା, ପ୍ରଶାନ୍ତ ଜେନା, ନିମାଇ ଚରଣ ଦାସ, ବିଞ୍ଛୁ ଘଡ଼େଇ ଓ ଚିତ୍ତ ପାତ୍ର ଯୋଗ ଦେଇଥିଲେ। ଏହି ବନ୍ଧୁମିଳନରେ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ବିଦେଶରେ ଭାରତୀୟଙ୍କ ସହିତ ରହିବା ଖୁସିର ବିଷୟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୦।୧୦ (ସୁନିତ୍ ମିଶ୍ର)

ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ସହ ଶିକ୍ଷା କ୍ଷେତ୍ରରେ ସମ୍ପର୍କକୁ ମଜଭୁତ କରିବା ପାଇଁ ୭ ଦିନିଆ ବିଦେଶ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଗସ୍ତର ପ୍ରଥମ ଦିନରେ ସେଠାରେ ରହୁଥିବା ଭାରତୀୟ ସମୁଦାୟଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଛନ୍ତି। ପ୍ରବାସୀ ଭାରତୀୟମାନଙ୍କ ଆତିଥେୟତାକୁ ପ୍ରଶଂସା କରି ଧର୍ମେନ୍ଦ୍ର କହିଛନ୍ତି, ବିଦେଶରେ ଭାରତୀୟଙ୍କ ଗହଣରେ ରହିବା ଏବଂ ସେମାନଙ୍କ ସହ ଭୋଜନରେ ସାମିଲ ହେବା ତାଙ୍କ ପାଇଁ ଖୁସିର ବିଷୟ। ସିଙ୍ଗାପୁର-ଭାରତ ଭାଗୀଦାରିକୁ ଅଧିକ ମଜଭୁତ କରିବାରେ ପ୍ରବାସୀ ଭାରତୀୟମାନେ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସେମାନେ ବାହାରେ ରହି ମଧ୍ୟ ଭାରତର ସଂସ୍କୃତିକୁ ପାଳନ କରୁଛନ୍ତି। ସିଙ୍ଗାପୁରର ପ୍ରଗତିରେ ତାଙ୍କ ଯୋଗଦାନ ଅନେକ ରହିଛି। ବର୍ତ୍ତମାନ ସମୟରେ ପୁଞ୍ଜିନିବେଶ ଏବଂ ସୁଯୋଗ ପାଇଁ ଭାରତ ହେଉଛି ବିଶ୍ୱର ସବୁଠୁ ଆକର୍ଷଣୀୟ ସ୍ଥାନ। ପ୍ରବାସୀମାନେ ଭାରତରେ ଥିବା ନିଜର ଆତ୍ମୀୟ ଏବଂ ସଂସ୍କୃତି ସହିତ ସବୁବେଳେ ଯୋଡ଼ିହୋଇ ରହିବା ସହ ଭାରତର ଅଭିବୃଦ୍ଧି ଯାତ୍ରାରେ ଯୋଗଦାନ ରଖିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଭାରତ ଓ ସିଙ୍ଗାପୁରକୁ ଗର୍ବିତ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ଧର୍ମେନ୍ଦ୍ର ଆହ୍ୱାନ ଦେଇଛନ୍ତି। ସିଙ୍ଗାପୁରରେ ପ୍ରବାସୀଙ୍କ ସହ ଆଲୋଚନା କାଳରେ ଭାରତର ଯୁବକମାନଙ୍କୁ ଦକ୍ଷ କରିବାରେ ଜାତୀୟ ଶିକ୍ଷା ନୀତି-୨୦୨୦ର ଭୂମିକା ଏବଂ ଭାରତରେ ଶିକ୍ଷାର ବ୍ୟାପକତା ଉପରେ କେନ୍ଦ୍ରମନ୍ତ୍ରୀ ଆଲୋକପାତ କରିଛନ୍ତି। ଭାରତ ୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତିର ଲକ୍ଷ୍ୟ ନେଇ କାମ କରିବା ତଥା ଏହାଦ୍ୱାରା ହେବାକୁ ଥିବା ବିକାଶ ଉପରେ ଚର୍ଚ୍ଚା କରିଛନ୍ତି। ସେହିପରି ୨୦୭୦ ସୁଦ୍ଧା ନେଟ୍ ଜିରୋ ଆଡ଼କୁ ଅଗ୍ରସର ହେବା ଏବଂ ବିଶ୍ୱ ସବୁଜ ଉର୍ଜା ମଡେଲକୁ ଆକାର ଦେବା ପାଇଁ ପ୍ରବାସୀଙ୍କ ସମ୍ଭାବନା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଭାରତର ଐତିହ୍ୟ ସହ ଜଡ଼ିତ ବିଷୟ ସହିତ ଯୋଡ଼ିହୋଇ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଧର୍ମେନ୍ଦ୍ର ପ୍ରବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ସିଙ୍ଗାପୁର ଗସ୍ତ କାଳରେ ଧର୍ମେନ୍ଦ୍ର ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍, ଉପପ୍ରଧାନମନ୍ତ୍ରୀ ଗାନ୍ କିମ୍ ୟୋଙ୍ଗ୍, ଶିକ୍ଷା ମନ୍ତ୍ରୀ ଚାନ୍ ଚୁନ୍ ସିଂ ଏବଂ ବୈଦେଶିକ ମନ୍ତ୍ରୀ ଭିଭିଆନ୍ ବାଲକ୍ରିଷ୍ଣନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।




ସିଙ୍ଗାପୁରଠାରେ ପ୍ରବାସୀ ଭାରତୀୟଙ୍କ ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଭୂପିନ୍ଦରଙ୍କ ଗୋଲ୍‌କିପର ମନ୍ତବ୍ୟକୁ ଅମରଙ୍କ ସ୍ୱାଗତ

ଭୁବନେଶ୍ୱର, ୨୦।୧୦ (ସୁନୀତ ମିଶ୍ର)

୨୦୨୪ ନିର୍ବାଚନ ସରିବା ୩ ମାସରୁ ଅଧିକ ସମୟ ବିତି ଗଲାଣି। ହେଲେ ପରାଜୟକୁ ନେଇ ବିଜେଡି ନେତାଙ୍କ ମଧ୍ୟରେ ବୟାନବାଜି ଜାରି ରହିଛି। ଜଣଙ୍କ ପରେ ଜଣେ ବରିଷ୍ଠ ବିଜେଡି ନେତା ଦଳୀୟ ନେତୃତ୍ୱ ଓ ଦ୍ୱିତୀୟ କ୍ଷମତା କେନ୍ଦ୍ରକୁ ନେଇ ଗଣମାଧ୍ୟମରେ ମନ୍ତବ୍ୟ ଦେବାରେ ଲାଗିଛନ୍ତି। ରବିବାର ଭୂପିନ୍ଦର ସିଂ ମଧ୍ୟ ବିଜେଡିକୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ଆତ୍ମଘାତୀ ଗୋଲ୍ ହେଲେ ପରାଜୟ ସୁନିଶ୍ଚିତ। ଗୋଲ୍‌କିପର ଯଦି ସ୍ଲିପର ସେଲ ହେବେ, ତାହାହେଲେ କ'ଣ କରାଯାଇ ପାରିବ ବୋଲି କହି ପରୋକ୍ଷରେ ସେ ଦଳକୁ ଇଙ୍ଗିତ କରିଛନ୍ତି। ସେ ଆହୁରି କହିଛନ୍ତି, ରାଜନୀତି ହେଉଛି ସ୍ପୋର୍ଟ୍ସ ଭଳି ଟିମ୍ ଗେମ୍। ଏଠାରେ ବହୁତ ଖେଳାଳି ବାହାରିଲେଣି। କିଣାବିକା ମଧ୍ୟ ବଢୁଛି। ଏହାହିଁ ଭବିଷ୍ୟତର ରାଜନୀତି। ଯେଉଁ ସବୁ ପ୍ରତିଷ୍ଠାତା ସଦସ୍ୟ ଓ ବରିଷ୍ଠ ନେତାମାନେ ମତ ମନ୍ତବ୍ୟ ଦେଉଛନ୍ତି, ତାହା ତାଙ୍କ ମତ ନୁହେଁ ବରଂ ଲୋକଙ୍କ ମତ। ସଭାପତି ମଧ୍ୟ ତାକୁ ଖେଳୁଆଡ଼ ମନୋଭାବରେ ନେବା ଆବଶ୍ୟକ ବୋଲି ସେ କହିଛନ୍ତି।

ଭୂପିନ୍ଦରଙ୍କ ଏଭଳି ମନ୍ତବ୍ୟକୁ ଅମର ପ୍ରସାଦ ଶତପଥୀ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ଭୂପିନ୍ଦର ଜଣେ ଖେଳାଳି। ତାଙ୍କ ବିବୃତ୍ତି ପ୍ରଣିଧାନଯୋଗ୍ୟ। ଆତ୍ମଘାତୀ ପାଇଁ ଯେ ଦଳ ହାରିଲା, ତାହା ବୁଝିବା କ'ଣ ଆଉ ବାକି ଅଛି କି। ନବୀନବାବୁଙ୍କ ପାଇଁ ଏଥର କିଛି ସଙ୍କଟ ନ ଥିଲା, ମାତ୍ର ସବୁ ଥାଇ ଏମିତି କ'ଣ ହେଲା, ଯେଉଁଥିପାଇଁ ଦଳ ହାରିଲା ବୋଲି ଅମର କହିଛନ୍ତି। ତେବେ ସେ ହେଉଛନ୍ତି ଦୁବ ଘାସ। ତେଣୁ ସେ ସବୁ ପରିସ୍ଥିତିକୁ ସାମ୍ନା କରି ପାରିବେ ବୋଲି ଅମର କହିଛନ୍ତି।

## ଅନ୍ୟାନ୍ୟ ଖବର

# ୩ କବି ପାଇଲେ 'ବର୍ଷା ସମ୍ମାନ'

## ବର୍ଷା ଉତ୍ସବ ୨୦୨୪

ଭୁବନେଶ୍ୱର,୨୦।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)



ରବିବାର ଗୀତଗୋବିନ୍ଦ ସଦନଠାରେ ବର୍ଷା ଉତ୍ସବ ୨୦୨୪ର ପୁରସ୍କୃତ କବିଙ୍କ ଗହଣରେ ଅତିଥିମାନେ।

ବର୍ଷା ପବ୍ଲିକେଶନ ପକ୍ଷରୁ ରବିବାର ଗୀତଗୋବିନ୍ଦ ସଦନଠାରେ ବର୍ଷା ଉତ୍ସବ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ପବ୍ଲିକେଶନର ନିର୍ଦ୍ଦେଶକ କବି ବାଦଲ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କଥାକାର ଅଲେଖ ବେହେରାଙ୍କୁ ତାଙ୍କ ଗଳ୍ପ ପୁସ୍ତକ 'ଦୀନାଭାଇ ଶୁଣୁଛ!' ପାଇଁ 'ବର୍ଷା ଗଳ୍ପ ସମ୍ମାନ', କବି କେଦାର ମିଶ୍ରଙ୍କ କବିତା ପୁସ୍ତକ 'ନଈ ପରି ମୁଁ ବୋହିଯାଉଥାଏ'କୁ 'ବର୍ଷା କବିତା ସମ୍ମାନ' ଏବଂ ଯୁବ କଥାକାର ଭାନୁଶଙ୍କର ମହାନ୍ତିଙ୍କୁ ତାଙ୍କର ଗଳ୍ପ ପୁସ୍ତକ 'ଦେଖି ନ ଥିବା ଘରପୋଡ଼ିର ଦୃଶ୍ୟ' ପାଇଁ 'ବର୍ଷା ନବ ଉନ୍ମେଷ ସମ୍ମାନ' ପ୍ରଦାନ କରାଯାଇଥିଲା। କଥାକାର ଗୌରହରି ଦାସ, କଥାକାର ସୁରେନ୍ଦ୍ର ମିଶ୍ର, କଥାକାର ଅଜୟ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ବର୍ଷା ପବ୍ଲିକେଶନ ପ୍ରକାଶିତ ଆଠଟି ପୁସ୍ତକର ଲୋକାର୍ପଣ କରାଯିବା ସହ 'ଓଡ଼ିଆ କଥା ସାହିତ୍ୟରେ ଗାଁର କଥା ଓ ବ୍ୟଥା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ଦ୍ୱିତୀୟ ଅଧିବେଶନରେ ୪ ଦୀର୍ଘ କବିତାକୁ ନେଇ ଆଭାଷୀ ନାଟକ ପରିବେଷଣ କରାଯାଇଥିଲା। ଗାଳ୍ପିକ କ୍ଷୀରୋଦ ବିଶ୍ୱାଳ, ଯୁବ ନାଟ୍ୟ ନିର୍ଦ୍ଦେଶକ ଚକ୍ରଧର ପାତ୍ର, କଣ୍ଠଶିଳ୍ପୀ ଓ ଯୁବ କବି ଅମ୍ଳାନ ଦାସ ଏବଂ ଯୁବ ନୃତ୍ୟଶିଳ୍ପି ପ୍ରତାପ ବାରିକ ଏହାକୁ ପ୍ରସ୍ତୁତ କରିଥିଲେ। ପରେ କବିତା ଆସର 'ଗାଁର କବିତା' ଅନୁଷ୍ଠିତ ହୋଇଥିଲା। ଅତିଥି କବି ଭାବେ ଯୋଗଦେଇଥିଲେ ବିଶିଷ୍ଟ କବି ସେନାପତି ପ୍ରଦ୍ୟୁମ୍ନ କେଶରୀ ଓ କବି ନର୍ମଦା ନୀଳୋତ୍ପଳା। ଉତ୍ସବଟି ଗାଁର ଭାବମୟ ପରିବେଶ ସୃଷ୍ଟି କରିଥିଲା। ଯୁବ କବି ବିଶ୍ୱନାଥ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦକ୍ଷତା ବିକାଶ ଯୁବବର୍ଗଙ୍କୁ ସଶକ୍ତ କରିବ

## କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର,୨୦।୧୦ (ଅନୁରାଧା ମହାରଣା)




କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କଶ୍ମୀର ଯୁବତୀ ଯୁବକ।

ଦେଶର ବିକାଶ କ୍ଷେତ୍ରରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଯୁବବର୍ଗଙ୍କ ଦକ୍ଷତା ବିକାଶ ହିଁ ସେମାନଙ୍କୁ ସଶକ୍ତ କରିବ। ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ଖୋର୍ଦ୍ଧାସ୍ଥିତ ନେହେରୁ ଯୁବକେନ୍ଦ୍ର ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ଓ ଗ୍ରାମୀଣ ବିକାଶ ବିଭାଗର ଯୁଗ୍ମ ସଚିବ ଡ. ଜନ୍ମେଜୟ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡା. କାଳିକିଙ୍କର ସେନାପତି, ନେହେରୁ ଯୁବକେନ୍ଦ୍ର ସଂଗଠନର ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର, ଯୁବ ଅଧିକାରୀ ବିପିନ କୁମାର ପ୍ରମୁଖ ଯୋଗ ଦେଇଥିଲେ। ୬ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ କଶ୍ମୀରର ଯୁବତୀଯୁବକମାନେ ଓଡିଶାର ଆତିଥ୍ୟ, ସଂସ୍କୃତି ଓ ପରମ୍ପରାକୁ ପ୍ରଶଂସା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନେହେରୁ ଯୁବକେନ୍ଦ୍ର ସଂଗଠନର ରୋହିତ ନନ୍ଦେଶ୍ୱର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶୁଭେନ୍ଦ୍ର ନାଥ ସାହୁ, କୁଳମଣି ମଲ୍ଲିକ, ସତ୍ୟ ନାରାୟଣ ଶ୍ରୀଚନ୍ଦନ, ମନୋରଞ୍ଜନ ପାତ୍ର, ବିଶ୍ୱଜିତ ରାଉତରାୟ, ଜନାର୍ଦ୍ଦନ ପୃଷ୍ଟି, ଦେବସ୍ମିତା ସାହୁ ଏବଂ ସୁମିତ୍ରା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମହିଳାଙ୍କୁ ବଳାତ୍କାର, ଟ୍ୟୁଶନ ଶିକ୍ଷକ ଗିରଫ

ମୋରଡ଼ା,୨୦।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ସମ୍ପୃକ୍ତ ଶିକ୍ଷକଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୯୪/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଶିକ୍ଷକ ଜଣକ ପୀଡ଼ିତାଙ୍କ ଦୁଇ ପିଲାଙ୍କୁ ଟ୍ୟୁଶନ କରିବାକୁ ଆସୁଥିଲେ। ସମ୍ପୃକ୍ତ ମହିଳାଙ୍କୁ ସେ ଧମକ ଚମକ ଦେଇ ବଳାତ୍କାର କରି ଆସୁଥିଲେ। ଏନେଇ ମହିଳା ଜଣକ ଗତ ୧୮ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଡାକ୍ତରୀମାଇନା ପରେ ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟନାରାୟଣ ବଳ ସୂଚନା ଦେଇଛନ୍ତି।

# ବାପପୁଅଙ୍କୁ ଏସିଡ୍ ମାଡ଼: ଝିଅ, ପ୍ରେମିକ ଅଭିଯୁକ୍ତ

### ପ୍ରେମରେ ବାଧା, ଗୁଣି ସନ୍ଦେହରୁ ହତ୍ୟା ଉଦ୍ୟମ

ତୁମୁଡିବନ୍ଧ,୨୦।୧୦
(ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନା ଅନ୍ତର୍ଗତ ବୁଡ଼ା କୁନ୍ଦେଲ ଗ୍ରାମରେ ମୋହନ ପନ୍ଦର ଓ ତାଙ୍କ ପୁଅ ଅନୁଜଙ୍କୁ ଏସିଡ୍ ମାଡ଼ ଘଟଣାରେ ଚାଞ୍ଚଲ୍ୟକର ତଥ୍ୟ ସାମନାକୁ ଆସିଛି। ମୋହନଙ୍କ ଝିଅ ଓ ତାଙ୍କ ପ୍ରେମିକ ମିଶି ଏଭଳି କାଣ୍ଡ ଘଟାଇଛନ୍ତି। ଗୋଟିଏ ପଟେ ପ୍ରେମରେ ବାଧା, ଅନ୍ୟପଟେ ଗୁଣିଗାରେଡ଼ି ସନ୍ଦେହ ଯୋଗୁ ସେମାନେ ମୋହନଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ପୋଲିସ ଅଭିଯୁକ୍ତା ଝିଅ ପୁଷ୍ପାଞ୍ଜଳି ପନ୍ଦର ଓ ତାଙ୍କ ପ୍ରେମିକ ସେହି ଗ୍ରାମର ବିଜୟ ମାଝୀଙ୍କୁ ରବିବାର ଅପରାହ୍ନରେ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ ଏସିଡ୍ ମାଡ଼ରେ ଗୁରୁତର ମୋହନ ଓ ତାଙ୍କ ପୁଅ ଅନୁଜଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି।

ସୂଚନା ଅନୁଯାୟୀ, ପୁଷ୍ପାଞ୍ଜଳିଙ୍କ ମା'ଙ୍କ ମୃତ୍ୟୁ ପରେ ମୋହନ ଦ୍ୱିତୀୟ ବିବାହ କରିଥିଲେ। ଏହାପରେ ଘରେ ଅଶାନ୍ତି ଲାଗି ରହିବାରୁ ପୁଷ୍ପାଞ୍ଜଳି ଓ ତାଙ୍କ ଭାଇ ଗାଁରେ ଏକ ଅଲଗା ଘରେ ରହୁଥିଲେ। ଇତିମଧ୍ୟରେ ବିଜୟଙ୍କ ସହ ପୁଷ୍ପାଞ୍ଜଳି ପ୍ରେମ ସମ୍ପର୍କ ଗଢ଼ି ଉଠିଥିବାରୁ ମୋହନ ଏହାକୁ ଗ୍ରହଣ କରି ପାରୁ ନ ଥିଲେ। ତେଣୁ ବାପାଝିଅଙ୍କ ମଧ୍ୟରେ ମନୋମାଳିନ୍ୟ ଥିଲା। ଅପରପକ୍ଷରେ ଅସୁସ୍ଥତାରୁ ଦେଢ଼ମାସ ପୂର୍ବେ ବିଜୟଙ୍କ ମା'ଙ୍କ ମୃତ୍ୟୁ ହୋଇଥିଲା। ତେବେ ମୋହନ ଗୁଣିଗାରେଡି କରି ମା'ଙ୍କୁ ମାରିଦେଇଥିବା ବିଜୟଙ୍କ ସନ୍ଦେହ ହୋଇଥିଲା। ତେଣୁ ସେ ପୁଷ୍ପାଞ୍ଜଳିଙ୍କ ସହ ମିଶି ମୋହନଙ୍କୁ ରାସ୍ତାରୁ ହଟାଇଦେବାକୁ ଯୋଜନା କରିଥିଲେ। ସେମାନେ ଏସିଡ୍ ଫିଙ୍ଗି ମୋହନଙ୍କୁ ଜୀବନରେ ମାରିଦେବାକୁ ନିଷ୍ପତ୍ତି ନେଇଥିଲେ। ଏସିଡ୍ କେଉଁଠୁ ଆସିବ, ଆଉ କିପରି ଫିଙ୍ଗାଯିବ ତାହା ମଧ୍ୟ ଯୋଜନା ହୋଇଥିଲା । ବିଜୟ କୋଲକତାରୁ ଏସିଡ୍ ଆଣି ପୁଷ୍ପାଞ୍ଜଳିଙ୍କୁ ଦେଇଥିଲେ। ପୁଷ୍ପାଞ୍ଜଳି ସୁଯୋଗ ଦେଖି ଗତ ଶୁକ୍ରବାର ରାତି ପ୍ରାୟ ୨ଟାରେ ବାପା ତାଙ୍କ ପାଖରେ ଶୋଇଥିବା ସାବତ ଭାଇ ଅନୁଜଙ୍କ ଉପରେ ପୂର୍ବ ଯୋଜନା ପ୍ରକାରେ ଏସିଡ୍ ଫିଙ୍ଗି ଦୌଡ଼ି ପଳାଇ ଯାଇଥିଲେ। ଏସିଡ୍ ଆକ୍ରମଣ ନେଇ ମୋହନଙ୍କ ଦ୍ୱିତୀୟ ସ୍ତ୍ରୀ ରୁକ୍ମଣୀ ପନ୍ଦର ଦେଇଥିବା ଏତଲା ଆଧାରରେ ତୁମୁଡିବନ୍ଧ ପୋଲିସ ୧୩୪/୨୪ ନମ୍ବରରେ ମାମଲା ରୁଜୁ କରିଥିଲା । ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ କନ୍ଧମାଳ ଡିଏସ୍‌ପି କମଳ କୁମାର ପଣ୍ଡା, ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ ଓ ତୁମୁଡିବନ୍ଧ ଭାରପ୍ରାପ୍ତ ଥାନାଧିକାରୀ ଆଶୁତୋଷ ଜେନା ତଦନ୍ତ ଆରମ୍ଭ କରିଥିଲେ। ସେମାନେ ଶନିବାର ସନ୍ଦେହରେ ବିଜୟଙ୍କୁ ଘରୁ ଉଠାଇ ନେଇ ପଚରାଉଚରା କରିବା ପରେ ସେ ଗୋଟିଏ ପରେ ଗୋଟିଏ ଘଟଣା କହିଥିଲେ। ରବିବାର ପୁଷ୍ପାଞ୍ଜଳିଙ୍କୁ ଥାନାକୁ ଆଣି ଜେରା କରାଯିବା ପରେ ସମସ୍ତ ଘଟଣାର ପର୍ଦ୍ଦାଫାସ ହୋଇଥିଲା। ବୌଦ୍ଧରୁ ୬ ଜଣିଆ ସାଇଣ୍ଟିଫିକ ଟିମ୍ ତୁମୁଡିବନ୍ଧ ଥାନାକୁ ଆସି ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଘର ନିକଟରେ ମାଟିତଳେ ପୋତା ଯାଇଥିବା ବଳକା ଏସିଡ୍ ବୋତଲ , ମୋହନ ଶୋଇଥିବା ଖଟରେ ଏସିଡ୍ ମାଡ଼ରେ ପୋଡିଯାଇ ପଡି ରହିଥିବା ଚଦର ଓ କମ୍ବଳଗୁଡ଼ିକୁ ଜବତ କରାଯାଇ ତଦନ୍ତ ଜାରି ରହିଛି।


ଗିରଫ ଅଭିଯୁକ୍ତ ବିଜୟ

### ବ୍ଲାକ୍‌ମେଲିଂରୁ ଯୁବତୀଙ୍କ ଆତ୍ମହତ୍ୟା ଘଟଣା

# ପୁରୁଷବନ୍ଧୁ ଗିରଫ

ଭୁବନେଶ୍ୱର,୨୦।୧୦(ସତ୍ୟଜିତ୍ ରାଉତ)

ପୁରୁଷବନ୍ଧୁଙ୍କ ବ୍ଲାକ୍‌ମେଲିଂର ଶିକାର ହୋଇ ରଶ୍ମିତା ଦାସ(୨୨) ନାମ୍ନୀ ଯୁବତୀ ଆତ୍ମହତ୍ୟା କରିବା ଘଟଣାରେ ନୟାପଲ୍ଲୀ ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିଯୁକ୍ତ ପୁରୁଷ ବନ୍ଧୁଙ୍କୁ ରବିବାର ଗିରଫ କରାଯାଇଛି। ସେ ହେଲେ ଜଗତ୍‌ସିଂହପୁର ଟାଉନ ଥାନା ଅଞ୍ଚଳର ଅଜିତ ଦାସ(୨୪)। ତାଙ୍କଠାରୁ ମୋବାଇଲ ଫୋନ୍ ଜବତ ହୋଇଛି। ଅଜିତଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମୃତା ରଶ୍ମିତାଙ୍କ ଘର ଜଗତ୍‌ସିଂହପୁର ଅଞ୍ଚଳରେ ହୋଇଥିବାବେଳେ ସେ କିଛିମାସ ତଳେ ଭୁବନେଶ୍ୱର ଆସି ନୟାପଲ୍ଲୀ ଦେବରାୟ କଲେଜ ନିକଟରେ ଘର ଭଡ଼ା ନେଇ ରହିବା ସହ ଏକ ଘରୋଇ ସଂସ୍ଥାରେ ଚାକିରି ଆରମ୍ଭ କରିଥିଲେ। ତେବେ ଅଭିଯୁକ୍ତ ଅଜିତ ଓ ରଶ୍ମିତାଙ୍କ ମଧ୍ୟରେ ପୂର୍ବରୁ ପ୍ରେମସମ୍ପର୍କ ଥିଲା। ରଶ୍ମିତାଙ୍କ କିଛି ଗୁପ୍ତ ଫଟୋ ଓ ଭିଡିଓ ଅଜିତ ନିଜ ମୋବାଇଲରେ ରଖିଥିଲେ। ପରେ ସେ ବିବାହର ପ୍ରତିଶ୍ରୁତି ଦେଇ ଚାକିରି କରାଇଦେବାକୁ କହି ତାଙ୍କଠାରୁ ୧ ଲକ୍ଷ ଟଙ୍କା ନେଇଥିଲେ। ତେବେ ରଶ୍ମିତା ଭୁବନେଶ୍ୱର ଆସି ରହିବା ପରେ ପରେ ଅକ୍ଟୋବର ୧୬ରେ ଅଜିତ ପୁଣି ୭୦ ହଜାର ଟଙ୍କା ଦାବି କରିଥିଲେ। ଏହି ଟଙ୍କା ଦେଇପାରିବେ ନାହିଁ ବୋଲି ରଶ୍ମିତା ମନା କରିଦେବାରୁ ଅଜିତ ଗାଳିଗୁଲଜ କରିଥିଲେ। ଏପରିକି ତାଙ୍କ ଗୁପ୍ତ ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାର ଧମକ ଦେଇ ବ୍ଲାକମେଲ୍ କରିଥିଲେ। ଫଳରେ ରଶ୍ମିତା ମାନସିକ ଚାପରେ ଭାଙ୍ଗିପଡ଼ିଥିଲେ। ସେ ଶୁକ୍ରବାର ରାତିରେ ନିଜ ରୁମ୍‌ରେ ଓଢ଼ଣିରେ ଝୁଲି ଆତ୍ମହତ୍ୟା କରିଥିଲେ। ଏନେଇ ରଶ୍ମିତାଙ୍କ ବାପାଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୬୧୬/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ଅଜିତଙ୍କୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରୁ ପୋଲିସ କାବୁ କରିଥିଲା।


ଗିରଫ ଅଭିଯୁକ୍ତ ଅଜିତ ଦାସ।

# କୋଲକାତାରେ ତଥ୍ୟ ଗୋଟାଉଛି କମିଶନରେଟ ପୋଲିସ ଟିମ୍

### ଭୁବନେଶ୍ୱରରେ ଅନ୍ତର୍ଜାତୀୟ ଫେକ୍ କଲ୍ ସେଣ୍ଟର ଘଟଣା

ଆଜିଠୁ ୩ ଦିନିଆ ରିମାଣ୍ଡରେ ଆସିବେ ୬ ସାଇବର ଠକ

ଭୁବନେଶ୍ୱର, ୨୦।୧୦
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଅନ୍ତର୍ଜାତୀୟ କଲ୍ ସେଣ୍ଟର ଠାବ ଘଟଣାରେ କମିଶନରେଟ୍ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି। ୬ ବଙ୍ଗୀୟ ସାଇବର ଠକ ଏବେ ଝାରପଡ଼ା ଜେଲରେ ଥିବାବେଳେ ସେମାନଙ୍କ ବିଷୟରେ ଅଧିକ ତଥ୍ୟ ହାସଲ କରିବାକୁ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ କୋଲକାତା ଯାଇଛି। ଶନିବାରଠାରୁ ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାର ୩ ଜଣିଆ ପୋଲିସ ଟିମ୍ ସ୍ଥାନୀୟ ପୋଲିସ ସହାୟତାରେ ଯାଞ୍ଚକୁ ତ୍ୱରାନ୍ୱିତ କରିଛି। ଅଭିଯୁକ୍ତଙ୍କ ପ୍ରକୃତ ପରିଚୟ, ପରିବାର ସଦସ୍ୟ, ଶିକ୍ଷାଗତ ଯୋଗ୍ୟତା ସହ ଅପରାଧ ପୃଷ୍ଠଭୂମି ଆଦି ବିଷୟରେ ଏହି ଟିମ୍ ତଥ୍ୟ ଗୋଟାଉଛି। ଅନ୍ୟପକ୍ଷରେ ଅଭିଯୁକ୍ତମାନଙ୍କୁ ଝାରପଡା ଜେଲରୁ ସୋମବାର ୩ ଦିନିଆ ରିମାଣ୍ଡରେ ଅଣାଯିବ ବୋଲି ଡିସିପି ପିନାକ ମିଶ୍ର ରବିବାର ସୂଚନା ଦେଇଛନ୍ତି। ତେବେ ଏମାନଙ୍କ ସହ ଆଉ କେତେଜଣ ସହଯୋଗୀ ବିଭିନ୍ନ ସ୍ଥାନରେ ରହିଥିବା ପୋଲିସ ଜାଣିବାକୁ ପାଇଛି। ୬ ଅଭିଯୁକ୍ତଙ୍କୁ ଜେରା କରି ସେମାନଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଏଥିସହ ପୋଲିସ ଅଭିଯୁକ୍ତଙ୍କ ଆର୍ଥିକ କାରବାର ବିଷୟରେ ଜାଣିବାକୁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରୁଛି।

ସୂଚନାଯୋଗ୍ୟ, ଗିରଫ ସାଇବର ଠକମାନେ ମାକାଫି ଓ ନୋର୍ଟନ୍ ଆଣ୍ଟିଭାଇରସ୍ ସବ୍‌ସ୍କ୍ରାଇବର ଥିବା ଗ୍ରାହକମାନଙ୍କୁ କଷ୍ଟମର୍ କେୟାର ଅଧିକାରୀର ପରିଚୟ ଦେଇ ଫସାଉଥିଲେ। ଗ୍ରାହକମାନଙ୍କୁ ବିଭିନ୍ନ ସମସ୍ୟା ଥିବା ଜଣାଇ ପ୍ରଥମେ ଫେକ୍ ମେଲ୍ ପଠାଇ ନମ୍ବର ଦେଉଥିଲେ। ସବ୍‌ସ୍କ୍ରିବ୍‌ଶନ୍ ସରିଯିବ ଆଦି ଦର୍ଶାଉଥିଲେ। କଲ୍ ଆସିବା ପରେ ତାହା ସ୍କାଇପ୍ ଓ ଭିଓଆଇପି କଲ୍‌କୁ ବଦଳି ଯାଉଥିଲା। ଏହାପରେ ସାଇବର ଠକମାନେ କଲ୍ କରିଥିବା ଗ୍ରାହକଙ୍କ ଲାପଟପ୍ ଓ କମ୍ପ୍ୟୁଟରକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିନେଇ ଟଙ୍କା ଦାବି କରୁଥିଲେ। ବୁଧବାର ପୋଲିସ ଟିମ୍ ସୁନ୍ଦରପଦା ବଳଭଦ୍ରପୁରସ୍ଥିତ କୋକିଳା କାଞ୍ଚନ ଟାୱାର ଆପାର୍ଟମେଣ୍ଟରେ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଥିଲା।

# ସନ୍ଦିଗ୍ଧ ବ୍ୟକ୍ତିଙ୍କ ତନ୍ତ୍ର ସାଧନାର ଗୁମର ଫିଟିବାରେ ଲାଗିଛି

### ନାବାଳକଙ୍କୁ ବଳି ଅଭିଯୋଗ ଘଟଣା

ଲାଠୋର, ୨୦।୧୦
(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ଅଧୀନ ଜଲପାଙ୍କେଲ ଗ୍ରାମର ନାବାଳକ ସୋମନାଥ ବେମାଲ(୧୧)ଙ୍କ ମୃତଦେହ ଝଲିଆଲିଟି ବୁଡା ଡୁଙ୍ଗୁରି ଶିଖରରୁ ଗତ ୧୮ ତାରିଖ ଦିନ ଜବତ ହେବା ପରେ ଏହା ଶିଶୁବଳି ବୋଲି ଅଭିଯୋଗ ହେଉଛି। ଜଲପାଙ୍କେଲରେ ଗତ କିଛିବର୍ଷ ହେଲା ବସବାସ କରୁଥିବା ଜଣେ ବ୍ୟକ୍ତିଙ୍କ ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ ବଢ଼ିବାରେ ଲାଗିଛି। ପ୍ରାଥମିକ ତଦନ୍ତରୁ ପୋଲିସ ଏହା ଏକ ହତ୍ୟାକାଣ୍ଡ ବୋଲି କହି ଆସୁଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଶିଶୁବଳି ବୋଲି ପ୍ରମାଣିତ ହୋଇପାରି ନାହିଁ। ଗ୍ରାମବାସୀ ସନ୍ଦେହ କରୁଥିବା ଉକ୍ତ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି। ଅପରପକ୍ଷରେ ସେହି ବ୍ୟକ୍ତି ଜଣକ ତନ୍ତ୍ର ସାଧନା କରୁଥିବା ନେଇ ଗୁମର ଫିଟିବାରେ ଲାଗିଛି।

ଜଲପାଙ୍କେଲ ଗ୍ରାମବାସୀଙ୍କ କହିବାନୁଯାୟୀ, ସନ୍ଦିଗ୍ଧ ବ୍ୟକ୍ତି ଜଣକ ଲାଠୋର ଥାନା ଅଧୀନ ଚାଉଲଡିଆ ଗ୍ରାମର ମୂଳ ବାସିନ୍ଦା। ତାଙ୍କର ବଡ଼ ଭାଇ ଜଣେ ତନ୍ତ୍ର ସାଧକ ଥିଲେ। ବଡଭାଇଙ୍କ ସହ ମିଶି ସେ ବିଭିନ୍ନ ଅଞ୍ଚଳକୁ ତନ୍ତ୍ର ସମ୍ପର୍କିତ କାମ କରିବା ପାଇଁ ଯାଉଥିଲେ। ବଡ଼ଭାଇ ୨୫ ବର୍ଷ ପୂର୍ବେ ଚାଉଲଡିଆ ଗ୍ରାମର ଏକ ପୋଖରୀ ନିକଟରେ କୁଡ଼ିଆ ଘର କରିଥିଲେ। ସେଠାରେ ଦୁଇ ଭାଇ ପୂଜା ପାଠ କରୁଛନ୍ତି କହି ତନ୍ତ୍ର ବିଦ୍ୟା ସାଧନା କରୁଥିଲେ। ତେବେ ଗ୍ରାମର ମହିଳା ଏବଂ ଶିଶୁମାନଙ୍କ ଦେହ ଖରାପ ହେବାରୁ ଗ୍ରାମବାସୀ ସନ୍ଦେହ କରି ଦୁଇଭାଇ ତନ୍ତ୍ର ସାଧନା କରୁଥିବା ଉକ୍ତ କୁଡ଼ିଆକୁ ଭାଙ୍ଗି ଦେବା ସହ ବଡ଼ ଭାଇଙ୍କ ଚୁଟି କାଟି ଲଣ୍ଡା କରି ଦେଇଥିଲେ। ଏହି ଘଟଣାର କିଛିଦିନ ପରେ ଚିନ୍ତାରେ ବଡ଼ ଭାଇଙ୍କ ମୃତ୍ୟୁ ଘଟିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଭୟଭୀତ ହୋଇ ଶ୍ୱଶୁର ଘର ଜଲପାଙ୍କେଲକୁ ପରିବାରବର୍ଗଙ୍କୁ ଧରି ପଳାଇ ଆସିଥିଲେ। ଗ୍ରାମରେ ଏକ ସରକାରୀ ଜାଗାରେ ପ୍ରାୟ ୩୦ ଲକ୍ଷ ଟଙ୍କାର ଏକ କୋଠା ଘର କରି ବସବାସ କରୁଛନ୍ତି। ୨୦୧୩ରେ ଜଲପାଙ୍କେଲର ସୋନୁ ରଣାଙ୍କ ପୁଅ ମଧୁ(୧୮) ନାମକ ଜଣେ ଯୁବକଙ୍କ ମୃତଦେହ ଝଲିଆଲିଟି ଗ୍ରାମର ବୁଢା ଡୁଙ୍ଗୁରିରୁ ପୋଲିସ ଜବତ କରିଥିଲା। ମଧୁଙ୍କୁ ବଳି ଦିଆଯାଇଥିବା ଏବଂ ଏଥିରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ପୁଣି ଏବେ ସେହି ବୁଢ଼ା ଡୁଙ୍ଗୁରିରେ ଗ୍ରାମର ଆଉ ଜଣେ ନାବାଳକଙ୍କ ମୃତଦେହ ମିଳିବାରୁରୁ ଗ୍ରାମବାସୀ ବଳି ପକାଯାଇଛି ବୋଲି କହୁଛନ୍ତି। କୌଣସି କାରଣ ନ ଥାଇ କାହିଁକି ଜଣେ ନାବାଳକଙ୍କୁ ହତ୍ୟା କରାଯିବ ବୋଲି ସେମାନେ ପ୍ରଶ୍ନ କରୁଛନ୍ତି। ଅପରପକ୍ଷରେ ଜଣେ ବରିଷ୍ଠ ପୋଲିସ ପଦାଧିକାରୀ ଘନ ଘନ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଶନିବାର ଲାଠୋର ପୋଲିସ ସମ୍ପୃକ୍ତ ସନ୍ଦିଗ୍ଧ ବ୍ୟକ୍ତିଙ୍କ କୋଠା ଘର ଖୋଲିଥିଲା। ତାଙ୍କ ପୂଜା ଘରେ କେତେକ ଦେବଦେବୀଙ୍କ ଫଟୋଚିତ୍ର ରହିଥିଲା। ତେବେ ଘରର ଗୋଟିଏ କୋଣରେ ରହିଥିବା ଏକ ବଡ଼ ସିଲଭର ହଣ୍ଡାର ଚାରି ପାଖରେ ଲାଲ ରଙ୍ଗରେ ଝୋଟି ଭଳି ଚିତ୍ର ଅଙ୍କା ଯାଇଥିବା ଦେଖାଯାଇଥିଲା। ସେହି ହଣ୍ଡାରେ କିଛି ଅରୁଆ ଚାଉଳ ଏବଂ ଏକ ପ୍ରତିମୂର୍ତ୍ତି ଥିବା ପୋଲିସ ସହ ଉକ୍ତ ଘରକୁ ଯାଇଥିବା ଗ୍ରାମର କେତେଜଣ ବ୍ୟକ୍ତି ଦେଖିଥିବା ପ୍ରକାଶ କରିଛନ୍ତି। ଏଥିରୁ ଗ୍ରାମବାସୀଙ୍କ ସନ୍ଦେହ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ଼ୀଭୂତ ହୋଇଛି। ନାବାଳକ ମୃତ୍ୟୁ ଘଟଣାକୁ ନେଇ ନାନା ଆଲୋଚନା ହେଉଛି, ତେବେ ପୋଲସ କ'ଣ ସ୍ୱଷ୍ଟୀକରଣ ଦେଉଛି ତାହା ଜାଣିବା ପାଇଁ ସମସ୍ତେ ଚାହିଁ ବସିଛନ୍ତି।


ସନ୍ଦିଗ୍ଧ ବ୍ୟକ୍ତିଙ୍କ ପୂଜା ଘର କୋଣରେ ରଖାଯାଇଥିବା ସିଲଭର ହଣ୍ଡା।

# ୩ ମହିଳାଙ୍କୁ କଟୁରିରେ ହାଣି ଯୁବକ ଗିରଫ

ନିମାପଡ଼ା,୨୦।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଅରିଷଣ୍ଡ ପଞ୍ଚାୟତର ପଡ଼ାଗୁଆଡିରା ଗ୍ରାମରେ ଶନିବାର ଜଣେ ଯୁବକ ୩ ଜଣ ମହିଳାଙ୍କୁ କଟୁରିରେ ହାଣିଛନ୍ତି। ଏଥିରେ ଗ୍ରାମର ଛବି ଭୋଇ, ମନି ଭୋଇ, ଅହଲ୍ୟା ଭୋଇ ଗୁରୁତର ଅବସ୍ଥାରେ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ଆହତ ଛବିଙ୍କ ପୁଅ ଟୁଲୁ ଭୋଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଆକ୍ରମଣକାରୀ ଯୁବକ ଗ୍ରାମର ସରୋଜ ଭୋଇ(୨୫)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ୩୩୦/୨୪ ନଂ.ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ସରୋଜଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସରୋଜଙ୍କଠାରୁ ରକ୍ତଭିଜା କଟୁରି ଜବତ କରିଛି।

ଅପରାହ୍ନ ସମୟରେ ଗଜଲକ୍ଷ୍ମୀ ମଣ୍ଡପ ନିକଟରେ ଟୁଲୁଙ୍କ ମା' ଛବି, ଭାଉଜ ମିତା ଭୋଇ, ଅହଲ୍ୟା, ମନି, ପିଣ୍ଟୁ ଭୋଇ ପ୍ରମୁଖ ବସି କଥା ହେଉଥିଲେ। ଏହି ସମୟରେ ସରୋଜ କଟୁରି ଧରି ସେଠାରେ ପହଞ୍ଚି କୌଣସି ଏକ କାରଣକୁ ନେଇ ମହିଳାମାନଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ପରେ କ୍ରୋଧାନ୍ୱିତ ହୋଇ ଛବି, ଅହଲ୍ୟା ଓ ମନିଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ଏହା ଦେଖି ମିତା ଓ ପିଣ୍ଟୁ ସେଠାରୁ ଭୟରେ ପଳାଇଥିଲେ। ପରିବାର ଓ ସ୍ଥାନୀୟ ଲୋକେ ଆହତ ମହିଳାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ।

# ଗଣବଳାତ୍କାର ଅଭିଯୋଗରେ ଆଉ ଜଣେ ଗିରଫ

### ମୁମୂର୍ଷୁ ଅବସ୍ଥାରେ ନାବାଳିକା ଉଦ୍ଧାର ଘଟଣା

ମୋରଡ଼ା,୨୦।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରୁ ଜଣେ ନାବାଳିକା ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହେବା ଘଟଣା ପଛର ରହସ୍ୟ ଉନ୍ମୋଚନ କରିଛି ପୋଲିସ। ସମ୍ପୃକ୍ତ ନାବାଳିକାଙ୍କୁ ଗଣବଳାତ୍କାର ପରେ ରାସ୍ତାକଡ଼ରେ ଫିଙ୍ଗି ଦିଆଯାଇଥିବା ପୋଲିସ ସ୍ପଷ୍ଟ କରିଛି। ଏହି ଘଟଣାରେ ପୂର୍ବରୁ ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ରବିବାର ଆଉ ଜଣେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଗତ ୧୬ ତାରିଖରେ ରାସ୍ତାକଡ଼ରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଜଣେ ନାବାଳିକାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଘଟଣା ବାବଦରେ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହାମ୍ବିରା ମୁର୍ମୁ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପ୍ରଥମେ ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ଘଟଣା ବାବଦରେ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ବିବରଣୀ ଦେଇ ନ ଥିଲା। ତେବେ ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି ସେନେଇ ପୋଲିସ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛି।

# ନକଲି ସସ୍ ଧରପଗଡ଼, ଜଣେ ଗିରଫ

ରାଉରକେଲା,୨୦।୧୦(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଶନିବାର ରାତିରେ ପାଟ୍ରୋଲିଂ ସମୟରେ ଧରାପଡ଼ିଥିବା ନକଲି ସସ୍ ମାମଲାରେ ରବିବାର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିପିନ ସାହୁ। ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮୪୩/୨୪) ରୁଜୁ କରିଛି। ସୂଚନା ଅନୁଯାୟୀ, ଶନିବାର ପ୍ଲାଣ୍ଟସାଇଟ୍ ଅଞ୍ଚଳରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ହେଉଥିଲା। ଏହି ସମୟରେ ପୋଲିସ ଏକ ଟାଟା ଏସିଇ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ନକଲି ଟମାଟୋ ସସ୍, ଚିଲି ସସ୍ ଓ ନୁଡଲ୍ସ ଧରାପଡ଼ିଥିଲା। ଏହି ସାମଗ୍ରୀ ଉପରେ କୌଣସି ବ୍ୟାଚ୍ ନମ୍ବର ମଧ୍ୟ ନ ଥିଲା। ଦୋକାନୀ ମଧ୍ୟ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ଘଟଣାସ୍ଥଳରେ ରାଉରକେଲା ମହାନଗର ନିଗମ ଖାଦ୍ୟ ସୁରକ୍ଷା ଅଧିକାରୀ ଏବଂ ଟିମ୍ ପହଞ୍ଚି ଜବତ ସାମଗ୍ରୀର ନମୁନା ସଂଗ୍ରହ କରିଥିଲେ। ସୂଚନଯୋଗ୍ୟ, ୨ଦିନ ତଳେ ଇଣ୍ଡଷ୍ଟ୍ରିଆଲ ଅଞ୍ଚଳରେ ବିନା ଲାଇସେନ୍ସରେ ଏକ ଆଇସକ୍ରିମ ଫ୍ୟାକ୍ଟ୍ରି ଉପରେ ମଧ୍ୟ ଆର୍‌ଏମ୍‌ସି ଏବଂ ଖାଦ୍ୟ ବିଭାଗ ଚଢ଼ାଉ କରି ଫ୍ୟାକ୍ଟ୍ରିକୁ ସିଲ୍ କରିଥିଲା।

# ଖାଜିପଲ୍ଲିରେ ଦମ୍ପତିଙ୍କ ଆତ୍ମହତ୍ୟା

ପରୁଷୋତ୍ତମପୁର,
୨୦।୧୦(ସିମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ କେ.ଏନ.ପୁର ପଞ୍ଚାୟତର ଖାଜିପଲ୍ଲି ଗ୍ରାମରେ ରବିବାର ରାତିରେ ଦମ୍ପତି ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ସନ୍ତୋଷ ସାହୁ (୪୦) ଓ ତାଙ୍କ ସ୍ତ୍ରୀ ସସ୍ମିତା (୩୩)। ସେମାନଙ୍କ ଛୋଟ ଝିଅ ସୋନାଲି (୧୨) ପୁଅ ଶୁଭମ ଅନାଥ ହୋଇଯାଇଛନ୍ତି। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

ଖାଜିପଲ୍ଲିରେ ସନ୍ତୋଷଙ୍କ ପରିବାର ବସବାସ କରନ୍ତି। ଗ୍ରାମର ଅନ୍ୟ ଏକ ସ୍ଥାନରେ ରହୁଥିବା ଜେଜେବାପାଙ୍କ ଘରକୁ ସନ୍ଧ୍ୟାରେ ସୋନାଲି ଓ ଶୁଭମ ଯାଇଥିଲେ। ରାତିରେ ଉଭୟେ ନିଜ ଘରକୁ ଫେରିଥିଲେ। ମାତ୍ର ଘରର କବାଟ ବନ୍ଦ ରହିଥିବାରୁ ସେମାନେ ମା'ବାପାଙ୍କୁ ଡାକିଥିଲେ। ବହୁସମୟ ପର୍ଯ୍ୟନ୍ତ କବାଟ ପିଟି ଡାକିଥିଲେ ମଧ୍ୟ କେହି କବାଟ ଖୋଲି ନ ଥିଲେ। ଫଳରେ ଉଭୟେ ଭଉଣୀଭାଇ ବାହାରେ ଠିଆହୋଇ କାନ୍ଦିବାକୁ ଲାଗିଲେ। ସାହିପଡିଶା ଲୋକେ ଏହା ଦେଖି ଘରର କବାଟ ପିଟି ଡାକିଥିଲେ ମଧ୍ୟ କେହି ନ ଖୋଲିବାରୁ ଅନ୍ୟତ୍ର ରହୁଥିବା ତାଙ୍କ ଭାଇ, ବାପା ଓ ସସ୍ମିତାଙ୍କ ବାପଘରକୁ ଖବର ଦେଇଥିଲେ। ସମସ୍ତେ ପହଞ୍ଚି ଘର କବାଟଭାଙ୍ଗି ଭିତରେ ପଶିଥିଲେ। ଘରେ ସନ୍ତୋଷ ନିଜ ପିନ୍ଧା ଲୁଙ୍ଗିରେ ଏକ କାଠରେ ଫାଶି ଲଗାଇ ଝୁଲୁଥିବା ବେଳେ ସସ୍ମିତା ଖଟ ଉପରେ ପଡିଥିବା ଦେଖିବାକୁ ମିଳିଥିଲା। ଏନେଇ ଲୋକେ ପୋଲିସକୁ ଖବର ଦେଇଥିଲେ। ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଏସ୍‌ଆଇ ଶୁଶାନ୍ତ ମିଶ୍ର ଘଟଣାସ୍ଥଳକୁ ଯାଇ ଦେଖିବା ସହ ଉଭୟଙ୍କ ମୃତଦେହ ଜବତ କରିଥିଲେ। ସୋମବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ। କେଉଁ କାରଣରୁ ଦମ୍ପତି ଆତ୍ମହତ୍ୟା କଲେ ସେନେଇ ତଦନ୍ତ ଚାଲିଥିବା ଏସ୍‌ଆଇ ମିଶ୍ର କହିଛନ୍ତି। ମା'ବାପାଙ୍କୁ ହରାଇ ଅନାଥ ହୋଇପଡିଥିବା ଝିଅପୁଅଙ୍କୁ ପ୍ରଶାସନ ଥଇଥାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଡକାୟତି, ବାଇକ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ: ୧୦ ଗିରଫ

### ୫ଲକ୍ଷ ଟଙ୍କା ସହ ସୁନାଗହଣା, ୯ ବାଇକ୍ ଜବତ

ବାଲେଶ୍ୱର, ୨୦।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଞ୍ଚଳରେ ହୋଇଥିବା ଏକ ବଡ଼ଧରଣର ଡକାୟତି ଏବଂ ସଦର ଥାନା ଓ ସୋର ଥାନା ଅଞ୍ଚଳରେ ହୋଇଥିବା ବାଇକ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ ହୋଇଛି। ଏହି ଦୁଇଟି ଘଟଣାରେ ପୋଲିସ ୧୦ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ଚୋରି ହୋଇଥିବା ୫ଲକ୍ଷ ଟଙ୍କା, ୨ ହଳ ସୁନା ପଲା, ୪ଟି ସୁନା ମୁଦି, ୫ ହଳ କାନ ଫୁଲ, ୩ଟି ସୁନା ଲକେଟ୍ ଓ ଗୋଟିଏ ସୁନା ମଙ୍ଗଳସୂତ୍ର ସହ ୯ଟି ଚୋରି ବାଇକ୍ ଜବତ ହୋଇଛି ବୋଲି ରବିବାର ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗତ ୧୩ତାରିଖ ରାତିରେ ସଦର ଥାନା ସିଲଡ଼ ଗ୍ରାମର ଜଣେ ବୃଦ୍ଧଙ୍କ ଘରୁ ଡକାୟତି ହୋଇଥିଲା। ଘରର ତାଲା ଭାଙ୍ଗି ଡକାୟତି ଦଳ ଏକ କାଠବାକ୍ସରେ ଥିବା ୫ଲକ୍ଷ ୭୦ହଜାର ଟଙ୍କା ସହ ଉପରୋକ୍ତ ସୁନାଗହଣା ସବୁ ଚୋରି କରି ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ଗତ ୧୬ତାରିଖରେ ସଦର ଥାନାରେ ଏକ ମାମଲା (ନଂ. ୪୧୮/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଘଟଣାର ଛାନଭିନ୍ କରି ପୋଲିସ ୫ଲକ୍ଷ ଟଙ୍କା ସହ ସୁନାଗହଣା ସବୁକୁ ଜବତ କରିଥିଲା। ଗିରଫ ୩ ଅଭିଯୁକ୍ତ ହେଲେ ସିଲଡ଼ ଗ୍ରାମର ଟୁନା ମାଝି, କଟିଛୁଆ ତପସ୍ୱୀ ଓ ହେଣ୍ଡା ତପସ୍ୱୀ। ସେହିପରି ସଦର ଥାନା ଅଞ୍ଚଳର ବାଇକ୍ ଚୋରି ନେଇ ଗତ ୧୯ତାରିଖରେ ଏକ ମାମଲା (ନଂ. ୪୨୩/୨୪) ଓ ସୋର ଥାନାରେ ଏକ ମାମଲା (ନଂ. ୮୭୦/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଏହି ବାଇକ୍ ଚୋରି ଘଟଣାରେ ପୋଲିସ ସଦର ଥାନା ଅଞ୍ଚଳର ୫ଟି ଓ ସୋର ଥାନା ଅଞ୍ଚଳର ୪ଟି ଚୋରି ବାଇକ୍ ସହ ୪ଟି ମୋବାଇଲ ଜବତ କରିଛି। ସଦର ଥାନା ଚୋରି ଘଟଣାରେ ଅଭିଯୁକ୍ତମାନେ ହେଲେ ହର୍ଷପୁରା ଗ୍ରାମର ବିଜୁ ବାରିକ, ଶଙ୍କରପୁରର ରାଜ ବେହେରା, ଗୁଡ଼ିପଦାର ବଳରାମ ଗୋଚ୍ଛାୟତ ଓ ଅରୁଣ ସିଂହ, ଚୋରି ବାଇକ୍ କିଣିଥିବା ଅଭିଯୁକ୍ତ ବାହାବଳପୁରର ଅଜିତ ମଣ୍ଡଳ, ଦୁବୁଲାଗଡ଼ିର ଜଗନ୍ନାଥ ବର ଏବଂ ସୋରରେ ବାଇକ୍ ଚୋରି ଅଭିଯୁକ୍ତ ଖନ୍ତାପଡ଼ା ଥାନା ଅଞ୍ଚଳର ବିଶ୍ୱଜିତ ଦାସ। ଗିରଫ ୧୦ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏସ୍‌ପିଙ୍କ ଉପସ୍ଥିତିରେ ୩ଜଣ ମାଲିକଙ୍କୁ ବାଇକ୍ ହସ୍ତାନ୍ତର କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା, ସଦର ଥାନା ଆଇଆଇସି ଦୟାନିଧି ଦାସ, ସୋର ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ଓ ହଳଦୀପଦା ଫାଣ୍ଡି ଅଧିକାରୀ ଅରବିନ୍ଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


ଜବତ ଚୋରି ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

# ସବୁ ସ୍ପା ସେଣ୍ଟରରେ ନଜର ରଖିବ ପୋଲିସ

### ଅନୈତିକ କାର୍ଯ୍ୟ ଚାଲୁଥିଲେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୦।୧୦
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ ରବି ଟକିଜ୍ ଛକ ଅଞ୍ଚଳରେ ଥିବା ଏକ ସେଲୁନ ଆଣ୍ଡ ସ୍ପା'ର ଦୁଇ କର୍ମଚାରୀ ଜଣେ ନାବାଳିକାଙ୍କୁ ଅନୈତିକ କାର୍ଯ୍ୟ କରିବାକୁ ବାଧ କରିବା ଘଟଣା ସାମ୍ନାକୁ ଆସିବା ପରେ କମିଶନରେଟ ପୋଲିସର ଚେତା ପଶିଛି। ସହରର ସବୁ ଥାନା ଅଞ୍ଚଳରେ ଥିବା ସ୍ପା' ସେଣ୍ଟରଗୁଡିକ ଉପରେ ପୋଲିସ ତୀକ୍ଷ୍ଣ ନଜର ରଖି ସେଗୁଡ଼ିକୁ ଯାଞ୍ଚ କରିବାକୁ ନିଷ୍ପତ୍ତି ନେଇଛି। ଏନେଇ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ସୂଚନା ଦେଇ କହିଛନ୍ତି, ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଖୁବଶୀଘ୍ର ପ୍ରସ୍ତୁତ କରାଯିବ। ସ୍ପା' ସେଣ୍ଟରଗୁଡ଼ିକରେ ବାସ୍ତବରେ କ'ଣ ଚାଲିଛି ତାହା ପଦାକୁ ଆସିବ। ଯଦି କୌଣସି ସେଣ୍ଟରରେ ଅନୈତିକ କାର୍ଯ୍ୟ ଚାଲୁଥିବା ସାମ୍ନାକୁ ଆସେ, ତା'ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବରରେ ସତ୍ୟନଗର ଅଞ୍ଚଳରେ ମଧ୍ୟ ସ୍ପା ସେଣ୍ଟରର ବୋର୍ଡ ମରାଯାଇ ଭିତରେ ଅନୈତିକ କାର୍ଯ୍ୟ ଚାଲୁଥିବା ଜଣାପଡିବା ପରେ ଖାରବେଳନଗର ପୋଲିସ ଚଢ଼ାଉ କରି ୪ ଯୁବତୀଙ୍କୁ ଉଦ୍ଧାର କରିବା ସହ ୨ ଦଲାଲଙ୍କୁ ଗିରଫ କରିଥିଲା। ହେଲେ ଏହାପରେ ବି ଅନ୍ୟ କୌଣସି ସ୍ପା ସେଣ୍ଟର ଉପରେ ନଜର ରଖି ନ ଥିଲା। ଫଳରେ ସହରର ବିଭିନ୍ନ ସ୍ଥାନରେ ଏଭଳି ବେଆଇନ କାର୍ଯ୍ୟ କରାଯାଉଥିବା ନେଇ ଅନେକ ସମୟରେ ଅଭିଯୋଗ ହୋଇଆସୁଛି।

ସୂଚନାନୁସାରେ, ରବି ଟକିଜ୍ ଛକର ଏକ ସେଲୁନ ଆଣ୍ଡ ସ୍ପାରେ ଜଣେ ନାବାଳିକାଙ୍କୁ ଚାକିରି ଦେବା ଆଳରେ ଅନୈତିକ କାର୍ଯ୍ୟ କରିବାକୁ ବାଧ କରାଯାଉଥିଲା। ସଂପୃକ୍ତ ନାବାଳିକା ଏଭଳି କାର୍ଯ୍ୟ ପାଇଁ ମନା କରିବାରୁ ତାଙ୍କୁ ଉକ୍ତ ସ୍ପାର ଦୁଇ କର୍ମଚାରୀ ଏକ ଘରେ ତାଲା ପକାଇଦେବା ସହ ଉଦ୍ଧାର କରି ଆସିଥିବା ତାଙ୍କ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ନାବାଳିକାଙ୍କ ଚିତ୍କାର ଶୁଣି ସ୍ପା ସେଣ୍ଟରକୁ ଯାଇ ନାବାଳିକା ଓ ତାଙ୍କ ସଂପର୍କୀୟ ଭାଇଙ୍କୁ ଉଦ୍ଧାର କରିବା ସହ ୨ କର୍ମଚାରୀଙ୍କୁ କାବୁ କରି ପୋଲିସ ଜିମାରେ ଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ସୁମସୁନ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ପୋର୍ଟସ ଲଗଅନ ପୁରସ୍କାର ୨୦୨୪

ଭୁବନେଶ୍ୱର,୨୦।୧୦(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟର୍ ଅଡିଟୋରିୟମ ଠାରେ ରବିବାର ସ୍ପୋର୍ଟସ ଲଗଅନ ପୁରସ୍କାର ୨୦୨୪ ପ୍ରଦାନ କରାଯାଇଛି। ସନ୍ତରଣକାରୀ ମନ୍ନତା ମିଶ୍ରଙ୍କୁ କୁମୁଦିନୀ ମିଶ୍ର କ୍ରୀଡା ପ୍ରତିଭା ପୁରସ୍କାର ପାଇଁ ୧୫ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଛି। ଉଦୀୟମାନ କ୍ରୀଡାବିତ ଭାବେ ପାରାଆଥଲେଟ ସୁଚିତ୍ରା ପରିଡ଼ାଙ୍କୁ ପୁରସ୍କୃତ କରାଯାଇଥିଲା। ଅଲିମ୍ପିଆନ କିଶୋର ଜେନାଙ୍କୁ ୨୦୨୩ ଓ ୨୪ ବର୍ଷର ଶ୍ରେଷ୍ଠ କ୍ରୀଡାବିତ ପୁରସ୍କାର ଦିଆଯାଇଥିଲା। କିଶୋରଙ୍କ ଅନୁପସ୍ଥିତିରେ ତାଙ୍କ ବାପା ପୁରସ୍କାର ଗ୍ରହଣ କରିଥିଲେ। ଭାରତୀୟ ଜୁନିୟର ଫୁଟବଲ ଦଳର କୋଚ ଶୁଭେନ୍ଦୁ ପଣ୍ଡାଙ୍କୁ ସର୍ବଶ୍ରେଷ୍ଠ ପ୍ରଶିକ୍ଷକ ଭାବରେ ପୁରସ୍କୃତ କରାଯାଇଥିଲା। ପ୍ଲେୟର ଅଫ ଦି ବାଏଗନ ଏରା ପୁରସ୍କାର ପାଇଥିଲେ ଓଡିଶାର ପୂର୍ବତନ ଭଲିବଲ ଖେଳାଳି ଦୁଃଖୀଶ୍ୟାମ ମଲ୍ଲିକ। ତାଙ୍କ ସ୍ଥାନରେ ଝିଅ ଆଶା ମଲ୍ଲିକ ପୁରସ୍କାର ଗ୍ରହଣ କରିଥିଲେ। ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏସଏନ୍ଏମ ଗ୍ରୁପ୍ ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଅନୁଗୁଳ ସୁକିନ୍ଦା ରେଳବାଇ ଲିମିଟେଡ ଏମ ଡି ଦିଲ୍ଲୀପ ସାମନ୍ତରାୟ, ସାମାଜିକ କର୍ମୀ କୁମୁଦିନୀ ମିଶ୍ର, ଶିବ ମହାନ୍ତି ଏବଂ ତନ୍ମୟ ଦାସ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ସ୍ପୋର୍ଟସ ଲଗଅନ ପୁରସ୍କାର ସହ ଅତିଥିଙ୍କ ଗହଣରେ ଖେଳାଳି।

## ଜାତୀୟ ପାରା ସନ୍ତରଣ

# ନରହରି ସ୍ୱର୍ଣ୍ଣ, କମଳାକାନ୍ତ ରୌପ୍ୟ

ଭୁବନେଶ୍ୱର,୨୦।୧୦ (ସରୋଜ ଜେନା)

ଗୋଆର ପଣଜୀରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପର ପ୍ରଥମ ଦିନରେ ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ଏସ୍-୫ ବର୍ଗର ୧୦୦ ମିଟର ଇଭେଣ୍ଟରେ ନରହରି ବେହେରା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ଏସ୍-୪ ବର୍ଗର ୧୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ କମଳାକାନ୍ତ ନାୟକ। ନରହରି ୧:୫୪.୭୩ ସେକେଣ୍ଡର ଟାଇମିଂ ସହ ପ୍ରଥମ ସ୍ଥାନରେ ରହିଥିଲେ। ଆନ୍ଧ୍ର ପ୍ରଦେଶର ଲକ୍ଷ୍ମଣ ରାଓ ଓ ବିହାରର ମହମ୍ମଦ ଶାମ୍ସ ଆଲମ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅନ୍ୟପକ୍ଷରେ କମଳାକାନ୍ତ ୩:୧୭.୦୯ ସେକେଣ୍ଡର ଟାଇମିଂ ସହ ରୌପ୍ୟ ପଦକ ଜିତିଥିଲେ। ରାଜସ୍ଥାନର ଲଖନ ସିଂ ସ୍ୱର୍ଣ୍ଣ ଓ ହରିୟାଣାର ବଲରାଜ ବ୍ରୋଞ୍ଜ ପଦକ ଜିତିଥିଲେ।

# ପ୍ରଥମ ଇନିଂସରେ ଓଡ଼ିଶା ଅଗ୍ରଣୀ

ଭୁବନେଶ୍ୱର,୨୦।୧୦(ସରୋଜ ଜେନା)

କଟକର ବାରବାଟୀ ଷ୍ଟାଡିୟମରେ ଜମ୍ମୁ କଶ୍ମୀର ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ମହତ୍ୱପୂର୍ଣ୍ଣ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି ଓଡ଼ିଶା। ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କ ଅପରାଜିତ ଶତକ ବଳରେ ଓଡ଼ିଶା ପ୍ରଥମ ଇନିଂସରେ ୨୭୨ ରନ୍ କରି ୨ ରନ୍‌ର ଅଗ୍ରଣୀ ହାସଲ କରିଛି। ଜବାବରେ ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଜମ୍ମୁ କଶ୍ମୀର ୪ ଉଇକେଟ ହରାଇ ୧୯୫ ରନ୍ ସଂଗ୍ରହ କରିଛି। ହାତରେ ୬ ଉଇକେଟ ରହିଥିବା ବେଳେ

## ରଣଜୀ ଟ୍ରଫି

## ଗୋବିନ୍ଦ ପୋଦ୍ଦାରଙ୍କ ଅପରାଜିତ ଶତକ

ଦଳ ୧୯୩ ରନରେ ଆଗୁଆ ରହିଛି। ଅବଦୁଲ ସମଦଙ୍କ ଶତକ ବଳରେ ଜମ୍ମୁ କଶ୍ମୀର ପ୍ରଥମ ଇନିଂସରେ ୨୭୦ ରନ୍ କରିଥିଲା। ଜବାବରେ ପୋଦ୍ଦାରଙ୍କ ଅପରାଜିତ ୧୩୩ ରନ୍ ବଳରେ ଓଡ଼ିଶା ୨୭୨ ରନ୍‌ରେ ଅଲଆଉଟ ହୋଇଥିଲା।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୯୮/୫ରୁ ଖେଳ ଆରମ୍ଭ କରିଥିଲା ଓଡ଼ିଶା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଗୋବିନ୍ଦ ପୋଦ୍ଦାର(୧୩୩*) ଓ ଆଶୀର୍ବାଦ ସ୍ୱାଇଁ(୩୨) ଦଳୀୟ ସ୍କୋରକୁ ୨୧୭ ରନରେ ପହଞ୍ଚାଇଥିଲେ। ଉଭୟ ୧୧୧ ରନ୍ ଯୋଡିବା ପରେ ଆଶୀର୍ବାଦଙ୍କୁ ଆଉଟ କରିଥିଲେ ଆବିଦ୍ ମୁସ୍ତାକ। ଅଧିନାୟକ ଗୋବିନ୍ଦ ପୋଦ୍ଦାର ଏହାପରେ ସମ୍ମୁଖ ଭାଗରୁ ଆକ୍ରମଣ କରିଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ(୭), ଦେବବ୍ରତ ପ୍ରଧାନ(୧), ରାଜେଶ ମହାନ୍ତି(୮) ଓ ସୁମିତ ଶର୍ମା(୦)ଙ୍କୁ ସାଥୀ କରି ସେ ୫୫ ରନ୍ ଯୋଡିଥିଲେ। ସୂର୍ଯ୍ୟକାନ୍ତଙ୍କ ସହ ୧୩ ରନ୍ ଯୋଡିବା ପରେ ଯୁଧବୀର ସିଂ ଚରକ ଏହି ଭାଗୀଦାରି ଶେଷ କରିଥିଲେ। ପରବର୍ତ୍ତୀ ବ୍ୟାଟର ଦେବବ୍ରତ ମହାନ୍ତି ମଧ ମାତ୍ର ୧ ରନ୍ କରି ଆଉଟ ହୋଇଥିଲେ। ରାଜେଶ ମହାନ୍ତିଙ୍କୁ ସାଥୀ କରି ପୋଦ୍ଦାର ୩୨ ରନ୍ ଯୋଡିଥିଲେ। ଆଉ ୭ ରନ୍ ପଛରେ ଥିବା ବେଳେ ରାଜେଶଙ୍କୁ ଆଉଟ କରିଥିଲେ ଉମର ନାଜିର। ଅନ୍ତିମ ବ୍ୟାଟର ସୁମିତ ଶର୍ମା ୭ ବଲ୍ ଖେଳି ଖାତା ଖୋଲି ନ ଥିଲେ ମଧ ପୋଦ୍ଦାରଙ୍କ ସହ ଯୋଡିଥିଲେ ଗୁରୁତ୍ୱପୂର୍ଣ୍ଣ ୯ ରନ୍। ଜମ୍ମୁ କଶ୍ମୀର ପକ୍ଷରୁ ଆବିଦ ମୁସ୍ତାକ ୪, ଉମର ନାଜିର ୩, ଆକ୍ୱିବ୍ ଦର, ଯୁଧବୀର ସିଂ ଚରକ ଓ ସାହିଲ ଲୋତ୍ରା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

ଜବାବରେ ଜମ୍ମୁ କଶ୍ମୀରର ଦ୍ୱିତୀୟ ଇନିଂସରେ ୫୯ ଓଭର ବ୍ୟାଟିଂ କରି ୪ ଉଇକେଟ ହରାଇ ୧୯୫ ରନ୍ କରିଛି। ପ୍ରଥମ ଇନିଂସର ଶତକ ହାସଲକାରୀ ଅବଦୁଲ ସମଦ ଅପରାଜିତ ଅର୍ଦ୍ଧଶତକ ହାସଲ କରିଛନ୍ତି। ସମଦ ୬୯ ବଲ୍ ଖେଳି ୫ ଛକା ମାରି ୭୦ ରନରେ ବ୍ୟାଟିଂ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶୁଭମ ଖଜୁରିଆ ୪୩ ଓ ଶୁଭମ ପୁଣ୍ଡିର ୪୦ ରନ୍ ସ୍କୋର କରିଛନ୍ତି। ଓଡ଼ିଶା ପକ୍ଷରୁ ପାର୍ଟଟାଇମର କାର୍ତ୍ତିକ ବିଶ୍ୱାଳ ୨, ସୁମିତ ଶର୍ମା ଓ ସୂର୍ଯ୍ୟକାନ୍ତ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର ପ୍ରଥମ ଇନିଂସ ୨୭୦/୧୦। ଓଡ଼ିଶା ପ୍ରଥମ ଇନିଂସ ୮୭.୫ ଓଭରରେ ୨୭୨/୧୦ (ଗୋବିନ୍ଦ ପୋଦ୍ଦାର-୧୩୩*, ଅନୁରାଗ ଷଡଙ୍ଗୀ-୩୫, ଆଶୀର୍ବାଦ ସ୍ୱାଇଁ-୩୨, ଆବିଦ୍ ମୁସ୍ତାକ-୪/୮୪, ଉମର ନାଜିର-୩/୩୩, ଆକ୍ୱିବ ଦର-୧/୪୧)। ଜମ୍ମୁ କଶ୍ମୀର ଦ୍ୱିତୀୟ ଇନିଂସ ୫୯ ଓଭରରେ ୧୯୫/୪ (ଅବଦୁଲ ସମଦ-୭୦*, ଶୁଭମ ଖଜୁରିଆ-୪୩, ଶୁଭମ ପୁଣ୍ଡିର-୪୦, କାର୍ତ୍ତିକ ବିଶ୍ୱାଳ-୨/୨୫, ସୂର୍ଯ୍ୟକାନ୍ତ ପ୍ରଧାନ-୧/୧୯, ସୁମିତ ଶର୍ମା-୧/୬୧)।


ଶତକ ହାସଲ ପରେ ଉଲ୍ଲସିତ ଗୋବିନ୍ଦ ପୋଦ୍ଦାର।

# ଭାରତୀୟ ଟେଷ୍ଟ ଦଳରେ ୱାଶିଂଟନ ସୁନ୍ଦର ସାମିଲ

ବେଙ୍ଗାଲୁରୁ, ୨୦।୧୦ (ପି.ଟି.): ନ୍ୟୁଜିଲାଣ୍ଡ ବିପକ୍ଷ ଅବଶିଷ୍ଟ ଦୁଇ ଟେଷ୍ଟ ମ୍ୟାଚ ପାଇଁ ଭାରତୀୟ କ୍ରିକେଟ ଦଳରେ ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ସାମିଲ କରାଯାଇଛି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ଓପନର ୮ ଉଇକେଟରେ ପରାସ୍ତ ହେବା ପରେ ଚୟନକର୍ତ୍ତାମାନେ ଏହି ନିଷ୍ପତ୍ତି ନେଇଛନ୍ତି। ଚଳିତ ଦିଲ୍ଲୀ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ଏହି ୨୫ ବର୍ଷୀୟ କ୍ରିକେଟର ୧୫୨ ରନ କରିଛନ୍ତି। ୨୦୨୧ ଜାନୁଆରୀରେ ଗାବାଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଐତିହାସିକ ବିଜୟରେ ୱାଶିଂଟନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହା ପୁଣି ଥିଲା ତାଙ୍କର ଟେଷ୍ଟ ପଦାର୍ପଣ ମ୍ୟାଚ। ଭାରତ ଆଗକୁ ଅଷ୍ଟ୍ରେଲିଆ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପ୍ରସ୍ତୁତ କରାଯାଉଥିବା ଯୋଜନାରେ ୱାଶିଂଟନଙ୍କୁ ସାମିଲ କରାଯାଇଛି। ଏହି ଅଲରାଉଣ୍ଡର ଜଣକ ଇତିମଧ୍ୟରେ ଭାରତ ତରଫରୁ ୪ ଟେଷ୍ଟ, ୨୨ ଅନ୍ତର୍ଜାତୀୟ ଦିନିକିଆ ଏବଂ ୫୨ ଅନ୍ତର୍ଜାତୀୟ ଟି୨୦ ଖେଳିସାରିଛନ୍ତି। ପୁଣେରେ ଦ୍ୱିତୀୟ ଟେଷ୍ଟ ଅକ୍ଟୋବର ୨୪ରୁ ଖେଳାଯିବ।

# ଓଡ଼ିଶା ବିପକ୍ଷରେ ତାମିଲନାଡୁ ବିଜୟୀ

ଭୁବନେଶ୍ୱର, ୨୦।୧୦ (ବିଜୟ ରଣା): ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏକ ସିନିୟର ମହିଳା ଟି୨୦ କ୍ରିକେଟ ମ୍ୟାଚରେ ତାମିଲନାଡୁ ୫ ଉଇକେଟରେ ଓଡ଼ିଶାକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୯.୪ ଓଭରରେ ୯୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ସୁଶ୍ରୀ ଦିବ୍ୟଦର୍ଶିନୀ ୩୦ ବଲ୍‌ରୁ ୩ ଚୌକା ସହ ୨୮ ରନ କରିଥିବା ବେଳେ ପ୍ରଜ୍ଞାନ ପି. ମହାନ୍ତି ୧୪ ବଲ୍‌ରୁ ୨ ଚୌକା ସହ ୧୨ ରନ କରିଥିଲେ। ତାମିଲନାଡୁର ସଫଳ ବୋଲର କେ.ଏନ୍. ରାମ୍ୟାଶ୍ରୀ ୧୩ ରନ ବିନିମୟରେ ୩ ଏବଂ ଏସ୍. ବି. କୀର୍ତ୍ତନା ୧୯ରନ ଦେଇ ୩ ଉଇକେଟ ନେଇ ଓଡ଼ିଶା ଦଳର ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ତାମିଲନାଡୁ ୧୯ ଓଭରରେ ୫ ଉଇକେଟ ବିନିମୟରେ ୯୨ ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ଆର୍ଶି ଚୌଧୁରୀ ସର୍ବାଧିକ ୫୨ ବଲ୍‌ରୁ ୪୪ରନ (୬ ଚୌକା) କରିଥିଲେ। ନେତ୍ରା ଏଲ୍. ୨୮ ବଲ୍‌ରୁ ୨୧ ରନ କରିଥିଲେ। ଓଡ଼ିଶାର ସଫଳ ବୋଲର ତନ୍ମୟୀ ବେହେରା ତାଙ୍କ ୪ ଓଭର କୋଟାରେ ମାତ୍ର ୧୦ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଶୁଭ୍ରା ନନ୍ଦିନୀ ସ୍ୱାଇଁ ୧୧ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ।


# Classified Everyday 0674-2580101, 2549949


REAL ESTATE
SALE

Prime Land for Sale/Sharing in Puri's Baliapanda: 4,000sqft. near Sea Beach, litigation-free with complete documentation. Contact 9777436767. D-1710

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226. D-1469

Reputed Construction Company Wanted 2 Acre Gharabari Yellowzone Land with 30' Road on Sharing Basis for Duplex Projects. 9938219397, 9861022055. D-1694

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011. D-1708

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grandbazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତା ଥାଇ ଘରବାରି plot କିଣନ୍ତୁ। 9078699286. D-75998

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

5100sqft. Land sale, 30ft. road near KK Petrol Pump NH-16 Gohiriachhok, Bhubaneswar. 7008634668. D-75999

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9938015048. D-1709




Newly open Jyoti SPA positively health benefits (Expert therapist). 8458067955. D-76162

Kerala Massage Therapy Gents/ Ladies pain relief Bhubaneswar. 9337672475. D-1659

Newly open health benefits SPA special offer @ 799 Bapujinagar. 8018429809. D-76164

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବା ଠିକଣା:- classifieddharitri@gmail.com

## LOST

ମୁଁ ରୋହିତ କୁମାର ସାହୁ, ପିତା- ଅଚିନ୍ତ୍ୟ ସାହୁ, ଗ୍ରାମ- ବୁଢ଼ାକେରା, ପୋ- କୁଶ୍ଠବେଣ୍ଟି, ଥାନା- ବ୍ରହ୍ମଗିରି, ଜିଲ୍ଲା- ପୁରୀ ଏହି ବିଜ୍ଞାପନ ଦ୍ୱାରା ସୂଚନା ଦେଉଛୁ ଯେ, ଆମର ଜେଜେ ସ୍ୱର୍ଗତ ସନାତନ ସାହୁଙ୍କ ନାମରେ ଜଗଦଳ ମୌଜାର ଖାତା ନଂ.- ୪୭୩, ପ୍ଲଟ- ୩୧୨, ଏରିଆ- ୧.୭୫ ଡିସିମିଲକୁ ମୋ ବାପା ତାଙ୍କ ଜେଜେ ଗୁନିମଣି ସାହୁ, ସ୍ୱାମୀ- ତ୍ରିନାଥ ସାହୁଙ୍କୁ RSD NO.-୧୦୬୭, ତା-୦୪।୦୯।୨୦୦୦ରେ ବିକ୍ରି କରିଥିଲେ। ମୋ ଘରର ଗୁରୁତ୍ୱପୂର୍ଣ୍ଣ କାଗଜ ସହ ଏହି ସମ୍ପତ୍ତିର ଦଲିଲ ନେଇ ବ୍ରହ୍ମଗିରି ଯାଉଥିବା ସମୟରେ କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ କାଗଜପତ୍ର ଏବଂ ଦଲିଲଟିକୁ ପାଇଥାନ୍ତି ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ କରୁଅଛୁ। ଓକିଲ- ନୃସିଂହ ଚରଣ ପଟ୍ଟନାୟକ ମୋ- ୯୮୫୩୩୧୧୧୮୯ ଧ-୧୭୦୪

## AFFIDAVIT

I, Bijay Kumar Patra, S/o- Late Shyam Babu Patra, resident of C-146, Koel Nagar, Rourkela, Dist.- Sundargarh, Odisha, Pin-769014 declared by this affidavit No.- A/10 dtd- 18.10.2024 that now onwards I shall be known as BIJAY KUMAR PATRA for all future purposes. D-1706

By an affidavit (No.-12AA 805976, dtd. October 08,2024) before Shri Jagyneswar Acharya, Notary, Bhubaneswar (Regd. No.-7791/2009) I, Smt. Sabitri Mohapatra, W/o- Shri Pradeep Kumar Panda, Plot No.-929/2914, Anant Nagar, Kapil Prasad, Old Town, P.S.- Shree Lingaraj, Bhubaneswar- 751002, District.- Khordha Odisha do hereby declare that, my name has been changed from Sabitri Panda (Reflected in old Aadhaar and PAN) has been changed to my maiden name Sabitri Mohapatra. I do hereby declare that, "Sabitri Mohapatra" and "Sabitri Panda" is one and same person and has same identity. Henceforth, the name Sabitri Mohapatra will be used for all purposes including all bank account details, Aadhaar, PAN, Pension records and other future purposes and transactions. D-1704

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଆରତୀ ପଟ୍ଟନାୟକ
ଗାନ୍ଧୀମାର୍ଗ, ପି.ଡବ୍ଲ୍ୟୁ ଲେନ, ନୟାଗଡ
ଆବିର୍ଭାବ- ୨୮।୦୭।୧୯୪୫
ତିରୋଧାନ- ୧୧।୧୦।୨୦୨୪
ଶୋକସନ୍ତପ୍ତ ପରିବାରବର୍ଗ। ଧ-୧୬୯୧

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଏଶିଶିର ସାମଲ
ଆବିର୍ଭାବ: ତା ୨୦।୦୮।୧୯୭୫
ତିରୋଧାନ: ତା ୧୧।୧୦।୨୦୨୪
ଧ-୧୭୦୬

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଏପ୍ରମୋଦ କୁମାର ଦାସ
ଆବିର୍ଭାବ: ୨୪/୦୭/୧୯୩୪
ତିରୋଧାନ: ୧୨/୧୦/୨୦୨୪
ପ୍ଲଟ ନଂ-37A ଗୌତମ ନଗର, ଭୁବନେଶ୍ୱର
ଶୋକସନ୍ତପ୍ତ: ଚନ୍ଦନ, ଲିପ୍ସ, ମଣ୍ଟୁ, ମିତୁ, ମିକି, ସୋନାଲି, ବିପ୍ଲବ, ବର୍ଷା ଏବଂ ବନ୍ଧୁବାନ୍ଧବ ଓ ପରିବାର ବର୍ଗ। ଧ-୭୫୫୯୫

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନସ୍ତର QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshot କୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନୋବେଲ ପୁରସ୍କାର-୨୦୨୪/ଚିକିତ୍ସା ବିଜ୍ଞାନ

# ମାଇକ୍ରୋଆର୍‌ଏନ୍‌ଏ : ଜିନ୍‌ର ପ୍ରମୁଖ ନିୟାମକ



ଡା. ନିତ୍ୟାନନ୍ଦ ସ୍ୱାଇଁ

**କିଏ ପାଇଛନ୍ତି:** ଚଳିତ ବର୍ଷର ଶରୀର ବିଜ୍ଞାନ କିମ୍ବା ଭେଷଜ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାର ଗୌରବ ଲାଭ କରିଛନ୍ତି ଭିକ୍ଟର ଆମ୍ବ୍ରୋସ ଏବଂ ଗ୍ୟାରି ରୁଭକୁନ୍। ୭୧ ବର୍ଷ ବୟସ୍କ ଆମ୍ବ୍ରୋସ ସମ୍ପ୍ରତି ଆମେରିକାର ୟୁନିଭର୍ସିଟି ଅଫ୍ ମାସାଚ୍ୟୁସେଟସ୍ ମେଡିକାଲ ସ୍କୁଲର ପ୍ରାକୃତିକ ବିଜ୍ଞାନ ବିଭାଗରେ ସିଭିଲମ୍ୟାନ୍ ପ୍ରଫେସର ରୂପେ ଅଧିଷ୍ଠିତ। ଅନ୍ୟପକ୍ଷରେ ୭୨ ବର୍ଷ ବୟସ୍କ ରୁଭକୁନ୍ ମାସାଚୁସେଟସ୍ ଜେନେରାଲ ହସ୍ପିଟାଲ ଆଣ୍ଡ ହାର୍ଭାର୍ଡ ମେଡିକାଲ ସ୍କୁଲରେ ପ୍ରଫେସର ଅଫ୍ ଜେନେଟିକ୍ସ ଭାବେ କାର୍ଯ୍ୟରତ।

**କାହିଁକି ପାଇଛନ୍ତି:** ଏହି ବିଜ୍ଞାନୀ ଦ୍ୱୟ ଆବିଷ୍କାର କରିଛନ୍ତି ମାଇକ୍ରୋଆରଏନ୍‌ଏସ୍। ମାଇକ୍ରୋଆରଏନ୍‌ଏସ୍ ଜିନ୍‌କୁ ନିର୍ଭୁଲ ଭାବରେ ନକଲ କରିବା ଏବଂ ନିୟନ୍ତ୍ରଣ କରିବାରେ କିପରି ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଏ ବିଷୟରେ ସବିଶେଷ ଆଲୋକପାତ କରିବାରେ ଏମାନେ ସଫଳ ହୋଇଛନ୍ତି। ଜୀବମାନେ କିପରି ବିକାଶ ଲାଭ କରନ୍ତି, କିପରି କ୍ରିୟା କରନ୍ତି ଏବଂ ସେହି କ୍ରିୟା କିପରି ବେଳେବେଳେ ଭୁଲ ହୋଇଯାଏ, ଏହି ସଂକ୍ରାନ୍ତରେ ଏମାନଙ୍କର ରହିଛି ମୌଳିକ ଅବଦାନ। ଆମ ମଣିଷଙ୍କ ସମେତ ସମସ୍ତ ବହୁକୋଷୀ ପ୍ରାଣୀଙ୍କ କ୍ଷେତ୍ରରେ ଉଭୟ ବିଜ୍ଞାନୀଙ୍କର ଆବିଷ୍କାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**କଅଣ ପାଇବେ:** ନୋବେଲ ପୁରସ୍କାର ବାବଦକୁ ଉଭୟେ ପାଇବେ ନୋବେଲ ଡିପ୍ଲୋମା ବା ପୁରସ୍କାର ପାଇଥିବାର ପ୍ରମାଣ ପତ୍ର ଏବଂ ଗୋଟିଏ ଲେଖାଏ ଗୋଲ୍ଡ ମେଡାଲ। ଏତଦ୍‌ବ୍ୟତୀତ ଭାରତୀୟ ମୁଦ୍ରା ଅନୁସାରେ ମୋଟ ୮.୯କୋଟି ଟଙ୍କା ଉଭୟଙ୍କୁ ସମାନ ପରିମାଣରେ ପ୍ରଦାନ କରାଯିବ। ଏହି ପୁରସ୍କାର ପ୍ରଦତ୍ତ ହେବ ଚଳିତ ବର୍ଷ ଡିସେମ୍ବର ୧୦ ତାରିଖର ନୋବେଲ ଦିବସରେ। ସୂଚନାଯୋଗ୍ୟ, ଡିସେମ୍ବର ୧୦ ହେଉଛି ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲଙ୍କ ପୁଣ୍ୟତିଥି।


**ପୃଷ୍ଠଭୂମି:** ଆମ ଶରୀରର ପ୍ରୋଟିନ୍ ଓ ଏନ୍‌ଜାଇମ୍‌ଗୁଡ଼ିକ ଖୁବ୍ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରନ୍ତି। ତନ୍ତୁ, ଜିନ୍, ହରମୋନ, ପ୍ରତିରକ୍ଷା ଉପାଦାନ ରାସାୟନିକ ଉପାଦାନ ଏବଂ ଗ୍ୟାସ୍‌ର ପରିବହନ ଆଦି ନାନା କାର୍ଯ୍ୟ ସମ୍ପାଦନ କରିବା ପାଇଁ ପ୍ରୋଟିନ୍ ଏବଂ ଏନ୍‌ଜାଇମ୍ ଅପରିହାର୍ଯ୍ୟ। ଶରୀରସ୍ଥ ପ୍ରତ୍ୟେକ କୋଷରେ ଅନୁଷ୍ଠିତ ଯାବତୀୟ ରାସାୟନିକ ପ୍ରକ୍ରିୟାକୁ ସୁଗମ ତଥା ତ୍ୱରାନ୍ୱିତ କରୁଥିବା ଏନ୍‌ଜାଇମ୍‌ଗୁଡ଼ିକ ମଧ୍ୟ ପ୍ରୋଟିନ୍।

"ମାଇକ୍ରୋଆର୍‌ଏନ୍‌ଏସ୍ : ଜିନ୍‌ର ପ୍ରମୁଖ ନିୟାମକ ମାଇକ୍ରୋଆର୍‌ଏନ୍‌ଏସ୍ ଜିନ୍‌ର ଅବିଷ୍କାର ପାଇଁ ଆମେରିକୀୟ ଚିକିତ୍ସା ବିଜ୍ଞାନୀ ଭିକ୍ଟର ଆମ୍ବ୍ରୋସ ଏବଂ ଗ୍ୟାରି ରୁଭକୁନ୍‌ଙ୍କୁ ଚଳିତ ବର୍ଷର ଚିକିତ୍ସା ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାକୁ ମନୋନୀତ କରାଯାଇଛି।"



ଭିକ୍ଟର ଆମ୍ବ୍ରୋସ    ଗ୍ୟାରି ରୁଭକୁନ୍

ମାତ୍ର ପ୍ରତ୍ୟେକ ପ୍ରୋଟିନ୍ ଏବଂ ଏନ୍‌ଜାଇମ୍ ଗଠନ ସଂକ୍ରାନ୍ତ ତଥ୍ୟ ଜିନ୍ ଭାବରେ କୋଷ ମଧ୍ୟସ୍ଥ ଡିଏନ୍‌ଏ ଅଣୁରେ ଥାଏ। ଡିଏନ୍‌ଏ ବା ଜିନ୍‌ରେ ସନ୍ନିବିଷ୍ଟ ତଥ୍ୟ ପ୍ରଥମେ ମେସେଞ୍ଜର ଆର୍‌ଏନ୍‌ଏ ନାମକ ଅଣୁରେ ନକଲ ହୋଇଯାଏ। ଏହି ନକଲ ପ୍ରକ୍ରିୟାକୁ କୁହାଯାଏ 'ଟ୍ରାନ୍ସକ୍ରିପ୍‌ସନ୍'। ଟ୍ରାନ୍ସକ୍ରିପ୍‌ସନ୍ ସମ୍ପାଦିତ ହୋଇଥାଏ କୋଷର ନ୍ୟୁକ୍ଲିୟସରେ। ପରେ ତଥ୍ୟ ବହନକାରୀ ସେହି ମେସେଞ୍ଜର ଆର୍‌ଏନ୍‌ଏ ଅଣୁ ପହଞ୍ଚିଯାଏ କୋଷର ସାଟୋପ୍ଲାଜ୍‌ମ ବା କୋଷ ରସରେ। ବିଭିନ୍ନ ଜଟିଳ ଜୈବ ରାସାୟନିକ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଆର୍‌ଏନ୍‌ଏ ଅଣୁ ସାହାଯ୍ୟରେ ମେସେଞ୍ଜର ଆର୍‌ଏନ୍‌ଏରେ ସନ୍ନିବେଶିତ ତଥ୍ୟକୁ ଭିତ୍ତି କରି ସଂଶ୍ଲେଷିତ ହୋଇପଡ଼େ ପ୍ରୋଟିନ୍ ଏବଂ ଏନ୍‌ଜାଇମ୍। ଏହି ଶେଷୋକ୍ତ କ୍ରିୟାକୁ ବିଜ୍ଞାନ ଭାଷାରେ କୁହାଯାଏ 'ଟ୍ରାନ୍ସଲେସନ୍'।




ଟ୍ରାନ୍ସକ୍ରିପ୍‌ସନ୍ ପ୍ରକ୍ରିୟା ସମ୍ପାଦିତ ହୋଇ ସାରିବା ପରେ ମଧ୍ୟ ସେଥିରେ ଯେଉଁସବୁ ରାସାୟନିକ ପରିବର୍ତ୍ତନ ସଂଘଟିତ ହୁଏ, ତାକୁ କହନ୍ତି 'ପୋଷ୍ଟ-ଟ୍ରାନ୍ସକ୍ରିପ୍‌ସନାଲ ଜିନ୍ ରେଗୁଲେଶନ'। ଏହି ପୋଷ୍ଟ ଟ୍ରାନ୍ସକ୍ରିପ୍‌ସନାଲ ଜିନ୍ ରେଗୁଲେସନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ମାଇକ୍ରୋଆର୍‌ଏନ୍‌ଏ ନାମକ ଏକ କ୍ଷୁଦ୍ର ଆର୍‌ଏନ୍‌ଏ ଅଣୁ। ଏହି ପ୍ରକ୍ରିୟାଟି କିପରି କ୍ରିୟାଶୀଳ ହୋଇଥାଏ ତାହା ହିଁ ଚଳିତ ବର୍ଷର ନୋବେଲ ବିଜେତା ଆମ୍ବ୍ରୋସ ଓ ରୁଭକୁନ୍‌ଙ୍କ ମୌଳିକ ଆବିଷ୍କାର।

ସେମାନେ ଯେଉଁ ମାଇକ୍ରୋଆର୍‌ଏନ୍‌ଏ ଆବିଷ୍କାର କରିଛନ୍ତି ସେଗୁଡ଼ିକ ଅନ୍ୟାନ୍ୟ ଆର୍‌ଏନ୍‌ଏ ଅଣୁର ଆକାର ତୁଳନାରେ ଖୁବ୍ ଛୋଟ। ସେଥିପାଇଁ ସେଗୁଡ଼ିକୁ ମାଇକ୍ରୋଆର୍‌ଏନ୍‌ଏ ଅଣୁ ଭାବରେ ନାମିତ କରାଯାଇଛି ଏବଂ 'miR-NA' ଭାବରେ ଲେଖାଯାଉଛି। ମାତ୍ର ଆକାରରେ ଯଥେଷ୍ଟ କ୍ଷୁଦ୍ର ହେଲେ ମଧ୍ୟ ମାଇକ୍ରୋଆର୍‌ଏନ୍‌ଏ ବଡ଼ ଆକାର ବିଶିଷ୍ଟ ଆର୍‌ଏନ୍‌ଏ ଅଣୁର ନିୟନ୍ତ୍ରକ ଭାବରେ କାର୍ଯ୍ୟ କରି ତା'ର କାର୍ଯ୍ୟକୁ ମନ୍ଥର କରି ଦେଇପାରେ କିମ୍ବା ସମ୍ପୂର୍ଣ୍ଣ ବନ୍ଦ କରିଦେଇପାରେ। ମାଇକ୍ରୋଆର୍‌ଏନ୍‌ଏ ମେସେଞ୍ଜର ଆର୍‌ଏନ୍‌ଏ ଅଣୁ ସହ ସଂଯୁକ୍ତ ହୋଇ ମେସେଞ୍ଜର ଆର୍‌ଏନ୍‌ଏର କାର୍ଯ୍ୟକୁ କରିପାରିବାର ପ୍ରକ୍ରିୟାକୁ କୁହାଯାଇଥାଏ 'ପୋଷ୍ଟ-ଟ୍ରାନ୍ସକ୍ରିପ୍ସନାଲ ଜିନ୍ ରେଗୁଲେଶନ୍'।

ପୂର୍ବରୁ ଜୀବବିଜ୍ଞାନୀମାନଙ୍କର ଧାରଣା ଥିଲା ଯେ ଥରେ ଟ୍ରାନ୍ସକ୍ରିପ୍‌ସନ୍ ପ୍ରକ୍ରିୟାର ସୂତ୍ରପାତ ହୋଇ ମେସେଞ୍ଜର ଆର୍‌ଏନ୍‌ଏର ସଂଶ୍ଲେଷଣ ଆରମ୍ଭ ହୋଇଗଲେ ତା'ର ଆଉ ନିୟନ୍ତ୍ରଣ ସମ୍ଭବ ନୁହେଁ। କିନ୍ତୁ ଆମ୍ବ୍ରୋସ ଓ ରୁଭକୁନ୍‌ଙ୍କର ଏହି ଆବିଷ୍କାର ସେହି ଧାରଣାକୁ ଅସାର ପ୍ରମାଣିତ କରିଦେଲା।

ବିଜ୍ଞାନୀ ଦ୍ୱୟ ସେମାନଙ୍କ ଆବିଷ୍କାର କରିଥିଲେ ସିନୋରାବଡିଟିସ୍ ଏଲିଗାନ୍ସ ବା ସି. ଏଲିଗାନ୍ସ ନାମକ ଏକ ଅତି କ୍ଷୁଦ୍ର କୃମିକୁ ବ୍ୟବହାର କରି। ଏହି ବହୁକୋଷୀ କୃମିଟିର ଲମ୍ବ ପାଖାପାଖି ୧ ମିଲିମିଟର। ଖୁବ୍ କ୍ଷୁଦ୍ର ହୋଇଥିଲେ ମଧ୍ୟ କୃମିଟିର ଶରୀର ଗଠନ ବେଶ୍ ସରଳ ଏବଂ ତା'ଠାରେ ରହିଛି ସ୍ନାୟୁକୋଷ, ପେଶୀକୋଷ ଇତ୍ୟାଦି ନାନା ପ୍ରକାର କୋଷ। ସେମାନେ ସି. ଏଲିଗାନ୍ସ କୃମିରେ ସର୍ବପ୍ରଥମେ ଆବିଷ୍କାର କରିଥିଲେ ଲିନ୍-୪ ନାମକ ମାଇକ୍ରୋଆର୍‌ଏନ୍‌ଏ ଏବଂ ପରେ ଆବିଷ୍କାର କରିଥିଲେ ଲେଟ୍-୭ ନାମକ ଦ୍ୱିତୀୟ ମାଇକ୍ରୋଆର୍‌ଏନ୍‌ଏ।

**ଆବିଷ୍କାରର ଗୁରୁତ୍ୱ:** ମାଇକ୍ରୋ ଆର୍‌ଏନ୍‌ଏଗୁଡ଼ିକ ଅତି କ୍ଷୁଦ୍ର କ୍ଷୁଦ୍ର ଆର୍‌ଏନ୍‌ଏ ଅଣୁ। ଆମ ଶରୀରରେ ରହିଛନ୍ତି ଅଗଣିତ ଜୀବକୋଷ। ସେଗୁଡ଼ିକ ବିବିଧ ପ୍ରକାରର ଓ ବିବିଧ ସେଗୁଡ଼ିକର କାର୍ଯ୍ୟ। ମାତ୍ର ପ୍ରତ୍ୟେକ ଜୀବକୋଷରେ ରହିଥିବା ଡିଏନ୍‌ଏ ସମାନ ଓ ଡିଏନ୍‌ଏ ଅଣୁରେ ରହିଥିବା ଜିନ୍‌ମାନ ମଧ୍ୟ ସମାନ। ଅର୍ଥାତ୍ ସମସ୍ତ କୋଷରେ ସଞ୍ଚିତ ଜିନ୍ ତଥ୍ୟମାନ ସମାନ। ହେଲେ ସମାନ ନୁହେଁ ସବୁ ପ୍ରକାରର ଜୀବକୋଷମାନଙ୍କ କାର୍ଯ୍ୟ। ଉଦାହରଣସ୍ୱରୂପ ମାଂସପେଶୀଗୁଡ଼ିକର କୋଷ ପେଶୀର ସଙ୍କୋଚନ ପ୍ରସାରଣ କାର୍ଯ୍ୟ କରୁଥିବା ଅଗ୍ନ୍ୟାଶୟର କୋଷରେ ତିଆରି ହୋଇଥାଏ ଇନ୍‌ସୁଲିନ୍। କୋଷର କାର୍ଯ୍ୟ ବାଉଳା ଧରିଲେ କୋଷର ପ୍ରକାର ଉପରେ ନିର୍ଭର କରି ଜାତହୁଏ ଭିନ୍ନ ଭିନ୍ନ ପ୍ରକାରର ରୋଗ। କୋଷଗୁଡ଼ିକର କାର୍ଯ୍ୟକୁ ବହୁଳ ଭାବରେ ପ୍ରଭାବିତ କରିଥାଏ ମାଇକ୍ରୋଆର୍‌ଏନ୍‌ଏ ଅଣୁମାନ। ମାଇକ୍ରୋଆର୍‌ଏନ୍‌ଏ ଅଣୁମାନ ସୁଚାରୁ ରୂପେ କାର୍ଯ୍ୟ କରି ନ ପାରିଲେ ଜାତ ହୋଇଥାଏ ଜନ୍ମଜାତ ବଧିରତା, ଚକ୍ଷୁରୋଗ, ଅସ୍ଥିରୋଗ, ଡାଇବେଟିସ୍, କ୍ୟାନ୍‌ସର, ସ୍ୱରୋଗ ପ୍ରତିରୋଧ କ୍ଷମତା ବା ଅଟୋଇମ୍ୟୁନିଟି ଇତ୍ୟାଦି।

ମଣିଷଙ୍କ ଡିଏନ୍‌ଏ ଅଣୁରେ ୧୦୦୦ରୁ ଅଧିକ ପ୍ରକାରର ମାଇକ୍ରୋଆର୍‌ଏନ୍‌ଏ ସଂଶ୍ଲେଷଣ କରିବାର ଜିନ୍ ରହିଛି। ଏମାନେ ଶରୀରର ବିକାଶ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଦାୟୀ। ଏମାନଙ୍କ କାର୍ଯ୍ୟରେ ତ୍ରୁଟି ଦେଖାଦେଲେ ରୋଗ ସୃଷ୍ଟି ହୁଏ। ଫଳରେ ମାଇକ୍ରୋଆର୍‌ଏନ୍‌ଏ ଅଣୁକୁ ପ୍ରଭାବିତ କରି ରୋଗ ସୃଷ୍ଟି ତଥା ରୋଗର ଚିକିତ୍ସାକୁ ନିୟନ୍ତ୍ରଣ କରିଥାଏ ଜୀବକୋଷ ସ୍ତରରେ। ସୁଇଚ୍ ଭଳି କାର୍ଯ୍ୟ କରି ଏହା ଜିନ୍‌କୁ ସକ୍ରିୟ ବା 'ଅନ୍' କରିପାରେ ଏବଂ ସମ୍ପୂର୍ଣ୍ଣ ନିଷ୍କ୍ରିୟ ବା 'ଅଫ୍' କରିପାରେ।

ବିଜ୍ଞାନୀ ଦ୍ୱୟଙ୍କ ମାଇକ୍ରୋଆର୍‌ଏନ୍‌ଏ ସଂକ୍ରାନ୍ତ ଗବେଷଣା ତଥ୍ୟ ପ୍ରଥମେ ପ୍ରକାଶ ପାଇଥିଲା ୧୯୯୩ ମସିହାରେ। ହେଲେ ତତ୍କାଳୀନ ବିଜ୍ଞାନୀମାନେ ଏଥିପ୍ରତି କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ନୀରବ ରହିବା ଶ୍ରେୟ ମଣିଥିଲେ। ବରଂ ସେମାନଙ୍କର ମତ ଥିଲା- 'ଆବିଷ୍କାର କୃମିକୁ ନେଇ ଏଥିରେ ଆମ ମଣିଷଙ୍କର ଅବା ଯାଏ ଆସେ କେତେ! ମାତ୍ର ଏବେ ଏହା ପ୍ରମାଣିତ ଯେ ସେମାନଙ୍କ ମାଇକ୍ରୋଆର୍‌ଏନ୍‌ଏ ଆଧାରିତ ଆବିଷ୍କାର ମଣିଷ ସମେତ ସମସ୍ତ ଜଟିଳ ବହୁକୋଷୀ ପ୍ରାଣୀଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ।'

-'ଅଭୀପ୍ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ-୧୪
ମୋ: ୯୪୩୭୭୬୧୧୭

## ଦୀର୍ଘକାଳୀନ କିଡ୍‌ନୀ ସମସ୍ୟା



**ଦୀ**ର୍ଘକାଳୀନ କିଡ୍‌ନୀ ରୋଗ ପାଇଁ ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ ଏବଂ ଉଚ୍ଚ ରକ୍ତଚାପ। ଏହା ଧୀରେ ଧୀରେ କିଡ୍‌ନୀକୁ ଅକାମୀ କରିଦିଏ। ଶରୀର ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କିଡ୍‌ନୀ ପକ୍ଷେ ସମ୍ଭବ ହୋଇପାରେ ନାହିଁ। ୟୁରିନାରି ଟ୍ରାକ୍ ଇନ୍‌ଫେକଶନ ବା ମୂତ୍ରମାର୍ଗରେ ଜୀବାଣୁ ସଂକ୍ରମଣକୁ ଚିକିତ୍ସା ନ କଲେ ତାହା କିଡ୍‌ନୀ କାର୍ଯ୍ୟକୁ ଅକ୍ଷମ କରିପକାଏ। ନେଫ୍ରୋଟିକ୍ ସିଣ୍ଡ୍ରୋମରେ ପରିସ୍ରାରେ ନିଷ୍କାସିତ ହୁଏ ବହୁ ପରିମାଣରେ ପ୍ରୋଟିନ। ଫଳରେ ରକ୍ତରେ ଆଲବୁମିନ୍ ନାମକ ପ୍ରୋଟିନ୍‌ର ମାତ୍ରା କମିଯାଏ। ଶରୀରରେ ଜଳ ଜମିଯାଇ ପେଟ, ମୁହଁ, ଗୋଡ଼ ଏବଂ ପାଦ ଫୁଲିଯାଏ। ଡାଇବେଟିକ୍ ନେଫ୍ରୋପାଥିରେ ଡାଇବେଟିସ୍ ଯୋଗୁ କିଡ୍‌ନୀ ନଷ୍ଟ ହୋଇ ଜାତ ହୁଏ କିଡ୍‌ନୀ ଅକ୍ଷମତା ବା କିଡ୍‌ନୀ ଫେଲୁଅର। କିଡ୍‌ନୀ ରୋଗ ନିବାରଣ ପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାଷିତ ହୋଇଯିବ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତର ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସପ୍ତାହରେ ଅନ୍ତତଃ ୧୫୦ମିନିଟ୍ ଚାଲନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ୭-୮ ଘଣ୍ଟା ଶୁଅନ୍ତୁ।

## ସକାରାତ୍ମକ ମାନସିକତାର ସହଜ ଉପାୟ



**ନି**ଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଜାଣି ରଖନ୍ତୁ



- ଅଧିକ ଲୁଣ ଏବଂ ମିଠାଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। କାରଣ ଏହା ଖାଇବା ଦ୍ୱାରା ଶରୀରରେ ଡାଇବେଟିସ୍, ଉଚ୍ଚ ରକ୍ତଚାପ, ହାର୍ଟ ଆଟାକ୍ ଭଳି ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।
- ରାତିରେ ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ରାତିରେ ଖାଇବା ଓ ଶୋଇବା ମଧ୍ୟରେ ଅତି କମ୍‌ରେ ଦୁଇ ଘଣ୍ଟାର ବ୍ୟବଧାନ ରହିବା ଦରକାର।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ଶାଗଜାତୀୟ ଖାଦ୍ୟ ସାମିଲ କରନ୍ତୁ।
- ନିଜକୁ ଅବସାଦଠାରୁ ଦୂରେଇ ରଖିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ନିଜ ପରିବାର କିମ୍ବା ସାଙ୍ଗସାଥୀଙ୍କ ସହ ଖୁସିର ମାହୋଲରେ ରହିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ଅବସାଦଠାରୁ କେତେକାଂଶରେ ନିଜକୁ ଦୂରେଇ ରଖିପାରିବେ।
- ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।


## ସ୍ମରଣଶକ୍ତି ବୃଦ୍ଧିର ନୂଆ ଉପାୟ



**ପୁ**ଷ୍ଟିକର ଖାଦ୍ୟ ଖାଇବା ଦ୍ୱାରା ହେଉ କିମ୍ବା ଯୋଗ, ବ୍ୟାୟାମ ଓ ପ୍ରାଣାୟମ କରିବା ଫଳରେ ସ୍ମରଣଶକ୍ତି କେତେକାଂଶରେ ବୃଦ୍ଧି ପାଇଥାଏ। ହେଲେ, ଏହାର ଆଉ ଏକ ସରଳ ଉପାୟ ରହିଛି। ତାହା ହେଲା ସଙ୍ଗୀତ। ସଙ୍ଗୀତ ମାଧ୍ୟମରେ ଜଣେ ନିଜର ସ୍ମରଣଶକ୍ତି ବଢ଼ାଇପାରନ୍ତି ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ଦ୍ୱାରା ଶେଷ ହୋଇଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ନିଜର ମନ ପସନ୍ଦର ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ସ୍ନାୟୁକୋଷଗୁଡ଼ିକ ଆହୁରି ସକ୍ରିୟ ହୋଇଥାଏ। ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ଠିକ୍ ଭାବରେ ଚାଲେ। ଫଳରେ ମସ୍ତିଷ୍କ ସହ ଯୋଡ଼ି ହୋଇ ରହିଥିବା ସମସ୍ତ ସ୍ନାୟୁକୋଷ ଧୀରେ ଧୀରେ ଚଳଚଞ୍ଚଳ ହୋଇ ଉଠେ, ଫଳରେ ରକ୍ତ ସଂଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲ ରହେ। କାର୍ଯ୍ୟ କରିବା ପାଇଁ ଆଗ୍ରହ ସୃଷ୍ଟି ହୁଏ ଏବଂ ତା'ସହ ନିଷ୍ପତ୍ତି ନେବାର କ୍ଷମତାକୁ ବି ବୃଦ୍ଧି କରିଥାଏ। ଏପରି କାମରେ ସଙ୍ଗୀତର ମଧ୍ୟ ଭୂମିକା ରହିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହି ସର୍ଭେ ସମୟରେ ନିୟମିତ ନିଜ ମନ ପସନ୍ଦର ଗୀତ ଶୁଣୁଥିବା ବ୍ୟକ୍ତିମାନଙ୍କର ସ୍ମରଣଶକ୍ତି ପୂର୍ବାପେକ୍ଷା ବୃଦ୍ଧି ପାଉଥିବାର ଜଣାପଡ଼ିଥିଲା।

## ସନ୍ତୁଳିତ ରହିବ କୋଲେଷ୍ଟରଲ

**ଉ**ପକାରୀ ଉଷୁମ ପାଣିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଅନେକ ଭରି ରହିଛି। କୋଲେଷ୍ଟରଲଜନିତ ସମସ୍ୟା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ତେଣୁ ନିୟମିତ ଉଷୁମ ପାଣି ପିଇଲେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହ ମେଦବହୁଳତା କେତେକାଂଶରେ ଦୂର ହୋଇଥାଏ। ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା ଶରୀର ପାଇଁ ଲାଭଦାୟକ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକର ସାବ୍ୟସ୍ତ ହୋଇଥାଏ। ଜଣେ ଆଜ୍‌ମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ମଧ୍ୟ ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡ଼ିତ ତେବେ ନିୟମିତ ଉଷୁମ ପାଣି ପିଇଲେ ଏପରି ସମସ୍ୟା ଅନେକାଂଶରେ ସମାଧାନ ହୋଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ।



## ସ୍ୱାସ୍ଥ୍ୟ ସୂଚନା

- ➤କେତୋଟି ସ୍ୱାସ୍ଥ୍ୟ ସମସ୍ୟାକୁ ଆଦୌ ଅବହେଳା କରିବା ଠିକ୍ ନୁହେଁ। ଯଦି ଆପଣଙ୍କର ଡାଇବେଟିସ୍ କିମ୍ବା ବ୍ଲଡ୍ ପ୍ରେସର ଅଛି, ତେବେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଡାକ୍ତର ପ୍ରେସ୍‌କ୍ରିପଶନ୍‌ରେ ଉଲ୍ଲେଖ କରିଥିବା ମେଡିସିନ୍ ଖାଆନ୍ତୁ।
- ➤ଆପଣଙ୍କର ଚର୍ବିଜନିତ ସମସ୍ୟା ଅଛି କି? ଯଦି ହଁ, ତେବେ ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଟମାଟୋ ସାମିଲ କରନ୍ତୁ। ଏହା ଶରୀରରେ ଚର୍ବି ଅଂଶ କମାଇଥାଏ।



- ➤ମନରେ ଶାନ୍ତି ଓ ସକାରାତ୍ମକ ଭାବନା ପାଇଁ ପ୍ରତିଦିନ କିଛି କିଛି ସମୟ ପ୍ରାର୍ଥନା କରନ୍ତୁ।
- ➤ପ୍ରତିଦିନ ସକାଳେ ଗଜାମୁଗ, ସାଲାଡ୍ ଖାଆନ୍ତୁ। ଏଗୁଡ଼ିକରେ ପ୍ରଚୁର ଭିଟାମିନ୍ ଭରି ରହିଛି।
- ➤ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ଆପଣ ସମ୍ମୁଖୀନ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ସବିଶେଷ ବିବରଣୀ ଜଣାଇବାକୁ ଭୁଲନ୍ତୁ ନାହିଁ।
- ➤ନିଜକୁ ସୁସ୍ଥ ରଖିବାକୁ ହେଲେ ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ।
- ➤ବିଳମ୍ବିତ ରାତିରେ ଶୋଇବା ଅଭ୍ୟାସ ଥିଲେ ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହାର ପ୍ରଭାବ ପରୋକ୍ଷରେ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ।

## ରକ୍ତଦାନ କରୁଥିଲେ...

**ର**କ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା- ଏକଥା ସମସ୍ତେ ହୃଦୟଙ୍ଗମ କରିବା ଦରକାର। ବିଶ୍ୱରେ କୋଟି କୋଟି ରକ୍ତଦାତା ଅଛନ୍ତି। ସେମାନେ ନିଜ ତରଫରୁ ଏଭଳି ମହତ କାମ ପାଇଁ ହାତ ବଢ଼ାଇ ଥାଆନ୍ତି। ସେମାନଙ୍କ ଏଭଳି ମହତ କାମକୁ ଆମେ ଅନୁସରଣ କରିବା ଦରକାର। ରକ୍ତଦାନ କରିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ଆଶଙ୍କା ଥିଲେ ଅଭିଜ୍ଞ ରକ୍ତରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ। କାରଣ ଏହାପୂର୍ବରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡ଼ିକର ସମାଧାନ ହୋଇଯିବା ଆବଶ୍ୟକ। ରକ୍ତଦାନ କରୁଥିବା ସମୟରେ ମନକୁ ହାଲୁକା ରଖନ୍ତୁ। ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ ତେବେ ରକ୍ତଦାନ କରିବା କେତେ ସମୀଚୀନ ତାହା ବୁଝି ନିଅନ୍ତୁ। ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ।



DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୧/୨୦୨୪ Bhubaneswar, Monday, October 21/ 2024

# ଆମେଲିଆଙ୍କ ପ୍ରଭାବୀ ବ୍ୟାଟିଂ

**ଦୁବାଇ,୨୦।୧୦**

ଆଇସିସି ମହିଳା ଟି୨୦ ବିଶ୍ୱକପ ଫାଇନାଲରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ନ୍ୟୁଜିଲାଣ୍ଡର ଆମେଲିଆ କେର୍ ପ୍ରଭାବୀ ବ୍ୟାଟିଂ କରିଛନ୍ତି। ଆମେଲିଆ ୪୩ ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୫ ଉଇକେଟ ହରାଇ ୧୫୮ ରନ୍ କରିଛି। ଜବାବରେ ଖବର ପ୍ରସ୍ତୁତ ସୁଦ୍ଧା ଦକ୍ଷିଣ ଆଫ୍ରିକା ୧୪ ଓଭରରେ ୫ ଉଇକେଟରେ ୮୫ ରନ୍ କରିଛି। ଫାଇନାଲ ମ୍ୟାଚ୍‌ର ଚାପ ରହିଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ୧୫୮ ରନ୍ ସ୍କୋର କରିବାରେ ସମର୍ଥ ହୋଇଥିଲା। ବିଗତ ସଂସ୍କରଣର ରନରଅପ୍ ରହିଥିବା ଦକ୍ଷିଣ ଆଫ୍ରିକା କ୍ରମାଗତ ଫାଇନାଲରେ ପ୍ରବେଶ କରିଛି।

**ମହିଳା ଟି୨୦ ବିଶ୍ୱକପ ଫାଇନାଲ**



ଶଟ୍ ଖେଳିବା ଅବସରରେ ଆମେଲିଆ କେର୍।

ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ତୃତୀୟ ଥର ଫାଇନାଲରେ ପ୍ରବେଶ କରିବାରେ ସକ୍ଷମ ହୋଇଛି।

ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବୋଲିଂ କରିଥିଲା। ଦଳ ପକ୍ଷରୁ ଅଭିଜ୍ଞ ମାରିଜେନ୍ କାପ୍ ମିତବ୍ୟୟୀ ବୋଲିଂ କରିଥିବା ବେଳେ ଆୟୋବୋଙ୍ଗା ଖାଖା ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଜର୍ଜିଆ ପ୍ଲିମର ମାତ୍ର ୯ ରନ୍ କରି ଆଉଟ ହୋଇଥିବା ବେଳେ କ୍ୟାରିୟରର ୩୩୪ ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଥିବା ସୁଜି ବେଟ୍ସ ୩୨ ରନ୍ କରିଥିଲେ। ପୂର୍ବରୁ ୩୩୩ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ମିଥାଲି ରାଜ୍ ପ୍ରଥମ ସ୍ଥାନରେ ରହିଥିଲେ। ୧୬ ରନ୍‌ରେ ପ୍ରଥମ ଉଇକେଟର ପତନ ପରେ ସେ ଟପ୍ ସ୍କୋରର ଆମେଲିଆ କେର(୪୩)ଙ୍କ ସହ ୩୭ ରନ୍ ଯୋଡିଥିଲେ। ୩୧ ବଲ ଖେଳି ସେ ୩ ଚୌକା ମାରିଥିଲେ। ଅଧିନାୟିକା ସୋଫି ଡିଭାଇନ ମାତ୍ର ୬ ରନ୍ କରି ନାଡିନ୍ ଡି କ୍ଲର୍କଙ୍କ ବଲରେ ଆଉଟ ହୋଇଥିବା ବେଳେ ଆମେଲିଆ କେର୍ ଓ ବ୍ରୁକ୍ ହାଲିଡେ(୩୮)ଙ୍କ ମଧ୍ୟରେ ୫୭ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ୧୯ ତମ ଓଭରରେ ଆଉଟ ହେବା ଆଗରୁ ଆମେଲିଆ ୩୮ ବଲ୍ ଖେଳି ୪ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ମଧ୍ୟକ୍ରମରେ ବ୍ୟାଟିଂ କରିଥିବା ବ୍ରୁକ୍ ହାଲିଡେ ୨୮ ବଲ୍ ଖେଳି ୩ ଚୌକା ସହ ୩୮ ରନ୍ କରିଥିଲେ। ଶେଷ ଭାଗରେ ମ୍ୟାଡି ଗ୍ରୀନ୍ ୬ ବଲ୍‌ରୁ ୧୨ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ଫିଲ୍ଡର ମାନେ ପ୍ରାୟ ୩ କ୍ୟାଚ୍ ହାତଛଡା କରିଥିବା ବେଳେ ନ୍ୟୁଜିଲାଣ୍ଡ ୧୫୮ରେ ପହଞ୍ଚିଥିଲା। ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡ ଇନିଂସର ଏକମାତ୍ର ଛକା ଅନ୍ତିମ ଓଭରରେ ମାରିଥିଲେ ଗ୍ରୀନ୍। ଦକ୍ଷିଣ ଆଫ୍ରିକା ପକ୍ଷରୁ ନୋନକୁଲୁଲେକୋ ମାଲବା ୨, ଆୟୋବୋଙ୍ଗା ଖାଖା, କ୍ଲୋଏ ଟ୍ରାୟନ ଓ ନାଡିନ୍ ଡି କ୍ଲର୍କ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୫୮/୫ (ଆମେଲିଆ କେର୍-୪୩, ବ୍ରୁକ୍ ହାଲିଡେ-୩୮, ସୁଜି ବେଟ୍ସ-୩୨, ନୋନକୁଲୁଲେକୋ ମାଲବା-୨/୩୧, ନାଡିନ ଡି କ୍ଲର୍କ-୧/୧୭, କ୍ଲୋଏ ଟ୍ରାୟନ-୧/୨୨)।

# ନ୍ୟୁଜିଲାଣ୍ଡ ୮ ଉଇକେଟରେ ବିଜୟୀ

**ପ୍ରଥମ ଟେଷ୍ଟ**

## ୩୬ ବର୍ଷ ପରେ ହାରିଲା ଭାରତ

**ବେଙ୍ଗାଲୁରୁ,୨୦।୧୦(ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତ ୮ ଉଇକେଟରେ ପରାଜିତ ହୋଇଛି। ଅନ୍ତିମ ଦିନରେ ଭାରତ ୧୦୭ ରନ୍‌ର ଲକ୍ଷ୍ୟଧାର୍ଯ୍ୟ କରିଥିବା ବେଳେ ନ୍ୟୁଜିଲାଣ୍ଡ ୨ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ବର୍ଷା କାରଣରୁ ପ୍ରଥମ ଦିନର ଖେଳ ଧୋଇ ଯାଇଥିବା ବେଳେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ମାତ୍ର ୪୬ ରନ୍‌ରେ ଅଲଆଉଟ ହୋଇ ଯାଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୪୦୨ ରନ୍ କରିବା ସହ ୩୫୬ ରନ୍‌ର ବୃହତ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସରେ ଭାରତୀୟ ବ୍ୟାଟର ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ମଧ୍ୟକ୍ରମ ଓ ନିମ୍ନ ମଧ୍ୟକ୍ରମ ବିପର୍ଯ୍ୟୟ କାରଣରୁ ଭାରତ ୪୬୨ ରନ୍‌ରେ ଅଲଆଉଟ ହୋଇଥିଲା। ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସମ୍ମୁଖରେ ମାତ୍ର ୧୦୭ ରନ୍‌ର ଲକ୍ଷ୍ୟ ଥିବାବେଳେ ଦଳ ୨୭.୪ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ୱିଲ ୟଙ୍ଗ ୪୮ ଓ ରାଚିନ୍ ରବୀନ୍ଦ୍ର ଅପରାଜିତ ୩୯ ରନ୍ ସ୍କୋର କରିଥିଲେ। ଭାରତ ମାଟିରେ ନ୍ୟୁଜିଲାଣ୍ଡର ଏହ ତୃତୀୟ ଟେଷ୍ଟ ବିଜୟ ହୋଇଥିବା ବେଳେ ୩୬ ବର୍ଷ ପରେ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ହାରିଛି ଭାରତ।

ଅନ୍ତିମ ଦିନ ଆରମ୍ଭରୁ ଯଶପ୍ରୀତ ବୁମ୍‌ରା ଅଗ୍ନିବର୍ଷୀ ବୋଲିଂ କରିଥିଲେ। ପ୍ରଥମ ଓଭରର ଅନ୍ତିମ ବଲ୍‌ରେ ଟମ୍ ଲାଥାମଙ୍କୁ ଲେଗ୍ ବିଫୋର କରିଥିଲେ। ତୃତୀୟ ଉଇକେଟରେ ଡେଭନ୍ କନ୍‌ୱେ(୧୭) ଓ ୱିଲ ୟଙ୍ଗ (୪୮)ଙ୍କ ମଧ୍ୟରେ ୩୫ ରନ୍ ଭାଗୀଦାରି ହୋଇଥିଲା। ତେବେ କନ୍‌ୱେଙ୍କୁ ଲେଗ୍ ବିଫୋର କରି ଭାରତକୁ ଦ୍ୱିତୀୟ ସଫଳତା ପ୍ରଦାନ କରିଥିଲେ । କନ୍‌ୱେ ଆଉଟ ହେବା ପରେ ପ୍ରଥମ ଇନିଂସର ଶତକ ହାସଲକାରୀ ରାଚିନ୍ ରବୀନ୍ଦ୍ର(୩୯*) ଓ ୱିଲ ୟଙ୍ଗ ଅବିଭାଜିତ ୭୫ ରନ୍ ଯୋଡି ଦଳକୁ ବିଜୟୀ କରିଥିଲେ। ପୂର୍ବରୁ ଚତୁର୍ଥ ଦିନରେ ସର୍ଫରାଜ ଖାଁ ୧୫୦ ଓ ରିଷଭ ପନ୍ତ ୯୯ ରନ୍ କରିବାରୁ ଭାରତ ୧୦୬ ରନ୍‌ର ଅଗ୍ରଣୀ ହାସଲ କରିଥିଲା। ଉଭୟ ସକାରାତ୍ମକ କ୍ରିକେଟ ଖେଳିବା ସହ ଚତୁର୍ଥ ଉଇକେଟରେ ଯୋଡିଥିଲେ ୧୭୭ ରନ୍। ସର୍ଫରାଜ ଚମତ୍କାର ବ୍ୟାଟିଂ କରି ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ସେ ୧୯୫ ବଲ୍ ଖେଳି ୧୮ ଚୌକା ଓ ୩ ଛକା ସହ ୧୫୦ ରନ୍ କରି ଚତୁର୍ଥ ଖେଳାଳି ଭାବରେ ଆଉଟ ହୋଇଥିଲେ। ଅନ୍ୟପକ୍ଷରେ ରିଷଭ ପନ୍ତ କାଉଣ୍ଟର ଆଟାକ କରି ୯୯ ରନ୍ କରିଥିଲେ। ଭାରତୀୟ ଦଳ ଏହାର ଅନ୍ତିମ ୭ ଉଇକେଟ ମାତ୍ର ୫୪ ରନ୍‌ରେ ହରାଇଥିଲା। ପ୍ରଥମ ଇନିଂସରେ ଚମତ୍କାର ଶତକ ହାସଲ କରିଥିବା ରାଚିନ୍ ରବୀନ୍ଦ୍ରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରାଚିନ୍ ରବୀନ୍ଦ୍ର।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ-୪୬/୧୦। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ-୪୦୨/୧୦। ଭାରତ ଦ୍ୱିତୀୟ ଇନିଂସ ୪୬୨/୧୦। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୨୭.୪ ଓଭରରେ ୧୧୦/୨ (ୱିଲ ୟଙ୍ଗ-୪୮*, ରାଚିନ୍ ରବୀନ୍ଦ୍ର-୩୯*, ଡେଭନ୍ କନ୍‌ୱେ-୧୭, ଯଶପ୍ରୀତ୍ ବୁମ୍‌ରା-୨/୨୯)।

# ଭାରତର କ୍ରମାଗତ ବିଜୟ

**ଜୋହର ବାହରୁ, ୨୦।୧୦ (ପି.ଟି.):** ରବିବାର ସୁଲତାନ ଜୋହର କପ୍ ହକି ପ୍ରତିଯୋଗିତାର ଏକ ହାଇସ୍କୋରିଂ ମ୍ୟାଚରେ ଭାରତ ୬-୪ ଗୋଲ୍‌ରେ ଗ୍ରେଟ୍ ବ୍ରିଟେନକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଦଳର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ଶନିବାର ଦଳ ଏହାର ଓପନିଂ ଗେମ୍‌ରେ ଜାପାନକୁ ହରାଇ ଦେଇଥିଲା। ରବିବାର ମ୍ୟାଚରେ ଭାରତ ତରଫରୁ ଦିଲରାଜ ସିଂ (୧୭ତମ ଓ ୫୦ତମ ମିନିଟ)ଓ ଶାରଦ ନନ୍ଦ ତିୱାରୀ (୨୦ତମ ଓ ୫୦ତମ ମିନିଟ) ଦୁଇଟି ଲେଖାଏ ଗୋଲସ୍କୋର କରିଥିବାବେଳେ ମହମ୍ମଦ କୋନାନ ଦାଦ୍ (୭ମ) ଓ ମନମିତ୍ ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗ୍ରେଟ ବ୍ରିଟେନ ତରଫରୁ ରୋରି ପେନ୍‌ରୋଜ (୨ୟ ଓ ୧୫ତମ) ଏବଂ ମାଇକେଲ ରୟଡେନ (୪୬ତମ ଓ ୫୯ତମ) ମଧ୍ୟ ଦୁଇଟି ଲେଖାଏ ଗୋଲ ଦେଇଥିଲେ।







ସୁଧ ହାର 5.55%# ରୁ ଆରମ୍ଭ | ଡାଉନ ପେମେଣ୍ଟ ₹8 699# | ICICI Bank 5% discount* upto Rs. 7500/- on Credit and Debit Card EMIs. | HDFC BANK Up to ₹7 500^ Instant Discount using EasyEMI on Credit Card

Finance Partners: TVS CREDIT, L&T Finance, IDFC FIRST Bank ALWAYS YOU FIRST, HDFC BANK, SHRIRAM Finance

# Finance will be at the sole discretion of the financier and is valid with select financier only. ^ Schemes valid till 31st October 2024. Finance plans are mutually exclusive and cannot be clubbed with each other. T&C apply. Offers and schemes cannot be clubbed. Limited period offer.

FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BALASORE: SITA TVS.: 7852935605, BHADRAK: SRIKANT TVS: 9124559654, 9124559653, BARIPADA: ALLIED TVS: 7852935617. JALESWAR: KHAN TVS: 9040853950, BARBIL: ANJALI TVS: 8895458991, KEONJHAR: KUMAR TVS: 9870326414. Authorised Dealers: SORO:9438760320. KHAIRA:9668712109, MATTO:8249123514, MARKONA: 9438353035, TIHIDI: 9437536881, CHANDBALI: 9238514769, BASUDEVPUR: 8249905878, UDALA: 943723880, BETNOTI: 9776142684, KARANJIA: 7008814677, JHARPOKHARIA: 7008293717, BAHALDA: 7978457775, KUAMARA: 7008873689, CHANDANESWAR: 9040194603, BASTA:7077297097, AMARDA ROAD:6370634231, NILGIRI:9437137899, BALIAPAL:9776777922, JODA:9937178529, DHENKIKOTE: 7008898582, HARICHANDANPUR: 9437633978, TURMUNGA: 9937591829, ANANDPUR: 9937367109.

dentsu/dha bal/09/24

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ